# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୮/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, March 28/2024 Page 16 ₹ 7.00

୫୦ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 123 ମୂଲ୍ୟ₹୭/-





## ସଂକ୍ଷେପରେ

### ଥାଇଲାଣ୍ଡରେ ସମଲିଙ୍ଗୀ ବିବାହକୁ ମଞ୍ଜୁରୀ

**ବ୍ୟାଙ୍କକ୍, ୨୭।୩:** ଥାଇଲାଣ୍ଡ ପାର୍ଲାମେଣ୍ଟର ନିମ୍ନ ସଦନ ବୁଧବାର ସମଲିଙ୍ଗୀ ବିବାହ ସମ୍ପର୍କିତ ବିଲ୍‌କୁ ମଞ୍ଜୁରୀ ଦେଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ୪୧୫ ସଦସ୍ୟଙ୍କ ମଧ୍ୟରୁ ୪୦୦ ଜଣ ବିଧେୟକ ସପକ୍ଷରେ ଭୋଟ ଦେଇଥିବାବେଳେ ଅନ୍ୟ ୧୦ ସଦସ୍ୟ ବିଲ୍‌କୁ ବିରୋଧ କରିଥିଲେ। ୨ ଜଣ ଅନୁପସ୍ଥିତ ଥିବାବେଳେ ୩ ମତଦାନରୁ ବିରତ ରହିଥିଲେ। ଏହି ବିଲ୍ ସିନେଟର ଅନୁମୋଦନ ଲାଭ କରି ଆଇନରେ ପରିଣତ ହେଲେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବାରେ ଥାଇଲାଣ୍ଡ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ହେବ।

### ସଦାନନ୍ଦ ଦାଟେ ଏନ୍ଆଇଏ ମୁଖ୍ୟ

**ନୂଆଦିଲ୍ଲୀ, ୨୭।୩:** ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ମୁଖ୍ୟ ସଦାନନ୍ଦ ବସନ୍ତ ଦାଟେଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ୧୯୯୦ ବ୍ୟାଚ୍‌ର



ଏହି ଆଇପିଏସ୍ ଅଧିକାରୀ ୨୦୨୬ ଡିସେମ୍ବର ୩୧ରେ ଅବସର ନେବେ। ୨୬/୧୧ ଆକ୍ରମଣକାରୀ ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସବଙ୍କୁ ଜୀବନ୍ତ ଧରିବାରେ ସେ ମୁଖ୍ୟ ଭୂମିକା ନେଇଥିଲେ।

# ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ମସୁଧା

**ନୂଆଦିଲ୍ଲୀ, ୨୭।୩**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିବା ପରେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ କେନ୍ଦ୍ର ସରକାର ମସୁଧା ଚଳାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆଶଙ୍କା କରିଛି। ଏପରି କରାଗଲେ ଏହାକୁ 'ରାଜନୈତିକ ପ୍ରତିଶୋଧ' ବୋଲି ଧରାଯିବ ବୋଲି କ୍ୟାବିନେଟ ମନ୍ତ୍ରୀ ଆତିଶୀ କହିଛନ୍ତି।

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା ବୁଧବାର ନିଜ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି, ଜେଲରୁ ସରକାର ଚଳାଯାଇପାରିବ ନାହିଁ। ଏକ ସାକ୍ଷାତ୍‌କାର ବେଳେ ଅତିଶୀଙ୍କୁ ଏନେଇ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଜଣେ ଆଇନ ପ୍ରଣେତା ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ସଦସ୍ୟତା ରଦ୍ଦ ନେଇ ଜନ ପ୍ରତିନିଧି ଆଇନରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ସର୍ତ୍ତକୁ ନେଇ ରାଷ୍ଟ୍ରପତି ଶାସନ ଲାଗୁ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଅନ୍ୟ କୌଣସି ବିକଳ୍ପ ନ ଥିଲେ ସମ୍ବିଧାନର ଅନୁଚ୍ଛେଦ ୩୫୬ ଅନୁସାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି। ଦିଲ୍ଲୀରେ ଯଦି ଆଜି ରାଷ୍ଟ୍ରପତି ଶାସନ ଜାରି କରାଯାଏ, ତେବେ ଏହା



ଅରବିନ୍ଦ କେଜ୍‌ରିୱାଲ

ପଛରେ ରାଜନୈତିକ ପ୍ରତିଶୋଧମୂଳକ ମନୋଭାବ ରହିଛି ବୋଲି ଧରାଯିବ। ସବୁଠି ବିରୋଧୀ ଦଳଗୁଡ଼ିକର ସରକାର ଭାଙ୍ଗିବା ପାଇଁ ଏହା କେନ୍ଦ୍ରର ସରଳ ସୂତ୍ର। କେନ୍ଦ୍ର ସରକାରଙ୍କ ହାତରେ ଇଡି ଅଛି। ସେମାନଙ୍କୁ କୌଣସି ପ୍ରମାଣ ଦରକାର ନାହିଁ। ପିଏମ୍‌ଏଲ୍ଏ ଅଧୀନରେ ଗିରଫ ହେଲେ ନେତାଙ୍କୁ ଜାମିନ ମିଳୁନାହିଁ। ତେଣୁ ସମସ୍ତ ବିରୋଧୀ ମୁଖ୍ୟମନ୍ତ୍ରୀ ଏହି ଆଇନ ବଳରେ ଗିରଫ ହେବେ। ତା' ପରେ କେନ୍ଦ୍ର କହିବ, ଇସ୍ତଫା ଦିଅ, ନଚେତ୍ ଆମେ ରାଷ୍ଟ୍ରପତି ଶାସନ ଜାରି କରିବୁ। ଅବକାରୀ ନୀତି ମାମଲାରେ ନିରପେକ୍ଷ ତଦନ୍ତ କରାଯାଇଥିଲେ ଭାଜପା ଅଭିଯୁକ୍ତ ଭାବେ ହୋଇଥାନ୍ତା। ଏପରି ହୋଇଥିଲେ କେଜ୍‌ରିୱାଲଙ୍କ ପରିବର୍ତ୍ତେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଜେଲରେ ଥାଆନ୍ତେ ବୋଲି ଆତିଶୀ କହିଛନ୍ତି। ପ୍ରକାଶ ଯେ, ଇଡି ରିମାଣ୍ଡରେ ଥିବା କେଜ୍‌ରିୱାଲ ଇସ୍ତଫା ଦେବେନାହିଁ, ବରଂ ସେ ଜେଲରୁ ସରକାର ଚଳାଇବେ ବୋଲି ଆପ୍ ନେତାମାନେ ଅନେକ ଥର ସ୍ପଷ୍ଟ କରିସାରିଛନ୍ତି।

## ହାଇକୋର୍ଟରେ କେଜ୍‌ରିୱାଲଙ୍କ ମୁକ୍ତି ଆବେଦନ ଖାରଜ

ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାଜତରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ଗିରଫଦାରିକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ବୁଧବାର ଅଦାଲତ ଏଥିରେ ହସ୍ତକ୍ଷେପ କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। ତେବେ ଜଷ୍ଟିସ୍ ସ୍ୱର୍ଣ୍ଣ କାନ୍ତ ଶର୍ମା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ କେଜ୍‌ରିୱାଲଙ୍କ ଆବେଦନ ଉପରେ ଇଡିକୁ ନୋଟିସ୍ କରିବା ସହ ଏପ୍ରିଲ ୨ ପୂର୍ବରୁ ତାଙ୍କୁ ମୁକ୍ତ କରିବା ଉପରେ ଜବାବ ମାଗିଛନ୍ତି। ୨୦୨୧-୨୨ ଅବକାରୀ ନୀତି ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଗୁରୁବାର ହାଇକୋର୍ଟ ସୁରକ୍ଷା ଦେବାକୁ ମନା କରିଦେବାର କିଛି ଘଣ୍ଟା ପରେ

**୨ରେ ପରବର୍ତ୍ତୀ ଶୁଣାଣି**

ଇଡି ତାଙ୍କୁ ଗିରଫ କରିଥିଲା। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଶୁକ୍ରବାର କେଜ୍‌ରିୱାଲଙ୍କୁ ଆସନ୍ତା ୨୮ ପର୍ଯ୍ୟନ୍ତ ନିଜ ହାଜତରେ ରଖିବା ପାଇଁ ରିମାଣ୍ଡ ଅନୁମତି ଦେଇଥିଲେ। ଅନ୍ୟପକ୍ଷେ କେଜ୍‌ରିୱାଲ ନିଜ ଗିରଫଦାରିକୁ ବେଆଇନ ଦର୍ଶାଇ ତୁରନ୍ତ ତାଙ୍କୁ ମୁକ୍ତି କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅନ୍ତରୀଣ ମୁକ୍ତି ସକାଶେ ଆବେଦନ କରିଥିବାବେଳେ ଅନୁରୂପ ଭାବେ ଆଉ ଏକ ରିଟ୍ ପିଟିଶନ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରାଯାଇଥିଲା। କେଜ୍‌ରିୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକମନୁ ସିଂଘଭୀ ଯୁକ୍ତି ବାଢ଼ିଥିଲେ, ଠିକ୍ ଲୋକ ସଭା ନିର୍ବାଚନ ପୂର୍ବରୁ ଜଣେ ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ସମ୍ବିଧାନ ମୌଳିକ ଢାଞ୍ଚାର ପରିପନ୍ଥୀ। ଏହି ଗିରଫଦାରି ପଛର ଉଦ୍ଦେଶ୍ୟ ପ୍ରମାଣ ସଂଗ୍ରହ ନୁହେଁ, ବରଂ କେଜ୍‌ରିୱାଲ ଓ ତାଙ୍କ ଦଳକୁ ଶେଷ କରିବା। ସେପଟେ ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ବି. ରାଜୁ କହିଥିଲେ, କେନ୍ଦ୍ରୀୟ ଏଜେନ୍ସିକୁ ରେକର୍ଡ ଉପସ୍ଥାପନ ପାଇଁ ସମୟ ଦିଆଯାଉ। ଜଷ୍ଟିସ୍ ସ୍ୱର୍ଣ୍ଣ କାନ୍ତ କହିଛନ୍ତି, ଆସନ୍ତା ୩ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ଫଇସଲା କରାଯିବ। ଏହା ପରେ ଆଉ ସମୟ ଦିଆଯିବ ନାହିଁ।

## ଦିଲୀପ, ସୁପ୍ରିୟାଙ୍କୁ ଇସି ନୋଟିସ



ଦିଲୀପ ଘୋଷ ସୁପ୍ରିୟା ଶ୍ରୀନେତ

**ନୂଆଦିଲ୍ଲୀ, ୨୭।୩:** ଭାଜପା ଟିକେଟରେ ହିମାଚଳ ପ୍ରଦେଶର ମଣ୍ଡି ସଂସଦୀୟ ଆସନରୁ ପ୍ରାର୍ଥୀ ହୋଇଥିବା ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତଙ୍କୁ ନିର୍ବାଚନ କମିଶନ (ଇସି) ବୁଧବାର କାରଣ ଦର୍ଶାଅ ନୋଟିସ କରିଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଭାଜପା ନେତା ଦିଲୀପ ଘୋଷଙ୍କୁ ମଧ୍ୟ ନୋଟିସ ଜାରି କରାଯାଇଛି। ଇସି ଉଭୟ ସୁପ୍ରିୟା ଓ ଦିଲୀପଙ୍କ ମନ୍ତବ୍ୟକୁ ମର୍ଯ୍ୟାଦାହୀନ ଓ ନିକୃଷ୍ଟ ଭାବେ ଅଭିହିତ କରି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି କହିଛନ୍ତି। ଏଥିସହ ମାର୍ଚ୍ଚ ୨୯ ସୁଦ୍ଧା ନୋଟିସର ଜବାବ ରଖିବାକୁ ଉଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ସୁପ୍ରିୟା 'କ୍ୟା ଭାଓ ଚଲ୍ ରହା ହୈ ମଣ୍ଡି ମେ, କୋଇ ତୋ ବତାୟେଗା' ବୋଲି ଏକ୍ସ'ରେ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଥିଲା। ସେହିପରି ମମତାଙ୍କୁ ଇଙ୍ଗିତ କରି ଦିଲୀପ କହିଥିଲେ, ଦିଦି ଗୋଆକୁ ଗଲେ ସେ ଗୋଆର ଝିଅ, ତ୍ରିପୁରା ଗଲେ କହୁଛନ୍ତି, ମୁଁ ତ୍ରିପୁରାର ଝିଅ। ତାଙ୍କ ବାପା କିଏ ବୋଲି ଦିଲୀପ ପ୍ରଶ୍ନ କରିଥିଲେ।

## ଏୟାର ଏକ୍ସପ୍ରେସ୍‌କୁ ଧକ୍କାଦେଲା ଇଣ୍ଡିଗୋ

**କୋଲକାତା, ୨୭।୩**

କୋଲକାତା ବିମାନବନ୍ଦରରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ବିହାରର ଦରଭଙ୍ଗା ଅଭିମୁଖେ ବାହାରିଥିବା ଏକ ଇଣ୍ଡିଗୋ ବିମାନ ରନ୍‌ୱେରେ ଚେନ୍ନାଇ ଯିବା ପାଇଁ ଅପେକ୍ଷାରତ ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ଧକ୍କାଦେଇଛି। ଫଳରେ ଉଭୟ ଏୟାରକ୍ରାଫ୍ଟର ୱିଙ୍ଗ୍ କ୍ଷତିଗ୍ରସ୍ତ ହୋଇଛି।

ଧକ୍କାହେବା ପରେ ଦୁଇଟିଯାକ ବିମାନର ଚଳାଚଳ ରଦ୍ଦ କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଯାଞ୍ଚ ବେଳେ ବିମାନ କର୍ମଚାରୀମାନଙ୍କୁ





ପଚରାଉଚରା କରାଯିବ ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି। ଇଣ୍ଡିଗୋ ବିମାନ (୬ଇ ୬୧୫୨)ରେ ୪ ଶିଶୁଙ୍କ ସମେତ ୧୩୫ ଯାତ୍ରୀ ଥିଲେ। ସମସ୍ତ ଯାତ୍ରୀଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି। ଅନ୍ୟ ଏକ ବିମାନରେ ସେମାନଙ୍କୁ ଦରଭଙ୍ଗା ପଠାଯାଇଥିବା ଇଣ୍ଡିଗୋ କହିଛି। ଅନ୍ୟପକ୍ଷେ ବାହ୍ୟ ପରିସ୍ଥିତି ଯୋଗୁ ଏଭଳି ଅସୁବିଧା ହୋଇଥିବା ଦର୍ଶାଇ କ୍ଲିୟରାନ୍ସକୁ ଅପେକ୍ଷା କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ କର୍ତ୍ତୃପକ୍ଷ କ୍ଷମା ମାଗିଛନ୍ତି।

## ଜଳିଗଲା ହୋଲି ସ୍ପେଶାଲ ଟ୍ରେନ୍

**ପାଟନା, ୨୭।୩:** ବିହାରର ଭୋଜପୁର ଜିଲା କାରିସାଥ ଷ୍ଟେଶନ ନିକଟରେ ଲୋକମାନ୍ୟ ତିଲକ-ଦାନାପୁର ହୋଲି ସ୍ପେଶାଲ ଟ୍ରେନ୍ (୦୧୪୧୦)ରେ ମଙ୍ଗଳବାର ରାତି ପ୍ରାୟ ୧୨ଟା ୩୦ରେ ନିଆଁ ଲାଗିଯାଇଥିଲା। ଏଥିରେ ଟ୍ରେନ୍‌ର କୋଚ୍ ନମ୍ବର ୯ ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲାଗିବା ପରେ ଯାତ୍ରୀମାନେ ଆତଙ୍କିତ ହୋଇ ପ୍ରାଣ ବିକଳରେ ପଳାଇବାରେ ଲାଗିଥିଲେ। ତେବେ ଅଗ୍ନିକାଣ୍ଡ ଘଟିଥିବା ବଗିରେ କୌଣସି ଯାତ୍ରୀ ନ ଥିବାରୁ କେହି ମୃତାହତ ହୋଇ ନ ଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଅଗ୍ନିକାଣ୍ଡ ପରେ ସମ୍ପୃକ୍ତ ରୁଟ୍‌ରେ ୫ ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।



ନିଆଁ ଲାଗିଥିବା ବଗିକୁ ରେଲୱେ ପୋଲିସ ଅନୁଧ୍ୟାନ କରୁଛି।



ବାଲ୍ଟିମୋରରେ ଭୁଶୁଡ଼ିପଡ଼ିଥିବା ଫ୍ରାନ୍ସିସ୍ ସ୍କଟ୍ କି ବ୍ରିଜ୍ ନିକଟରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏମର୍ଜେନ୍ସି ବୋଟ୍

**ମଧ୍ୟରାତ୍ରିରେ ବାଲ୍ଟିମୋର ଟ୍ରାଜେଡି**

## ଜାହାଜ ଧକ୍କାରେ ଭୁଶୁଡ଼ିଲା ବ୍ରିଜ୍

**ବାଲ୍ଟିମୋର, ୨୭।୩**

ଆମେରିକାର ମେରିଲାଣ୍ଡସ୍ଥିତ ବାଲ୍ଟିମୋରରେ ମଙ୍ଗଳବାର ମଧ୍ୟରାତ୍ରିରେ ଏକ ଜାହାଜ ଧକ୍କା ଦେବାରୁ ଫ୍ରାନ୍ସିସ୍ ସ୍କଟ୍ କି ବ୍ରିଜ୍ ଭୁଶୁଡ଼ିପଡ଼ିଛି। ଫଳରେ ବ୍ରିଜ୍ ମଝିରେ ମରାମତି କରୁଥିବା ୮ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ୬ ନିଖୋଜ ହୋଇଯାଇଛନ୍ତି। ଜାହାଜରେ ଥିବା ସମସ୍ତ ଭାରତୀୟ କ୍ରିଉ ମେମ୍ବର ସୁରକ୍ଷିତ ଅଛନ୍ତି। ଜାହାଜଟି ନିୟନ୍ତ୍ରଣ ହରାଇବା ପୂର୍ବରୁ ସେଥିରେ ଥିବା ଏହି ଭାରତୀୟମାନେ ଆମେରିକା ପରିବହନ ବିଭାଗକୁ ଆଗୁଆ ସୂଚନା ଦେବାରୁ ସମସ୍ତଙ୍କୁ ଉଦ୍ଧାର କରାଯାଇପାରିଛି। ଏହି ଭାରତୀୟମାନଙ୍କ ଉପସ୍ଥିତ ବୁଦ୍ଧି ଓ ବୀରତ୍ୱ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସେମାନଙ୍କୁ ପ୍ରଶଂସା କରିଛନ୍ତି।

ମେରାଇନ୍ ଟ୍ରାଫିକ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ଗ୍ରେସ୍ ଓସେନ ପ୍ରାଇଭେଟ ଲିମିଟେଡ୍ ଏବଂ ଡାନିଶ୍ ଶିପିଙ୍ଗ୍ ଜାଏଣ୍ଟ ମେର୍ସ୍କ ମାଲିକାନାରେ ଥିବା ସିଙ୍ଗାପୁରର 'ଡାଲି' ଜାହାଜ ସ୍ଥାନୀୟ ସମୟ ମାର୍ଚ୍ଚ ୨୬ ରାତି ପ୍ରାୟ ୧୨ଟା ୪୪ ମିନିଟରେ ବହୁ କଣ୍ଟେନର ଧରି ବାଲ୍ଟିମୋର ବନ୍ଦରରୁ ଶ୍ରୀଲଙ୍କା ଅଭିମୁଖେ ବାହାରିଥିଲା। ଏହାର ଚାଳକ ଦଳରେ ୨୨ ଭାରତୀୟ ସାମିଲ ଥିଲେ। ଜାହାଜଟି ପାଟାପ୍‌ସ୍କେ ନଦୀରେ ୧ଟା ୨୫ରେ ନିର୍ଦ୍ଧାରିତ ପଥରେ ନ ଯାଇ ବାଟବଣା ହୋଇଯାଇଥିଲା। ସେତେବେଳେ ଜାହାଜର ବେଗ ଘଣ୍ଟା ପ୍ରତି ୧୫ କି.ମି ଥିଲା। ଏହାର ୫ ମିନିଟ ପରେ ଜାହାଜ ଐତିହାସିକ ଫ୍ରାନ୍ସିସ୍ ସ୍କଟ କି ବ୍ରିଜ୍‌ର ପିଲାରକୁ ଧକ୍କା ଦେଇଥିଲା। ଫଳରେ ୨.୬ କି.ମି. ଲମ୍ବ ବ୍ରିଜ୍ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଖବର ପାଇ ପୋଲିସ ଉକ୍ତ ବ୍ରିଜ୍ ଉପରେ ଯାନବାହନ ଚଳାଚଳ ବନ୍ଦ କରିଦେଇଥିଲା। ଅନ୍ୟପକ୍ଷେ ପଟ୍‌ହୋଲ ମରାମତି କାର୍ଯ୍ୟରେ ନିୟୋଜିତ ୮ ଜଣ ନିର୍ମାଣ ଶ୍ରମିକ ନଦୀରେ ଖସିପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୬ ଜଣ ନିଖୋଜ ହୋଇଯାଇଛନ୍ତି। ନିଖୋଜଙ୍କ ମଧ୍ୟରେ ଗୁଆଟେମାଲା, ହୋଣ୍ଡୁରାସ୍ ଓ ମେକ୍ସିକୋର ନାଗରିକ ରହିଛନ୍ତି। ହୋଣ୍ଡୁରାସ୍‌ର ବ୍ୟକ୍ତିଙ୍କ ନାମ ମେୟନୋର ୟାସିର ସୁଆଜୋ ସାନ୍‌ଡୋଭା ବୋଲି ଜଣାପଡ଼ିଛି। ନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ୍ ସେଫ୍ଟି ବୋର୍ଡ ଏହି ଦୁର୍ଘଟଣାର ତଦନ୍ତ ଚଳାଇଛି। ବାଲ୍ଟିମୋର ବନ୍ଦରକୁ ଜାହାଜଗୁଡ଼ିକର ପ୍ରବେଶ ଓ ସେଠାରୁ ପ୍ରସ୍ଥାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିବା ମାରିଟାଇମ୍ ସେଣ୍ଟର ଫର୍ ରେସ୍‌ପନ୍ସିବଲ ଏନର୍ଜିର କ୍ୟାପ୍‌ଟେନ୍ ମାଇକେଲ ବର୍ନ୍ସ ଜୁନିୟର କହିଛନ୍ତି।

ୱାର୍ଲ୍ଡ ଆସୋସିଏଶନ୍ ଫର୍ ୱାଟରବର୍ନ ଟ୍ରାନ୍ସପୋର୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର ତଥ୍ୟ ଅନୁସାରେ ବିଶ୍ୱରେ ୧୯୬୦ରୁ ୨୦୧୫ ମଧ୍ୟରେ ଜାହାଜ ଧକ୍କାରେ ୩୫ଟି ବୃହତ୍ ବ୍ରିଜ୍ ଭୁଶୁଡ଼ିଥିଲା। ସଦ୍ୟ ଦୁର୍ଘଟଣା ପରେ ଜାହାଜ ଚଳାଚଳ ବନ୍ଦ କରାଯାଇଥିବାରୁ ଇଷ୍ଟ କୋଷ୍ଟ ପାଇଁ ପରିବହନଜନିତ ମୁଣ୍ଡବ୍ୟଥା ବଢ଼ିବା ନିଶ୍ଚିତ ହୋଇଛି। ଆମେରିକା ପରିବହନ ସଚିବ ପେଟ୍ ବୁଟିଗେଗ୍ କହିଛନ୍ତି, ଏହି ବ୍ୟସ୍ତବହୁଳ ବ୍ରିଜ୍ ଦେଇ ଗତବର୍ଷ ୧୨ ନିୟୁତ ଗାଡ଼ି ଚଳାଚଳ କରିଥିଲା। ୫୦ ଫୁଟ୍ ଗଭୀର ଚ୍ୟାନେଲରେ ପଥ ପରିଷ୍କାର କରିବା ପାଇଁ କେତେ ସମୟ ଲାଗିବ କହିହେବ ନାହିଁ। ଇତିମଧ୍ୟରେ ରାଷ୍ଟ୍ରପତି ବାଇଡେନ୍ ବାଲ୍ଟିମୋର ଯାଇ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ବ୍ରିଜ୍‌ର ପୁନଃ ନିର୍ମାଣ ପାଇଁ ସରକାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ ବୋଲି ରାଷ୍ଟ୍ରପତି ଘୋଷଣା କରିପାରନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ଏହି ଜାହାଜରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। କିନ୍ତୁ ପରିଚାଳନା କମ୍ପାନୀ ସାମାନ୍ୟ ଯାଞ୍ଚ ପରେ ଏହାର ଜଳଯାତ୍ରା ବଜାୟ ରଖିଥିଲେ।

**ଫୁର୍‌ସତ୍**

## କଫି ସହ ମଣିଷ ରକ୍ତ ମିଶାଇ ପିଉଛନ୍ତି

ଦୁନିଆରେ, ପ୍ରତ୍ୟେକ ମଣିଷଙ୍କର ନିଜସ୍ୱ ସଉକ ଅଛି। କିଏ ଭ୍ରମଣ କରିବାକୁ ଭଲ ପାଆନ୍ତି ତ ଆଉ କିଏ ଖାଇବାକୁ ଭଲ ପାଆନ୍ତି। କେତେକ ଗୀତ ଗାଇବାକୁ ଭଲ ପାଆନ୍ତି, ଆଉ କେତେକ ନାଚିବାକୁ ଭଲ ପାଆନ୍ତି। କିଛି ଲୋକ ଅଛନ୍ତି ଯେଉଁମାନଙ୍କର ଅଜବ ସଉକ ଥାଏ। ଯେତେବେଳେ ବି ଏହି ସଉକଗୁଡ଼ିକ ଦୁନିଆ ସାମ୍ନାକୁ ଆସେ, ଲୋକମାନେ ବହୁତ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏହିପରି ଜଣେ ମହିଳା ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ଏହି ମହିଳାଙ୍କ ନାମ ହେଉଛି ମିଶେଲ। ସେ ଗତ ୧୦ ବର୍ଷ ଧରି କ୍ରମାଗତ ଭାବରେ ରକ୍ତ ପିଉଛନ୍ତି। ସେ କେବଳ



ପଶୁମାନଙ୍କର ନୁହେଁ, ମଣିଷର ରକ୍ତକୁ ମଧ୍ୟ ପସନ୍ଦ କରନ୍ତି ଏବଂ ଭବିଷ୍ୟତରେ ସେ ଏହାକୁ ପିଇବା ମଧ୍ୟ ଜାରି ରଖିବେ ବୋଲି କହିଛନ୍ତି। ଯଦିଓ ଏହା ଅଜବ ଲାଗୁଥାଇପାରେ, କିନ୍ତୁ ବର୍ତ୍ତମାନ ମିସେଲଙ୍କ ପାଇଁ ସବୁକିଛି ସ୍ୱାଭାବିକ ହୋଇଛି। ସେ ଜୁସ୍, ଚା, କଫି କିମ୍ବା ଅନ୍ୟ କୌଣସି ପାନୀୟ ପରି ରକ୍ତ ପିଉଛନ୍ତି।

ସେ ୨୦୧୩ରେ ପ୍ରଥମ ଥର ପାଇଁ ଚର୍ଚ୍ଚାକୁ। ଆମେରିକାର କାଲିଫର୍ନିଆର ରହୁଥିବା ୪୦ ବର୍ଷୀୟା ମିଶେଲ ନିଜ କିଶୋର ଅବସ୍ଥାରେ ଗାଈ ଏବଂ ଘୁଷୁରୀର ରକ୍ତ ପିଇବା ଆରମ୍ଭ କରିଥିଲେ। କିନ୍ତୁ ବର୍ତ୍ତମାନ ସେ କିଛି ସମୟ ପାଇଁ ମାନବ ରକ୍ତକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ପ୍ରକୃତ ମାନବ ରକ୍ତ ପାଇବା ଏତେ ସହଜ ନୁହେଁ ବୋଲି ମହିଳା ଜଣକ କହିଛନ୍ତି। କିନ୍ତୁ ଯେତେବେଳେ ବି ମୁଁ ଏହି ରକ୍ତ ପାଇଥାଏ, ମୁଁ ଏହାକୁ ମୋ' କଫିରେ ଏକ ବୁଷ୍ଟର୍ ଭାବରେ ମିଶାଇ ପିଇଥାଏ।

ମୁଁ ନିଶ୍ଚିତ ଭାବରେ ମାନବ ରକ୍ତ ପିଉଛି କିନ୍ତୁ ମୁଁ ଭାମ୍ପାୟାର ନୁହେଁ, ମୋତେ ଏହା ଭଲ ଲାଗେ। ସେଥିପାଇଁ ମୁଁ ଏହା କରୁଛି। ମୁଁ ଦିନରେ ପ୍ରାୟ ଏକ ଲିଟର ରକ୍ତ ପିଉଛି। ବର୍ତ୍ତମାନ ଯଦିଓ ମୋର ଏହି ଅଭ୍ୟାସ ହେତୁ ଲୋକମାନେ ମୋତେ ଭୁଲ ବୁଝନ୍ତି, ଏହା ମୋ ପାଇଁ ଏକ ସାଧାରଣ କଥା। ଡାକ୍ତରମାନେ ଏହା ମଧ୍ୟ କହିଛନ୍ତି ଯେ, ଅଳ୍ପ ବୟସରୁ ଆରମ୍ଭ ହୋଇଥିବା ଏହି ନିଶାରୁ ମୁକ୍ତି ପାଇବା ବର୍ତ୍ତମାନ କଷ୍ଟସାଧ୍ୟ ଅଟେ।

## ମନର ଯନ୍ତ୍ରଣା ବଖାଣିଲେ କରୀନା

**ମୁମ୍ବାଇ:** ଆଜିକାଲି କରୀନା କପୁର ଫିଲ୍ମ 'କ୍ରୁ'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ତବୁ ଏବଂ କ୍ରୀତି ସାନନ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। କରୀନା ତାଙ୍କ କ୍ୟାରିୟରରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। କିନ୍ତୁ ତାଙ୍କ ଫିଲ୍ମ ଯାତ୍ରା ସହଜ ନ ଥିଲା। ଏକ ଫିଲ୍ମର କାହାଣୀ ପରି, ଏହା ମଧ୍ୟ ଉତ୍ଥାନରେ ପରିପୂର୍ଣ୍ଣ ଥିଲା। କରୀନା ଏକ ସାକ୍ଷାତକାରରେ ତାଙ୍କର ବିଗତ ଦିନଗୁଡ଼ିକୁ ମନେ ପକାଇଛନ୍ତି। ଏଥିରେ ସେ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି। କରୀନା କହିଛନ୍ତି, ଯେତେବେଳେ 'ଜବ୍ ଉଇ ମେଟ୍' ରିଲିଜ ହୋଇ ନ ଥିଲା। 'ଜବ ଉଇ ମେଟ୍' ପୂର୍ବରୁ ମୋର ଅନେକ ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ମୁଁ କଷ୍ଟଦାୟକ ସମୟ ଦେଇ ଗତି କରୁଥିଲି। ଯଦି ମୋ ସ୍ଥାନରେ ଅନ୍ୟ କେହି ଥାଆନ୍ତେ, ତେବେ ସେ ବୋଧହୁଏ ଏହି ପରିସ୍ଥିତିରେ ବଞ୍ଚିପାରି ନ ଥାନ୍ତେ। ଏକ ସମୟରେ ଫିଲ୍ମରୁ ବିରତି ନେବାକୁ ଚିନ୍ତା କରିଥିଲି। ମୁଁ ଅଧିକ ଫିଲ୍ମ କରିବାକୁ ମନା କରିଥିଲି। ଏହା ପରେ ସ୍ଥିତି ସୁଧୁରିଥିଲା। ପରେ ଭଲ ସ୍କ୍ରିପ୍ଟ ମୋ' ପାଖକୁ ଆସିଥିଲା। ମାର୍ଚ୍ଚ ୨୯ରେ କରୀନାଙ୍କ 'କ୍ରୁ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। କରୀନାଙ୍କ ପ୍ରଶଂସକମାନେ ଏହି ଫିଲ୍ମକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଫିଲ୍ମର ଟ୍ରେଲର ରିଲିଜ ହୋଇଛି। ଫିଲ୍ମରେ ତବୁ ଏବଂ କ୍ରୀତିଙ୍କ ବ୍ୟତୀତ କପିଲ ଶର୍ମା ଏବଂ ଦିଲଜିତ ଦୋସାଞ୍ଜ ମଧ୍ୟ ନଜର ଆସିବେ।



# ଧରିତ୍ରୀ
DHARITRI

ଧରିତ୍ରୀ 50 Years






**କ୍ଲାସେନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ**

ଆଇପିଏଲର ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦର ହେନରିଚ୍ କ୍ଲାସେନ୍। **୧୩**

**୧୨** **ସନ୍ଦୀପଙ୍କ ଫିଲ୍ମକୁ ମନ୍ଦାନାଙ୍କ ଅପେକ୍ଷା**

ଫିଲ୍ମ 'ଆନିମଲ୍' ହିଟ୍ ହେବା ପରେ ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ଆଗାମୀ ଫିଲ୍ମରେ ଅଭିନୟ ପାଇଁ ଅପେକ୍ଷା କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା।



# ବିଜେଡିର ୧୫ ଲୋକ ସଭା, ୭୨ ବିଧାନସଭା ପ୍ରାର୍ଥୀ

**ଭୁବନେଶ୍ୱର,୨୭।୩(ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୨ଟି ପର୍ଯ୍ୟାୟରେ ୧୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିରେ ୪ଜଣ ମହିଳା ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଭାବେ ଲମ୍ବୋଦର ନିଆଲ, ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, ସୁନ୍ଦରଗଡ଼ରୁ ଦିଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝି, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କୋରାପୁଟରୁ କୌଶଲ୍ୟା ହିକକା ଏବଂ ଆସିକାରୁ ରଞ୍ଜିତା ସାହୁଙ୍କୁ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ କଟକ ଲୋକ ସଭା ଆସନରୁ ସଂତୃପ୍ତ ମିଶ୍ରଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବାବେଳେ ପୁରୀରୁ ଅରୂପ ପଟ୍ଟନାୟକ, କନ୍ଧମାଳ ଆସନରୁ ଅଚ୍ୟୁତାନନ୍ଦ ସାମନ୍ତ, ଢେଙ୍କାନାଳରୁ ଅବିନାଶ ସାମଲ, ଯାଜପୁରରୁ ଶର୍ମିଷ୍ଠା ସେଠୀ ଏବଂ ଜଗତ୍‌ସିଂହପୁରରୁ ରାଜଶ୍ରୀ ମଲ୍ଲିକଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ୧୫ ଆସନରେ ବିଜେଡି ୧୦ ଜଣ ନବାଗତଙ୍କୁ ପ୍ରାର୍ଥୀ କରିଥିବାବେଳେ ଗତ ନିର୍ବାଚନରେ ପରାଜିତ ହୋଇଥିବା ୨ ପ୍ରାର୍ଥୀଙ୍କ ସମେତ ୩ ଜଣ ବିଜୟୀ ପ୍ରାର୍ଥୀଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି।

୨୦୧୯ ନିର୍ବାଚନରେ ବିଜେଡି ଦେଇଥିବା ୧୫ ଲୋକସଭା ପ୍ରାର୍ଥୀଙ୍କ ମଧ୍ୟରୁ ୬ଜଣ ପରାଜିତ ହୋଇଥିବା ବେଳେ ୯ ଜଣ ପ୍ରାର୍ଥୀ ବିଜୟୀ ହୋଇଥିଲେ। ☞ପୃଷ୍ଠା-୧୧

- **୧୦ ଲୋକ ସଭା ଆସନରେ ନୂଆ ମୁହଁ**
- **ରମେଶ, ପ୍ରମିଳା, ମହେଶ, ପିନାକୀ, ଅନୁଭବ ବାଦ୍**

| ୧୫ ଲୋକ ସଭା ପ୍ରାର୍ଥୀ ତାଲିକା | |
|---|---|
| କଳାହାଣ୍ଡି | ଲମ୍ବୋଦର ନିଆଲ |
| ସମ୍ବଲପୁର | ପ୍ରଣବ ପ୍ରକାଶ ଦାସ |
| ସୁନ୍ଦରଗଡ଼ | ଦିଲ୍ଲୀପ ତିର୍କୀ |
| ମୟୂରଭଞ୍ଜ | ସୁଦାମ ମାର୍ଣ୍ଡି |
| କେନ୍ଦ୍ରାପଡ଼ା | ଅଂଶୁମାନ ମହାନ୍ତି |
| ନବରଙ୍ଗପୁର | ପ୍ରଦୀପ ମାଝି |
| ଭୁବନେଶ୍ୱର | ମନ୍ମଥ ରାଉତରାୟ |
| କୋରାପୁଟ | କୌଶଲ୍ୟା ହିକ୍‌କା |
| ଆସିକା | ରଞ୍ଜିତା ସାହୁ |
| ପୁରୀ | ଅରୂପ ପଟ୍ଟନାୟକ |
| କଟକ | ସନ୍ତୃପ୍ତ ମିଶ୍ର |
| ଯାଜପୁର | ଶର୍ମିଷ୍ଠା ସେଠୀ |
| ଜଗତ୍‌ସିଂହପୁର | ରାଜଶ୍ରୀ ମଲ୍ଲିକ |
| କନ୍ଧମାଳ | ଅଚ୍ୟୁତ ସାମନ୍ତ |
| ଢେଙ୍କାନାଳ | ଅବିନାଶ ସାମଲ |

## ୧୧ ବିଧାୟକଙ୍କ ଟିକେଟ୍ କଟିଲା

**୫ ଜଣଙ୍କ ଆସନ ବଦଳିଲା**

**ଭୁବନେଶ୍ୱର,୨୭।୩(ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପ୍ରଥମ ପର୍ଯ୍ୟାୟରେ ୭୨ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏହି ତାଲିକାରେ ବିଜେଡି ପ୍ରାୟ ୯୦ ପ୍ରତିଶତ ବିଧାୟକଙ୍କୁ ପୁଣି ଥରେ ଟିକେଟ ଦେଇଛି। ତେବେ ଯେଉଁ ବିଧାୟକଙ୍କ ମୃତ୍ୟୁ କିମ୍ବା ବୟସ ଅଧିକ ହୋଇଛି ସେମାନଙ୍କ ପରିବାରରୁ ଜଣଙ୍କୁ ଟିକେଟ ଦିଆଯାଇଛି।

ଏହି ପର୍ଯ୍ୟାୟରେ ୨୨ ସ୍ଥାନରେ ନୂଆ ପ୍ରାର୍ଥୀଙ୍କୁ ବିଜେଡି ଟିକେଟ ଦେଇଥିବାବେଳେ କେତେଜଣ ଉତ୍ତରାଧିକାରୀ ସୂତ୍ରରେ ଟିକେଟ ପାଇବାରେ ସଫଳ ହୋଇଛନ୍ତି। ବିଜେଡି ପ୍ରଥମ ପର୍ଯ୍ୟାୟରେ ୧୨ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି। ଏହି ପର୍ଯ୍ୟାୟରେ ୧୧ ଜଣ ବିଧାୟକଙ୍କ ଟିକେଟ କଟିଛି। ସେଥିରୁ ୩ ଜଣ ବିଧାୟକଙ୍କ ପୁଅ କିମ୍ବା ପତ୍ନୀଙ୍କୁ ଟିକେଟ ଦିଆଯାଇଥିବା ବେଳେ ୨ଜଣ ବିଧାୟକଙ୍କୁ ବିଜେଡି ଲୋକ ସଭା ପ୍ରାର୍ଥୀ କରିଛି। ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

ଅପ୍ରକାଶ୍ୟ ଋଣ ସମସ୍ୟା

# ଗାଁରେ ନୋଟ୍‌ଛପା କେନ୍ଦ୍ର

## ଉପହାରରୁ ଧରାପଡ଼ିଲା

**ବଲାଙ୍ଗୀର ଜିଲା ଦେଓଗାଁ ଥାନା ବୁଢ଼ାବାହାଲ ଗାଁରେ ଠାବ ହୋଇଛି ଜାଲ୍‌ନୋଟ ଛପା କେନ୍ଦ୍ର। ୫୦୦ଟଙ୍କିଆ ଜାଲ୍‌ନୋଟ ଛପାଯାଇ ବଜାରକୁ ଛଡ଼ାଯାଉଥିବା ଘଟଣା ଏବେ ଧରାପଡ଼ିଛି। ଏକ ୨୪ ପ୍ରହର ନାମଯଜ୍ଞରେ ଗାୟକ ଏବଂ ବାୟକଙ୍କୁ ଜାଲ ନୋଟ ଉପହାର ଦେଇ ଧରାପଡ଼ିଛନ୍ତି ୨ ଅଭିଯୁକ୍ତ। ଏଥିସହିତ ଏହି କାରବାରରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର, ପ୍ରିଣ୍ଟର, ପେପର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି।**

**ପାଟଣାଗଡ଼, ୨୭।୩ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ପୋଲିସ ଜାଲ୍‌ନୋଟ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟଣାଗଡ଼ ଥାନା ଭଇଁଷା ଗାଁର ବରୁଣ ପନୁଆଁ ଓ ଦେଓଗାଁ ଥାନା ବନ୍ଦପଡ଼ା ଫାଣ୍ଡି ବୁଢ଼ାବାହାଲ ଗାଁର ରୋହିତ ବସ୍ତିଆ। ରୋହିତ ତାଙ୍କ ବୁଢାବାହାଲସ୍ଥିତ ବାସଭବନରେ ଜାଲ୍‌ନୋଟ ଛାପୁଥିଲେ ବୋଲି ବୁଧବାର ପାଟଣାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ ସୂଚନା ଦେଇଛନ୍ତି।

ପୂଜାରୀଙ୍କ ସୂଚନା ଅନୁସାରେ, ଗତ ୨୨ ତାରିଖରେ ଭଇଁଷା ଗାଁରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞରେ କୀର୍ତ୍ତନ ଦଳର ଗାୟକ ଓ ବାୟକଙ୍କୁ ବରୁଣ ୨ଟି ୫ଶହ ଟଙ୍କିଆ ନୋଟ ଉପହାର ସ୍ୱରୂପ ଦେଇଥିଲେ। କାର୍ଯ୍ୟକ୍ରମ ପରେ ଉଭୟ ଗାୟକ ଏବଂ ବାୟକ ଉପହାରରେ ପାଇଥିବା ନୋଟକୁ ଗଣତି କରିଥିଲେ। ତେବେ ଉଭୟଙ୍କ ପାଖରେ ଗୋଟିଏ ଲେଖାଏ ନକଲି ୫ଶହ ଟଙ୍କିଆ ନୋଟ ଥିବା ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ଏହି ଘଟଣାକୁ ସେମାନେ ଲୋକଲୋଚନକୁ ଆଣିଥିଲେ। ତେବେ ନକଲି ନୋଟ ଦୁଇଟି ସେମାନଙ୍କୁ ☞ପୃଷ୍ଠା-୧୧



ଜବତ ଜାଲ୍ ନୋଟ୍

# ଗୁଳି ବିନିମୟ: ୬ ମାଓବାଦୀ ନିହତ

**ମାଲକାନଗିରି,୨୭।୩(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ବୁଧବାର ପୋଲିସ ସହ ଗୁଳି ବିନିମୟ ବେଳେ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ମାଓବାଦୀ ସଙ୍ଗଠନର ଡେପୁଟି କମାଣ୍ଡର ନାଗେଶ, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲା ଚିପୁରଭାଟି ଗ୍ରାମ ତଲପେରୁ ନଦୀ ନିକଟ ଜଙ୍ଗଲରେ ପିପୁଲ୍ସ ଲିବରେଶନ ଗେରିଲା ଆର୍ମି(ପିଏଲ୍‌ଜିଏ)ମାଓବାଦୀ ସଙ୍ଗଠନ ବୈଠକ ହେଉଥିବା ଜଣାପଡିବା ପରେ ଡିଆର୍‌ଜି, ସିଆର୍‌ପିଏଫ୍, ୨୨୯ କୋବ୍ରା ବାଟାଲିୟନ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ☞ପୃଷ୍ଠା-୧୧


ଟଙ୍କା ଦେବାର ସର୍ବୋତ୍ତମ ଉପାୟ ଜାଣନ୍ତୁ...
ଆଜି ହିଁ ଡିଜିଟଲ୍ ହୁଅନ୍ତୁ !

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ



ଶୀଘ୍ର ଓ ସହଜ ପ୍ରିମିଅମ କାରବାର

ଏଲଆଇସି କଷ୍ଟମର୍ ପୋର୍ଟାଲ୍ ଜରିଆରେ ଅନ୍‌ଲାଇନ୍

www.licindia.in : ସର୍ଭିସ୍ ମିଳୁଛି ଏସବୁ ଲାଗି – ଅନ୍‌ଲାଇନ୍ ଟଙ୍କା ପଇଠ କରିହେବ ରିନ୍ୟୁଆଲ୍ ପ୍ରିମିଅମ, ଆଡ୍‌ଭାନ୍ସ ପ୍ରିମିଅମ, ଲୋନ୍ ସୁଧ ଓ ଲୋନ୍ ପରିଶୋଧ – ଇଣ୍ଟର୍‌ନେଟ୍ ବ୍ୟାଙ୍କିଙ୍ଗ, ଡେବିଟ୍ ଓ କ୍ରେଡିଟ୍ କାର୍ଡ୍‌ସ, ଭିମ୍ ୟୁପିଆଇ ଜରିଆରେ।

ମୋବାଇଲ ଆପ୍ଲିକେଶନ୍‌ସ

ନିଜ ଏଲଆଇସି ପ୍ରିମିଅମ ଡିଜିଟାଲୀ ଭରନ୍ତୁ ଏଲଆଇସି'ର ମୋବାଇଲ ଆପ୍ "ଏଲଆଇସି ଡିଜିଟଲ୍" ଜରିଆରେ ଏବଂ ଭିମ୍, କ୍ରେଡ୍, ଗୁଗଲ୍ ପେ, ଆମାଜନ୍‌ପେ, ଫୋନପେ, ପେଟିଏମ୍, ଟାଟା ନିୟୁ, ଫ୍ରୀଚାର୍ଜ, ମୋବିକ୍ୱିକ୍, ଅନ୍ୟାନ୍ୟ ମୋବାଇଲ ଆପ୍ ଓ କଲେକ୍ଟିଙ୍ଗ ୟୁନିଟ ପରି ଇଣ୍ଟିଗ୍ରେଟେଡ୍ ବିବିପିଏସ୍ ପ୍ଲାଟଫର୍ମ ବ୍ୟବହାର ଜରିଆରେ।
ବିଲ୍‌ଡେସ୍କ ଜରିଆରେ ଶକ୍ତିଶାଳୀ ବିବିପିଏସ୍ ପେମେଣ୍ଟ୍‌ସ।

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ | IRDAI Regn No.: 512

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ: (022) 6827 6827 | ଆମର ହ୍ୱାଟସଆପ୍ ନ.: 8976862090 'Hi' କୁହନ୍ତୁ | ଆମକୁ ଦେଖନ୍ତୁ ଏଠାରେ: LIC India Forever

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ଇନ୍‌ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମ‌ସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ।

LIC/P1/2023-24/26/ORI

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ନାମ ସଙ୍କୀର୍ତ୍ତନ, ସ୍ଥାନ: ବାଲିଅନ୍ତା ବ୍ଲକର ଧମିଲୋ ଗ୍ରାମର ଜାଗୁଳାଇ ମନ୍ଦିର ନିକଟ, ସମୟ: ସକାଳ ୮ଟା।
- ମୋକ୍ଷ ଅନୁଷ୍ଠାନର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ ଆଦ୍‌ମୀ ପାର୍ଟିର ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର କୁଶଗାଡିଆ ମିନି ଷ୍ଟାଡିୟମ ନିକଟ, ସମୟ: ଅପରାହ୍ନ ୫ଟା।
- କବିତା ସଂକଳନ 'ତୁମରି ଛବିରେ ତୁମେ' ଲୋକାର୍ପଣ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ସମୟ: ରାତି ୭ଟା।

## କଟକ

- କବିତା ପୁସ୍ତକ ବାପା ଓ ମା'ର ଉନ୍ମୋଚନ ସମାରୋହ, ସ୍ଥାନ: ସିଡିଏ ସେକ୍ଟର-୯ସ୍ଥିତ ରାଇସିନା ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ବୃନ୍ଦାବନ ଚନ୍ଦ୍ର ଲଉଡି ସଂଘର ଲଉଡି ଉତ୍ସବ ଉଦ୍‌ଘାଟନ: ସ୍ଥାନ-ଘଣ୍ଟିଖାଲ ଦୋଳଯାତ୍ରା ପଡିଆ, ସମୟ- ସନ୍ଧ୍ୟା ୬ଟା।
- କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପୁରୀ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଟାଉନ ପୋଲିସ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଅଟଳ ବିଚାର ମଞ୍ଚ ପକ୍ଷରୁ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭଗବତୀ ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଆଖଣ୍ଡଳ ତପୋବନ ପରିସର, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ନାଟକ ଦିବସ ଅବସରରେ ନାଟକ ଅଜାତି ପରିବେଷଣ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ
- ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ହନୁମାନ ଚାଳିଶା ପାଠ, ସ୍ଥାନ: ଦଧିବାମନ ଦେବଙ୍କ ଆମ୍ରକାନନ ପରିସର, ବେଗୁନିଆ ନୂଆସାହି, ସମୟ: ସକାଳ ୭ଟା।
- ଭାଗବତ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କୁଶପଲ୍ଲା ତଳସାହି, ବେଗୁନିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଆମ୍ ଆଦ୍‌ମୀ ପାର୍ଟି ବାଲେଶ୍ୱର ତରଫରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଏକଦିବସୀୟ ଉପବାସ ପ୍ରତିବାଦ, ସ୍ଥାନ: ବାଲେଶ୍ୱର, ପୋଲିସ ଲାଇନ୍ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ, ସ୍ଥାନ: ବାହାର୍ଦ୍ଦା, ବସ୍ତା ବ୍ଲକ, ସମୟ: ଅପରାହ୍ନ ୨ଟା।
- ଖଇରା ବ୍ଲକର ବାରପଡ଼ା ସୁଣ୍ଡିରାଠାରେ ଦୋଳ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୁଣ୍ଡିରା ବଜାର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଜୟଶ୍ରୀ ରାଉତରାୟ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଅଟଳ ବିହାରୀ କଲେଜ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୯ ଟା।
- ମା' ମଙ୍ଗଳା ମନ୍ଦିର ବାର୍ଷିକ ଘଟ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱାଶନ୍ତି ମହାଯଜ୍ଞ, ସ୍ଥାନ: ଗୋହିରାଗଡ଼ିଆ, ଆଡ଼ିଆ, ବନ୍ତ, ଭଦ୍ରକ, ସମୟ: ପୂର୍ବାହ୍ନ ୬ଟା।
- ବହୁ ପୁରାତନ ଚୁଡ଼ାକୁଟି ମେଲଣ, ସ୍ଥାନ: ଚୁଡ଼ାକୁଟି ମେଳଣ ପଡ଼ିଆ, ଧାମନଗର, ସମୟ : ସନ୍ଧ୍ୟା ୭ ଟା।
- ପଞ୍ଚଦୋଳ ଉତ୍ସବ, ସ୍ଥାନ: ଫତେପୁର, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ ପ୍ରତିବାଦରେ ଆମ ଆଦମୀ ପାର୍ଟି ପକ୍ଷରୁ ଏକ ଦିବସୀୟ ସାମୁହିକ ଉପବାସ କାର୍ଯ୍ୟକ୍ରମ,ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଦୁଇ ଦିନିଆ ବାର୍ଷିକ ଜୈବ ମଣ୍ଡଳ ଓ ସଂସ୍କୃତି ଏକ୍ସଚେଞ୍ଜ ମେଳା ଉଦଘାଟନୀ ଉତ୍ସବ, ସ୍ଥାନ: କେନ୍ଦୁଝର ଗୁଜୁରାଟି ଭବନ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ୨ ଦିନିଆ ଏସ୍‌ଜିଇ କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ମିଟିଙ୍ଗ ହଲ୍, ଚିତ୍ରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ପେପର ଲେସ କୋର୍ଟର ଶୁଭ ଉଦଘାଟନ, ସ୍ଥାନ: ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ କାର୍ଯ୍ୟାଳୟ,ବାରିପଦା,ସମୟ:ଅପରାହ୍ନ ୪ଟା ୩୦।

## ଅନୁଗୋଳ

- ପୋଷ୍ଟାଲ ବାଲଟ ନେଇ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ୨-ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଘଟିକା ଓ ଅପରାହ୍ନ ୪ ଘଟିକା।

## ବ୍ରହ୍ମପୁର

- ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ-ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଗଣ ଯୋଗାଯୋଗ ବିଭାଗର ବୈଠକ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ପରିଚାଳନା କମିଟି ବୈଠକ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ- ସିମନବାଡି, ଦାରିଙ୍ଗବାଡ଼ି, ସମୟ-ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ନୀଳଚକ୍ର ୟୁଥ୍ କ୍ଲବ ପକ୍ଷରୁ ସମୂହ ହେନ୍ତାଳ ଚାରା ରୋପଣ, ସ୍ଥାନ: କାଉଡିଆ ନଦୀ ଶଯ୍ୟା, ପାରାଦୀପ, ସମୟ: ସକାଳ ୭ ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶନ, ଭାଗବତ ସପ୍ତାହ ଓ ସାଧୁସନ୍ଥଙ୍କ ଦ୍ୱାରା ଜ୍ଞାନଯଜ୍ଞ, ସ୍ଥାନ: ରାହାମା କଲେଜ ପଡିଆ, ସମୟ: ଭୋର ୪ଟା।
- ଝୁଲଣ ଉତ୍ସବ ଓ ଗୌରାଙ୍ଗ ମହାପ୍ରଭୁଙ୍କ ଶୁଭ ଜନ୍ମୋତ୍ସବ ଓ ଅଭିଷେକ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ନିତାଇଗୌର ସେବାଶ୍ରମ ପରିସର, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ବାର୍ଷିକ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ:କଣ୍ଡିରା, ରାଜନଗର, ସମୟ:ସନ୍ଧ୍ୟା ୬ଟା।
- ପଞ୍ଚମ ବାର୍ଷିକ ଶ୍ରୀ ବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଡଅଁରମୁଣ୍ଡା, ଶିଳିପୁର, ମାର୍ଶାଘାଇ, ସମୟ:ସକାଳ ୭ଟା।
- ବାଣୀମଙ୍ଗଳା ଡ୍ରାମାଟିକ କ୍ଲବର ନାଟକ ଉତ୍ସବ, ସ୍ଥାନ:ବଡ଼ମଙ୍ଗଳା, ଦମକଳ ଅଫିସ ନିକଟ, କେନ୍ଦ୍ରାପଡ଼ା ସହର, ସମୟ:ରାତି ୯ଟା।
- ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ସାମୁହିକ ଉପବାସ, ସ୍ଥାନ:ଆମ୍ବେଡ଼କର ପ୍ରତିମୂର୍ତ୍ତି ନିକଟ, କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ମେଲଣ ଉତ୍ସବ ଆରମ୍ଭ,ସ୍ଥାନ : ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ମେଲଣ ପଡ଼ିଆ, ସମୟ : ଅପରାହ୍ନ ୩ଟା।
- ଅଖିଳ ଚକ୍ର ପକ୍ଷରୁ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ଓ ମାଲ୍ୟାର୍ପଣ,ସ୍ଥାନ : ବରୁଣେଶ୍ୱର ମହାବିଦ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।

## ନୟାଗଡ଼

- ୩ ଦୋଳ ଯାତ୍ରା, ସ୍ଥାନ: ନୟାଗଡ ବ୍ଲକର ମାଛିପଡା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ଓ ନାମଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକର ଚେମେଡି, ସମୟ: ଅପରାହ୍ନ ୩ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବାଣପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁରାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଆଧାତ୍ମିକ ସମାବେଶ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ପୱନ ସରୋବର, ସମୟ: ସକାଳ ୯ଟା।

## ବଲାଙ୍ଗୀର

- ଇକୋ କ୍ଲବ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ, ସ୍ଥାନ: ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ଷୋଳ ସୁଆଙ୍ଗ ଦଣ୍ଡନୃତ୍ୟ, ସ୍ଥାନ: ଉଫୁଲା ଗ୍ରାମ,ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଧୂଳିଦଣ୍ଡ କାର୍ଯ୍ୟକ୍ରମ, ସ୍ଥାନ: ଗୁଦୁଗୁଦା,ବୀରମହାରାଜପୁର, ସମୟ: ଅପରାହ୍ନ ୩ ଟା।

## ରାଉରକେଲା

- କରାଟେ ପ୍ରଶିକ୍ଷଣ ଶିବିର, ସ୍ଥାନ: ଦିଲୀ ପବ୍ଲିକ ସ୍କୁଲ, ସେକ୍ଟର-୧୪, ସମୟ: ସକାଳ ୭ଟା।
- ଆପ୍‌ର ସାମୂହିକ ଉପବାସ, ସ୍ଥାନ: ଉଦିତନଗର ଆମ୍ବେଦକର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଜାବରୁ ଉଦ୍ଧାର ଶ୍ରମିକଙ୍କ ଆଗମନ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ରେଳଷ୍ଟେଶନ୍, ସମୟ: ଅପରାହ୍ନ ୨ଟା ୩୦।

## ବରଗଡ଼

- ଶିବ ମନ୍ଦିର, ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କେନ୍ଦପାଲି, ସମୟ: ପୂର୍ବାହ୍ନ ୮ଟା।
- କଲମକାରୀ କର୍ମଶାଳା, ସ୍ଥାନ:ଆଇଆଇଏଚଟି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସଂଯୁକ୍ତ କୃଷକ ସଂଗଠନର ଧାରଣା, ସ୍ଥାନ:ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରୀ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ସଭା, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ଓ କୃତଜ୍ଞତା ସଭା, ସ୍ଥାନ: ଜୁନାଗଡ ଆରଏମସି, ପୂର୍ବାହ୍ନ ୧୧ଟା।
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଖଡ଼ିଆଳ ବ୍ଲକ ମୁକ୍ତାପୁର ୱାର୍ଡ ନମ୍ବର ୧, ସମୟ:
- ସକାଳ ୮ଟା।
- ପ୍ରଥମ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଖଡ଼ିଆଳ ବ୍ଲକ ଚଲାନପଡା ଖେଳ ପଡିଆଠାରେ, ସମୟ: ରାତି ୮ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକ ଚମ୍ପାମାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ଚମ୍ପାମାଳ ଗ୍ରାମ୍ୟମଣ୍ଡପ, ସମୟ: ସକାଳ ୬ଟା।

## ଝାରସୁଗୁଡ଼ା

- ବୁରୋମାଲ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭଖମ୍ବ ସ୍ଥାପନ, ସ୍ଥାନ: ହରିଜନପଡ଼ା ମଣ୍ଡପ, ସମୟ ସକାଳ ୯ଟା ୩୦।
- ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ହୋଲି ମିଳନ, ସ୍ଥାନ: ହୋଟେଲ ମେଘଦୂତ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନିଜ ପରିବେଶରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧିଜନିତ ବୈଷୟିକ ସୁଖ, ସମୃଦ୍ଧି ପାଇପାରିବେ। ଆଲୋଚନା ସଭାରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ରର ଅସ୍ଥିରତା କର୍ମକ୍ଷେତ୍ର ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ। ବ୍ୟସ୍ତତା ଓ ବ୍ୟଗ୍ରତାକୁ ପ୍ରତିରୋଧ କରି କାମକୁ ପୂର୍ଣ୍ଣାଙ୍ଗ କରିବାରେ ସାହାଯ୍ୟ ପାଇବେ। ଈର୍ଷାପରାୟଣ ବ୍ୟକ୍ତିମାନେ ଦେଖେଇ ଶିଖେଇ ବହୁତ କଥା କହିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ତ ସମସ୍ୟା ମୁକାବିଲା କରି ସଫଳତା ହାସଲ କରିବେ। ଆପଣ ଆଜି ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ରୋଗ, ଋଣ ଓ ଶତ୍ରୁତା ଦୁଶ୍ଚିନ୍ତାର ମୁଖ୍ୟ କାରଣ ହୋଇ ରହିବ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ କ୍ରନିକ୍ ରୋଗଜନିତ ସମସ୍ୟା ଲାଗି ରହିବ।

**କର୍କଟ** କର୍ମକ୍ଷେତ୍ରରେ ନିଜର ପତିଆରା ବୃଦ୍ଧି ସହକର୍ମୀଙ୍କ ଅସନ୍ତୋଷର କାରଣ ହୋଇପାରେ। ବିଭିନ୍ନ ପ୍ରତିବନ୍ଧକ ଜନିତ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ଗୃହସଜ୍ଜାରେ ମନୋନିବେଶ କରିବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ପ୍ରତ୍ୟେକ କାମକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ପ୍ରଯତ୍ନ କରି ସଫଳ ହେବେ। କୌଣସି ଲୋକକୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହେବେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ମନ ଭିତରେ ଲୁଚି ରହିଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେବାର ଆଶଙ୍କା ରହିଛି।

**କନ୍ୟା** କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରହିବ। ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ପରିବେଶ ଅଭାବରୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଉତ୍ସବ ଅନୁଷ୍ଠାନରେ ଯୋଗଦେଲେ ସମ୍ମାନିତ ହେବେ।

**ତୁଳା** କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ବନ୍ଧୁଙ୍କ ବ୍ୟବହାର ମନକୁ ନ ପାଇଲେ ମଧ୍ୟ ମନକଥା ମନରେ ରଖି ଅଶାନ୍ତ ମନ ନେଇ ଚଳିବାକୁ ବାଧହେବେ। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିପାରେ। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧହେବେ।

**ବିଛା** ପ୍ରତ୍ୟେକ କାମରେ ସମସ୍ୟା ବୃଦ୍ଧି ପାଉଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ନିଜ ଅସଫଳତାର କାରଣ ଖୋଜିବାକୁ ଯାଇ ଭାବପ୍ରବଣତାରେ ନିଜକୁ ହଜାଇଦେବେ। ସହକର୍ମୀଙ୍କ ସହ ବହୁଦିନର ମତାନ୍ତର ଜନିତ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ପରିବାରରେ ଶାନ୍ତି ଫେରିଆସିବ।

**ଧନୁ** ବୃଥା ଭାବନାଜନିତ ଅନ୍ୟମନସ୍କ ହେତୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ। ଅସାବଧାନତା କାରଣରୁ ଧନହାନି ଘଟିବାର ପୂର୍ଣ୍ଣ ସମ୍ଭାବନା ରହିଛି। ପାରିବାରିକ ଅସ୍ଥିରତା ବନ୍ଧୁମାନଙ୍କ ସାହାଯ୍ୟରୁ ଦୂରୀଭୂତ ହୋଇଯିବ। ସାମାଜିକସ୍ତରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ସମସ୍ୟାକୁ ସୁଧାରିନେବେ।

**ମକର** ପାରିବାରିକ ଦୃଷ୍ଟିକୋଣରୁ ଖୁସିରେ ରହିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ଶିକ୍ଷା, ପରୀକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେଇ ଖୁସି ମନାଇବେ।

**କୁମ୍ଭ** ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କାର୍ଯ୍ୟରେ ଅସଫଳତା କାରଣରୁ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଆକସ୍ମିକ ଭାବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିପାରେ।

**ମୀନ** ପରିବାର ଲାଗି ବେଶି ସମୟ ନ ଦେବା କାରଣରୁ ପରିବାରରୁ ସମାଲୋଚିତ ହେବେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଂଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ସାୟାହ୍ନେ ଟେନ୍‌ସନ ବଢ଼ିଯିବ। ସାମାଜିକସ୍ତରରେ ନିଜେ ଜଳି ଅନ୍ୟମାନଙ୍କ ହିତ ଚିନ୍ତା କରିପାରନ୍ତି।

ଆଜି ମାର୍ଚ୍ଚ ୨୮ ତାରିଖ, ଚୈତ୍ର କୃଷ୍ଣ ତୃତୀୟା ଗୁରୁବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୭ମି. ଗତେ ଘ.୦୭।୨୪ମି. ମଧ୍ୟେ, ଘ.୧୦।୩୮ମି. ଗତେ ଘ.୦୧।୦୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୨ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁକାଳ॥

# ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଆଗୁଆ: ବିଜେଡି

ଭୁବନେଶ୍ୱର,୨୭।୩(ଅନିଲ ଦାସ)

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗତ ୫ ବର୍ଷରେ ଓଡ଼ିଶାକୁ ମିଳିଛି ଉଲ୍ଲେଖନୀୟ ସଫଳତା । ସଫଳ ବିପର୍ଯ୍ୟୟ ପରିଚାଳନା ପାଇଁ ଜାତୀୟ ସ୍ତରରେ ଓଡ଼ିଶା ପୁରସ୍କୃତ ହୋଇଛି । ରାଜ୍ୟ ସରକାର ଗ୍ରହଣ କରିଥିବା ଏକାଧିକ ପଦକ୍ଷେପ ଯୋଗୁ ଏଭଳି ସଫଳତା ମିଳିଥିବା ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସଂତୃପ୍ତ ମିଶ୍ର ଓ ଡକ୍ଟର ସସ୍ମିତ ପାତ୍ର କହିଛନ୍ତି । ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦୁଇ ମୁଖପାତ୍ର କହିଛନ୍ତି ଯେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ବାତ୍ୟା ଓ ସୁନାମିପ୍ରବଣ ଅଞ୍ଚଳରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଆଗୁଆ ସତର୍କ ସୂଚନା ପ୍ରସାରଣ ବ୍ୟବସ୍ଥା ରହିଛି ।

ଉପକୂଳବର୍ତ୍ତୀ ୬ଟି ଜିଲାରେ ୧୬୦ଟି ଟାୱାର ଲଗାଯାଇ ସତର୍କ ସୂଚନା ଦିଆଯାଉଛି । ୧୬୦ ସ୍ଥାନ ମଧ୍ୟରୁ ୧୨୨ଟି ସ୍ଥାନରେ ସତର୍କତା ସାଇରନ ବ୍ୟବସ୍ଥାଗୁଡ଼ିକ ବିପର୍ଯ୍ୟୟ ସମୟରେ ଏସ୍‌ଇଓସି ଏବଂ ବିଇଓସିରୁ ସାଇରନ୍/ଭଏସ୍ ମେସେଜ ପଠାଇବା ପାଇଁ ଅନ୍ତର୍ଭୁକ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୨,୮୨୯ଟି ଅନୁକମ୍ପାମୂଳକ ମାମଲାର ସମାଧାନ କରାଯାଇ ୧୪,୬୪୬ ଜଣ ହିତାଧିକାରୀଙ୍କୁ ୪୯୬.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଡିଏମ୍‌ପିଏସ୍‌କୁ ୨୦୨୨ ପାଇଁ ସିଏସ୍‌ଆଇ ଇ-ଗଭର୍ନାନ୍ସ ପୁରସ୍କାର ଏବଂ ୨୦୨୩ ବର୍ଷ ପାଇଁ ସ୍କଚ୍ ପୁରସ୍କାରରେ ସମ୍ମାନିତ କରାଯାଇଛି । ବିଭିନ୍ନ ବିପର୍ଯ୍ୟୟ ପରିଚାଳନାରେ ସେବା ପ୍ରଦାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ମାନଜନକ ପୁରସ୍କାର ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ୨୦୨୩ ଗ୍ରହଣ କରାଯାଇଥିଲା । ଭାରତ ମହାସାଗର ସୁନାମି ପ୍ରସ୍ତୁତି(ଆଇଓଟିଆର) କାର୍ଯ୍ୟକ୍ରମ ଅଧୀନରେ ଆଇଓସି-ୟୁନେସ୍କୋ ଦ୍ୱାରା ପ୍ରଥମ ଥର ପାଇଁ ଜଗତ୍‌ସିଂହପୁରର ନୋଳିଆ ସାହି ଏବଂ ଗଞ୍ଜାମର ଭେଙ୍କଟରାଇପୁର ୨ଟି ସମ୍ପ୍ରଦାୟକୁ ସୁନାମି ପ୍ରସ୍ତୁତି ଗୋଷ୍ଠୀ ଭାବେ ସ୍ୱୀକୃତି ମିଳିଛି । ଓସ୍‌ଡମା ପକ୍ଷରୁ ବିଭିନ୍ନ ସଂସ୍ଥା ସହିତ ରାଜିନାମା ସ୍ୱାକ୍ଷର କରାଯାଇଛି । ଭୁବନେଶ୍ୱର ଓ କଟକ ଦୁଇଟି ସହରରେ ବ୍ୟାପକ ଅଗ୍ନି ସୁରକ୍ଷା ଲାଗି ଅଗ୍ନିଶମ ବିଭାଗ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରିଛି । ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଆଶ୍ରୟସ୍ଥଳୀ ସ୍ତରରେ ୪୦,୭୦୦ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଛି । ୧୮,୭୫୦ ଜଣ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟି(ସିଏସ୍‌ଏମ୍‌ଏମ୍‌ସି) ଏବଂ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟି (ଏଫ୍‌ଏସ୍‌ଏମ୍‌ଏମ୍‌ସି)ର ସଦସ୍ୟମାନଙ୍କୁ ଗୋଷ୍ଠୀଭିତ୍ତିକ ଆଶ୍ରୟ ପରିଚାଳନା ଉପରେ ତାଲିମ ଦିଆଯାଇଛି । ଓଡ଼ିଶା ସରକାରଙ୍କ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ ସାମିଲ କରାଯାଇଛି । ଅଗ୍ନିଶମ ଓ ଜରୁରିକାଳୀନ ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅଗ୍ନିଶମ ଓ ଜରୁରିକାଳୀନ ସେବାପାଇଁ ୧୮୦.୩୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟରେ ୫୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ (ଏମ୍‌ସିଏସ୍) ଓ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ (ଏମ୍‌ଏଫ୍‌ଏସ୍) ନିର୍ମାଣ କରାଯାଇଛି । ୬ଟି ଜିଲାରେ ୫୧ଟି ନୂତନ ଆଶ୍ରୟସ୍ଥଳୀ ପାଇଁ ମଞ୍ଜୁର କରାଯାଇଛି । ପାରାଦୀପ, ଗୋପାଳପୁର, ସମ୍ବଲପୁର ଓ ବାଲେଶ୍ୱର ଭଳି ୪ଟି ସ୍ଥାନରେ ବାତ୍ୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗଗୁଡ଼ିକର ପ୍ରଭାବଶାଳୀ ଟ୍ରାକିଂ ପାଇଁ ଡପଲର ରାଡାର ଷ୍ଟେଶନ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ କାର୍ଯ୍ୟକଳାପ ଗ୍ରହଣ କରିବା ପାଇଁ ଏସ୍‌ଡିଏମ୍‌ଏଫ୍ ଅଧୀନରେ ୧୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସେଗୁଡ଼ିକ ମଧ୍ୟରେ ଜଳ ସମ୍ପଦ ବିଭାଗକୁ ବାହାଡ଼ାନାଳାର ଗ୍ରୋଏନ ଓ ନଦୀ ମୁହାଣ ଖୋଲା ଏବଂ ମାର୍କଣ୍ଡଠାରେ ବାହାଡ଼ାନାଳାର ନଦୀ ମୁହାଣ ଡ୍ରେଜିଂ ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି । ଓସ୍‌ଡମା ଗତ ୩୦ ବର୍ଷର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରିପୋର୍ଟ ପ୍ରସ୍ତୁତ କରି ପ୍ରକାଶ କରିଛି ।



ଖବରଦାତା ସମ୍ମିଳନୀରେ ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର ଓ ଡ. ସସ୍ମିତ ପାତ୍ର।

# ଆନ୍ଧ୍ର-ଓଡ଼ିଶା ପ୍ରଶାସନ ଆଲୋଚନା ଭିଡିଓ ଭାଇରାଲ

## କୋଟିଆ ପଞ୍ଚାୟତରେ ଭୋଟର୍‌ଙ୍କୁ ପ୍ରଭାବିତ କରାଯିବନି

ପଟ୍ଟାଙ୍ଗି,୨୭।୩(ଶରତ ଧଳ)

ଆନ୍ଧ୍ର ସୀମାକୁ ଲାଗିଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ର- ଓଡ଼ିଶା ମଧ୍ୟରେ କିପରି ଶାନ୍ତି ଶୃଙ୍ଖଳାର ସହ ମତଦାନ ହେବ ସେ ନେଇ ଉଭୟ ପ୍ରଶାସନ ମଧ୍ୟରେ ଆଲୋଚନାର ଏକ ଭିଡିଓ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ନେଇ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟମ୍ ଜିଲାପାଳ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଉଥିବା ଦେଖିବାକୁ ମିଳିଛି।

ସୂଚନାଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପଞ୍ଚାୟତରେ ଥିବା ୯ଟି ବୁଥ୍‌ରେ କିପରି ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇପାରିବ ସେନେଇ ଆନ୍ଧ୍ର ସରକାର କୋରାପୁଟ ଜିଲା ପ୍ରଶାସନ ସହଯୋଗ କରିବ ବୋଲି ନିଜ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଖବରଦାତା ସମ୍ମିଳନୀ କରି ପାର୍ବତୀପୁରମ୍ ଜିଲାପାଳ ସୂଚନା ଦେଉଛନ୍ତି। ଅନୁରୂପ ଆନ୍ଧ୍ର ରାଜ୍ୟ ପକ୍ଷରୁ ଉକ୍ତ ପଞ୍ଚାୟତରେ ଥିବା ୩ ବୁଥ୍‌ରେ ଯେପରି ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇପାରିବ ସେ ନେଇ କୋରାପୁଟ ଜିଲା ପ୍ରଶାସନ ସହମତି ପ୍ରକାଶ କରିଥିବା ନେଇ ଉକ୍ତ ଭିଡିଓରେ ଆନ୍ଧ୍ର ଜିଲାପାଳ କହୁଥିବା ଦେଖିବାକୁ ମିଳିଛି। ଉଭୟ ରାଜ୍ୟର ଜିଲା ପ୍ରଶାସନ କୋଟିଆ ପଞ୍ଚାୟତ ଭୋଟର୍‌ମାନେ ଯେପରି ନିଜ ନିଜର ମତଦାନ ସାବ୍ୟସ୍ତ କରିବାରେ ପ୍ରଭାବିତ ହେବେ ନାହିଁ ଓ ଉଭୟ ଜିଲା ପ୍ରଶାସନ ମଧ୍ୟରେ ବୁଝାମଣା ହୋଇ ଏଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିବା ଆନ୍ଧ୍ର ଜିଲାପାଳ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି ।

ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ପଚାରିବାରୁ ପୂର୍ବରୁ ସୀମାନ୍ତ ପଞ୍ଚାୟତରେ ଯେପରି ନିର୍ବାଚନ ହୋଇଥିଲା ଚଳିତ ନିର୍ବାଚନ ମଧ୍ୟ ସେହିପରି ପରିଚାଳିତ ହେବ। କିନ୍ତୁ ଆନ୍ଧ୍ରର କୌଣସି ବୁଥ୍ ଓଡ଼ିଶା ସୀମାନ୍ତ ଭିତରେ ନାହିଁ। କେବଳ ନେରେଡିବାଲ୍‌ସା ବୁଥ୍ ଆନ୍ଧ୍ରରେ ରହିଛି। କୋଟିଆ ପଞ୍ଚାୟତର ସମସ୍ତ ଗାଁ ଓଡ଼ିଶା ଭିତରେ ଅଛି। ନିକଟରେ ଆନ୍ଧ୍ର -ଓଡ଼ିଶା ମଧ୍ୟରେ ଏକ କୋର୍ଡିନେଶନ ବୈଠକ ହୋଇଥିଲା। ଯେଉଁଥିରେ କି ଉକ୍ତ ଭିଡିଓ ଯାହା ଭାଇରାଲ ହେଉଛି ତାହା ଆଲୋଚନା ହୋଇଥିବା ଜିଲାପାଳ କହିଥିଲେ।

# ହୋଲିରେ ଅଘଟଣ: ପାଣିରେ ବୁଡ଼ି ୨ ଯୁବକ ମୃତ

ନିଶ୍ଚିନ୍ତକୋଇଲି/ ସାଲେପୁର, ୨୭।୩
(ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)

କଟକ ଜିଲା ନିଶ୍ଚିନ୍ତକୋଇଲି ଓ ସାଲେପୁର ଥାନା ଅଧୀନରେ ମଙ୍ଗଳବାର ହୋଲିରେ ରଙ୍ଗ ଖେଳି ସାରି ଗାଧୋଇବା ବେଳେ ୨ ଯୁବକଙ୍କର ମୃତ୍ୟୁ ଘଟିଛି। ନିଶ୍ଚିନ୍ତକୋଇଲି ବୋଧଙ୍ଗ ଗାଁର ଜଣେ ଯୁବକ ଲୁଣାନଦୀରେ ଗାଧୋଇବାକୁ ଯାଇ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ସରପଡା ପଞ୍ଚାୟତ ବୋଧଙ୍ଗ ଗାଁର ସୌମ୍ୟପ୍ରକାଶ ସ୍ୱାଇଁ(୧୮)। ରଙ୍ଗ ଖେଳି ସେ ଲୁଣାନଦୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଗଣ୍ଡରେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେବାରୁ କର୍ମଚାରୀମାନେ ଆସି ନଦୀରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରିଛି। ସେହିପରି ସାଲେପୁର ଥାନା ଅଧୀନ ଛାଣିପୁର ଗାଁର ସରୋଜ ଦାଶଙ୍କ ପୁଅ ଆଶିଷ(୧୭)ଙ୍କର କରମୁଆ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ରଙ୍ଗ ଖେଳି ସାରି ଅପରାହ୍ନରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଗୋଡ ଖସି ଯାଇ ଗଭୀର ଜଳକୁ ଚାଲି ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇବା ସହ (ନଂ.୮/୨୪) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ରେ ପଢୁଥିଲେ। ସରୋଜଙ୍କର ଏକମାତ୍ର ପୁଅ ଆଶିଷ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ରଙ୍ଗଖେଳରୁ ଯୁବକଙ୍କୁ ହତ୍ୟା: ୨ ବିଜେଡି ନେତା ଗିରଫ

**କୁଚିଣ୍ଡା, ୨୭।୩ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଉଜ୍ଜକାପାଟ ପଞ୍ଚାୟତ କେନ୍ଦୁପାଣି(ହରିଜନପଡ଼ା)ଠାରେ ମଙ୍ଗଳବାର ହୋଲି ଅବସରରେ ରଙ୍ଗଖେଳରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ କେନ୍ଦୁପାଣିର ଚିନ୍ମୟ ହାତୀ (୨୮)। ପୋଲିସ ହତ୍ୟା ଅଭିଯୋଗରେ ବାଉଁଶଲଗା ପଞ୍ଚାୟତ ବାଦପଡ଼ାର ବିଜେଡି ନେତା ମେଘନାଦ ଛତ୍ରିଆ (୩୫) ଓ ଉଜ୍ଜକାପାଟ ପଞ୍ଚାୟତ ବିଜେଡି ସଭାପତି କେନ୍ଦୁପାଣିର ପ୍ରମୋଦ ମହାନନ୍ଦ (୨୯)ଙ୍କୁ ଗିରଫକରି ବୁଧବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ହତ୍ୟାରେ ବ୍ୟବହୃତ ଛୁରି ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଛି। ମୃତକଙ୍କ ଭାଇ ପୁରୁଷୋତ୍ତମ ହାତୀ ଓରଫ ଭରତଙ୍କ ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନାରେ ଆଇପିସି ଧାରା ୩୪୧/୩୦୨/୩୦୭/୩୪ରେ ମାମଲା (ନଂ.୫୫/୨୪) ରୁଜୁକରି ତଦନ୍ତ ଚଳାଇଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସରକାରୀ ସହାୟତା ଦାବିରେ ଥାନା ସମ୍ମୁଖରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନ, କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର କୁମାର ବେହେରା, କୁଚିଣ୍ଡା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ମହୁଲପାଲି ଓଆଇସି ସୁମିତ ଫିରୋଜ ଏକ୍କା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଓ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ସହାୟତା

## ଥାନା ଆଗରେ ମୃତଦେହ ରଖି ରାସ୍ତାରୋକୋ



ଗିରଫ ୨ ଅଭିଯୁକ୍ତ।

ପ୍ରତିଶ୍ରୁତି ଦିଆଯିବାରୁ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।

ଅଭିଯୋଗ ସୂଚନା ଅନୁଯାୟୀ ମଙ୍ଗଳବାର ହୋଲି ଅବସରରେ କେନ୍ଦୁପାଣିର ଯୁବକମାନେ ନାଚଗୀତ ସହ ରଙ୍ଗ ଖେଳି ଉତ୍ସବ ପାଳନ କରୁଥିଲେ। ଏଥିରେ ବିଜେଡି ପଞ୍ଚାୟତ ସଭାପତି ପ୍ରମୋଦ ମହାନନ୍ଦ ଓ ଚିନ୍ମୟ ମଧ୍ୟ ସାମିଲ ହୋଇଥିଲେ। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାଚଗୀତ ଚାଲିଥିଲା। ପ୍ରମୋଦ ନାଚଗୀତ ବନ୍ଦ କରିବାକୁ ଯୁବକମାନଙ୍କୁ କୁଆଡ଼େ ମନା କରିଥିଲେ। ଏହାକୁ ନେଇ ପ୍ରମୋଦଙ୍କ ସହ ଯୁବକମାନଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରମୋଦ ବାଦପଡ଼ାର ବିଜେଡି ନେତା ମେଘନାଦ ଛତ୍ରିଆଙ୍କୁ ଫୋନ୍‌ରେ ଡାକିଥିଲେ। ମେଘନାଦ ପହଞ୍ଚି ନାଚଗୀତ କରୁଥିବା ଯୁବକଙ୍କୁ ଧମକଚମକ ଦେଇଥିଲେ। ଯୁବକମାନେ ଏଥିରେ ରାଗିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ପରେ ମେଘନାଦ ଏକ ଛୁରି ସାହାଯ୍ୟରେ ପ୍ରଥମେ ଦୀପକ ସୁନାନୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଚିନ୍ମୟ ଗହଳି ଭିତରକୁ ପଶି ଛଡ଼ାଇବାକୁ ଉଦ୍ୟମ କରିଥିଲେ। ମାତ୍ର ମେଘନାଦ ତାଙ୍କୁ ମଧ୍ୟ ଛୁରିରେ ଆକ୍ରମଣ କରିଥିଲେ। ଚିନ୍ମୟ ଗୁରୁତର ହୋଇ ତଳେ ପଡ଼ିଯିବା ଦେଖି ମେଘନାଦ ଓ ପ୍ରମୋଦ ସେଠାରୁ ଫେରାର ମାରିଥିଲେ। ଆହତ ଚିନ୍ମୟ ଓ ଦୀପକଙ୍କୁ ପରିବାର ଲୋକେ ପ୍ରଥମେ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଚିନ୍ମୟଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତ ଦୀପକଙ୍କୁ ପରିବାର ଲୋକେ ରାଉରକେଲାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣାକୁ ନେଇ କେନ୍ଦୁପାଣିରେ ଚାପା ଉତ୍ତେଜନା ଲାଗିରହିଛି। ଘଟଣା ଉପରେ ପୋଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ଏସ୍‌ଡିପିଓ ପଣ୍ଡା ପ୍ରକାଶ କରିଛନ୍ତି।

## ମଦ ବୋତଲରେ ଭୁସି ଯୁବକଙ୍କୁ ହତ୍ୟା

**ରାୟଗଡ଼ା, ୨୭।୩ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ରାମକୃଷ୍ଣନଗରରେ ବୁଧବାର ଦିନ ଦ୍ୱିପ୍ରହରରେ ମୁଖ୍ୟ ରାସ୍ତା ଉପରେ ଏକ ହତ୍ୟାକାଣ୍ଡ ଘଟିଛି। ଘାସିରାମ ଝୋଡ଼ିଆ ନାମକ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ କ୍ରିଷ୍ଣା କଣ୍ଡାଗରି (୩୦)ଙ୍କ ପେଟରେ ଭଙ୍ଗା ମଦ ବୋତଲ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ କ୍ରିଷ୍ଣାଙ୍କ ଘର ରାୟଗଡ଼ା ସହରର ରେଲୱେ କଲୋନିରେ।

ଘଟଣାରୁ ପ୍ରକାଶ ଯେ, କ୍ରିଷ୍ଣା ଓ ଘାସିରାମଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ନିଶାସକ୍ତ ଅବସ୍ଥାରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଘାସିରାମ ଏଥିରେ ଉତ୍ତ୍ୟକ୍ତ ହୋଇ ନିଜେ ଧରିଥିବା ମଦ ବୋତଲ ଭାଙ୍ଗି କ୍ରିଷ୍ଣାଙ୍କ ଶରୀରର ବିଭିନ୍ନ ସ୍ଥାନରେ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ କ୍ରିଷ୍ଣା ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚି କ୍ରିଷ୍ଣାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲକୁ ଆଣିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସଂଘମିତ୍ରା ପାତ୍ର କହିଛନ୍ତି। ଏଣେ ଖବରପାଇ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରାୟଗଡ଼ା ଥାନାରେ ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଘାସିରାମଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ କ୍ରିଷ୍ଣାଙ୍କ ସ୍ତ୍ରୀ ଓ ଛୋଟ ଝିଅ ଅଛନ୍ତି। ଏହି ଖବରପାଇବା ପରେ ମେଡିକାଲରେ ଭିଡ଼ ଜମିଥିଲା। କୌଣସି ଅଘଟଣ ଆଶଙ୍କାରେ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।




# ଥାନା ହେପାଜତରେ ଯୁବକଙ୍କ ମୃତ୍ୟୁ

**ଯୋଡ଼ା, ୨୭।୩ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ବିରିକଳା ଗ୍ରାମର ଦିନେଶ ନାଏକ(୨୩)। ଏକ ନାବାଳିକା ବଳାତ୍କାର ମାମଲାରେ ପୋଲିସ ତାଙ୍କୁ ଅଟକ ରଖିଥିଲା। ବଳାତ୍କାର ମାମଲାରେ ଜଣେ ଯୁବକଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଥାନାରେ ଅଟକ ରଖାଯିବା ଏବଂ ତାଙ୍କର ହେପାଜତରେ ମୃତ୍ୟୁ ଘଟିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ପୋଲିସ ରବିବାର ସନ୍ଧ୍ୟାରେ ଦିନେଶଙ୍କୁ ମାମଲା ନଂ. ୧୪୧/୨୪ ଓ ଆଇପିସି ଦଫା ୩୭୬, ୫୦୬ରେ ତାଙ୍କ ଘରୁ ଉଠାଇ ଆଣି ହେପାଜତରେ ରଖିଥିଲା। ମଙ୍ଗଳବାର ଅପରାହ୍ଣରେ ଦିନେଶ ଥାନା ହେପାଜତ ଭିତରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଯୋଡ଼ା ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଘଟିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଥାନା ଓ ଡାକ୍ତରଖାନାରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଥାନା ହେପାଜତରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ବେଳେ ଯୋଡ଼ା ଥାନା ଅଧିକାରୀ ଲୋକେଶ ସାହୁ ଏ ସମ୍ପର୍କରେ କୌଣସି ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ କହିଛନ୍ତି, ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ରବିବାର ସନ୍ଧ୍ୟାରେ ଦିନେଶଙ୍କୁ ପୋଲିସ ବଳାତ୍କାର ମାମଲାରେ ଉଠାଇ ଆଣିଥିବା ବେଳେ ୨୪ ଘଣ୍ଟା ମଧ୍ୟରେ କୋର୍ଟଚାଲାଣ କରିବା କଥା। ମାତ୍ର ତାଙ୍କୁ ମଙ୍ଗଳବାର ଅପରାହ୍ଣ ପର୍ଯ୍ୟନ୍ତ ଥାନାରେ କିପରି ଅଟକ ରଖା ଯାଇଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ବିଚାରାଧୀନ ଅଭିଯୁକ୍ତଙ୍କ ସନ୍ଦେହଜନକ ମୃତ୍ୟୁ

**ହିନ୍ଦୋଳ, ୨୭।୩ (ବ୍ରହ୍ମାନନ୍ଦ ପଟ୍ଟନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପକାରାଗାରରେ ଥିବା ବିଚାରାଧୀନ ହତ୍ୟା ଅଭିଯୁକ୍ତ ରୁପାଲି ଗ୍ରାମର ବିଜୟ ନାଏକଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ସନ୍ଧ୍ୟାରେ ହିନ୍ଦୋଳ ମେଡିକାଲକୁ ଅଣାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ବିଜୟଙ୍କ ଗ୍ରାମର କେତେଜଣ ଲୋକ ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ବୁଧବାର ସକାଳୁ ସେମାନେ ଘଟଣାର ତଦନ୍ତ ଦାବିରେ ମେଡିକାଲ ଛକ ଠାରେ ୮ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତହସିଲଦାର ଦିଲୀପ ସେଠୀ, ଏସ୍‌ଡିପିଓ ଦୀପକ ଜେନା, ହିନ୍ଦୋଳ ଥାନା ଆଇଆଇସି ଚାରୁଲତା ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ୨୦୨୩ ଡିସେମ୍ବରରେ ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ରୁପାଲି ଗ୍ରାମର ବିଜୟ ନାଏକ ଓ ତାଙ୍କ ପୁଅ ଜିତୁ ନାଏକ ସ୍ୱାଇଁ ସାଗର ବାରିକଙ୍କୁ ହତ୍ୟା କରି ଲୁଚେଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ସାଗରଙ୍କ ମାମୁ ଏ ନେଇ ହିନ୍ଦୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗତ ଜାନୁଆରୀ ୩ରେ ବିଜୟ ଓ ପୁଅ ଜିତୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାକଚ ହେବାରୁ ଦୁହିଁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ସେବେଠାରୁ ବାପା-ପୁଅ ବିଚାରାଧୀନ ଅଭିଯୁକ୍ତ ଭାବେ ଜେଲ ହାଜତରେ ରହିଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟାରେ ବିଜୟ ଅସୁସ୍ଥ ହୋଇଯିବାରୁ ତାଙ୍କୁ ହିନ୍ଦୋଳ ମେଡିକାଲକୁ ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଏସ୍‌ଡିଏମ୍‌ଓ ଡାକ୍ତର ସୁଧାଂଶୁ ମିଶ୍ର କହିଛନ୍ତି, ପୂର୍ବରୁ ୨/୩ ଥର ବିଜୟଙ୍କ ଚିକିତ୍ସା ମେଡିକାଲରେ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟାରେ ତାଙ୍କୁ ଚିକିତ୍ସା କରାଯାଉଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା।

## ଯାତ୍ରୀବାହୀ ବସ୍ ଦୁର୍ଘଟଣା, ଜଣେ ମୃତ, ୧୦ଗୁରୁତର



ଦୁର୍ଘଟଣାସ୍ଥଳରେ ଓଲଟି ପଡ଼ିଥିବା ବସ୍।

**କୋରାପୁଟ, ୨୭।୩ (ଅମିତାଭ ବେହେରା)**

କୋରାପୁଟ-ରାୟଗଡ଼ା ରାସ୍ତା ପୋଡାଗଡ ପାୱାର ଗ୍ରୀଡ୍ ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ଖମ୍ବେଶ୍ୱରୀ ନାମକ ଯାତ୍ରୀବାହୀ ବସ୍ ପିଟିହୋଇ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଗୁରୁତର ହୋଇଛନ୍ତି। ମୃତକ ହେଲେ ନାରାୟଣ ରଥ (୫୪)। ତାଙ୍କ ଘର ଜୟପୁରର ଚିଲିଗୁଡ଼ା ବୋଲି ଜଣାପଡିଛି। ବସ୍‌ଟି ମାଲକାନଗିରିରୁ ବ୍ରହ୍ମପୁର ଯାଉଥିଲା। ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକ ଏବଂ କୋରାପୁଟ ଟାଉନ ଏବଂ ସଦର ପୁଲିସର ମିଳିତ ଉଦ୍ୟମରେ ଗ୍ୟାସ କଟର ସାହାଯ୍ୟରେ ଗୁରୁତରଙ୍କୁ ଉଦ୍ଧାର କରାଯାଇଛି। ଆହତଙ୍କୁ ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୁରୁତର ୫ ଜଣଙ୍କୁ କୋରାପୁଟ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି।






ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା

# ଅପ୍ରକାଶ୍ୟ ଋଣ ସମସ୍ୟା



ପାବ୍‌ଲୋ ସାଭେଡ୍ରା
ଭାଇସ୍ ପ୍ରେସିଡେଣ୍ଟ (ଇକ୍ୱିଟେବଲ ଗ୍ରୋଥ୍), ଫାଇନାନ୍ସ ଆଣ୍ଡ ଇନ୍‌ଷ୍ଟିଚ୍ୟୁଶନ, ବିଶ୍ୱ ବ୍ୟାଙ୍କ



ମାନୁଏଲା ଫ୍ରାନ୍ସିକୋ
ଗ୍ଲୋବାଲ ଡାଇରେକ୍ଟର (ମାକ୍ରୋଇକୋନୋମିକ୍ସ, ଟ୍ରେଡ୍ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ), ବିଶ୍ୱବ୍ୟାଙ୍କ

ଗତ କିଛି ବର୍ଷ ମଧ୍ୟରେ କୋଭିଡ୍-୧୯ ମହାମାରୀଠାରୁ ଆରମ୍ଭକରି ଉନ୍ନତ-ଅର୍ଥ ବ୍ୟବସ୍ଥାର ସୁଧ ହାର ବୃଦ୍ଧି ଭଳି ଘଟଣା ଭିନ୍ନ ସ୍ଥିତି ସୃଷ୍ଟି କରିଛି। ଏଥିରେ ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥା ଋଣ ପରିଶୋଧ କରିବାକୁ ସଂଘର୍ଷ କରୁଛନ୍ତି। କିନ୍ତୁ ସାରା ବିଶ୍ୱ ଯାହା ଅନୁଭବ କରୁଛି ତା'ଠାରୁ ଏହି ସମସ୍ୟା ଆହୁରି ବଡ଼ ହୋଇପାରେ। କାରଣ ଅନେକ ଦେଶ କରିଥିବା ଋଣ ଗୁପ୍ତ, ଅପ୍ରକାଶ୍ୟ କିମ୍ବା ଅସ୍ପଷ୍ଟ ରହିଛି। ଏହା ନୀତି ନିର୍ଦ୍ଧାରକ ଏବଂ ନିବେଶକମାନଙ୍କୁ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାରେ ବି ବାଧା ସୃଷ୍ଟି କରୁଛି। ଦେଖାଯାଉଛି, କେତେକ ନିମ୍ନ ଆୟବର୍ଗର ଦେଶ ସେମାନଙ୍କ ଋଣ ତଥ୍ୟ ପ୍ରକାଶକରି ବିକାଶ କରିଛନ୍ତି। ସଦ୍ୟ ପ୍ରକାଶିତ ଡେବିଟ ରିପୋର୍ଟିଂ ହିଟ୍ ମ୍ୟାପ୍ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୧ରେ ୬୦% ତଥ୍ୟ ପ୍ରକାଶ କରାଯାଇଥିବାବେଳେ ଏବେ ଏହା ବୃଦ୍ଧି ଘଟି ୮୦%ରେ ପହଞ୍ଚିଛି। କିନ୍ତୁ କେତେକ ଦେଶ ପୂର୍ବର ଖରାପ ସ୍ଥିତିକୁ ଫେରିଛନ୍ତି, ଅସମାନତା ଅଧିକ ଦେଖାଯାଇଛି ଓ ପୂର୍ବଭଳି ଦୁର୍ବଳ ରହିଛନ୍ତି। ଉଦାହରଣ ସ୍ୱରୂପ, ସୂଚନା ପର୍ଯ୍ୟାପ୍ତ ପରିମାଣରେ ସମ୍ପୂର୍ଣ୍ଣ ବିବରଣୀ ସହ ଶୀଘ୍ର ପ୍ରକାଶିତ ହୋଇ ନ ପାରେ ଏବଂ ଦେଶଗୁଡ଼ିକ ଅନ୍ୟ ସାର୍ବଜନୀନ ତଥା ସାର୍ବଜନୀନ ଗ୍ୟାରେଣ୍ଟିଯୁକ୍ତ ଋଣକୁ ବାଦ୍ ଦେଇ କେବଳ କେନ୍ଦ୍ରୀୟ ସରକାରୀ ଋଣ ସମ୍ପର୍କରେ ପ୍ରକାଶ କରିପାରନ୍ତି।

ଦେଶ ଭିତରେ ମୋଟ ଘରୋଇ ଋଣ ବିଷୟରେ ବିଚାରକୁ ନିଆଯାଉ। ଆର୍ଥିକ ବଜାରଗୁଡ଼ିକରୁ ବାହାରେ ରହିଥିବା ଅନେକ ସ୍ୱଳ୍ପ ଆୟକାରୀ ଦେଶ ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ବହୁ ସମୟରେ କାହାକୁ କିଛି ନ ଜଣାଇ ଘରୋଇ ଋଣ ପ୍ରଦାନ ଉପାୟର ସାହାରା ନେଇଛନ୍ତି। ସେହିପରି ପୂର୍ବ ନିର୍ଦ୍ଧାରିତ ବିନିମୟ ହାରରେ ଦୁଇ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ହୋଇଥିବା ଅସ୍ପଷ୍ଟ ବୁଝାମଣାର ଧାରାକୁ ବହୁ ଋଣଗ୍ରସ୍ତ ଋଣଗ୍ରହୀତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବହୃତ ହେଉଛି। ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ସରକାରୀ ଋଣ ସ୍ୱଚ୍ଛତା ଉପରେ ୱାର୍ଲ୍ଡ ବ୍ୟାଙ୍କର ୨୦୨୧ କମ୍ପ୍ରେହେନ୍‌ସିଭ ରିପୋର୍ଟ ଏହି ଦୁଇଟି ଧାରାକୁ ଆକଳନ କରିଥିଲା।

ଋଣ ତଥ୍ୟର ସ୍ୱଚ୍ଛତା ବଢ଼ାଇବା ପାଇଁ ତିନୋଟି ପ୍ରମୁଖ କ୍ଷେତ୍ରରେ ପଦକ୍ଷେପ ନେବାକୁ ପଡ଼ିବ। ପ୍ରଥମେ, ସରକାରୀ ଋଣକୁ ରେକର୍ଡ ଏବଂ ପରିଚାଳନା କରିବାକୁ ଆମକୁ ସଫ୍ଟୱେର ବିକାଶ କରିବାକୁ ପଡ଼ିବ। ଯେପରି ବ୍ୟକ୍ତିମାନେ ସେମାନଙ୍କର ବ୍ୟକ୍ତିଗତ ଆର୍ଥିକ ପରିଚାଳନା ପାଇଁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରନ୍ତି, ସରକାରଗୁଡ଼ିକ ସେମାନଙ୍କର ଋଣ ପୋର୍ଟଫୋଲିଓ ପରିଚାଳନା ପାଇଁ ବିଶେଷ ସଫ୍ଟୱେର୍ ଉପରେ ନିର୍ଭର କରନ୍ତି। କିନ୍ତୁ ସାଧାରଣତଃ ବଜେଟ, ଆକାଉଣ୍ଟିଂ ଏବଂ ଟ୍ରେଜେରି ପ୍ରକ୍ରିୟା ପରିଚାଳନା ପାଇଁ ଏକ ସମନ୍ୱିତ



ସୂଚନା ପ୍ରଯୁକ୍ତି ସମାଧାନ ପାଇଁ ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକ ସେମାନଙ୍କର ନିଜସ୍ୱ ସିଷ୍ଟମ ଡିଜାଇନ କରୁଥିବାବେଳେ ଅଧିକାଂଶ ସ୍ୱଳ୍ପ ଆୟକାରୀ ଦେଶ ଅନ୍ତର୍ଜାତୀୟ ସମ୍ପ୍ରଦାୟ ପ୍ରାୟୋଜିତ ' ଅଫ୍ ଦି ସେଲ୍' ସଫ୍ଟୱେର୍ ଉପରେ ନିର୍ଭର କରନ୍ତି। ଏହି ବ୍ୟବସ୍ଥାଗୁଡ଼ିକ ପ୍ରାୟତଃ ଦେଶଗୁଡ଼ିକରେ ବୃଦ୍ଧି ପାଉଥିବା ଋଣଜନିତ ତଥ୍ୟରେ ଥିବା ଜଟିଳତାକୁ ମୁକାବିଲା କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହାବ୍ୟତୀତ ବ୍ୟାପକ ତଥା ସମୟ ଉପଯୋଗୀ ଋଣ ରିପୋର୍ଟ ପ୍ରକାଶରେ ବାଧା ସୃଷ୍ଟିକରେ। ଡେବିଟ୍ ସର୍ଭିସ୍ ସସ୍‌ପେନ୍‌ସନ ଇନିସିଏଟିଭ ପରେ ଜି୨୦ର କମନ୍ ଫ୍ରେମ୍‌ୱାର୍କ ଫର୍ ଡେବିଟ୍ ଟ୍ରିଟ୍‌ମେଣ୍ଟ ଦ୍ୱାରା କରାଯାଇଥିବା ଋଣ ବୁଝାମଣା ସମୟରେ ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଥିଲା। କମନ୍ ଫ୍ରେମ୍‌ୱାର୍କ ପାଇଁ ପ୍ରଯୁଜ୍ୟ ଚାଦ୍, ଇଥିଓପିଆ, ଘାନା ଏବଂ ଜାମ୍ବିଆର ଋଣ ରେକର୍ଡ ଅନେକ ସମୟରେ ଅସମ୍ପୂର୍ଣ୍ଣ ଏବଂ ଭୁଲ୍ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ଏକ୍ସେଲ ସ୍ପ୍ରେଡ୍‌ସିଟ୍‌ଗୁଡ଼ିକୁ ଗ୍ରହଣ କରାଯାଇଥିଲା ଏବଂ ଏହା ଥିଲା ଏକ ମାସର ପ୍ରକ୍ରିୟା, ଯାହା ପୁନଃ ନିର୍ମାଣ ବୁଝାମଣାକୁ ଯଥେଷ୍ଟ ବିଳମ୍ବ କରିଥିଲା।

ଉନ୍ନତ ଋଣ ପରିଚାଳନା ପଦ୍ଧତିର ଡିଜାଇନରେ ସହଯୋଗ କରିବାକୁ ଏକ ଟାସ୍କଫୋର୍ସ ଗଠନ କରିବାକୁ ଆମେ ସୁପାରିସ କରିଥିଲୁ। ସମସ୍ତ ମୁଖ୍ୟ ସେବା ପ୍ରଦାନକାରୀଙ୍କ ଯୋଗଦାନ ସହ ଟାସ୍କଫୋର୍ସ ସଦସ୍ୟମାନେ ଋଣ ପରିଭାଷା ଏବଂ ଗଣନା ପ୍ରଣାଳୀକୁ ମାନକୀକୃତ କରିବା, କମ୍ପ୍ୟୁଟରରେ ତଥ୍ୟ ଗଣନା କରିବାକୁ ଏହା ମାନକୀକୃତ କରିପାରିବେ ଏବଂ ଉପଭୋକ୍ତା-ଅନୁକୂଳ ଆଇଟି ସମାଧାନର ବିକାଶକୁ ଆଗେଇନେବେ। ସେହି ଉପାୟରେ ଡେଟାଏଣ୍ଟ୍ରି ଏବଂ ପୁନଃ ବୁଝାମଣାରୁ ବଞ୍ଚିତ ରହିବା ପରିବର୍ତ୍ତେ ଜାତୀୟ କର୍ତ୍ତୃପକ୍ଷ ଋଣ ବିଶ୍ଳେଷଣ ଏବଂ ପରିଚାଳନା ଉପରେ ଧ୍ୟାନ ଦେଇପାରନ୍ତି। ୨୦୨୩ ଜାତିସଂଘ ବାଣିଜ୍ୟ ଏବଂ ବିକାଶ ରିପୋର୍ଟର ପରାମର୍ଶ ଅନୁଯାୟୀ ନୂତନ ଭାବେ ଡିଜାଇନ ହୋଇଥିବା ସଫ୍ଟୱେର୍ ଋଣ ବିତରଣ ଏବଂ ଦେୟ ଉପରେ ଋଣଦାତାଙ୍କଠାରୁ ଇନ୍‌ପୁଟ ପାଇଁ ଅନୁମତି ଦେଇପାରେ। ଏହାଦ୍ୱାରା ସମ୍ପୂର୍ଣ୍ଣ ବୈଧ ତଥ୍ୟ ଉପରେ ଆଧାରିତ ୱାର୍ଲ୍ଡ ବ୍ୟାଙ୍କ ଅନ୍ତର୍ଜାତୀୟ ଋଣ ପରିସଂଖ୍ୟାନ ଏବଂ ଅନ୍ୟାନ୍ୟ ପରିସଂଖ୍ୟାନ ରିପୋର୍ଟ ପ୍ରସ୍ତୁତ କରାଯାଇପାରିବ।

ଋଣର ସ୍ୱଚ୍ଛତାକୁ ମଜଭୁତ କରିବା ପାଇଁ ଆବଶ୍ୟକ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସରକାରୀ ଋଣଗ୍ରହୀତାମାନେ ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ଋଣ ସମ୍ପର୍କିତ ତଥ୍ୟ ପ୍ରକାଶ କରିବାରେ ପ୍ରୋତ୍ସାହନ ସୃଷ୍ଟି କରିବା। ଏଥିପାଇଁ ଜାତୀୟ ଆଇନଗତ ଢାଞ୍ଚାର ସଂସ୍କାର ଆବଶ୍ୟକ ହେବା ସହ ଋଣ ସ୍ୱଚ୍ଛତା ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ବହୁପକ୍ଷୀୟ ସଙ୍ଗଠନର ପ୍ରୟାସ ଲୋଡ଼ା। ପୂର୍ବରୁ ବିଶ୍ୱବ୍ୟାଙ୍କର ସ୍ଥାୟୀ ବିକାଶ ବିତ୍ତୀୟ ନୀତିରେ ଅନ୍ତର୍ଜାତୀୟ ବିକାଶ ସଙ୍ଗଠନର ସମର୍ଥନ ପାଉଥିବା ନିମ୍ନ ଏବଂ ମଧ୍ୟବିତ୍ତ ଆୟକାରୀ ଦେଶଗୁଡ଼ିକ ପାଇଁ ଋଣ ତଥ୍ୟ ପ୍ରକାଶ ପ୍ରୋତ୍ସାହନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ୪୦ରୁ ଅଧିକ ସ୍ୱଳ୍ପ ଆୟକାରୀ ଦେଶରେ ଋଣସମ୍ପର୍କିତ ରିପୋର୍ଟ ଏବଂ କଭରେଜରେ ଉନ୍ନତି ଆଣିବାରେ ସହାୟକ ହୋଇଛି। ଋଣ ପୁନର୍ଗଠନ ଏଭଳି ପ୍ରୋତ୍ସାହନଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସୁଯୋଗ ସୃଷ୍ଟିକରେ। ଜାମ୍ବିଆ କ୍ଷେତ୍ରରେ ବକେୟା ଋଣ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବା ଏବଂ ଅନେକ ସମୟରେ କଠିନ ଋଣ-ସମନ୍ୱୟ ପ୍ରକ୍ରିୟା ବ୍ୟବହାର କରାଯାଇପାରିବ ଏବଂ ଏହା ମଧ୍ୟ ଆବଶ୍ୟକ। ଏହା ଦେଶଗୁଡ଼ିକର ଋଣ ରେକର୍ଡକୁ ସ୍ୱଚ୍ଛ ଓ ସଙ୍ଗଠିତ କରିବାକୁ ସୁଯୋଗ ଦେଇଥାଏ। ଋଣମୁକ୍ତି ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଡେଟା ପ୍ରାବଧାନକୁ ଉତ୍ସାହିତ କରିବ। ଋଣ ମୁକ୍ତି ପାଇଁ ଉପଯୁକ୍ତ ମାନଦଣ୍ଡ ସର୍ବନିମ୍ନ ସ୍ୱଚ୍ଛତା ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରିପାରିବ।

ତୃତୀୟରେ ଋଣଦାତାଙ୍କ ଦ୍ୱାରା ଉନ୍ନତ ରିପୋର୍ଟିଂର ପ୍ରଗତି ଆବଶ୍ୟକ। ଔପଚାରିକ ଦ୍ୱିପାକ୍ଷିକ ଋଣପ୍ରଦାନରେ ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ ଋଣଦାତା ଦେଶଗୁଡ଼ିକ ସ୍ଥାୟୀ ଆର୍ଥିକ ସହାୟତା ଲାଗି ଜି୨୦ର କାର୍ଯ୍ୟକାରୀ ମାର୍ଗଦର୍ଶିକାର ସୁପାରିସକୁ ଅନୁସରଣ କରିପାରିବେ ; ଯଥା ତଥ୍ୟ ସଂଗ୍ରହରେ ଉନ୍ନତି ଆଣିବା ଏବଂ ନୂତନ ତଥା ଏବକାର ଋଣ ଉପରେ ଅଧିକ ସୂଚନା ପ୍ରକାଶନ କରିବା। ଦ୍ୱିପାକ୍ଷିକ ଋଣଦାତାମାନେ ପ୍ରତ୍ୟକ୍ଷ ଋଣ, ଗ୍ୟାରେଣ୍ଟି ଏବଂ ରପ୍ତାନି-କ୍ରେଡିଟ୍ ଏଜେନ୍ସି ବୀମା ସହ ଉଭୟ ବକେୟା ଋଣ ଏବଂ ବୈଦେଶିକ ବିନିମୟର ମୂଳ ସର୍ତ୍ତାବଳୀକୁ ସାଧାରଣରେ ପ୍ରକାଶ କରିବା ଉଚିତ। ଆମେରିକାର ଟ୍ରେଜେରି ଋଣଦାତାମାନଙ୍କୁ ସେମାନଙ୍କ ବିତ୍ତୀୟ କାର୍ଯ୍ୟରେ ସ୍ୱଚ୍ଛତା ବଢ଼ାଇବା ଲାଗି ଏକ ଭଲ ମଡେଲ ପ୍ରଦାନ କରିଥାଏ। ଏହିସବୁ ପଦକ୍ଷେପକୁ ସମର୍ଥନ କରିବା ପାଇଁ ଋଣଦାତାମାନେ ନୂତନ ଋଣ ଚୁକ୍ତିରେ ଗୋପନୀୟତା କିମ୍ବା ଗୁପ୍ତ ଧାରା ଅନ୍ତର୍ଭୁକ୍ତ କରିବା ଉଚିତ ନୁହେଁ, ଯାହା ୨୦୨୨ ବିଶ୍ୱ ବ୍ୟାଙ୍କ ରିପୋର୍ଟ ଦାବି କରିଛି। ଋଣ ଆହ୍ୱାନଗୁଡ଼ିକ ସମ୍ମୁଖୀନ କରୁଥିବା ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ମଧ୍ୟରେ ଋଣ ସ୍ୱଚ୍ଛତାକୁ ଦୃଢ଼ କରିବା ଦ୍ୱାରା ଠୋସ୍ ଏବଂ ଅର୍ଥପୂର୍ଣ୍ଣ ପ୍ରଗତି ମିଳିପାରିବ। ବ୍ୟବହାରିକ ବୈଷୟିକ ସମାଧାନ ଏବଂ ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ପୂର୍ଣ୍ଣ ସହଯୋଗରେ ହିଁ ସଫଳତା ମିଳିପାରିବ।

# ଏଇ ଭାରତରେ

ଖରାଦିନ ଆରମ୍ଭରୁ ବେଙ୍ଗାଲୁରୁ ଜଳ ସଙ୍କଟ ଏବେ ଚିନ୍ତାର ବିଷୟ ହୋଇଛି। ପରିସ୍ଥିତି ଏମିତି ଯେ ସେଠାରେ ଲୋକେ ସହର ଛାଡ଼ିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା କରିବା ଲାଗି ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା (ବିବିଏମ୍‌ପି) ଟ୍ୟାଙ୍କର ବ୍ୟବସ୍ଥା କରିଛି। ଏହି ସ୍ଥିତିକୁ ଲକ୍ଷ୍ୟ କରି ପରିବେଶବିତ୍ ଡ.ହରିଚରଣ ଚନ୍ଦ୍ରଶେଖରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରେନ୍ ରିଚ୍ ପ୍ରୋଗ୍ରାମ ଜଳ ସଂରକ୍ଷଣ କ୍ଷେତ୍ରରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି। ଏହି କାର୍ଯ୍ୟକ୍ରମ ବିବିଏମ୍‌ପି ୪୦ଟି ସ୍କୁଲରେ ୯-୧୫ ବର୍ଷ ବୟସର ପିଲାମାନଙ୍କୁ ବର୍ଷାଜଳ ଅମଳ କରିବା, ସ୍ୱେରେଜ ୱାଟର ଟ୍ରିଟ୍ କରିବା ଏବଂ ଉଭୟ ବର୍ଷା ଓ ୱେଷ୍ଟ ୱାଟରର ପୁନଃ ବ୍ୟବହାର କରିବା ଲାଗି ଉତ୍ସାହିତ କରିପାରିଛି। ଉଲ୍ଲେଖନୀୟ ଯେ, ବେଙ୍ଗାଲୁରୁରେ ୯୦% ବର୍ଷାଜଳ ଏବେ ସୁଦ୍ଧା ନଷ୍ଟ ହେଉଛି। ସେହି ଦୃଷ୍ଟିରୁ ଡ. ହରିଚରଣ ବର୍ଷା ଜଳ ସଂରକ୍ଷଣ ପଦ୍ଧତି ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବା ପରେ ସେମାନେ ଏ ଦିଗରେ ସଫଳ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡ. ହରିଚନ୍ଦନ ସ୍କୁଲଗୁଡ଼ିକରେ ବର୍ଷାଜଳ ସଂରକ୍ଷଣ ପଦ୍ଧତି ସ୍ଥାପନ କରିଛନ୍ତି। ଏହା ବ୍ୟତୀତ ବର୍ଷା ପରିମାଣ ମାପ କରିବା ଲାଗି ସ୍କୁଲଗୁଡ଼ିକରେ ରେନ୍ ଗଜ୍ ୱେଦର ଷ୍ଟେଶନ ଏବଂ ଡିଜିଟାଲ ମିଟର ଲଗାଇଛନ୍ତି। ଏବେ ସୁଦ୍ଧା ବେଙ୍ଗାଲୁରୁର ଏହି ସବୁ ସ୍କୁଲ ଦୈନିକ ୩୪ ମିଲିୟନ ଲିଟର ଜଳ ସଂରକ୍ଷଣ କରିବାକୁ ସକ୍ଷମ ହୋଇପାରୁଛନ୍ତି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | 4 | | | | | | | 5 |
| | 7 | | 6 | | | | | 3 |
| | | | | | | 6 | | 8 |
| | | | | | 4 | 7 | | |
| 5 | | 3 | | | | | | |
| | 1 | | | | 9 | 5 | 3 | |
| | | 4 | | 2 | 5 | 9 | | |
| 6 | | | | | | | | 7 |
| | | 1 | | | 8 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 4 | 2 | 8 | 5 | 1 | 9 |
| 1 | 2 | 4 | 9 | 5 | 6 | 3 | 8 | 7 |
| 8 | 5 | 9 | 1 | 3 | 7 | 2 | 6 | 4 |
| 3 | 4 | 1 | 6 | 8 | 2 | 7 | 9 | 5 |
| 7 | 9 | 2 | 3 | 1 | 5 | 6 | 4 | 8 |
| 5 | 6 | 8 | 7 | 9 | 4 | 1 | 2 | 3 |
| 2 | 1 | 7 | 5 | 4 | 9 | 8 | 3 | 6 |
| 9 | 8 | 5 | 2 | 6 | 3 | 4 | 7 | 1 |
| 4 | 3 | 6 | 8 | 7 | 1 | 9 | 5 | 2 |

ଗତ ସଂସ୍କରଣର ଉତ୍ତର

# ଅଦୃଶ୍ୟ ଶତ୍ରୁ



ମାୟାଧର ନାୟକ

ସତ୍ୟ, ତ୍ରେତୟା, ଦ୍ୱାପର, କଳିକାଳରେ ଯେତେ ଯୁଦ୍ଧ ହୋଇଯାଇଛି- ଶତ୍ରୁକୁ ଜାଣି ହେଉଥିଲା- କିନ୍ତୁ ଏ ମହାକଳିକାଳରେ ଅଜଣା ରୋଗ ଓ ମହାମାରୀ ଭଳି ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ମଣିଷର ମହାଯୁଦ୍ଧ ଆରମ୍ଭ ହୋଇଯାଇଛି। କଳିଯୁଗ ସମ୍ପର୍କରେ ଊଣାଅଧିକେ ସମସ୍ତେ ଜାଣନ୍ତି। ସେଇ କଳିଯୁଗର ଶେଷଦୃଶ୍ୟ ମହାକଳିକାଳ। ତେବେ ଯୁଦ୍ଧ ଏବେ ଆଖିକି ଦେଖାଯାଉଥିବା ଶତ୍ରୁ ବିରୁଦ୍ଧରେ ନୁହେଁ- ଅଦୃଶ୍ୟ ବିଭିନ୍ନ ରୋଗ ବିରୁଦ୍ଧରେ। ସମ୍ପ୍ରତି ଅର୍ଥନୀତି, ସାମାଜିକ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ୨୦୦୮-୦୯ରେ ହୋଇଥିବା ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ବିଶ୍ୱବାସୀଙ୍କୁ ଟଳିଟଳାନ୍ତ କରିଦେବା ପରେ କିଛିଟା ସୁଧୁରି ଯାଉଥିଲା। ୨୦୨୦ରେ ସମଗ୍ର ବିଶ୍ୱର ଅର୍ଥନୀତି ଧ୍ୱଂସଆଡ଼କୁ ଗତିକରୁଛି। ସେଥିରୁ ମୁକୁଳି ନ ପାରିଲେ ସମଗ୍ର ବିଶ୍ୱରେ ଦୁର୍ଭିକ୍ଷ ଅବଶ୍ୟମ୍ଭାବୀ ହୋଇପଡ଼ିବ।

ବିଶ୍ୱ ମହାମାରୀ ଆରମ୍ଭ ହେବାକୁ ଯାଉଛି ଆମେରିକାରୁ। ଏ ଖବର ଆମର ନୁହେଁ - ୱାଶିଂଟନ୍ ହାୱାର୍ଡ ଲ' ସ୍କୁଲ ଓ ନ୍ୟୁୟର୍କ ୟୁନିଭର୍ସିଟିର ଏକ ରିପୋର୍ଟରେ ଦାବି କରାଯାଇଛି। ଆମେରିକାର ନିୟମକାନୁନ୍ ଢିଲା- ଲୋକେ ବେପରୁଆ। ପ୍ରାଣୀମାନଙ୍କଠାରୁ ମଣିଷକୁ ଭୂତାଣୁ ଡେଇଁବା ଓ ମହାମାରୀ ସୃଷ୍ଟି କରିବା ସହଜ। ଜଗତୀକରଣ ଜରିଆରେ ଅନ୍ୟ ଦେଶକୁ ସଂଚାରିତ ହୋଇପାରେ ! ଆଗକୁ ଘନେଇଆସୁଛି ବଡ଼ ଦୁର୍ଦ୍ଦିନଦାୟକ ମହାବିଭୀଷିକା। ୧୯୧୮-୧୯ ଫ୍ଲୁ ମହାମାରୀରେ ବିଶ୍ୱରେ ୫୦ ନିୟୁତ ଲୋକ ପ୍ରାଣ ହରାଇଥିଲେ, ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ। ଏବେ ଯେଉଁ ଡିଜିଜ୍ 'ଏକ୍ସ' ଆସୁଛି- କେତେଲୋକ ମରିବେ କହିହେଉନି। ବିଶେଷଜ୍ଞମାନେ କହୁଛନ୍ତି ୫ କୋଟିରୁ ଅଧିକ ହେବ। ଏ ସବୁର କାରଣ ହେଉଛି ଜଗତୀକରଣ । ଗାଁ ଛାଡ଼ି ଲୋକେ ସହରରେ ପ୍ରବେଶ କରିଯାଇଛନ୍ତି। ବିଶ୍ୱତାପମାନ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ, ଆଧୁନିକ କୃଷିପ୍ରଣାଳୀ, ଆର୍ଦ୍ରଭୂମି ନଷ୍ଟ ହେବା ଯୋଗୁ ଭୂତାଣୁମାନେ ଗୋଟିଏ ପ୍ରଜାତିରୁ ଅନ୍ୟ ପ୍ରଜାତିକୁ ସଂକ୍ରମିତ ହୁଅନ୍ତି। ଜୀବଜନ୍ତୁଙ୍କ ଦେହରେ ପ୍ରବେଶକରି ରୋଗ ସୃଷ୍ଟି କରୁଛନ୍ତି।

ସମ୍ପ୍ରତି ଭୀଷଣ ତାପମାତ୍ରା ବୃଦ୍ଧି ଯୋଗୁ ସ୍ତନ୍ୟପାୟୀ ପ୍ରାଣୀମାନେ ବିଶ୍ୱରୁ ବିଲୁପ୍ତ ହୋଇଯିବେ। ମଣିଷ ମଧ୍ୟ ସ୍ତନ୍ୟପାୟୀ। ସୂର୍ଯ୍ୟରୁ ଅଧିକ ଉତ୍ତାପ ଓ ଶକ୍ତି ନିର୍ଗତ ହେଲେ- ପୃଥିବୀ ତତଲା ତାଉଆରେ ଭାଜିହେବ। ପ୍ରାଣୀମାନଙ୍କ ପାଇଁ ଖାଦ୍ୟ, ପାନୀୟ ପରିସ୍ଥିତି ଗମ୍ଭୀର ହୋଇଯିବ। ଉତ୍ତାପ ୫୦ ଡିଗ୍ରୀ ସେଲ୍‌ସିୟସ୍ ହୋଇଗଲେ ଜୀବ ମରିଯିବେ। ସାତ ମହାଦେଶରେ ଏଭଳି ବିପଦ ପଡ଼ିବ। ବିଶ୍ୱରେ ବହୁ ମଣିଷ ବିଭିନ୍ନ ପଶୁଙ୍କୁ ବଧକରି ଭକ୍ଷଣ କରୁଛନ୍ତି। ଏବେ ପଶୁମାନଙ୍କ ରୋଗ ମଣିଷ ଦେହରେ ପ୍ରବେଶ କରୁଛି। ଭାରତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଡେଙ୍ଗୁ, ନିପା ପ୍ରମୁଖ ରୋଗ ଦେଖାଯାଉଛି।

ବିଶ୍ୱର ବହୁଳାଂଶ ମଣିଷ ଭବିଷ୍ୟତ ବିପଦ ଆଡ଼େ ନଜର ନ ଦେଇ ବର୍ତ୍ତମାନ କିଭଳି ଭଲରେ କଟାଇବେ- ସେଥିରେ ମାତିଛନ୍ତି। ଯାହା ଜଣାଯାଉଛି- ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଓ ଭୋକରେ କ'ଣ ମରିଯିବେ ? ବିଶ୍ୱର କୃତ୍ରିମ ଜୀବନଶୈଳୀ ଏ କାଳଯମକୁ ଡାକିଆଣିବ ? ଆମେ କ'ଣ ପ୍ରାକୃତିକ



ଜୀବନଶୈଳୀ ଆପଣେଇ ପାରିବାନାହିଁ ? ଏ ସମ୍ପର୍କରେ ଚିନ୍ତା କରିବାର ସମୟ ଉପଗତ।

ଅଧିକାର ଓ ଅଙ୍ଗୀକାର-ଏହି ଉଭୟ ଅବବୋଧରୁ ଏବେ ବହୁ ଦୂରବର୍ତ୍ତୀ ବିଶ୍ୱଭାବବୋଧ। ଜଘନ୍ୟ ହୋଇପଡ଼ିଛି ଆମ ଜୀବନଶୈଳୀ। ଏଠାରେ ଏକ ଉଦାହରଣ ଦିଆଯାଇପାରେ ଯେ- ମାଇକେଲ୍ ଜାକ୍‌ସନ୍, ଯାହାଙ୍କ ସଂଗୀତର ମୂର୍ଚ୍ଛନାରେ ସାରାବିଶ୍ୱ ମତୁଆଲା ହୋଇଯାଇଥିଲା। ଅଜସ୍ର ଅର୍ଥ ଉପାର୍ଜନ କରୁଥିଲେ। ହଠାତ୍ ତାଙ୍କ ମୁଣ୍ଡକୁ ଏକ ଅଜବ ଚିନ୍ତା ପ୍ରବେଶ କଲା। ସେ ୧୫୦ ବର୍ଷ ବଞ୍ଚିବେ। ନିଜ ଘରେ ପାଦଠୁ ମୁଣ୍ଡବାଳ ପର୍ଯ୍ୟନ୍ତ ସବୁ ରଖିଥିଲେ। ସେ କଳା ଥିବାରୁ ୧୯୮୭ ରେ ପ୍ଲାଷ୍ଟିକ୍ ସର୍ଜରି କରାଇଲେ। ନିଜର କଳା ବାପ, ମା'ଙ୍କୁ ଛାଡ଼ି ଭଡ଼ାରେ ଗୋରା ବାପ, ମା' ରଖିଲେ। ମେଡିସିନ୍ ଖାଇ ଖାଇ ଦେହ ଅବଶ ହୋଇପଡ଼ିଲା। ଶେଷରେ ୨୫ ଜୁନ୍ ୨୦୦୯ରେ ୫୦ ବର୍ଷରେ ମରିଗଲେ। ସାରା ସହରର ଡାକ୍ତର ଜମାହେଲେ। କେହି ଆଉ ତାଙ୍କୁ ବଞ୍ଚାଇ ପାରିଲେନାହିଁ। ଏଠାରେ ଜାକ୍‌ସନ୍‌ଙ୍କର ଅର୍ଥ, ସମ୍ପତ୍ତି କିଛି କାମ ଦେଲାନି। ଜୀବଜଗତରେ ଜନ୍ମ ହେଲେ ମୃତ୍ୟୁ ଅବଧାରିତ। ଜନ୍ମରେ ଆନନ୍ଦ, ମୃତ୍ୟୁରେ ଦୁଃଖ, ଏ ସବୁ ଖେଳାଲୀଳା ଲାଗିରହିଛି। ସ୍ୱାଭାବିକ୍ ମୃତ୍ୟୁ ଅଲଗା କଥା। ଅସ୍ୱାଭାବିକ ମୃତ୍ୟୁ ହେଲେ ଛାନିଆ ପଶିଯାଏ।

ସମଗ୍ର ବିଶ୍ୱ ଆଜିପର୍ଯ୍ୟନ୍ତ ଜ୍ୱଳନ୍ତ ଜତୁଗୃହ। ସବୁଦେଶର ଦିଗନ୍ତରେ ଘନୀଭୂତ ଅନ୍ଧକାରରାତି। ଯେଉଁଠି ଚାହିଁଲେ ବି କେବଳ ଗଦା ଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ।

କେବଳ ଭୟ, କଷ୍ଟ, ମୃତ୍ୟୁ ଛଡ଼ା ଆଉ କିଛି ଦେଖାଯାଉନି। ଏଭଳି ଏକ କାଳଖଣ୍ଡରେ ଆମେ ପହଞ୍ଚିଯାଇଛେ- ସତେଯେମିତି କଳିକାଳ ପରେ ମହାକଳିକାଳ ମାଡ଼ିଆସିଛି। ଆମେ ସବୁ କଳିଯୁଗର ମଣିଷ। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର କଥା ଶୁଣିଆସୁଛେ। ଏ ତିନିଯୁଗ ପରେ କଳିଯୁଗରେ କ'ଣ କ'ଣ ସବୁ ଘଟିବ, ସେସବୁ କଥା ମହାପୁରୁଷମାନେ କହିଯାଇଛନ୍ତି। ସେହି ମହାପୁରୁଷଙ୍କ ବାଣୀ ଆମେ ଶୁଣି ଅଶୁଣା ଥିଲୁ। ଏବେ ବିଭିନ୍ନ ମହାମାରୀ କଥା ବାଧକରୁଛି ଶୁଣିବାକୁ, ଭୋଗିବାକୁ।

ତା'ହେଲେ ସତେ କ'ଣ ଏ ଜୀବଜଗତ ଜଡ଼ଜଗତରେ ଲୀନ ହୋଇଯିବ ? ନା, ମଣିଷ ବଞ୍ଚିବ। ଏଇ ବିଶ୍ୱର ପାଖାପାଖି ଆଠଶହ କୋଟି ମଣିଷଙ୍କ ଭିତରୁ ହୁଏତ ଅଧାଅଧି ଲୋପ ପାଇଯାଇପାରେ। କିନ୍ତୁ ଯେଉଁମାନେ ବଞ୍ଚିବେ, ସେମାନେ ଏ ମହାବିପଦରୁ ଉତ୍ତୀର୍ଣ୍ଣ ହୋଇ ସବୁ ଦୁର୍ଗୁଣ ଛାଡ଼ିବାକୁ ବାଧ ହେବେ। ହୁଏତ ସେତେବେଳକୁ ମହାକଳିକାଳ ଶେଷ ହୋଇ ପୁନଶ୍ଚ ସତ୍ୟଯୁଗ ଆରମ୍ଭ ହୋଇଯାଇଥିବ। ମୃତ୍ୟୁ ପୂର୍ବରୁ ଆମେ ଶହେଥର ମରିବା କାହିଁକି ? ବେଳ ଆସିଯାଇଛି ଆମର ଯେତେସବୁ ଦୁର୍ଗୁଣକୁ ଛାଡ଼ି ସୁଗୁଣ ଆଦରିନେବା, ତା'ହେଲେ ଆମେ ହେବା ଜଗତଜିତା।

ଆମେ କିଭଳି ପୃଥିବୀ ଚାହୁଁଛେ ? ଯେଉଁଠି ଭୋକ ଆଉ ରୋଗ ନ ଥିବ, ସେଇଭଳି ପୃଥିବୀ ଚାହୁଁ। ଭୋକ ଓ ରୋଗ ଏ ଧରଣୀ ବକ୍ଷରୁ ପୋଛିଦେବାକୁ ହେବ। ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ଼ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ।

**ଯାଜପୁରରୋଡ୍, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ଚୋରକୁ ବୁଦ୍ଧି



ଅଲେଖ ଚନ୍ଦ୍ର ମିଶ୍ର

'ଚୋରକୁ ବୁଦ୍ଧି ଶିଖେଇବା' ଆପ୍ତବାଣୀଟି ଯେଉଁ ପୃଷ୍ଠଭୂମି ଉପରେ ଆଧାରିତ ତାହା ଥିଲା ଏକ ବାସ୍ତବଧର୍ମୀ କାହାଣୀ, ଯାହାର ମର୍ମ ଏହିପରି। ଥରେ ଜଣେ ଗୃହସ୍ଥଙ୍କ ଘରେ ଚୋରଟିଏ ପଶିଲା। ସେ ଚୋରି କରିବାକୁ ଉଦ୍ୟତ ହେଉଥିଲାବେଳେ ଘରର ପୁଅଟିଏ ତାକୁ କୌଶଳରେ ଧରିପକେଇ ଉଚ୍ଚସ୍ୱରରେ ଡାକ ପକେଇଲା, ବାପା, ଆମଘରେ ଚୋର ପଶିଛି। ମୁଁ ତାକୁ କାବୁ କରିନେଇ କୁଣ୍ଢେଇ ଧରିଛି। ତୁମେ ଶୀଘ୍ର ରଶିଟିଏ ଆଣ, ତାକୁ ବାନ୍ଧି ପକେଇବା। ଅନ୍ୟଘରେ ଥିବା ବାପା ଉଚ୍ଚସ୍ୱରରେ ଜବାବ ଦେଲେ, ତାକୁ ଭଲଭାବରେ ଜାବୁଡ଼ିଧରିଥା, ଯେମିତି ସେ ଖସିପାରିବନି। ମୁଁ ତାକୁ ଏମିତି ଧରିଛି ଯେ ସେ ମୋଟେ ହଲଚଲ ହୋଇପାରୁନି, ଖସିଯିବ କ'ଣ ! ଠିକ୍‌ଅଛି, ତାକୁ ଏମିତି ଧରିଥା ଯେପରି ସେ ମୁହଁ ବୁଲେଇ ତୋ ପିଠିକି କାମୁଡି ପାରିବନି ! ଅକଳିଆରେ ପଡ଼ିଯାଇ ଛାଟିପିଟି ହେଉଥିବା ଚୋରଟି ମୁକୁଳିବାକୁ କିଛି ଉପାୟ ନ ପାଇ ଅସହାୟ ହୋଇପଡୁଥିବା ବେଳେ ଗୃହସ୍ଥଙ୍କ କଥା ତା'କାନରେ ପଡ଼ିଲା । ଏବେ ତାକୁ ଉପାୟ ମିଳିଗଲା ଏବଂ କାଳବିଳମ୍ବ ନ କରି ତତ୍‌କ୍ଷଣାତ୍ ତା'ର ସମସ୍ତ ଶକ୍ତି ସଞ୍ଚୟକରି ପୁଅର ପିଠିକୁ ସେ ଏତେ ଜୋରରେ କାମୁଡି ଧରିଲା ଯେ ଯନ୍ତ୍ରଣାରେ ଚିତ୍କାର କରି ପୁଅଟି ତାକୁ ଛାଡି ତା'ପିଠି ଆଉଁସିବାକୁ ହାତ ବଢ଼େଇଲା। ସଙ୍ଗେସଙ୍ଗେ ଚୋରଟି ଯଥାଶୀଘ୍ର ଦ୍ରୁତଗତିରେ ଘରୁ ବାହାରି ଦୌଡ଼ି ପଳେଇଲା।

ଅନ୍ୟର କଥା ବା କାମରୁ ନିଜକୁ କିପରି ଉପକାର ମିଳେ ଏହି ବାର୍ତ୍ତାବହନ କରୁଥିବା ସମ୍ପୃକ୍ତ ସୂକ୍ତିଟି ଏବେ ଆମର ନିତିଦିନିଆ ଜୀବନକୁ ପ୍ରଭାବିତ କରୁଛି, ଯାହାର ଦୃଷ୍ଟାନ୍ତର ଅଭାବ ନାହିଁ। ନୂଆ ଚାକିରିଆଟିଏ ନିରୀହ ଭାବରେ ନିଜର କାମକୁ ଖୁବ୍ ଆଗ୍ରହର ସହିତ କରୁଥିବାବେଳେ ତା'କାମ ଦ୍ୱାରା ଉପକୃତ ହେଉଥିବା ଲୋକେ ଖୁସିରେ ଓ ବିନା ଯାଚଞ୍ଚାରେ ନିଜଆଡୁ ତାକୁ କିଛି ଉପଢ଼ୌକନ, ପୁରସ୍କାର, ଉପହାର, ଭେଟି ଏପରି କି ପାନଖଣ୍ଡେ ଦେଇ କୃତଜ୍ଞତା ପ୍ରକାଶ କରନ୍ତି। ଧୀରେ ଧୀରେ ଏସବୁ ତା'ର ଅଭ୍ୟାସରେ ପଡ଼ିଯାଇ ଦାବିରେ ପରିଣତ ହୋଇଯାଏ ଏବଂ ଯିଏ ତା'ର ଦାବିକୁ ପୂରଣ ନ କରେ ତା'ର କାମହୁଏନା। ଏହିପରି ଭାବରେ ଉତ୍କୋଚ, ଲାଞ୍ଚ ବା ଘୁସ୍ ସୃଷ୍ଟି ହୁଏ, ଯାହା ବଡ଼ବଡ଼ ଦୁର୍ନୀତି ପାଇଁ ପଥ ପ୍ରଶସ୍ତ କରିଦିଏ। ସାଧାରଣ ଲୋକମାନେ ହିଁ ନିଜର ସ୍ୱାର୍ଥ ପାଇଁ ନୀତିକୁ ବୁଲେଇ ବଙ୍କେଇ ଦୁର୍ନୀତିରେ ପରିଣତ କରିବାକୁ ପ୍ରଶ୍ରୟ ଦିଅନ୍ତି। ସେହିପରି ଜଣେ ଲୋକଠାରୁ ସତକଥା ଜାଣିବା ପାଇଁ ତା' ଆଗରେ ଜାଣିଶୁଣି କିଛି ମିଥ୍ୟା ତଥ୍ୟ ପ୍ରକାଶ କଲେ ପ୍ରତିବାଦସ୍ୱରୂପ ହେଉ କି ସଂଶୋଧନ କରିବା ପାଇଁ ହେଉ ତା' ମୁହଁରୁ ସତ କଥା ବାହାରିପଡ଼େ। ଦୁଇଜଣଙ୍କ ଭିତରେ କଳିଝଗଡ଼ା ଲାଗିଥିଲା ବେଳେ ଅତ୍ୟଧିକ ଉତ୍ତେଜନାବଶତଃ ଜଣେ ଅପରପକ୍ଷ ବିରୋଧରେ କି ପଦକ୍ଷେପ ନେବ ତାହା ପ୍ରକାଶ କରିଦିଏ। ଫଳରେ ସମ୍ପୃକ୍ତ ପକ୍ଷଟି ଚାଲାକ ହୋଇଯାଇ ତା'ର ପ୍ରତିକାର ପାଇଁ ବ୍ୟବସ୍ଥା କରେ। କେବେ କେବେ ସେବା ଶୁଶ୍ରୂଷା କରି ତ କେବେ ଅତି କୋମଳ ମଧୁର କଥା କହି କିମ୍ବା ନିଶା କି ମାଦକଦ୍ରବ୍ୟର ସାହାରା ନେଇ ଅସଲକଥା ଆଦାୟ କରିହୁଏ। କିଛି ଲୋକ ଅନ୍ୟ ଲୋକ ମନରେ ବିଶ୍ୱାସ ଜନ୍ମେଇ ଗୁପ୍ତ କଥା ଆଦାୟ କରି ନିଅନ୍ତି ତ କିଛି ଲୋକ ପରକୁ ଅତି ଆପଣାର କରିବା ପାଇଁ ଗୁମର କଥା ଖୋଲି କହିଦିଅନ୍ତି। ହନିଟ୍ରାପିଂ ଏହାର ଏକ ଉଦାହରଣ। ସମ୍ପ୍ରତି ଯେତେସବୁ ସାଇବର୍ ଅପରାଧ ଘଟୁଛି ତା'ର ମୂଳକାରଣ ଅନ୍ୟଠାରୁ ସଂଗୃହୀତ ସୂଚନା। ଯେନତେନପ୍ରକାରେଣ କୌଣସି ଲୋକଠାରୁ ତା'ର ବ୍ୟାଙ୍କ ବିବରଣୀ, ପାସ୍ ୱାର୍ଡ, ସିକ୍ରେଟ କୋଡ୍, କେୱାଇସି ଇତ୍ୟାଦି ହାସଲକରି ତାକୁ ସର୍ବସ୍ୱାନ୍ତକରିବା କିମ୍ବା ତା'ର ଏଟିଏମ୍ ହ୍ୟାକିଂ କରିବା ଭଳି ଅପରାଧ ଆଜିକାଲି ବଢ଼ିବଢ଼ି ଚାଲିଛି। ଏହାର ଏକ କାରଣ ସାଧାରଣ ଲୋକଟିଏ ଅଜ୍ଞତାବଶତଃ ନିଜର ଗୁପ୍ତତଥ୍ୟ ଅନ୍ୟକୁ ପ୍ରଦାନ କରି ତାକୁ ଚାଲାକ କରିଦିଏ। ଆଉ କିଛିଲୋକ ନିଜ ଲୋକଙ୍କ ମାଧ୍ୟମରେ ଅନ୍ୟମାନଙ୍କର ବ୍ୟକ୍ତିଗତ ବିବରଣୀ ସଂଗ୍ରହକରି ପ୍ରଥମେ ସେମାନଙ୍କ ମନରେ ତାଙ୍କ ପ୍ରତି ଗଭୀର ବିଶ୍ୱାସ ଜନ୍ମାନ୍ତି ଏବଂ ତା'ପରେ ନିଜକୁ ଆତ୍ମଘୋଷିତ ବାବା କିମ୍ବା ଭଗବାନ୍ ବୋଲି ପରିଚୟ ସୃଷ୍ଟିକରି ସେମାନଙ୍କୁ ଠକି ଚାଲନ୍ତି। ତେଣୁ ଉଦ୍ଦେଶ୍ୟ ସାଧନ ପାଇଁ ଠକମାନେ ଯେତେସବୁ ଉପାୟ ଅବଲମ୍ବନ କରନ୍ତି ପ୍ରାୟ ଅଧିକାଂଶ କ୍ଷେତ୍ରରେ ଅନ୍ୟର ସହଯୋଗ ସେଥିରେ ସହାୟତା ଯୋଗାଏ ।

**ମୋ: ୯୪୩୮୬୭୩୮୯୮**

## ଚିରନ୍ତନୀ

ସେ ଆଖି କାଳିମାର ଉପମା ନାହିଁ
ପ୍ରଳୟ ବ୍ୟଥା ସମ ରହେ ସେ ଚାହିଁ
ତନୁର ତନ୍ମୟେ ସକଳ ନାଶି
ଅସୀମ ତମସାରେ ଉଠଇ ଭାସି
ଜୀବନେ ଯେତେ ମୋର କାଳିମା
ସହଜେ ପାରିହୁଏ ତା' ସୀମା
ସେ ଲାଗି ବେଦନାରୁ ବଳି ସେ ପ୍ରିୟ ଅତି
ଅସୀମ ତମସାରେ ଆସଇ ମୋର କତି
ନିବିଡ଼ତର କରି ମରମେ ଯାଏ ଡାକି
ଦୁଇଟି ଆଖି ସେ ତ ଦୁଇଟି କଳା ଆଖି !
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସନ୍ତୁଷ୍ଟୀକରଣ ରାଜନୀତି

ମହାଶୟ,

ଆମ ଦେଶରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇସାରିଛି। କିନ୍ତୁ ଏହା ପୂର୍ବରୁ ଉଭୟ କେନ୍ଦ୍ର ଓ କେତେକ ରାଜ୍ୟ ସରକାର ପୁନଃ କ୍ଷମତାସୀନ ହେବାର ଲକ୍ଷ୍ୟ ନେଇ ସମସ୍ତଙ୍କୁ ସନ୍ତୁଷ୍ଟ କରିବାର ବ୍ୟବସ୍ଥା କରିଛନ୍ତି। ମାସରେ ମାତ୍ର ୨/୩ ଦିନ କାମ କରୁଥିବା ପ୍ରତ୍ୟେକ ଗାଁର ଆଶାକର୍ମୀଙ୍କ ଦରମାକୁ ୭ ହଜାର କରିଦିଆଯାଇଛି। ଅଙ୍ଗନୱାଡି କର୍ମୀଙ୍କୁ ୧୦ ହଜାର, ସରପଞ୍ଚଙ୍କୁ ୧୦ ହଜାର, ଅନ୍ୟାନ୍ୟ ଜନପ୍ରତିନିଧିଙ୍କୁ ୧୦/୧୫/୨୦/୩୦ ହଜାର ଟଙ୍କାର ମାସିକ ଦରମା ଦେବା ସରକାରଙ୍କ ତୁଷ୍ଟୀକରଣ ଭୋଟ ରାଜନୀତିକୁ ପ୍ରମାଣିତ କରୁଛି। ଏପରି କି ଆଉଟ ସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି। କିନ୍ତୁ ରାଜ୍ୟର ଲକ୍ଷ ଲକ୍ଷ ଉଚ୍ଚ ଶିକ୍ଷିତ ବେକାରଙ୍କୁ ବେକାରି ଭତ୍ତା ଦିଆଯିବାର ବ୍ୟବସ୍ଥା ହେଲାନାହିଁ। ସେହିପରି କେନ୍ଦ୍ର ସରକାର ମଧ୍ୟ ୫୦ ଲକ୍ଷ କର୍ମଚାରୀ ଓ ୧ କୋଟିରୁ ଊର୍ଦ୍ଧ୍ୱ ପେନ୍‌ସନଭୋଗୀଙ୍କ ଉପରେ ଟଙ୍କା ବର୍ଷା କରୁଛି। କିନ୍ତୁ କୃଷକଙ୍କୁ ୫ ଲକ୍ଷ ଟଙ୍କାର ସୁଧମୁକ୍ତ କୃଷିଋଣ ଦେବାର ବ୍ୟବସ୍ଥା କରୁନାହିଁ। ଏଥିପାଇଁ ଦେଶବାସୀଙ୍କ ଉପରେ ମୁଣ୍ଡପିଛା ଋଣଭାର ୨ ଲକ୍ଷ ଟଙ୍କାରୁ ଅଧିକ ହେଲାଣି। ସାଧାରଣ ନିର୍ବାଚନ ପରେ ଆହୁରି ବଢ଼ିବ। ଅପରିଣାମଦର୍ଶୀ ସରକାରଙ୍କ ଭୋଟ ରାଜନୀତି ପାଇଁ ଦରଦାମ୍ ଆକାଶଛୁଆଁ ହେବା ସହ ଦେଶର ଅର୍ଥନୀତି ଦେବାଳିଆ ହୋଇପଡ଼ିବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପିପିଏଲକୁ କ୍ଲୋଜର ନୋଟିସ ଜାରି କଲା ସିପିସିବି

**କମ୍ପାନୀ କହିଲା ଆମର ବାର୍ଷିକ ସଟ୍‌ଡାଉନ୍ ଅଛି**

ପାରାଦୀପ,୨୭।୩(ଶରତ ରାଉତ)

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ବୃହତ ସାର କାରଖାନା ପିପିଏଲକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବନ୍ଦ ରଖିବାକୁ ନୋଟିସ ଜାରି କରିଛି। ଯେପର୍ଯ୍ୟନ୍ତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ କାମ ନ ହୋଇଛି ସେପର୍ଯ୍ୟନ୍ତ କାରଖାନା ବନ୍ଦ ରହିବ ବୋଲି ଦର୍ଶାଯାଇଛି। ଏ ସମ୍ପର୍କରେ ପିପିଏଲ କମ୍ପାନୀର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର କହିଛନ୍ତି, ଆମର ବାର୍ଷିକ କାରଖାନା ମରାମତି ଓ ଆନୁଷଙ୍ଗିକ ଯାଞ୍ଚ ପାଇଁ ପ୍ଲାଣ୍ଟ ସଟ୍‌ଡାଉନ୍ ରହିଛି। ବୋର୍ଡର ନିୟମାନୁସାରେ ସମସ୍ତ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ଏହି ନୋଟିସ ହଟିଯିବ। ଅପରପକ୍ଷରେ ସିପିସିବିର ଏକ ଟିମ୍ ଅଚାନକ ଯାଞ୍ଚ ବେଳେ କମ୍ପାନୀରେ କିଛି ତ୍ରୁଟି ଥିବା ଦେଖି ଏପରି ନୋଟିସ ଜାରି କରିଛନ୍ତି। ଯେଉଁ କାରଣ ଦର୍ଶାଇ ନୋଟିସ ଜାରି କରାଯାଇଛି ତାହାର ଅନୁପାଳନ ନ ହେବା ପର୍ଯ୍ୟନ୍ତ କାରଖାନା ବନ୍ଦ ରହିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା କହିଛନ୍ତି।

### ୨ ନାବାଳିକାଙ୍କୁ ନେଇ ପଳାଇଥିବା ଦୁଇ ଯୁବକ ଗିରଫ

କାଳିଆପାଣି,୨୭।୩(ଅସିତ ମହାନ୍ତ)

୨ ନାବାଳିକାଙ୍କୁ ନେଇ ଫେରାର ହେବା ଦୁଇ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ବାଲିବନ୍ଧ ଗାଁର ମିଳନ ବିନ୍ଧାଣି(୨୦) ଓ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଝୁମକାପଶି ଗାଁର ସିନୁ ପରିଡ଼ା(୨୫)। ଉଭୟଙ୍କ ସହ ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗାଁର ୨ ନାବାଳିକାଙ୍କ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରେମ ହୋଇଥିଲା। ଫଳରେ ୨୫ ତାରିଖରେ ମିଳନ ଓ ଶିନୁ ବାଇକ୍ ଯୋଗେ ଆସି ୨ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ସେହିଦିନ ସନ୍ଧ୍ୟାରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୮।୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ମିଳନଙ୍କ ସହ ଜଣେ ନାବାଳିକାଙ୍କୁ ଯାଜପୁରରେ ଠାବ କରିଥିଲା। ପରେ ଶିନୁଙ୍କୁ ଅନ୍ୟ ନାବାଳିକାଙ୍କ ତାଙ୍କ ଘରୁ କାବୁ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି।

# ପୁଣି ବାହାରକୁ ଗଲା ୨ ଅଙ୍ଗ

ଭୁବନେଶ୍ୱର, ୨୭।୩(ଅସମାପିକା ସାହୁ)

**ଅଙ୍ଗଦାନ କରି ମହାନତା ଦେଖାଇଲେ ଯବାନଙ୍କ ପରିବାର**

ରାଜ୍ୟରେ ଅଙ୍ଗଦାନ କରିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି। ନିକଟରେ ଅନେକଙ୍କ ଅଙ୍ଗଦାନ ବହୁ ଜୀବନ ବଞ୍ଚାଇଥିବାବେଳେ ଏବେ ବ୍ରେନ୍‌ଡେଡ୍ ଘୋଷିତ ଜଣେ ଯବାନଙ୍କ ଅଙ୍ଗଦାନ କରି ମହାନତା ଦେଖାଇଛନ୍ତି ପରିବାର ଲୋକେ। ସମ୍ ଅଲ୍‌ଟିମେଟ ମେଡିକେୟାର(ସମ୍ମ୍)ରେ ସମ୍ପୃକ୍ତ ଯବାନଙ୍କ ଯକୃତ ଓ ହୃତ୍‌ପିଣ୍ଡକୁ ରାଜ୍ୟ ବାହାରକୁ ପଠାଯାଇଥିବା ସୂଚନା ମିଳିଛି। ସିଆର୍‌ପିଏଫ୍‌ର ଯବାନ କୃଷ୍ଣଚନ୍ଦ୍ର ମହାଭୋଇ (୪୮)ଙ୍କର ବୃକକ୍ (କିଡ୍‌ନୀ) ଅକାମୀ ହୋଇଯାଇଥିବାରୁ ସେ ଗତ ୨୦ ତାରିଖରୁ ସମ୍ମ୍‌ରେ ଚିକିତ୍ସିତ ହେଉଥିଲେ। ଏହା ପୂର୍ବରୁ ତାଙ୍କର ନିୟମିତ ଡାଏଲିସିସ୍ କରାଯାଉଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ତେବେ ରବିବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ଏକ ଟେଷ୍ଟ କରିଥିଲେ। ପରେ ତାଙ୍କର ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବୋଲି ମୃତ କୃଷ୍ଣଚନ୍ଦ୍ରଙ୍କ ପୁଅ ସତ୍ୟବ୍ରତ କହିଛନ୍ତି। ତେବେ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ(ଏସ୍‌ଓଟିଟିଓ)ର ଅନୁମତି ଲୋଡ଼ିବା ସହ ରିଜିଓନାଲ୍ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ(ଆରଓଟିଟିଓ) ଓ ନ୍ୟାଶନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ(ନୋଟୋ) ସହ ଯୋଗାଯୋଗ କରାଯାଇଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନ୍ୟ ଅଙ୍ଗଗୁଡ଼ିକର ପରୀକ୍ଷା କରାଯାଇଥିଲା। ପ୍ରତିରୋପଣ ନିମନ୍ତେ ରୋଗୀଙ୍କ ଯକୃତ ଓ ହୃତ୍‌ପିଣ୍ଡ ବ୍ୟବହାର କରାଯାଇପାରିବ ବୋଲି ଜଣାପଡିବା ପରେ ନୋଟୋର ସୂଚନାନୁଯାୟୀ ଯକୃତକୁ ମୁମ୍ବାଇସ୍ଥିତ ଏକ ହସ୍ପିଟାଲ ଏବଂ ହୃତ୍‌ପିଣ୍ଡକୁ କୋଲକାତାର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଦୁଇଜଣ ରୋଗୀଙ୍କ ଶରୀରରେ ପ୍ରତିରୋପଣ ନିମନ୍ତେ ପଠାଇବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ଏହି ଦୁଇଟି ହସ୍ପିଟାଲର ମେଡିକାଲ ଟିମ୍ ସୋମବାର ଭୁବନେଶ୍ୱରରେ ପହଞ୍ଚି ସମ୍ମ୍ ସର୍ଜନଙ୍କ ଉପସ୍ଥିତିରେ ଅଙ୍ଗଗୁଡ଼ିକୁ ରୋଗୀଙ୍କ ଶରୀରରୁ କାଢ଼ିଥିଲେ। କମିଶନରେଟ ପୋଲିସ ସହାୟତାରେ ଦୁଇଟି ଅଙ୍ଗକୁ ଅନ୍ୟ ଦୁଇ ସହରକୁ ନେବା ନିମନ୍ତେ ହସ୍ପିଟାଲରୁ ବିମାନବନ୍ଦର ପର୍ଯ୍ୟନ୍ତ ରାସ୍ତା ଭିଡ଼ମୁକ୍ତ କରିବା ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯାଇଥିଲା।

ସମ୍ମ୍‌ର ସିଇଓ ଡା. ଶ୍ୱେତପଦ୍ମା ଦାଶ କହିଛନ୍ତି, ଦ୍ୱିତୀୟଥର ପାଇଁ ସମ୍ମ୍‌ରୁ ଜଣେ ବ୍ରେନ୍‌ଡେଡ୍ ରୋଗୀଙ୍କ ଶରୀରରୁ ବିଭିନ୍ନ ଅଙ୍ଗ କଢ଼ାଯାଇ ପ୍ରତିରୋପଣ ନିମନ୍ତେ ଅନ୍ୟ ହସ୍ପିଟାଲକୁ ପଠାଯାଇଛି। ଗତବର୍ଷ ଜଣେ ବ୍ରେନ୍ ଡେଡ୍ ରୋଗୀଙ୍କ ଶରୀରରୁ ଯକୃତ, ଫୁସ୍‌ଫୁସ୍ ଓ ବୃକକ୍‌କୁ କଢ଼ାଯାଇ ପ୍ରତିରୋପଣ ନିମନ୍ତେ ତିନୋଟି ସହରକୁ ପଠାଯାଇଥିଲା। ତେବେ ଏଥର ପ୍ରଥମଥର ପାଇଁ ହୃତ୍‌ପିଣ୍ଡ ଓଡ଼ିଶା ବାହାରକୁ ଯାଇପାରିଛି। କନ୍‌ସଲଟାଣ୍ଟ ନେଫ୍ରୋଲୋଜିଷ୍ଟ ଡା. ତାପସ କୁମାର ବେହେରା ଏବଂ କ୍ରିଟିକାଲ୍ କେୟାର ବିଭାଗର ମୁଖ୍ୟ ଡା. ବାନାମ୍ବର ରାୟଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗଗୁଡ଼ିକୁ କଢ଼ାଯାଇଥିଲା ବୋଲି ଡା. ଦାଶ କହିଛନ୍ତି। ସେହିପରି ଏହି ଅଙ୍ଗଗୁଡ଼ିକ ଅନ୍ୟ ଦୁଇ ରୋଗୀଙ୍କ ଶରୀରରେ ଉତ୍ତମ ଭାବେ କାର୍ଯ୍ୟ କରିବ ବୋଲି ଡା. ବାନାମ୍ବର ରାୟ ଆଶା ପ୍ରକାଶ କରିଛନ୍ତି। ମୃତ ବ୍ୟକ୍ତିଙ୍କ ପୁଅ ସତ୍ୟବ୍ରତ କହିଛନ୍ତି, ମୋ ବାପା ଜଣେ ଯବାନ ଥିଲେ। ଯଦି ସେ ଜାଣିପାରିଥାନ୍ତେ ଯେ ଆଉ ବଞ୍ଚିପାରିବେ ନାହିଁ, ସେ ନିଜେ ଅଙ୍ଗଦାନ କରିବା ପାଇଁ କହିଥାନ୍ତେ। ତାଙ୍କ ହୃତ୍‌ପିଣ୍ଡ ଆଉଜଣଙ୍କ ଶରୀରରେ ଲାଗିବ ଶୁଣି ଖୁସି ଲାଗୁଛି।

# ସମ୍ବଲପୁର ପୀରବାବା ଛକରେ ବୋମାମାଡ଼


ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଓ ଉତ୍ତରାଞ୍ଚଳ ଆଇଜି।


ଜବତ ହୋଇଥିବା ବୋମା ତିଆରି ସରଞ୍ଜାମ।

ସମ୍ବଲପୁର,୨୭।୩(ପ୍ରମୋଦ ବହିଦାର)

**୨ ଆହତ, ଅଭିଯୁକ୍ତ ଗିରଫ, ବୋମା ତିଆରି ସରଞ୍ଜାମ ଜବତ**

ସମ୍ବଲପୁର ସହର ପୀରବାବା ଛକରେ ମଙ୍ଗଳବାର ବୋମାମାଡ଼ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କ୍ଷେତରାଜପୁର ଥାନା ବଡ଼ବଜାର ସୁନାରିପଡ଼ାର ଅଭିଲାଷ ମିଶ୍ର (୧୯)। ତାଙ୍କ ନିକଟରୁ ଏକ ସାଇକେଲ, ଲାପଟପ୍, ଏକାଧିକ ମୋବାଇଲ ଫୋନ, ବୋମା ତିଆରି ସରଞ୍ଜାମ, ଏକ ସ୍କୁଟି, ସୋଲ୍ଡିଂ ଆଇରନ୍, ଇଲେକ୍ଟ୍ରିକ ସର୍କିଟ୍, ଏଲ୍‌ଇଡି ମେଶିନ, ହିଟ୍ ଗନ୍, ଇଲେକ୍ଟ୍ରିକ୍ ମିଟର୍, ପ୍ଲାଷ୍ଟିକ ହ୍ୟାଣ୍ଡେଲ ଥିବା ଛୁରି ଆଦିକୁ ପୋଲିସ ଜବତ କରିଛି। ବାପାଙ୍କ ଅପମାନର ପ୍ରତିଶୋଧ ନେବାକୁ ଯାଇ ପୋଲିସକୁ ବିଭ୍ରାନ୍ତ କରିବା ସହ 'ସମ୍ବଲପୁର ମାଫିଆ ଗ୍ୟାଙ୍ଗ' ପ୍ରତି ସନ୍ଦେହ ସୃଷ୍ଟି କରିବା ଲକ୍ଷ୍ୟରେ ସେ ଏହି ବୋମାମାଡ଼ କରିଥିବା ପୋଲିସକୁ କହିଛନ୍ତି। ଏହା କୌଣସି ସାମ୍ପ୍ରଦାୟିକତା ନୁହେଁ ବରଂ ବ୍ୟକ୍ତିଗତ ଶତ୍ରୁତା ବୋଲି ସନ୍ଧ୍ୟାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ ଭାମୁ ଓ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମିଳିତ ଭାବେ ସୂଚନା ଦେଇଛନ୍ତି।

ବୋମାମାଡ଼ରେ ଆହତ ଯୁବକ ଦ୍ୱୟଙ୍କ ଅଭିଯୋଗ କ୍ରମେ ପୋଲିସ ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ପଚରା ଉଚରା ବେଳେ ଅଭିଯୁକ୍ତ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ତାଙ୍କ କହିବା ଅନୁସାରେ 'ସମ୍ବଲପୁର ମାଫିଆ ଗ୍ୟାଙ୍ଗ' ନାମରେ ଚାଲିଥିବା ଏକ ଇନ୍‌ଷ୍ଟାଗ୍ରାମ ସାଇଟରେ ସୁଶୀଳ ପାଇକ ନାମକ ଜଣେ ସଦସ୍ୟ କିଛିଦିନ ପୂର୍ବରୁ କୌଣସି କାରଣରୁ ତାଙ୍କ ବାପା ଦିଲୀପ ମିଶ୍ରଙ୍କୁ ଆକ୍ରମଣ କରିଥିଲେ। ସେହିଦିନଠାରୁ ସେ ବାପାଙ୍କ ଅପମାନର ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ସେ ଜଣେ ଆଇଟିଆଇ ଛାତ୍ର ଥିବାବେଳେ ହାତ ବୋମା ପ୍ରସ୍ତୁତିରେ ପାରଙ୍ଗମ ଥିଲେ। ସେ ସହରର ସମ୍ବେଦନଶୀଳ ସ୍ଥାନରେ ପୋଲିସକୁ ବିଭ୍ରାନ୍ତ ପୂର୍ବକ 'ସମ୍ବଲପୁର ମାଫିଆ ଗ୍ୟାଙ୍ଗ' ପ୍ରତି ସନ୍ଦେହ ଜାତ କରିବା ଲକ୍ଷ୍ୟରେ ପୀରବାବା ଛକକୁ ଚୟନ କରିଥିଲେ। ଯୋଜନା ଅନୁଯାୟୀ ମଙ୍ଗଳବାର ସେ ଏକ ସାଇକେଲ୍‌ରେ ଫ୍ଲାଇଓଭରକୁ ଆସି ପୀରବାବା ଛକରେ ବୋମାମାଡ଼ କରିଥିଲେ। ଫଳରେ ସର୍ଭିସ ରୋଡ଼ ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବୁଲେଟ୍ (ଓଡି-୧୫-୬୪୮୬) କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମୋତିଝରଣର ମହମ୍ମଦ ସାହିଦ(୨୯) ଓ ମହମ୍ମଦ କାସିମ(୨୮)। ଏମାନେ ଏହି ଘଟଣାରେ ସମ୍ପୃକ୍ତ ନ ଥିବା ପୋଲିସ କହିଛି।

ଆହତ ଦ୍ୱୟଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାହିଦଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଥିବା ବେଳେ କାସିମ୍ ଚିକିତ୍ସାଧୀନ ଅଛନ୍ତି। ବୋମାମାଡ଼ ଫଳରେ ସହରରେ ବୃଦ୍ଧି ପାଉଥିବା ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏକ ଭିଡିଓ ବାର୍ତ୍ତା ଜରିଆରେ ଭୟଭୀତ ନ ହେବାକୁ ସହରବାସୀଙ୍କୁ ନିବେଦନ କରିଛନ୍ତି। ଘଟଣା ପରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇ ପୀରବାବା ଛକ ନିକଟରେ ସର୍ଭିସରୋଡ଼ର ଉଭୟପଟୁ ସିଲ୍ କରାଯାଇ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

ଧର୍ମଶାଳା,୨୭।୩(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟ ଧର୍ମଶାଳା ଭବନ ସମ୍ମୁଖରେ ବୁଧବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ନେଉଳପୁର ମେଳଣ ଚାଲିଥିବାବେଳେ ଏହି ଥାନା ବାଲିଗରି ଗ୍ରାମର ଅଭିମନ୍ୟୁ ଦାସ(୩୨) ଓ ନକୁଳ ପରିଡ଼ା ଓଡି-୦୪-ଜେ-୯୨୬୦ନଂ. ବାଇକ୍‌ରେ ସେଠାକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଓଆର-୨୨-ବି-୮୭୩୬ନଂ. ବାଇକ ସହ ସେମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲା। ନକୁଳ ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ନଂ.୨୨୮।୨୪ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ରାଜଧାନୀରେ ଚୋରା ବନ୍ଧୁକ କାରବାର






ଜବତ ବନ୍ଧୁକ ଓ ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୨୭।୩
(ସୂର୍ଯ୍ୟକାନ୍ତ ବେହେରା)

**ଇଞ୍ଜିନିୟରଙ୍କ ସମେତ ୨ ଗିରଫ**
- ୫ ସେମି ଅଟୋମେଟିକ ପିସ୍ତଲ ସହ ୨୪ ଗୁଳି ଜବତ
- ମୁଖ୍ୟ ଅଭିଯୁକ୍ତ ଫେରାର

ନିର୍ବାଚନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ଅପରାଧୀ ଦମନ ଓ ଅପରାଧ ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରହିଛି। ଏ ପରିସ୍ଥିତିରେ ରାଜଧାନୀରେ ଚୋରା ବନ୍ଧୁକ କାରବାର ର୍ୟାକେଟ ଚିନ୍ତା ବଢ଼ାଇଛି। ଖବର ପାଇବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ତିନୋଟି ଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରି ୨୪ ରାଉଣ୍ଡ ଅଫୁଟା ଗୁଳି ସହିତ ପାଞ୍ଚଟି ସେମି ଅଟୋମେଟିକ ପିସ୍ତଲ ଜବତ କରିଛି। ଏହାସହ ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଇଲେକ୍ଟ୍ରିକାଲ ଡିପ୍ଲୋମା ଇଞ୍ଜିନିୟର ସୁରଜ ପରିଡା (୨୫) ଏବଂ ଦଶମ ପାସ୍ ବାଲେଶ୍ୱର ସୋର ଅଞ୍ଚଳର ତପୁଧର ନାୟକ (୩୧)। ଉଭୟଙ୍କଠାରୁ ଗୋଟିଏ ମୋବାଇଲ ଓ ବାଇକ ଜବତ ମଧ୍ୟ ହୋଇଛି। ତେବେ ମୁଖ୍ୟ ଅଭିଯୁକ୍ତ ବବୁଲ ଖୁଣ୍ଟିଆଙ୍କ ଘରୁ ୩ଟି ବନ୍ଧୁକ ଜବତ ହୋଇଥିବା ବେଳେ ସେ ଫେରାର ରହିଥିବା ପୋଲିସ କମିଶନର ସଞ୍ଜୀବ କୁମାର ପଣ୍ଡା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଏକ ମାମଲା (୪/୨୦୨୪) ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଏହି ବେଆଇନ ଅସ୍ତ୍ରଶସ୍ତ୍ର ବିହାର ମୁଙ୍ଗେରରୁ କିଣିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ଏହାର ନେଟ୍‌ୱର୍କ ପାଇବା ସହ ସମ୍ପୃକ୍ତ ଗ୍ୟାଙ୍ଗର ସମସ୍ତ ସଦସ୍ୟଙ୍କୁ ଗିରଫ କରିବା ପାଇଁ ସ୍ପେଶାଲ କ୍ରାଇମ ୟୁନିଟ୍ ସୁରଜ ଓ ତପୁଧରଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ କରିବ ବୋଲି ସୂଚନା ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତମାନେ ଚୋରା ବନ୍ଧୁକ ପାଖରେ ରଖିଥିବା କୌଣସି ସୂତ୍ରରୁ ଖବର ପାଇ ଏସିପି କେ.କେ. ହରିପ୍ରସାଦଙ୍କ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ଅପରାହ୍ନ ୨ଟାରୁ ରାତି ୮ ମଧ୍ୟରେ ତମାଣ୍ଡୋ, ହଂସପାଳ ଓ ସରକନ୍ତରା ଅଞ୍ଚଳରେ ଥିବା ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଏସବୁ ବନ୍ଧୁକ ଓ ଗୁଳି ଜବତ କରିଥିଲା। ଅପରପକ୍ଷେ କମିଶନରେଟ ପୋଲିସ ୨୦୨୩ରେ ୩୮ଟି ବନ୍ଧୁକ ଜବତ କରିଥିବା ବେଳେ ୨୦୨୪ରୁ ଏଯାବତ ୧୭ଟି ବନ୍ଧୁକ ମିଳିଲାଣି।

# ବାଇକ୍ ଚୋରି ଗ୍ୟାଙ୍ଗର ୭ ଗିରଫ

ଅନୁଗୋଳ,୨୭।୩ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ପୋଲିସ ଏକ ମୋଟରସାଇକେଲ ଚୋରି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୬ଟି ଚୋରା ମୋଟରସାଇକେଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହୁଲୁରିସିଂହାର ଟୁଟୁ ନାୟକ, ରାଜକିଶୋର ଭୋଇ, ସୁକାନ୍ତ ଭୋଇ, ବିକ୍ରମପୁର ଥାନା କର୍ଣ୍ଣପୁର ଗାଁର ବରୁଣ ବାରିକ, ଜରପଡା ଥାନା ସାନହିଂସର ଗାଁର ଜିତେନ୍ଦ୍ର ପ୍ରଧାନ, ନିଶା ଥାନା ଝିଣ୍ଟିପାଳ ଗାଁର ନିରାକାର ଜେନା, ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅଞ୍ଚଳର ଟୁକୁନା ମଲ୍ଲିକ। ପୋଲିସ କହିଛି, ଅନୁଗୋଳ ସଦର ଥାନା ଅଧୀନ ଅଙ୍ଗରବନ୍ଧ ଗ୍ରାମର ଭୁବନ ନାହର ଗତ ୧୯ ତାରିଖରେ ମୋଟର ସାଇକେଲ ଚୋରି ନେଇ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସଦର ଥାନା ଚଣାମୁଣ୍ଡା ନୂଆସାହି ଗ୍ରାମର ଟିଭୁ ଭୂତିଆ ଗତ ୧୧ ତାରିଖରେ ମୋଟରସାଇକେଲ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗର ତଦନ୍ତ ବେଳେ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ୍ ମୋଟ ୬ଟି ମୋବାଟର ସାଇକେଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ମୁମ୍ବାଇରୁ ମହିଳାଙ୍କୁ ଉଠାଇ ଆଣିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୭।୩
(ସତ୍ୟଜିତ୍ ରାଉତ)

**ବହୁଗୁଣା ଲାଭ ଦେବା ଆଳରେ ୨ କୋଟି ଠକେଇ**
- ନାଁ ବଦଳାଇ ଇଅଲ୍ ଇଷ୍ଟେଟ୍ କମ୍ପାନୀରେ କାମ କରୁଥିଲେ
- ଅଭିଯୁକ୍ତ ସ୍ୱାମୀଙ୍କୁ ଖୋଜା ଚାଲିଛି

ନିବେଶ ପରେ ବହୁଗୁଣା ଲାଭ ଦେବାର ପ୍ରତିଶ୍ରୁତି ଦେଇ ୨ କୋଟି ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସଫଳତା ପାଇଛି। ଠକେଇର ମାଷ୍ଟରମାଇଣ୍ଡ ଦମ୍ପତି ବହୁଦିନ ଧରି ଫେରାର ଥିବାବେଳେ ଇଷ୍ଟ ମୁମ୍ବାଇ କଲ୍ୟାଣ ଅଞ୍ଚଳରୁ ସ୍ତ୍ରୀଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ। ସେ ହେଲେ ଛତିଶଗଡ ଆଦର୍ଶ ନଗର ଅଞ୍ଚଳର ରଶ୍ମି ଭୂୟାଁ ଓରଫ ରଶ୍ମି ପୃଷ୍ଟି (୩୯)। ଗିରଫ ପରେ ଅଭିଯୁକ୍ତା ରଶ୍ମିଙ୍କୁ କଲ୍ୟାଣ ଜେଏମ୍‌ଏଫ୍‌ସି ୪ କୋର୍ଟରେ ହାଜର କରାଯାଇଥିଲା। ପରେ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରଶ୍ମିଙ୍କ ସ୍ୱାମୀ ବିମଳନନ୍ଦ ଭୂୟାଁଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଖୋଜାଖୋଜି ଚଳାଇଛି। ତେବେ ପୋଲିସ ନଜରରୁ ବର୍ତ୍ତିବା ପାଇଁ ରଶ୍ମି ନାମ ବଦଳାଇ ନୂଆ ଆଧାର କାର୍ଡ, ଭୋଟର ଆଡି ଓ ପାନ୍ କାର୍ଡ କରି ମୁମ୍ବାଇରେ ଲୁଚି ରହିବା ସହ ସେଠାରେ ଏକ ରିଅଲ ଇଷ୍ଟେଟ୍ କମ୍ପାନୀରେ କାମ କରୁଥିଲେ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସମ୍ବଲପୁରର ବିକାଶ ପୋଦାରଙ୍କ ଏତଲାକୁ ଆଧାର କରି ଇଓଡବ୍ଲ୍ୟୁ ୨୦୨୦ ଡିସେମ୍ବର ୧୭ରେ ମାମଲା (ନଂ.୧୦/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଠକ ଦମ୍ପତି ବିମଳନନ୍ଦ ଓ ରଶ୍ମି 'କୁଇକ୍ କ୍ଲିକ୍ ଆଡ୍ ମିଡିଆ' ନାମରେ ଏକ ଏଲ୍‌ଏଲ୍‌ପି କମ୍ପାନୀ ଖୋଲିଥିଲେ। ଛତିଶଗଡ଼ ରାୟପୁର ଶ୍ୟାମନଗରରେ କମ୍ପାନୀର ମୁଖ୍ୟ ଅଫିସ ଥିବାବେଳେ ଜଗଦଲପୁର ଓ ଭୁବନେଶ୍ୱର ଜୟଦେବ ବିହାରରେ କମ୍ପାନୀର ବ୍ରାଞ୍ଚ୍ ଅଫିସ ଖୋଲି ଠକେଇ ଜାଲ ବିଛାଇଥିଲେ। ୨୦୧୭ରୁ ୨୦୧୮ ମଧ୍ୟରେ ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ରାଉରକେଲା, ସମ୍ବଲପୁର, ଗଞ୍ଜାମ ଆଦି ଜିଲାରେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଠକେଇ କରିଥିଲେ। ଅଭିଯୁକ୍ତଦ୍ୱୟ ତାଙ୍କ କମ୍ପାନୀରେ ଦୁଇଟି ସ୍କିମ୍ ଜରିଆରେ ଟଙ୍କା ନିବେଶ କରିବାକୁ ଲୋକମାନଙ୍କୁ କହୁଥିଲେ। ନିବେଶ ଟଙ୍କାରେ ଏଲ୍‌ଇଡି ମନିଟର କିଣାଯାଇ ପ୍ରମୁଖ ଛକଗୁଡିକରେ ଲାଗିବ। ଉକ୍ତ ଏଲ୍‌ଇଡି ଜରିଆରେ ଯେଉଁ ସେଲ୍ ଏଜେନ୍‌ସିମାନେ ବିଜ୍ଞାପନ ଦେବେ, ଉକ୍ତ ଟଙ୍କାରୁ ନିବେଶକାରୀଙ୍କୁ ଭାଗ ଦିଆଯିବ ବୋଲି କୁହାଯାଇଥିଲା। ଏଭଳି ମିଛ ପ୍ରତିଶ୍ରୁତି ଦେଇ ଓଡିଶାରୁ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨ କୋଟି ଠକିନେବା ପରେ ଠକ ଦମ୍ପତି ଫେରାର ହୋଇଯାଇଥିଲେ।

CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India
NOTICE
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

COOK REQUIRED
Indian & Chinise Cook Required for Restaurant at Kesura, Bhubaneswar.
Ph.:7894716207
9437284700

WANTED
Used Car Showroom in Bhubaneswar requires Front Office Executive cum Telecaller, Marketing Professionals with experience in used Car Sales and Purchase of Four Wheeler.
For details contact :
7381091234, 9861194627

WE ARE HIRING
Archifabs
ARCHIFABS, is an organization in the field of Architectural Fabrications since last 15 years in Bhubaneswar with works related to Facades and surfaces.
ASST. ENGINEER (AE): AutoCAD competent, Knowledge of MS/Aluminium Fabrications etc. conversant with Civil/Mechanical drawings, measurements, Bill of quantities etc. Edu. Qual.: Engg. Diploma/Sc. graduate. Experience: 2-3 years in relevant field. Salary: At par with the industry.
MANAGER ACCOUNTS (MA): Knowledge of Finance, Accounts and practices with GST, TDS, EPF, laws and Tally etc. Edu. Qual.: Commerce Graduate/Postgraduate, MBA – Finance, Inter ICWA etc. Experience: A min. of 4 years in relevant field with all exposure to various departments of Accounts and finance. Salary: As per incumbency.
SALES EXECUTIVE (SE): Techno-Sales and Marketing of building materials in Odisha and adjoining states. Edu. Qual.: MBA in Marketing with at least 2 years of experience in the relevant field. Engg. background will be preferred. Girls (with 2 Wheelers) can also apply.
Please rush in your CVs with reference codes within 7 days to :
rabinbehera100@gmail.com

Exploring the Right Opportunity?
Be Associated with a renowned MNC
Work from Home • High Income • Work-life Balance
1st Month Training - Chargeable (Meals are Provided)
2nd Month Onwards - Earn Basic + Variable
Who can Join?
• House Wives • Students
• Retired Persons • Employees
• Professionals • Retired Persons
Interview Date & Place : 31st March in Balasore, 3rd April in Bhubaneswar
Time : 9.30 A.M. to 5.00 P.M.
Interested People Can Contact
9078259459 - Bhubaneswar, 9938871555 - Balasore
(Call Between 9.00 A.M. to 6.00 P.M.) to book Interview Slot.
Hurry up - Only 20 Posts available
: OFFICE ADDRESS :
2nd Floor, MM Mart Building, Hi-Tech Chowk, Sundarpada, BBSR - 751002

# ରାସ୍ତା ସମ୍ପ୍ରସାରଣ ପାଇଁ ବଳି ପଡ଼ିଲା ୧୫୦୦ରୁ ଊର୍ଦ୍ଧ୍ୱ ଗଛ

## ବିପଦରେ ପରିବେଶ, ଚିନ୍ତାରେ ପରିବେଶବିତ୍

କୋରେଇ,୨୭।୩(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ପାଣିକୋଇଲି ସଠିପୁରଠାରୁ ବୈତରଣୀ ରୋଡ୍ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଆର୍ ଆଣ୍ଡ ବି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟଚାଲୁଛି। ସେଥିପାଇଁ ରାସ୍ତା କଡ଼ରେ ଥିବା ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଗଛକୁ କାଟି ଦିଆଯାଇଛି। ଫଳରେ ଏହାକୁ ନେଇ ପରିବେଶବିତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା କଡ଼ରେ ୪୦ରୁ ୫୦ ବର୍ଷର ବିରାଟକାୟ ବରଗଛ, ଓସ୍ତଗଛଠାରୁ ଆରମ୍ଭ କରି ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଗଛ ଥିଲା। ରାସ୍ତା ସମ୍ପ୍ରସାରଣ ପାଇଁ ଟେଣ୍ଡର ହେବା ପରେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ କଟକ ବନଖଣ୍ଡ ଅଧିକାରୀଙ୍କୁ ପ୍ରାୟ ୧ ହଜାର ଗଛ କାଟିବାକୁ ଅନୁମତି ଦେବାକୁ ଆବେଦନ କରାଯାଇଥିଲା। କଟକ ଡିଏଫ୍‌ଓଙ୍କ


ରାସ୍ତା ସମ୍ପ୍ରସାରଣ ପାଇଁ କଟାଯାଇଥିବା ଗଛ।

ପକ୍ଷରୁ ଅନୁମତି ମିଳିବା ପରେ ରାସ୍ତା କଡ଼ରେ ଥିବା ଆକାଶିଆ, କୃଷ୍ଣଚୂଡ଼ା, ବରଗଛ, ଓସ୍ତଗଛ, ଜାମୁ, ଶିଶୁ ଓ ଆଦି ଗଛକୁ ଫରେଷ୍ଟ କର୍ପୋରେସନ ପକ୍ଷରୁ କାଟି ଦିଆଯାଇଛି। ରାସ୍ତା ଉନ୍ନତୀକରଣ ନାମରେ ବିପୁଳ ମାତ୍ରାରେ ଗଛ କଟା ଯାଉଥିବାବେଳେ ଆବଶ୍ୟକ ଅନୁଯାୟୀ ଜଙ୍ଗଲ ସୃଷ୍ଟି କରାଯାଉନାହିଁ। ଯାହା ପରିବେଶ ପାଇଁ ଅନେକ କ୍ଷତିକାରକ ବୋଲି ମତପ୍ରକାଶ ପାଇଛି। ଏହି ରାସ୍ତା ଉନ୍ନତିକରଣ ପାଇଁ ଯେଉଁଭଳି ଭାବେ ଗଛ କଟାଯାଇଛି ସେହିପରି ଗଛ ସୃଷ୍ଟି କରିବାକୁ ବନବିଭାଗକୁ ପ୍ରାୟ ୫୦୦ ବର୍ଷ ଆବଶ୍ୟକ ବୋଲି କୁହାଯାଉଛି। ବନବିଭାଗ ନୂତନ ଜଙ୍ଗଲସୃଷ୍ଟି ପାଇଁ ଯେତିକି ଆଗଭର ନୁହେଁ ତାଠାରୁ ବେଶୀ ଜଙ୍ଗଲ ସଫା କରିବାରେ ବ୍ୟସ୍ତ। ଏହିପରି ଢଙ୍ଗରେ ଗଛ କାଟିଲେ ଆଗକୁ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ ବୋଲି ପ୍ରକୃତିପ୍ରେମୀମାନେ ଆକଳନ କରୁଛନ୍ତି। ଏନେଇ ଯାଜପୁର ରୋଡ୍ ବନଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ୧୦୦୦ ଗଛ କାଟିବାକୁ କଟକ ଡିଏଫ୍‌ଓଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି ବୋଲି ପ୍ରକାଶ କରିଛନ୍ତି।

# ଉତ୍କଳ ଦିବସ ସମାରୋହ ସମିତିର ପ୍ରସ୍ତୁତି ବୈଠକ

ଯାଜପୁରରୋଡ୍,୨୭।୩(ପବିତ୍ର ରଞ୍ଜନ ମହାନ୍ତି):

ଉତ୍କଳ ଦିବସ ସମାରୋହ ସମିତିର ଏକ ପ୍ରସ୍ତୁତି ବୈଠକ ବ୍ୟାସନଗରସ୍ଥିତ ଚିଦାନନ୍ଦ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଦୁଷ୍ମନ୍ତ କୁମାର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ଡ.ହେମନ୍ତ କୁମାର ସାହୁ ଓଡ଼ିଶା ଦିବସ ପାଳନକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶା ଦିବସ ପାଳନ ପୂର୍ବରୁ ବ୍ୟାସନଗର ଏବଂ କୋରେଇ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ନେଇ ବ୍ୟାସ ପବ୍ଲିକ ସ୍କୁଲରେ ଅଧ୍ୟକ୍ଷା ଦେବସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଓଡ଼ିଶା ଦିବସ ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗଠାରେ ପାଳିତ ହେବ। ଏଥିରେ ବ୍ୟାସନଗରର ସମସ୍ତ ବୁଦ୍ଧିଜୀବୀ ଏବଂ ସାହିତ୍ୟିକମାନେ ଯୋଗଦେବାକୁ ସମ୍ପାଦିକା ବ୍ରଜେଶ୍ୱରୀ ସିଂ ନିବେଦନ କରିଛନ୍ତି।

# ପୋଲିସ, ସିଆର୍‌ପିଏଫ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ


ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

ବଡ଼ଚଣା,୨୭।୩(ଦିଲୀପ କୁମାର ମହାନ୍ତି):

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ବଡ଼ଚଣା ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତର ନିଶିମଳା, ଚଣ୍ଡିଖୋଲ ବଜାର ଓ ଧାନମଣ୍ଡଳ ପ୍ରମୁଖ ଗ୍ରାମରେ ଏହି ଫ୍ଲାଗ ମାର୍ଚ୍ଚ କରାଯିବା ସହ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜେ. ଆବେଦିନ ଓ ସିଆରପିଏଫ୍ ଇନ୍ସପେକ୍ଟର ବିଜୟ କୁମାରଙ୍କ ସମେତ ଯବାନମାନେ ସାମିଲ ହୋଇଥିଲେ।

# ରଙ୍ଗଖେଳକୁ ନେଇ ଗଣ୍ଡଗୋଳ

## ଏସ୍‌ପିଙ୍କୁ ଅଭିଯୋଗ କଲେ ମହିଳା

ପାଣିକୋଇଲି,୨୭।୩(ବିକାଶ ମଲ୍ଲିକ):

ହୋଲିରେ ରଙ୍ଗ ଖେଳକୁ ନେଇ ଗଣ୍ଡଗୋଳ ସହ ଜାତିଆଣ ଆକ୍ଷେପ ଅଭିଯୋଗ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। କୁଆଖିଆ ଥାନା ପ୍ରଥମାଖଣ୍ଡି ସଡ଼ମ୍ବା ଗ୍ରାମର ଧର୍ମେନ୍ଦ୍ର ମଲିକଙ୍କ ସ୍ତ୍ରୀ ଲିପିଙ୍କ ଅଭିଯୋଗ ଅନୁସାରେ, ମଙ୍ଗଳବାର ସେହି ଗ୍ରାମର ବିଲ ପଲେଇ, ଅନ୍ତରା ପଲେଇ, ହରି ପଲେଇ, ସୁମନ ପଲେଇ, ପିଣ୍ଟୁ ପଲେଇ ଓ ବାପି ପଲେଇ ପ୍ରମୁଖ ଲିପିଙ୍କ ଦିଅର ପ୍ରକାଶଙ୍କ ଉପରେ ଅବିର ରଙ୍ଗ ପକାଇଲେ। ପରେ ପ୍ରକାଶ ସେମାନଙ୍କ ଉପରେ ରଙ୍ଗ ପକାଇବାରୁ ଉକ୍ତ ବ୍ୟକ୍ତିମାନେ ପ୍ରକାଶଙ୍କୁ ତଳେ ପାକଇ ନିସ୍ତୁକ ମାଡ଼ ମାରିବା ସହିତ ଜାତିଆଣ ମନ୍ତବ୍ୟ ଦେଇ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ପ୍ରକାଶଙ୍କୁ ମାଡ଼ ମାରୁଥିବା ଦେଖି ଲିପି ବାରଣ କରିବାରୁ ସେମାନେ ଲିପିଙ୍କୁ ମଧ୍ୟ ଜାତିଆଣ ମନ୍ତବ୍ୟ ଦେଇ ଗାଳିମନ୍ଦ କରିବା ସହିତ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବୁ ବୋଲି ଧମକ ଦେଇଥିଲେ। ପରେ ଲିପି ଓ ତାଙ୍କ ଶାଶୁ ଘର ଲୋକେ ଆସି କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗକୁ ରଖି ଚୁପ ହୋଇ ବସିଯାଇଛି ବୋଲି ଲିପି ଏସ୍‌ପିଙ୍କୁ ଜଣାଇଛନ୍ତି।


ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳା ଓ ଅନ୍ୟମାନେ।

# ଯାଜପୁର ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥିନୀ ହେଲେ ସୁଜାତା ସାହୁ

- ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜିଲାସ୍ତରୀୟ ଫେଡେରେଶନ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି
- ୨୦୧୭-୨୦୨୨ ପର୍ଯ୍ୟନ୍ତ ଦଶରଥପୁର ବ୍ଲକ୍ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିଲେ

ଯାଜପୁର ଟାଉନ,୨୭।୩
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):


ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥିନୀ ସୁଜାତା ସାହୁ।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏଠାରେ ବିଧାୟିକା ପ୍ରାର୍ଥିନୀ ଭାବେ ସୁଜାତା ସାହୁଙ୍କୁ ମୁଖ୍ୟମନ୍ତ୍ରୀ କପତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ସୁଜାତା ଦଶରଥପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ଥିଲେ। ଏବେ ମିଶନଶକ୍ତିରେ କାର୍ଯ୍ୟରତ ଅଛନ୍ତି। ଯାଜପୁର ବିଧାନସଭା ଗଠନ ପରଠାରୁ ଏଯାବତ୍ କେହି ମହିଳା ବିଧାନସଭାକୁ ନିର୍ବାଚିତ ହୋଇନାହାନ୍ତି। ଯାଜପୁର ବିଧାନସଭା କ୍ଷେତ୍ରରେ ହାଟ୍ରିକ୍ ବିଜୟ ଲାଭ କରିଥିବା ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଭାବେ ମନୋନୀତ ହୋଇଥିବାବେଳେ ବିଜେଡି ସୁପ୍ରିମୋଙ୍କୁ ସାହୁଙ୍କ ନାମକୁ ସୁପାରିସ କରିଛନ୍ତି। ମହିଳା ସଶକ୍ତିକରଣ ନିମନ୍ତେ ଦୀର୍ଘ ୧୫ବର୍ଷ ତଳୁ ଯାଜପୁର ବିଧାନସଭା କ୍ଷେତ୍ରରେ ବିଧାୟକ ଦାସ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ରାଜ ହେଉ କିମ୍ବା ପୌର ନିର୍ବାଚନ ବିଧାୟକ ଦାସ ସର୍ବଦା ୬୦ ପ୍ରତିଶତ ଅଧିକ ଆସନରେ ମହିଳାଙ୍କୁ ପ୍ରାର୍ଥି କରାଇବାରେ ସଫଳ ହୋଇଛନ୍ତି। ୨୦୨୨ ପୌର ନିର୍ବାଚନରେ ଯାଜପୁର ପୌରାଧ୍ୟକ୍ଷା ଭାବେ ଜଣେ ସାଧରଣ ମହିଳା ତଥା ମିଶନଶକ୍ତିରେ କାର୍ଯ୍ୟରତ ରଞ୍ଜୁଲତା ହୋତାଙ୍କୁ ପ୍ରାର୍ଥିନୀ କରି ବିଜୟଲାଭ କରାଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥିନୀ ହୋଇଥିବା ସୁଜାତା ଯାଜପୁର ବ୍ଲକ୍‌ର ଝିଅ ହୋଇଥିବାବେଳେ ଦଶରଥପୁର ବ୍ଲକ୍‌ର ବୋହୂ ହୋଇ ୨୦୧୭-୨୦୨୨ ପର୍ଯ୍ୟନ୍ତ ଦଶରଥପୁର ବ୍ଲକ୍ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିଲେ। ସୁଜାତା ବର୍ତ୍ତମାନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜିଲାସ୍ତରୀୟ ଫେଡେରେଶନ(ଡିଏଲ୍‌ଏଫ୍)ର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ଏଭଳି ଜଣେ ସାଧାରଣ ମହିଳାଙ୍କୁ ବିଧାୟିକା ପ୍ରାର୍ଥିନୀ ଭାବେ ମନୋନୀତ କରିଥିବାରୁ ଯାଜପୁର ନିର୍ବାଚନମଣ୍ଡଳୀର ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରଣବଙ୍କ ତ୍ୟାଗକୁ ପ୍ରଶଂସା କରିଛନ୍ତି। ବୁଧବାର ପ୍ରାର୍ଥିନୀ ସୁଜାତା ବିଧାୟକଙ୍କ ବାସଭବନରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା କର୍ମୀଙ୍କୁ ଯାଜପୁର ବିଧାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆନନ୍ଦରେ ଲୁହ ଝରାଇଥିଲେ। ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ଆଗାମୀ ନିର୍ବାଚନରେ ସୁଜାତାଙ୍କୁ ବହୁ ଭୋଟ୍ ବ୍ୟବଧାନରେ ବିଜୟୀ କରାଇବେ ବୋଲି ଶପଥ ଗ୍ରହଣ କରିଥିଲେ। ପରେ ସୁଜାତା ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିଥିଲେ।

# ଅଢ଼ଷଠି ତୀର୍ଥପଣ୍ଡା ସମିତିର ନୂତନ କର୍ମକର୍ତ୍ତା

ଯାଜପୁର ଟାଉନ,୨୭।୩
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ବରାହ-ବିରଜା-ବୈତରଣୀ-ନାଭିଗୟା ଅଢ଼ଷଠି ତୀର୍ଥପଣ୍ଡା ସମିତିର ଏକ ସାଧାରଣ ବୈଠକ ବୈତରଣୀ ମାତା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବେ କୃପାସିନ୍ଧୁ ସାମନ୍ତ, ଶ୍ରୀକାନ୍ତ ପତି, ସମ୍ପାଦକ ମଧୁସୁଦନ ମିଶ୍ର, ସହସମ୍ପାଦକ ଅକ୍ଷୟ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସନ୍ତୋଷ ମଲ୍ଲିକ, ସମରଜିତ ମହାନ୍ତି, ଧର୍ମେନ୍ଦ୍ର ରାଉତ, ଉମାକାନ୍ତ ପରିଡା, ସୁଶାନ୍ତ ଖୁଣ୍ଟିଆଙ୍କୁ ଉପଦେଷ୍ଟା ମନୋନୀତ କରାଯାଇଛି। କୋର୍ କମିଟି ସଭ୍ୟଭାବେ ନିରଞ୍ଜନ ପଣ୍ଡା, ଦାମୋଦର ସାମନ୍ତ, ସୁଶାନ୍ତ ସନ୍ଧିବିଗ୍ରହ, ନିତ୍ୟାନନ୍ଦ ପଣ୍ଡା, ସୁଧାଂଶୁ ଶେଖର ସାମନ୍ତ ଓ କାଶୀନାଥ କରଙ୍କୁ ନିଆଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ରାକେଶ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର ଓ ବ୍ରଜରାଜ ପତିଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ମହାମହା ବାରୁଣୀ ଯୋଗ ପଡୁଥିବାରୁ ଏହି କାର୍ଯ୍ୟକ୍ରମ କିପରି ସୂଚାରୁ ରୂପେ ସଂପାଦନ କରାଯିବ ସେନଇ ବୈଠକରେ ଆଲୋଚନା କରାଯାଇଛି।

# ନାକପୋଲ ମେଳଣ ଉଦ୍‌ଯାପିତ



ଧର୍ମଶାଳା,୨୭।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ନାକପୋଲ ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଥାନପତି ଭାବେ ଗଙ୍ଗାଧପୁର ରାଧାକୃଷ୍ଣ ଜୀଉ ଠାକୁର ଯୋଗଦେଇ ହୋରି ଖେଳିଥିଲେ। ସେହିପରି ଚହଟା, ବାଜବାଟୀ, କଣିପାଟିଆ ଓ ବଙ୍ଗାଳିସାହି ଆଦି ୫ ବଡ଼ ବିମାନ ଓ ୧୦ ଛୋଟ ବିମାନ ଯୋଗଦେଇ ହୋରି ଖେଳି ନାକପୋଲ ହାଟପଡିଆ ଚାରାରେ ବିଜେ କରିଥିଲେ। ମେଳଣ କମିଟି ପକ୍ଷରୁ ଭୋଗ ପ୍ରଦାନ କରାଯାଇ ଠାକୁରୁଙ୍କୁ ବିଦା କରାଯାଇଥିଲା। ମଙ୍ଗଳବାର ମେଳଣ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନିରଞ୍ଜନ ରାଉତ, ଶୁଶୀଲ ମହାନ୍ତି ଓ ନିର୍ମଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମେଳଣ କମିଟି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜକିଶୋର ରାଉତ, ସଦାଶିବ ଦାସ, ଶତ୍ରୁଘନ ରାଉତ, ସଦାନନ୍ଦ ନାୟକ, କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ବାରିକ, ଶ୍ରବଣ ବାରିକ, ଦେବପ୍ରସାଦ ରାୟ ଓ ଚୈତନ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁରରୋଡ୍,୨୭।୩(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ୍ ପୁରୁଣା ଥାନା ନିକଟରେ ଥିବା ତ୍ରିନାଥ ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଯାଜପୁରରୋଡ ଆଦର୍ଶ ଥାନା ଓ ଚୋରଦା ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା ମହାଆଡମ୍ବରେ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ନାଥ ପ୍ରଧାନ ସସ୍ତ୍ରିକ ସଂକଳ୍ପ କରିଥିଲେ। ସୂର୍ଯ୍ୟ ପୂଜା, ଗୋପୂଜା, ଧରିତ୍ରୀଦେବୀ ପୂଜା, ଗୁରୁଦେବ ପୂଜା ଓ ଷୋଡଶ ଉପଚାର ପୂଜା ପରେ ଯଜ୍ଞ କରାଯାଇଥିଲା। ଅପରାହ୍ନରେ ତ୍ରିନାଥଙ୍କ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଉତ୍ସବରେ ଥାନାର ସମସ୍ତ କର୍ମଚାରୀ ଉତ୍ସବରେ ଆୟୋଜନର ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଶଙ୍ଖ, ଘଣ୍ଟ ଧ୍ୱନିରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ପୂଜକ ଲକ୍ଷ୍ମୀଧର ଅଧିକାରୀ ଓ ତାଙ୍କ ସହଯୋଗୀମାନେ ପୂଜାର୍ଚ୍ଚନା କରିଥିଲେ।


ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ ପାଇଁ ଚୋରଦା ଗ୍ରାମବାସୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା।

# ଅବଦୁଲ କଲାମ ସ୍କୁଲର ବାର୍ଷିକ ଉତ୍ସବ

ଧର୍ମଶାଳା,୨୭।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ କୁମାରୀ ପଞ୍ଚାୟତର ଜାମୁବଣିଆସ୍ଥିତ ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ୍ ସଭାପତି ନୀଳମଣି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଶିକ୍ଷାର ମୌଳିକ ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ମନ ଓ ଆତ୍ମା ଶିକ୍ଷାର ମନ୍ଦିରଥିଲା ବୋଲି ମତବ୍ୟକ୍ତ କରିଥିଲେ। ମହାବିନାୟକ ଲଘୁ ଖଣିଜ ଟ୍ରକ୍ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ, ବିନୟ କୁମାର ସିଂହ, ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଅବସରପ୍ରାପ୍ତ ଶିକ୍ଷକ ନବଘନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ମାନବ ସମାଜକୁ ଶୃଙ୍ଖଳିତ କରେ ବୋଲି କହିଥିଲେ। ସ୍କୁଲ ଅଧ୍ୟକ୍ଷ ମନୋଜ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୁନିକୁନି ପିଲମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ଶିକ୍ଷକ ବିଜେଶ ପ୍ରଜାପତି ଧନ୍ୟବାଦ ଦେଇଥିଲେ।



ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଐତିହାସିକ ବରୁଆଁ ମେଳଣ ଉଦ୍‌ଯାପିତ

ଯାଜପୁର ସଦର,୨୭।୩
(ସମର ବିଜୟ ଶରଣ):


ମେଳଣରେ ସାମିଲ ହୋଇଥିବା ବିମାନ।

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁର ସର୍ବ ପୁରାତନ ଐତିହାସିକ ମେଳଣ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥାନୁଯାୟୀ ଠାକୁରମାନେ ମଣି ବିମାନରେ ପାଟ ପଟୁଆର ସହ ପଡ଼ିଆକୁ ଆସି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ଥାନପତି ବରୁଆଁର ରାଧା ଗୋପୀନାଥ ଜୀଉ ସର୍ବପ୍ରଥମେ ଦୋଳ ମଣ୍ଡପରେ ବିଜେ ହୋଇଥିଲେ। ପରେ ପୁରୁଷୋତ୍ତମପୁରର ରାଧାଗୋପାଳ ଚନ୍ଦ୍ର ଜୀଉ, ସୁଜନପୁରର ରାଧା ଗୋପୀନାଥ ଜୀଉ, ରାଧାବୃନ୍ଦାବନ ଚନ୍ଦ୍ରଜୀଉ, ହସନପୁରର ରଘୁନାଥ ଜୀଉ, ଗୋପାଳ ଜୀଉ, ନରସିଂହପୁର ଦାସ ସାହିର ରାଧା ଅନନ୍ତ ଦେବ ଜୀଉ, ନୌପଡ଼ାର ରାଧା ଲକ୍ଷ୍ମୀନାରାୟଣ ଜୀଉ, ଚିତାହଟାର ରାଧା ଶ୍ୟାମସୁନ୍ଦର ଜୀଉ, ଋଷିପୁରର ଗୋପୀନାଥ ଜୀଉ, ମିର୍ଜାପୁରର ରାଧା ଶ୍ୟାମସୁନ୍ଦର, ସପ୍ତେଶ୍ୱରପୁରର ରାଧାକୃଷ୍ଣ ଜୀଉ, ଛତିଶ ଦେବିଲର ରାଧାକୃଷ୍ଣ, ରଧାମୋହନ, ରାଧାକାନ୍ତ, ରେକବିବଜାରର ବଳଦେବ ଜୀଉ, ଜଗନ୍ନାଥ ମଠ ହରିପୁରର ରାଧା ଗୋବିନ୍ଦ ଚନ୍ଦ୍ର, ସିମିଳିଆର ରାଧା ଶ୍ୟାମସୁନ୍ଦର ଜୀଉ, କୁଖାଲାର ରାଧାକାନ୍ତ ଗୋପୀନାଥ, ଭଅଁରାର ନନ୍ଦଲାଲ, ରୁଦ୍ରପୁରର ରାଧାକୃଷ୍ଣ ଜୀଉ, ଆଣ୍ଡୁଆ ଗୋପାଳ ଜୀଉ, କଟେରିଗାଁ ଢିଅସାହିର ରାଧାମଦନ ମୋହନ ଜୀଉ, ବାଲିଆର ରାଧାମୋହନ ଜୀଉ, କାଶୀପୁରର ରାଧା ଗୋପୀନାଥ ଜୀଉ, ହସନପୁରର ରାଧା ଦଧିବାମନ ଜୀଉ ଓ କଟେରିଗାଁର ରାଧାମୋହନଙ୍କ ସମେତ ୫୦ରୁ ଅଧିକ ଠାକୁର ଦୋଳ ମଣ୍ଡପରେ ବିଜେ ହୋଇଥିଲେ। ପରିଚାଳନା କମିଟି ପକ୍ଷରୁ ପ୍ରତ୍ୟେକ ଠାକୁରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମାଲସା କୁଡୁଆରେ ଭୋଗ ଲାଗି କରାଯାଇ ବିଦାକି ସ୍ୱରୂପ ପ୍ରାଚୀନ ପ୍ରଥା ଅନୁଯାୟୀ ଏକ ଟଙ୍କା ପଚିଶ ପଇସା ଦିଆଯାଇ ଆଗାମୀ ବର୍ଷ ପାଇଁ ନିମନ୍ତ୍ରଣ କରାଯାଇଥିଲା। ମେଳଣ କମିଟି ସ୍ଥାୟୀ ସଭାପତି ବାଲିଆ ସାମନ୍ତ ସିଂହାରଙ୍କ ଅନୁପସ୍ଥିତିରେ ଉପସଭାପତି ଉଚ୍ଛାଳ ବିହାରୀ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ରଙ୍କ ସମେତ ପରିଚାଳନା କମିଟିର ସଭ୍ୟ ରମେଶ ଚନ୍ଦ୍ର ମିଶ୍ର, ବିଜନ ବିହାରୀ ମହାନ୍ତି, ନିତ୍ୟାନନ୍ଦ ବିଶ୍ୱାଳ, ସୂର୍ଯ୍ୟନାରାୟଣ ମିଶ୍ର, ଅଶୋକ ମହାନ୍ତି, ଦେବେନ୍ଦ୍ର ମିଶ୍ର, ସୁକାନ୍ତ ବିଶ୍ୱାଳ, କୁଞ୍ଜବିହାରୀ ରାୟ, ବ୍ରଜକିଶୋର ପାଢ଼ୀ, ଅଶ୍ୱିନୀ ବିଶ୍ୱାଳ, ଗଦାଧର ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ନନ୍ଦକିଶୋର ସାହୁ, ଘନଶ୍ୟାମ ରାଉତ, ଜିତେନ୍ଦ୍ର ଭଞ୍ଜ, ବିପିନ ବିହାରୀ ନାୟକ, ଗୌରାଙ୍ଗ ନାୟକ, ଶ୍ରୀଧର ଜେନାଙ୍କ ସମେତ ସମସ୍ତ ଠାକୁର ବାଡ଼ିଆଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ମେଳଣକୁ ସୁପରିଚାଳନା କରିଥିଲେ। ଜିଲା ଓ ଜିଲା ବାହାରରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ସଦର ଥାନା ତରଫରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମେଳଣ ପାଇଁ କୁଖାଲାର ବୀଣାପାଣି କ୍ଲବ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଆଖ ପାଖ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହଯୋଗ କରିଥିଲେ।

# ବଢୁଛି ଉତ୍କଣ୍ଠା, ଆଶାୟୀଙ୍କ ଛାତି ଧଡ଼ଧଡ଼

ଜଗତ୍‌ସିଂହପୁର, ୨୭।୩ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ବିଜେଡି-ଭାଜପା ମେଣ୍ଟ ପ୍ରସଙ୍ଗ କିଛି ଦିନ ରାଜ୍ୟ ରାଜନୀତିରେ ନିଆରା ପରିବେଶ ସୃଷ୍ଟି କରିଥିଲା। ପରେ ଉଭୟ ଦଳ ପୃଥକ୍ ଭାବେ ଲଢ଼ିବେ ବୋଲି ସ୍ପଷ୍ଟ କରିଥିଲେ। ଇତିମଧ୍ୟରେ ଭାଜପା ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୮ଟି ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି, ଯେଉଁଥିରେ ଜଗତ୍‌ସିଂହପୁର ଅନ୍ୟତମ। ଏହି ଆସନରୁ ଗତଥର ଦଳୀୟ ପ୍ରାର୍ଥୀ ହୋଇଥିବା ବିଭୁ ପ୍ରସାଦ ତରାଇଙ୍କ ଉପରେ ଭାଜପା ପୁଣି ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛି। ବୁଧବାର ବିଜେଡି ପକ୍ଷରୁ ମଧ୍ୟ ଉକ୍ତ ଆସନ ପାଇଁ ପୁଣି ଥରେ ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏବେ କେବଳ କଂଗ୍ରେସ ପ୍ରାର୍ଥୀ ଘୋଷଣା ବାକି ରହିଲା। ଅନ୍ୟପକ୍ଷେ ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ କେବଳ ନିଆଳି ବିଧାନସଭା ଆସନ ପାଇଁ ବିଧାୟକ ପ୍ରମୋଦ ମଲ୍ଲିକଙ୍କୁ ବିଜେଡି ପୁଣି ପ୍ରାର୍ଥୀ ଘୋଷଣା କରିଛି। ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଦଳୀୟ ବିଧାୟକ ପଦ ପାଇଁ ଆଶାୟୀ ଥିବା ନେତାମାନଙ୍କ ଛାତି ଧଡ଼ଧଡ଼ ହେଉଥିବା ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର କହିଲେ, ଜିଲାର ୪ ସମେତ ପୁରୀ ଜିଲାର ନିମାପଡ଼ା, କାକଟପୁର ଓ କଟକ ଜିଲାର ନିଆଳି ବିଧାନସଭା ଆସନକୁ ବୁଝାଏ। ମୋଟ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଦଳ ଗୋଟିଏ ଆସନରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଅବଶିଷ୍ଟ ୬ଟି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବା ସ୍ପଷ୍ଟ ବାରି ହୋଇପଡୁଛି। ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ଅନ୍ୟ ୬ଟି ବିଧାନସଭା ଆସନ ମଧ୍ୟରୁ ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର, ପାରାଦୀପ, ବାଲିକୁଦା-ଏରସମା ଓ ତିର୍ତ୍ତୋଲ ବିଧାନସଭା ଆସନର ରାଜନୈତିକ ସ୍ଥିତି ନିଆରା ବାରି ହେଉଛି। କାରଣ ଜଗତ୍‌ସିଂହପୁରରେ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ଦଳ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ମଧ୍ୟରେ ଗତ ନିର୍ବାଚନ ସମୟରୁ ଟିକେଟକୁ ନେଇ ବିବାଦ ଲାଗି ରହିଛି। ଏପରି କି ୨୦୧୯ ସାଧାରଣ ନିର୍ବାଚନ ସମୟରେ ପ୍ରଶାନ୍ତଙ୍କୁ ଦଳୀୟ



## ୨୦୨୪ ନିର୍ବାଚନ

- ବିଜେଡି ପ୍ରାର୍ଥୀ ତାଲିକାରୁ ଜଗତ୍‌ସିଂହପୁର ଏମ୍‌ପି ସିଟର ୬ ଆସନ ବାଦ୍
- ଶଙ୍ଖ ଭବନରେ ବାପି ସର୍ଖେଲଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା
- ୨୯ରେ ବିଜେଡିରେ ମିଶିପାରନ୍ତି ଚିରଞ୍ଜୀବ ବିଶ୍ୱାଳ
- କେବଳ ନିଆଳି ବିଧାନସଭା ପ୍ରାର୍ଥୀ ଘୋଷଣା

ଟିକେଟ ଘୋଷଣା ପରେ ଅମରେନ୍ଦ୍ର ଗୋଷ୍ଠୀ ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ। ପୋଡ଼ାଜଳା ସାଙ୍ଗକୁ ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ୨୦୨୪ ନିର୍ବାଚନ ସମୟରେ ଟିକେଟ ଦିଆଯିବ ବୋଲି ଆଶ୍ୱାସନା ଦେଇଥିବା ଅମରେନ୍ଦ୍ର ଗଣମାଧ୍ୟମ ଆଗରେ କହିଥିଲେ। ପରେ ଅମରେନ୍ଦ୍ରଙ୍କୁ ପ୍ରଥମେ ଦଳ ଜିଲା ସଭାପତି ଓ ପରେ କାଜୁ ନିଗମ ଅଧ୍ୟକ୍ଷ କରିଥିଲା। କିନ୍ତୁ ପ୍ରଶାନ୍ତ ବିଧାୟକ ହୋଇଗଲା ପରେ ସେମାନଙ୍କ ମଧ୍ୟରେ ବିବାଦ ଥମି ନ ଥିଲା। ସମୟ ଚକ୍ରରେ ଅମରେନ୍ଦ୍ରଙ୍କ ଦଳ ଜିଲା ସଭାପତି ଓ ନିଗମ ଅଧ୍ୟକ୍ଷ ପଦ ଚାଲି ଯାଇଥିଲା। କିନ୍ତୁ ସେ ନିରାଶ ନ ହୋଇ ଦୀର୍ଘ ୫ବର୍ଷ ହେବ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ କ୍ରିୟାଶୀଳ କରି ଚାଲିଛନ୍ତି। ଏବେ ସେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାବାଦୀ ଅଛନ୍ତି। ପ୍ରଶାନ୍ତ ମଧ୍ୟ ଏହି ଆସନରୁ ପ୍ରାର୍ଥୀ ପାଇଁ ଲବିରେ ରହିଛନ୍ତି। ବଡ଼ କଥା ହେଲା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଆସନ୍ତା ୨୯ ତାରିଖରେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଚାଲିଛି। ଯଦି ମିଶନ୍ତି, ତେବେ ତାଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ଏସବୁ ଭିତରେ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବାରେ ବିଳମ୍ବ କରୁଛି। ସେହିପରି ପାରାଦୀପ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି)ଙ୍କ ପତ୍ନୀ ମୋନିଦିପା ନିକଟରେ ବିଜେଡିରେ ମିଶିଛନ୍ତି। କିନ୍ତୁ ବାପି ଏପର୍ଯ୍ୟନ୍ତ ଦଳ ଛାଡିନାହାନ୍ତି। ଗତ ପୌର ନିର୍ବାଚନ ସମୟରୁ ବାପି ଏକ ପ୍ରକାର ନୀରବତା ଅବଲମ୍ବନ କରି ଚାଲିଛନ୍ତି। ଯେଉଁ କାରଣରୁ ଜିଲା କଂଗ୍ରେସ ସଭାପତି ନଟବର ବାରିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବୁଧବାର ବାପି ଶଙ୍ଖ ଭବନରେ ଏକ ବୈଠକରେ ଯୋଗ ଦେଇଥିଲେ। ଯଦି ଏହା ସତ ହୋଇଥାଏ, ତେବେ କଂଗ୍ରେସରେ ଥାଇ ଶଙ୍ଖ ଭବନରେ ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଯୋଗଦେବା କେତେଦୂର ଠିକ୍ ତାକୁ ନେଇ ଆଲୋଚନା ଜୋର ଧରିଛି। ଏହି ନିର୍ବାଚନମଣ୍ଡଳୀରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଧାୟକ ସମ୍ବିତ ରାଉତରାୟଙ୍କ ପରେ ବାପି ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା କୁହାଯାଉଛି। ବାଲିକୁଦା-ଏରସମା ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁରୂପ ଭାବେ ଏକାଧିକ ଆଶାୟୀ ରହିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଦଳ କ'ଣ କଲେ ଠିକ୍ ହେବ ତା' ଉପରେ ମାନସ ମନ୍ଥନ କରୁଛି। ସେହିପରି ନିମାପଡ଼ା ଓ କାକଟପୁର ଆସନରେ ମଧ୍ୟ ଆଶାୟୀମାନେ ଯେପରି ଅସନ୍ତୁଷ୍ଟ ନ ହୁଅନ୍ତି, ସେନେଇ ଖସଡ଼ା ପ୍ରସ୍ତୁତ କରାଯାଉଥିବାରୁ ବିଜେଡି ଟିକେଟ ଘୋଷଣାରେ ବିଳମ୍ବ କରୁଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ରଙ୍ଗ ଖେଳି ଗାଧୋଇବାବେଳେ ପୋଖରୀରେ ବୁଡ଼ି ନାବାଳକ ମୃତ

ପାରାଦୀପ, ୨୭।୩ (ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବୃନ୍ଦ ଗ୍ରାମରେ ମଙ୍ଗଳବାର ହୋଲି ଖେଳକୁ ନେଇ ଅଘଟଣ ଘଟିଛି। ମଧ୍ୟାହ୍ନ ସାଢ଼େ ୧୨ଟାରେ ଜଣେ ନାବାଳକ ନିକଟସ୍ଥ ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଜୟନ୍ତ ସରକାରଙ୍କ ପୁଅ ରାଜଶେଖର (୧୩)। ସକାଳୁ ୧୦ଜଣ ସାଙ୍ଗ ଏକାଠି ହୋଇ ରଙ୍ଗ ଖେଳିଥିଲେ। ମଧ୍ୟାହ୍ନରେ ସାଙ୍ଗ ହୋଇ ନିକଟସ୍ଥ ପୋଖରୀରେ ଗାଧୋଉ ଥିଲେ। ସାମାନ୍ୟ ଅସାବଧାନତାବଶତଃ ରାଜଶେଖର ଗଭୀର ପାଣି ଭିତରକୁ ପଳାଇ ଥିଲେ। ତାଙ୍କୁ ଦେଖି ଅନ୍ୟ ପିଲାମାନେ ପାଟି କରି ତାଙ୍କ ମା'ଙ୍କୁ ଡାକିଥିଲେ। ପଡ଼ିଶା ଲୋକମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୪) ରୁଜୁ ହୋଇଛି।

### ନିଆରା ଢଙ୍ଗରେ ଜରାଶ୍ରମରେ ହୋଲିପର୍ବ

ନାଉଗାଁ, ୨୭।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବ୍ଲକ ଛକସ୍ଥିତ ଜରାଶ୍ରମରେ ନିଆରା ଢଙ୍ଗରେ ହୋଲିପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଗଙ୍ଗଦା ପାଇକସାହିସ୍ଥିତ ଭାଗବତ ସୁରକ୍ଷା ପରିଷଦ ପକ୍ଷରୁ ସଦସ୍ୟ ତଥା ସାମାଜିକ କର୍ମୀ ବିଚିତ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜରାଶ୍ରମରେ ରହୁଥିବା ବୃଦ୍ଧ ପିତାମାତାଙ୍କ ପାଦରେ ହର୍ବାଲ ରଙ୍ଗ ପ୍ରଦାନ କରାଯାଇଥିଲା। ପରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ଜୀବନ ଜ୍ୟୋତି ଜେନା, ରଞ୍ଜିତ ପଣ୍ଡା, ରଞ୍ଜିତ ପାଳ, କୁନା ବେହେରା, ଅଜୟ ଜେନା, ସମୀର ଜେନା, ଆଦର୍ଶ ଜେନା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ଏରସମା, ୨୭।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ବଡ଼ପାଳ ଗ୍ରାମରେ ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବଡ଼ପାଳ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ସ୍ଥାନୀୟ ଗୋପାଳ ଗାଦି ବ୍ରହ୍ମ ମଣ୍ଡପରେ ଅନୁଷ୍ଠିତ ଏହି ଯଜ୍ଞକୁ ଅପିଲା ଗ୍ରାମର ଗୋପାଳମାନେ ପରିଚାଳନା କରିଥିଲେ। ଫଗୁ ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ଚତୁର୍ଦ୍ଦଶୀ ତିଥିର ପବିତ୍ର ପ୍ରଭାତରେ ଜଳଯାତ୍ରା, କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ଅଗ୍ନି ଆନୟନ ସମାପନ ପରେ ବଳରାମ ଦାସଙ୍କ ରଚିତ ଗୋପାଳ ଓଗାଳ ସମବେତ କଣ୍ଠରେ ଗାନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ହୋଇଥିଲେ। ଏଥିରେ ବଡ଼ପାଳ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଜେଡି ଛାଡ଼ି ଭାଜପାରେ ନେତା, କର୍ମୀ

ଭୁବନେଶ୍ୱର, ୨୭।୩ (ସୁନିତ୍ ମିଶ୍ର)

ମହାକାଳପଡ଼ା ଗୋଗୁଆ ପଞ୍ଚାୟତର ପଞ୍ଚାୟତ ସମିତି ସଦସ୍ୟ ପ୍ରତାପ ଚନ୍ଦ୍ର ଦାସ ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ଶତାଧିକ ସମର୍ଥକଙ୍କ ଗହଣରେ ପ୍ରତାପ ଭାଜପାରେ ସାମିଲ ହୋଇଥିବା ବେଳେ ତାଙ୍କ ସହ ପୂର୍ବତନ ସମିତି ସଭ୍ୟ ଅଲେଖ ଜେନା, ପୂର୍ବତନ ସରପଞ୍ଚ କୁର୍ଚିଆ ସେଠୀ ଓ ବୀର ବାବୁ ପ୍ରମୁଖ ରହିଥିଲେ। ସେହିପରି ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ଗଙ୍ଗାଧର ମାଝି ନିଜ ସମର୍ଥକଙ୍କ ଗହଣରେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଜଣାଶୁଣା ବ୍ୟବସାୟୀ ପୀୟୂଷ ମହାନ୍ତି ଏବଂ ବିଜୁ ଯୁବ ଜନତା ଦଳ ପୂର୍ବତନ ରାଜ୍ୟ ସମ୍ପାଦକ ବାଣୀକଲ୍ୟାଣ ମହାନ୍ତି ମଧ୍ୟ ନିଜ ସମର୍ଥକମାନଙ୍କ ସହ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ନୂତନ ଭାବେ ଯୋଗଦେଇଥିବା ନେତାମାନେ କହିଛନ୍ତି, ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡିପଡିଛି। ନିର୍ବାଚିତ ଜନପ୍ରତିନିଧିଙ୍କ କ୍ଷମତାକୁ ହତ୍ୟା କରାଯାଇ ନିର୍ଦ୍ଦିଷ୍ଟ କେତେଜଣ ଅଫିସରଙ୍କ ହାତକୁ କ୍ଷମତାଶୀଳ କରାଯାଇଛି। ଗ୍ରାମସଭା ଓ ପଲ୍ଲିସଭାକୁ ବନ୍ଦ କରିଦିଆଯାଇଥିବା କାରଣରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୋଦି ସରକାର ବିକାଶ ପାଇଁ ପଠାଉଥିବା କୋଟି କୋଟି ଟଙ୍କା ଏବଂ ସହାୟତାକୁ ପଞ୍ଚାୟତସ୍ତରରେ ହଡପକରି ବିଜେଡି ଲୋକଙ୍କ ସ୍ୱାର୍ଥକୁ ବଳି ପକାଉଛି। 'ବିଜେଡି ସରକାର, ହଟିବା ଦରକାର' ବୋଲି ବିଜେଡି ପରିତ୍ୟାଗକରି ଭାଜପାରେ ସାମିଲ ହୋଇଥିବା ନେତାମାନେ କହିଛନ୍ତି।

# ଯମୁନା ସ୍ନାନରେ ଦୋଳ ମେଳଣ



ମେଳଣକୁ ଆସିଥିବା ବିମାନରେ ଠାକୁର।

ନାଉଗାଁ, ୨୭।୩ (ସୁଧା ବେହୁରା)

ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ପାଳନ ହୋଇଯାଇଛି। ଏହି ଅବସରରେ ଚାନ୍ଦପୁରା ଗୋପୀନାଥ ମନ୍ଦିର, ବାଲିସାହି, କୋଳିଡିହ, ନାଉଗାଁ ବଜାରରେ ଦୋଳ ମେଳଣ କରାଯାଇଛି। ବୁଧବାର ସକାଳେ ବନ୍ଧମୁଣ୍ଡାସ୍ଥିତ ଯମୁନା ସ୍ନାନ ଦୋଳ ମେଳଣ ପଡ଼ିଆରେ ମେଳଣର ଆୟୋଜନ କରାଯାଇଥିଲା। ଏହି ମେଳଣ ପଡ଼ିଆକୁ ୧୪ଟି ଦୋଳ ବିମାନ ବିଭିନ୍ନ ଗ୍ରାମରୁ ଆସି ଗୋବରୀ ନଦୀପଠାରେ ଏକତ୍ରିତ ହୋଇଥିଲେ। ଦୋଳ ବିମାନଗୁଡିକୁ ରଙ୍ଗ ବେରଙ୍ଗର ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯିବା ସହ ବାଜା ବାଣ ଆଦି ରୋଶଣି କରାଯାଇ ଶୋଭାଯାତ୍ରା କରି ଏହି ମେଳଣ ସ୍ଥାନକୁ ଅଣାଯାଇଥାଏ। ମେଳଣ ପରେ ସମସ୍ତ ବିମାନରେ ଥିବା ରାଧାକୃଷ୍ଣଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ମେଳଣ ନିକଟରେ ସାରାଦିନ ଭଜନ କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟା ପୂର୍ବରୁ ସବୁ ଠାକୁର ପଂକ୍ତି ଭୋଗ ଖାଇ ନିଜ ଗ୍ରାମକୁ ବାହୁଡି ଥିଲେ। ସବୁଠାରୁ କୌତୂହଳ ବିଷୟ ଏହି ମେଳଣକୁ କେହି କାହାରିକୁ ନିମନ୍ତ୍ରଣ କରି ନ ଥାନ୍ତି। କିନ୍ତୁ ଠାକୁରମାନେ ନିଜ ଖର୍ଚ୍ଚରେ ବାଜା, ବାଣ ରୋଶଣି କରି ଏଠାରେ ଏକତ୍ରିତ ହୋଇ ଭାଇଚାରା ଅନୁସାରେ ପୁଣି ଫେରିଥାନ୍ତି। କୋରୁଅ ଗ୍ରାମର ଦୋଳ ବିମାନ ବଡ଼ ଭାଇ ହିସାବରେ ଡାହାଣ ପାର୍ଶ୍ୱରେ ବସୁଥିବା ବେଳେ ମଝିପଡ଼ା ଦୋଳ ସମ୍ମୁଖରେ ବସିଥାନ୍ତି। ନରଣପୁର ଦୋଳ କ୍ଷେତ୍ରପାଳ ହିସାବରେ ଶେଷରେ ବସିଥାନ୍ତି। ଏଠାରେ ପ୍ରବାହିତ ଗୋବରୀ ନଦୀ ପାଣିରେ କାଳିଶି ଫୁଲ ବାହାର କରିବା ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପୁରୀ ଜିଲା ପଥରପକା ଦୋଳ ବିମାନଟି ଅଧିକ ଗହଣା ଗାଣ୍ଠିରେ ସଜ୍ଜିତ ହୋଇ ଏହି ମେଳଣକୁ ଆସିଥାନ୍ତି। ମେଳଣ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।




ପାରାଦୀପ ପୌର ପରିଷଦ ୭ ନଂ. ୱାର୍ଡ ପିପିଏଲ ପରିସରରେ ଥିବା ବସ୍ତି ଲୋକମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସରକାରୀ ସୁବିଧା କାର୍ଯ୍ୟକାରୀ କରିବା ପାଇଁ ଦାବି

ପାରାଦୀପ, ୨୭।୩ (ଶରତ ରାଉତ)

ପାରାଦୀପ ପୌରପରିଷଦ ୭ ନଂ. ୱାର୍ଡ ପିପିଏଲ ପରିସରରେ ଥିବା ବସ୍ତିର ଲୋକମାନେ ବୁଧବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦେବା ପାଇଁ ଆସିଥିଲେ। ସମ୍ପ୍ରତି ଏବେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଅତିରିକ୍ତ ଜିଲାପାଳ ତାଙ୍କ ଦାବିପତ୍ର ଗ୍ରହଣ କରିନାହାନ୍ତି। ଯାହାଦ୍ୱାରା ସେମାନେ କେବଳ ଗଣମାଧ୍ୟମ ଆଗରେ ନିଜର ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଇଥିଲେ। ବସ୍ତିର ଅଶୋକ ସେନାପତି, ପ୍ରଫୁଲ୍ଲ ଖଟୁଆଙ୍କ ସମେତ ୩୦୦ରୁ ଅଧିକ ଲୋକ ଦସ୍ତଖତ ଥିବା ଦାବିପତ୍ରରେ ଦର୍ଶାଯାଇଛନ୍ତି ଯେ, ସେମାନେ ୪୦ବର୍ଷ ଧରି ସେଠାରେ ରହିଲେଣି। କମ୍ପାନୀ ଆମକୁ ସର୍ବନିମ୍ନ ସହଯୋଗ କରୁନାହିଁ। ରାଜ୍ୟ ସରକାର ଆମ ପାଇଁ ଅନେକ ଯୋଜନା କରିଛନ୍ତି। ଉକ୍ତ ଯୋଜନା ପ୍ରକଳ୍ପଗୁଡିକୁ ଯେତେବେଳେ କାର୍ଯ୍ୟକାରୀ କରିବାକୁ କାମ ଆରମ୍ଭ ହେଉଛି କମ୍ପାନୀ ଲୋକ କରାଇ ଦେଉନାହାନ୍ତି। ଆମର ଶୌଚାଳୟ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)କାମ ପୌର ପରିଷଦ କରିବାକୁ ଗଲାବେଳେ କିଛି ହେଉନାହିଁ। ସେଥିପାଇଁ ଆମେ ସରକାରଙ୍କ ପାଖରେ ଦାବି ରଖୁଛୁ ଆମକୁ ରାଜ୍ୟ ସରକାରଙ୍କ ସୁବିଧା କାର୍ଯ୍ୟକାରୀ କରାଯାଉ। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ମହାବାତ୍ୟା ସମୟରେ କମ୍ପାନୀ ମାନବିୟତା ଆଧାରରେ କେତେଜଣ ଲୋକଙ୍କୁ ରଖିଥିଲା। ସବୁ ସହଯୋଗ କରୁଛି। ଜାଗା ମିଶନରେ ଜାଗା ଦେବାକୁ କିଛି ସମସ୍ୟା ସୃଷ୍ଟି ହୋଇଛି। ଏହାର ସମାଧାନ ହୋଇଯିବ।

# ପାଲଧୁଆବନ୍ଧରେ ଯାଦବ ସମିତିର ବାର୍ଷିକ ବୈଠକ

ବାଲିକୁଦା, ୨୭।୩ (ତାପସ ସ୍ୱାଇଁ)

ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ମଧ୍ୟମସ୍ଥଳୀ ଐତିହାସିକ ପୀଠ ପାଲଧୁଆବନ୍ଧ ଦୋଳ ମେଳଣ ପଡିଆରେ ଯାଦବ ସମିତିର ସଭାପତି ବାଇଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାହିଁ କେଉଁ କାଳରୁ ଗୋପାଳ ସମ୍ପ୍ରଦାୟର ଏହି ପ୍ରଥା ଏହି ଅଳକା କ୍ଷେତ୍ରଠାରେ ଅନୁଷ୍ଠିତ ହୋଇଆସୁଛି। ଏହି ଐତିହ୍ୟ ପରମ୍ପରାକୁ ବଞ୍ଚାଇ ରଖିବାକୁ ସମସ୍ତ ଗୋପାଳ ଭାଇମାନଙ୍କର ସହଯୋଗ କାମନା କରିଥିଲେ। ପରେ ପରେ ଏହି ପରମ୍ପରାର ପାହାଡା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିଶପୁର ଅଞ୍ଚଳର ୧୨ଗୋଠ ରାମତୋଳ ଗୋଠ, ଓରଡାଙ୍ଗ ଗୋଠ, ଦରଡା ଗୋଠ, ଓଳାଷ ଗୋଠ, ରାହାଣ ଗୋଠ, କୋରଛନ୍ଦା ଗୋଠ, ବରହୁରା ଗୋଠ, ବରବେଦା ଆଉଁରୀ ଗୋଠ, ଗୋଡା ଗୋଠ, ପ୍ରଧାନଡିଆ ଗୋଠ, କାହାଳିଆ ଗୋଠ, ଜଅଁରା ଗୋଠ ଓ ବରିମୁଳ ଗୋଠ ପ୍ରଭୃତି ଗୋଠର ଗୋପାଳ ଭାଇମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବର୍ଷକୁ ଥରେ ଏହି ସ୍ଥାନରେ ସମସ୍ତଙ୍କର ମିଳନ ଏବଂ ସମ୍ପ୍ରଦାୟର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥାଏ। ଆସନ୍ତା ଏପ୍ରିଲରେ ଯାଦବ ସମିତିର ବାର୍ଷିକ ଉତ୍ସବ ଅବଧୂତ ଗାଦି ବ୍ରହ୍ମଙ୍କ ପୀଠ ଯାଦବ ସମିତି ପ୍ରାଙ୍ଗଣରେ ପାଲଧୁଆବନ୍ଧଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ଦାସ, ରବୀନ୍ଦ୍ର ଦାସ, କେଶବ ଚନ୍ଦ୍ର ଦାସ, ବାବୁଲି ଦାସ, ଝାଟୁ ଦାସ, ବୈରାଗୀ ବେହେରା, ଉଦ୍ଧବ ଦାସ, ସୁବାସ ଚନ୍ଦ୍ର ଦାସ, ବାଇଧର ଦାସ, ରବୀନ୍ଦ୍ର ପ୍ରଧାନ, ମାୟାଧର ଦାସ, ଚଗଲି ଦାସ, ଜଟାଧାରୀ ଦାସ, କଳ୍ପତରୁ ଦାସ, ଅମୁଲ୍ୟ ଦାସ, ଜାପାନୀ ଦାସ ପ୍ରମୁଖଙ୍କ ସହିତ ଶତାଧିକ ଗୋପାଳ ଭାଇମାନେ ଯୋଗ ଦେଇଥିଲେ।

# ପୁରୁଣା ପେନ୍‌ସନ ନୀତି ଲାଗୁ ପାଇଁ ୟୁନିୟନ ସମୂହର ଦାବିପତ୍ର

## କେନ୍ଦ୍ର ସରକାର, ଇଣ୍ଡିଆନ ପୋର୍ଟ ଆସୋସିଏଶନ ବିରୋଧରେ ବିକ୍ଷୋଭ

ପାରାଦୀପ, ୨୭।୩ (ଶରତ ରାଉତ)

କେନ୍ଦ୍ର ସରକାର ଓ ଇଣ୍ଡିଆନ ପୋର୍ଟ ଆସୋସିଏଶନର ୬ ଟି ନିୟମ ଉପରେ ବୁଧବାର ପାରାଦୀପର ମିଳିତ ଟ୍ରେଡ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ର ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧଙ୍କୁ ୟୁନିୟନ ନେତାମାନେ ଦେଇଥିଲେ। ଏଥିରେ ସେମାନେ ଦର୍ଶାଇଛନ୍ତି, ବୃହତ ବନ୍ଦରଗୁଡିକରେ କାର୍ଯ୍ୟରତ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ନୀତି ୨୦୨୨ ଜାନୁଆରୀ ୧ ରୁ ସଂଶୋଧିତ କରାଯାଉ, ଏହି କର୍ମଚାରୀମାନଙ୍କ ପାଇଁ ନିୟମ ଆଣିଥିବା ଇଣ୍ଡିଆନ ପୋର୍ଟ ଆସୋସିଏଶନ ଯୁକ୍ତିକୁ ପ୍ରତ୍ୟାହାର କରିବା, ମଜୁରୀ ରାଜିନାମାରେ ରଖାଯାଇଥିବା ସର୍ତ୍ତାବଳି ପ୍ରତ୍ୟାଖ୍ୟାନ କରିବା, ନୂତନ ପେନସନ ନୀତିକୁ ପ୍ରତ୍ୟାହାର କରାଯାଇ ପୁରୁଣା ପେନସନ ନିୟମ ୧୯୭୨ ଲାଗୁ କରିବା ଓ ଠିକାଶ୍ରମିକଙ୍କୁ ମାସିକ ସର୍ବନିମ୍ନ ଦରମା ୨୨ ହଜାର ଟଙ୍କା ଦେବା ପାଇଁ ଉଲ୍ଲେଖ ରହିଛି। ଏହି ଦାବିପତ୍ର ଦେବା ସମୟରେ ଶ୍ରମିକ ନେତା ବିଭୂତି ମହାରଣା, ନୃସିଂହ ପ୍ରସାଦ ଶତପଥୀ ଓ ଅନ୍ୟମାନେ ଥିଲେ।

# ଧୁମଧାମରେ ପାଳନ ହେଲା ହୋଲି



## ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ନିଆରା ଢଙ୍ଗରେ ଉତ୍ସବ

ଜଗତ୍‌ସିଂହପୁର ୨୭।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଦୋଳ ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏଥିସହ ହୋଲି ଉତ୍ସବ ଛୋଟ ପିଲାଠାରୁ ବଡ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ମନରେ ଖୁସି ଭରି ଦେଇଛି। ଏହି ଅବସରରେ ସ୍ଥାନୀୟ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ନିଆରା ଢଙ୍ଗରେ ରଙ୍ଗ ଉତ୍ସବ ପାଳନ ହୋଇଥିଲା। ଚାତ୍ରାସ୍ଥିତ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଲୋକେ ରଙ୍ଗରେ ରଙ୍ଗାୟିତ ହୋଇଥିଲେ। ସ୍ୱତନ୍ତ୍ର ନାଚ, ଗୀତ ସାଙ୍ଗକୁ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ନିଆରା ପରିବେଶ ସୃଷ୍ଟି କରିଥିଲା। କେବଳ ଏତିକି ନୁହେଁ, ଯେଉଁମାନେ ପହଞ୍ଚିଥିଲେ ପ୍ରତ୍ୟେକଙ୍କୁ ପେଟପୁରା ଦହିବରା, ଆଳୁଦମ ସାଙ୍ଗକୁ ରସଗୋଲା ଖାଇବାକୁ ଦିଆଯାଇଥିଲା। ସେଲ୍ଫି ଜୋନରେ ପିଲାଠାରୁ ବଡ ପର୍ଯ୍ୟନ୍ତ ସେଲ୍ଫି ନେବା ଦୃଶ୍ୟ ବେସ ଆକର୍ଷଣୀୟ ଥିଲା। ସହରର ବିଭିନ୍ନ ବର୍ଗର ଲୋକେ ସେଠାରେ ପହଞ୍ଚି ଭରପୁର ମନୋରଞ୍ଜନ କରିଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବେ ଯନ୍ତ୍ରାଳମୟ ଜୀବନରୁ ମୁକ୍ତ ହୋଇ ପରସ୍ପର ମଧ୍ୟରେ ଭାଇଚାରା ବୃଦ୍ଧି କରିବାକୁ ପ୍ରତିଷ୍ଠାନର ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ଅନୁରୂପ ଭାବେ ଜିଲାରେ ହୋଲି ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ରାଜନେତାମାନଙ୍କ ନିକଟରେ ଦଳୀୟ ନେତା ଓ କର୍ମୀମାନେ ପହଞ୍ଚି ସେଲିବ୍ରେସନ କରିଛନ୍ତି। ସାଙ୍ଗସାଥିରେ ହୋଲି ଉତ୍ସବ ପାଳନ ସହ ଅନେକ ଭୋଜିର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା।

# ନାରୀର ସ୍ୱାଧୀନତା, ସଂଘର୍ଷ ଅତୁଳନୀୟ

## ଜାତୀୟ ନାଟକ ମହୋତ୍ସବ

- ଶେଷ ସନ୍ଧ୍ୟାର ଆକର୍ଷଣ ଥିଲା ନାଗ ମଣ୍ଡଳ

ପାରାଦୀପ, ୨୭।୩ (ଶରତ ରାଉତ)



ନାଟକର ଏକ ଦୃଶ୍ୟ।



ଉଦ୍‌ଯାପନୀ ସନ୍ଧ୍ୟାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

ପାରାଦୀପର ଜୟଦେବ ଭବନରେ ୧୯ ତାରିଖରୁ ଚାଲିଥିବା ଜାତୀୟ ନାଟକ ମହୋତ୍ସବ ବୁଧବାର ଶେଷ ହୋଇଛି। ଶେଷ ସନ୍ଧ୍ୟାରେ ଦିଲ୍ଲୀର ବ୍ଲାକ ଜ୍ୟୋତି କଳାମଞ୍ଚ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ହିନ୍ଦୀ ନାଟକ ନାଗ ମଣ୍ଡଳ। ନିର୍ଦ୍ଦେଶକ ସତ୍ୟବ୍ରତ ରାଉତଙ୍କ ଉକ୍ତ ନାଟକରେ ପୁରୁଷପ୍ରଧାନ ସମାଜରେ ନାରୀଙ୍କୁ କିପରି ସଙ୍କୁଚିତ କରାଯାଉଛି ତାହା ଦର୍ଶାଇଥିଲେ କଳାକାରମାନେ। ବିବାହ ପରେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ଅଣଦେଖା କରି ଅନୈତିକ ସମ୍ପର୍କ ରଖୁଛି। ପ୍ରତିବାଦ କଲେ ଗାଳି ମାଡ଼ ଖାଉଛି। ଏହି ସମୟରେ ଜଣେ ବୁଢ଼ୀ ଗୁଣି ଗାରେଡି ପାଇଁ ପରାମର୍ଶ ଦେଉଛି। ଶେଷ ମୁହୂର୍ତ୍ତରେ ପାଦୁକା ସ୍ୱାମୀଙ୍କୁ ଦେବା ବଦଳରେ ସେ ଏକ ଗଛମୂଳରେ ଢାଳି ଦେଇଛନ୍ତି। ସେହି ପାଦୁକା ସର୍ପ ହୋଇ ପ୍ରତିଶୋଧ ନେଉଛି। ଉଦ୍‌ଯାପନୀ ସଭାରେ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, କୋଷ୍ଟଗାର୍ଡ କମାଣ୍ଡର ସଞ୍ଜୟ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନାଟକ ମହୋତ୍ସବକୁ କାନମାସ ଆୟୋଜନ କରିଥିଲା।

## ସଂକ୍ଷେପରେ

### ବାଇକ୍ ଟ୍ରାକ୍ଟର ମୁହାଁମୁହିଁ ଧକ୍କା: ଜଣେ ଗୁରୁତର

ଦାରିଙ୍ଗବାଡି, ୨୫।୩(ଅରୁଣ ସାହୁ): ଦାରିଙ୍ଗବାଡି ଥାନା ସିମନବାଡିର ଜାତୀୟ ରାଜପଥ ଉପରେ ସୋମବାର ଏକ ବାଇକ୍ ସହ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକ ମିଳନ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ମିଳନ ନିଜ ଗ୍ରାମ ଲାରିବୋଡିରୁ କୌଣସି କାର୍ଯ୍ୟରେ ସିମନବାଡି ଆସିଥିଲେ। ଗୋଟିଏ ଟ୍ରାକ୍ଟର ରାଜପଥ ଉପରେ ଠିଆ ହୋଇଥିବା ବେଳେ ମିଳନ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଟ୍ରାକ୍ଟରକୁ ସାମନାପଟୁ ଧକ୍କା ଦେଇଥିଲେ ଫଳରେ ସେଠାରେ ହିଁ ମିଳନ ପଡିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ଗଛକୁ ପିଟିଲା ବାଇକ୍, ଜଣେ ମୃତ

ମୋହନା, ୨୭।୩(ମନ୍ମଥ ମିଶ୍ର)

ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ୍। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗଜପତି ଜିଲା ମୋହନା ଥାନା ଡେଙ୍ଗାମା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। ମୃତକ ଜଣକ ହେଲେ ଆର.ଉଦୟଗିରି ଥାନା ଘୋଡାକୋଣ ଗାଁର ଆଦିତ୍ୟ ରାଇକା (୨୪) ଓ ଆହତ ଜଣଙ୍କ ହେଲେ ବୁର୍ଦ୍ଦୁଗୁଡ଼ା ଗାଁ ଦିନେଶ ରଇତ (୨୨) ବୋଲି ସୂଚନା ମିଳିଛି। ଦୁହେଁ ଡେଙ୍ଗାମା ଗାଁରେ ଭୋଜି ଖାଇ ଆର.ଉଦୟଗିରି ଅଭିମୁଖେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ପିଟି ହୋଇଥିଲା। ଦିନେଶଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ଏମକେସିଜି ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଆଦିତ୍ୟ ଓ ବାଇକ (ଓଡି ୨୦ଏ ୦୬୨୭)କୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଦେଇଛି।

### ବାଣ ନିଆଁରେ ଜଳିଗଲା ୩ ଘର

ପୋଲସରା, ୨୭।୩(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ଏନ୍‌ଏସି ବ୍ରାହ୍ମଣ ସାହି ଛକ ନିକଟସ୍ଥ ହରିଜନ ବସ୍ତିରେ ବାସ କରୁଥିବା ୩ ପରିବାରର ଘର ବିଜେଡ଼ି ବାଣ ନିଆଁରେ ଜଳିଯାଇଛି। ବୁଧବାର ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଟିକେଟ ଘୋଷଣାକୁ ନେଇ ସମର୍ଥକମାନଙ୍କ ପୋଲସରା ସହରରେ ବାଣ ଫୁଟାଇ ଉତ୍ସାହ ଦେଖିବାକୁ ମିଳିଥିଲା। ସହରରେ ବାଣ ଫୁଟାଇବା ବେଳେ ଦେଉଳପେଡି ହରିଜନ ସାହିରେ ବାସ କରୁଥିବା ସୁମନ୍ତ ନାୟକ, ପ୍ରଶାନ୍ତ ନାୟକ, ରାମ ନାୟକଙ୍କ ଚାଳ ଘରେ ନିଆଁ ପଡ଼ି ଘର ଭସ୍ମୀଭୂତ ହୋଇଥଲା। ପରିବାରକୁ ଆର୍ଥିକ ସହାୟତା ଯୋଗାଇବାକୁ ଦାବି ହୋଇଛି।

### କୃଷି କାର୍ଯ୍ୟାଳୟରେ ଚୋରି, ଜଣେ ଗିରଫ

ପାରଳାଖେମୁଣ୍ଡି, ୨୭।୩ (ଗିରିଧାରୀ ପରିଚ୍ଛା) : ଗଜପତି ଜିଲା କୃଷି କାର୍ଯ୍ୟାଳୟରୁ ୨୧ ତାରିଖରେ ମୁଖ୍ୟ ଫାଟକ ଭାଙ୍ଗି କମ୍ପ୍ୟୁଟର, ପ୍ରିଣ୍ଟର ଆଦି ଚୋରି କରିବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ ପାରଳାଖେମୁଣ୍ଡି ଦଣ୍ଡମାଳା ସାହିର ଟି. ସାଇ କିରଣ। ତାଙ୍କ ଘରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ। ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

# ମା’ ବାଙ୍କେଶ୍ୱରୀଙ୍କ ଯାତ୍ରା ଉଦ୍‌ଯାପିତ

ଦିଗପହଣ୍ଡି, ୨୭।୩(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡଡୁମୁଳା ସ୍ଥିତ ମା’ ସିଦ୍ଧ ବାଙ୍କେଶ୍ୱରୀଙ୍କ ୩ ଦିନ ବ୍ୟାପି ଦୋଳଯାତ୍ରା ଉଦଯାପିତ ହୋଇଯାଇଛି। ଏହି ଯାତ୍ରାରେ ଜିଲା ଏବଂ ଜିଲା ବାହାରର ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବୁଧବାର ଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଏପରିକି ବଡଖେମୁଣ୍ଡି ରାଜ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ସମସ୍ତଙ୍କ ମଙ୍ଗଳ କାମନା ମଧ୍ୟ କରାଯାଇଥିବା ଦେଖାଯାଇଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଯାତ୍ରା ପରିଚାଳନା କମିଟି ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଶେଷକରି ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ମହାବିଦ୍ୟାଳୟ, ବମକୋଇ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍କାଉଟ୍, ରୋଭର୍ସ ଏବଂ ରେଞ୍ଜର୍ସ କ୍ଲବର ଛାତ୍ରୀଛାତ୍ରମାନେ ଏଥିରେ ଉଲ୍ଲେଖନୀୟ ସେବା ଯୋଗାଇ ଦେଇଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଏସ୍. ସୀତାରାମ ମୂର୍ତ୍ତି, ପ୍ରଦୀପ କୁମାର ପ୍ରଧାନ ଏବଂ ସୁଧାଂଶୁ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଭକ୍ତଙ୍କ ଧାଡି ଦର୍ଶନ, ପାନୀୟ ଜଳଯୋଗାଣ, ମନ୍ଦିର ପରିସର ଓ ବାହାର ପରିବେଶ ପରିଷ୍କାର ରଖିବା ଦିଗରେ ସହଯୋଗ କରିଥିଲେ। ତେବେ ଧାଡି ଦର୍ଶନ ସମୟରେ ଦୁଇ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଲୁଟର ଶୀକାର ହୋଇଥିବା ଜଣେ ମହିଳା ନୂଆପଡା ଗ୍ରାମର ଏସ. ଅନିତା ବୋଲି ଜଣାଯାଇଥିବା ବେଳେ ଅନ୍ୟଜଣକ ବ୍ରହ୍ମପୁର ନାରାୟଣ ନଗରର ସୁରଭି ସାହୁ ବୋଲି ଜଣାପଡିଛି। ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ବାବାଶଙ୍କର ସରାଫ ପ୍ରକାଶ କରିଛନ୍ତି। ଶୃଙ୍ଖଳିତ ଯାତ୍ରା ସମାପନ ଦିଗରେ ସହଯୋଗ ଯୋଗାଇ ଦେଇଥିବା ସ୍କାଉଟ, ରୋଭର୍ସ ଓ ରେଞ୍ଜର କ୍ଲବ ସମେତ ପୋଲିସ ପ୍ରଶାସନକୁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି।

# ସାଲୁଗା ପ୍ରଧାନ ପୁଣି ବିଜେଡି ପ୍ରାର୍ଥୀ ମନୋନୀତ

ଜି.ଉଦୟଗିରି/ଦାରିଙ୍ଗବାଡ଼ି, ୨୭।୩ (ଶିଶିର ପଟ୍ଟନାୟକ/ଅରୁଣ ସାହୁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ବିଜେଡିର ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ନେତା, କର୍ମକର୍ତ୍ତା ବନ୍ଧ ଛକ ଏବଂ ଗାନ୍ଧୀ ଛକ ଏବଂ କଳିଙ୍ଗା ଠାରେ ସାଲୁଗା ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ସେହିପରି ଜି.ଉଦୟଗିରିଠାରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବିଜେଡି ନଗର ସଭାପତି ପି ସଞ୍ଜୀବ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ଦଳବେହେରା, ବ୍ଲକ ସଭାପତି ଲିଙ୍ଗରାଜ କହଁର, ବ୍ଲକ କାର୍ଯ୍ୟକାରୀ ସଭାପତି ଉଦୟ ନାୟକ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘଙ୍କ



ବିଧାୟକ ସାଲୁଗା ପ୍ରଧାନ

ସମେତ ଶତାଧିକ କର୍ମୀ ଓ ନେତା ବାଣ ଫୁଟାଇ ସହର ପରିକ୍ରମା କରାଇଥିଲେ। ସେହିପରି ଦାରିଙ୍ଗବାଡିଠାରେ ବିଜେଡି ସମେତ ବିଭିନ୍ନ ପୂଜା କମିଟି ସମେତ ହୋଟେଲ ସଙ୍ଘ, ବଣିକ ସଙ୍ଘ ସାଲୁଗା ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସନ୍ତୋଷ ବିଶୋଇ, ନୀଳମାଧବ ସାହୁ, ଦୀପକ ସାହୁ, ବଣିକ ସଙ୍ଘ ର ଲଡ୍ଡୁ କିଶୋର ସାହୁ, ଦିଲୀପ ସାହୁ, ସରୋଜ ସାହୁ, ପ୍ଲିହେରି ସରପଞ୍ଚ ପାଉଲ ପ୍ରଧାନ, ଜ୍ୟୋତିରାଜ ପ୍ରଧାନ, ରାଜେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଲୋକ ତାଙ୍କୁ ସ୍ୱାଗତ କରିଛନ୍ତି। ସୂଚନା ପ୍ରକାରେ, ସାଲୁଗା ପ୍ରଥମେ ବିଜେଡିର ପ୍ରାର୍ଥୀ ଭାବେ ବିଜୟ ଲାଭ କରି ୨୦୦୦ରେ ବିଧାୟକ ଥିଲେ। ପୁଣି ୨୦୧୯ରେ ବିଜୟୀ ହୋଇ ବିଧାୟକ ଅଛନ୍ତି। ବର୍ତ୍ତମାନ ସେ ବିଧାନସଭାର ଉପ ବାଚସ୍ପତି ମଧ୍ୟ ଅଛନ୍ତି। ପୁନର୍ବାର ବିଜେଡି ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା କରିଥିବାରୁ ସାଲୁଗା ପ୍ରଧାନ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣେଇଛନ୍ତି।

### ପଞ୍ଚଦୋଳ ଯାତ୍ରା ପ୍ରସ୍ତୁତି ବୈଠକ, ଡିଜେ ସାଉଣ୍ଡକୁ ନା

ଗଞ୍ଜାମ, ୨୭।୩(ବିଦ୍ୟାଧର ସାହୁ)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ହାଟ ପଡିଆଠାରେ ହେବାକୁ ଥିବା ପ୍ରସିଦ୍ଧ ପଞ୍ଚୁ ଦୋଳ ଯାତ୍ରା ପାଇଁ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରମ୍ଭା ଥାନାଧିକାରୀ ସତ୍ୟବ୍ରତ ଭୂତିଆ ସଭାପତିତ୍ୱ କରିଥିଲେ। ଆସନ୍ତା ୨୯ରେ ସାହି ଯାତ୍ରା ଓ ୩୧ରେ ପଞ୍ଚୁ ଦୋଳ ଯାତ୍ରା ଅନୁଷ୍ଠିତ ହୋଇ ୧ତାରିଖରେ ସମାପିତ ହେବ। ଯାତ୍ରାରେ ପଟୁଆରରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ସେହିପରି ଖଣ୍ଡଦେଉଳି ଗ୍ରାମ ଓ ବଳରାମପୁର ଗ୍ରାମରେ ମଧ୍ୟ ପଞ୍ଚୁ ଦୋଳ ଯାତ୍ରା ଅନୁଷ୍ଠିତ ହୋଇ ଶାନ୍ତି, ଶୃଙ୍ଖଳାର ସହ ଯେପରି ସମାପନ ହେବ ରମ୍ଭା ଥାନା ପକ୍ଷରୁ ଆଲୋଚନା ହୋଇଥିଲା।

# କେଜ୍‌ରିୱାଲଙ୍କ ଗିରଫକୁ ବିରୋଧ



ଆପ୍ କର୍ମକର୍ତ୍ତା।

ଫୁଲବାଣୀ, ୨୭।୩(ରାକେଶ କୁମାର ରାଉତ) ଆମ ଆଦମୀ ପାର୍ଟି(ଆପ୍) ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗିରଫ କରିଛି। ଏହା ସମ୍ପୂର୍ଣ୍ଣ ବେଆଇନ। କେନ୍ଦ୍ର ଭାଜପା ସରକାର ମିଥ୍ୟା ଅଭିଯୋଗରେ ଆକ୍ରୋଶ ରଖି କେଜ୍ରିୱାଲଙ୍କୁ ଗିରଫ କରିଛି। ଯାହା ଗଣତନ୍ତ୍ର ପାଇଁ ଆଦୌ ଶୋଭନୀୟ ନୁହେଁ। ଏହାକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ। ଯଦି କେଜ୍ରିୱାଲଙ୍କୁ ଛଡା ନ ଯାଏ ତାହାଲେ ଆମେ ଆସନ୍ତା ୩୧ରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଆପ୍‌ର ଜିଲା ସାଧାରଣ ସମ୍ପାଦକ ବୁଧବାର ସ୍ଥାନୀୟ ବନୀନୀ କଳା ସଙ୍ଗମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସରଥ ଚନ୍ଦ୍ର ରେଡ୍ଡୀଙ୍କୁ ଇଡି ମଦ ଘୋଟାଲାର ମୁଖ୍ୟ ପୁରୋଧା କହି ଗିରଫ କଲା। ଭାଜପା ତାଙ୍କ କମ୍ପାନୀରୁ ୫୯.୫ କୋଟି ଟଙ୍କା ଇଲୋକ୍ଟୋରାଲ ବଣ୍ଡରେ ନେଇଛି। ଭାଜପାର ଏଭଳି କାର୍ଯ୍ୟକୁ ଦେଶବାସୀ କ୍ଷମା ଦେବେ ନାହିଁ। ଆପ ପୁଣି ନିର୍ବାଚନରେ ଚମକ ପ୍ରଦର୍ଶନ କରିବ। ଆମ ରାଜ୍ୟରେ ମଧ୍ୟ ଆପ ଭଲ କରିବ ବୋଲି ଦଳୀୟ କର୍ମକର୍ତ୍ତା ଜର୍ବାସ ଦିଗାଲ, ସୁନୀଲ କୁମାର ମୁନି, ରାଜକିଶୋର ନାୟକ କହିଛନ୍ତି।

# ମା’ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଦାରିଙ୍ଗବାଡି, ୨୭।୩ (ଅରୁଣ ସାହୁ)

ଦାରିଙ୍ଗବାଡିଠାରେ ମା’ଠାକୁରାଣୀଙ୍କ ଯାତ୍ରା-୨୦୨୪ କରାଯିବା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ମା’ଠାକୁରାଣୀ ପୂଜା କମିଟି ପକ୍ଷରୁ ପୂଜାପାଠ, ହୋମ ଯଜ୍ଞର ଆୟୋଜନ କରାଯାଇଥିଲା କମିଟିର ଟୁକୁନା ସାହୁ କର୍ତ୍ତା ଭାବେ ସମ୍ପାଦନା କରିଥିବା ବେଳେ ଚନ୍ଦନ ତ୍ରିପାଠୀ ଏବଂ ବୁଲୁ ତ୍ରିପାଠୀ ହୋମ ପୂଜା ଆଦି କରି ଶୁଭଖୁଣ୍ଟି ସ୍ଥାପନ କରାଇଥିଲେ। ପୂର୍ବ ଧାର୍ଯ୍ୟ ଅନୁସାରେ ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିବା ସାଧାରଣ ସମ୍ପାଦକ ଭଗବାନ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆସନ୍ତା ଚୈତ୍ର ମାସର ଶେଷ ମଙ୍ଗଳବାର ଏପ୍ରେଲ ୨୩ଠାରୁ ମା’ଙ୍କ ଯାତ୍ରା ଆରମ୍ଭ କରାଯିବା ସହ ଏହା ମେ ମାସ ୭ ରେ ପୂର୍ଣ୍ଣାହୁତି ହେବ ବୋଲି କମିଟିର ସଭାପତି ଲଡ୍ଡୁ କିଶୋର ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଶିବଶଙ୍କର ସାହୁ,ବାପୁଜୀ ମିଶ୍ର, ଅବନୀ ସାହୁ, ଦୀପକ ସାହୁ, ଅମରେଶ ସାହୁ, ମନୋଜ ସାହୁ, ରଞ୍ଜିତ କୁମାର ସେନାପତି, ବାବୁଲି ସାହୁ, କୀର୍ତ୍ତି ଚନ୍ଦ୍ର ସାହୁ, ରୋଶନ ସାହୁ, ଆଇନଜୀବୀ ଉମେଶ କର, ପ୍ରଦୀପ ସାହୁ, ପତିତପାବନ ରାଉତ, ସରପଞ୍ଚ ଚନ୍ଦ୍ରିକା ମଲିକ, ଅରୁଣ ପ୍ରଧାନ, ଅଇସନ୍ୟ ମଲିକ, ନନ୍ଦିନୀ ମଲିକ ଚିଟାଳନା କରିଥିଲେ। ସୂଚନାଯୋଗ୍ୟ, କୋଭିଡ ପରଠାରୁ ଏହି ଯାତ୍ରା ବନ୍ଦ ରହିଥିଲା ପୁଣି ଚଳିତ ବର୍ଷ କରାଯିବା ପାଇଁ ସ୍ଥିର କରାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି।

# ବେଲଗୁଣ୍ଠାରେ ପାଳନ ହେଲା ଦୋଳ ଉତ୍ସବ

ବେଲଗୁଣ୍ଠା, ୨୭।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତର ବାସୁଦେବପୁର ଗ୍ରାମର ଇତିହାସ ପ୍ରସିଦ୍ଧ ଐତିହ ସମ୍ପନ୍ନ ଗୋପୀନାଥ ସ୍ୱାମୀ ମନ୍ଦିରରେ ହୋର୍ଷୋଲ୍ଲାସର ସହିତ ଚଳିତ ବର୍ଷର ବସନ୍ତ ଉତ୍ସବ ପାଳିତ ହୋଇଯାଇଛି।

ରାଜା ବାସୁଦେବ ଭଞ୍ଜଙ୍କ ଦ୍ୱାରା ୧୭୦୨ ମସିହାରେ ପ୍ରାଚୀନ ଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇ ଏହାର ଦାୟିତ୍ୱ ବାସୁଦେବପୁର ଶାସନର ବ୍ରାହ୍ମଣମାନଙ୍କୁ ପ୍ରଦାନ କରିଥିଲେ। ସେହିଦିନ ଠାରୁ ବ୍ରାହ୍ମଣ ଶାସନର ମୁଖ୍ୟ ମକଦ୍ଦମ ମନ୍ଦିରର ରୀତିନୀତି ଏବଂ ପୂଜାବିଧି ଦାୟିତ୍ୱ ତୁଲାଇ ଆସୁଛନ୍ତି। ବର୍ତ୍ତମାନର ମକଦ୍ଦମ ରାମ ପ୍ରସାଦ ମିଶ୍ରଙ୍କ ସୂଚନା ପ୍ରକାରେ ପ୍ରତିବର୍ଷ ଫାଲ୍ଗୁନ ଶୁକ୍ଳ ଦଶମୀ ତିଥିଠାରୁ ପୂର୍ଣ୍ଣମୀ ତିଥି ପର୍ଯ୍ୟନ୍ତ ଛଅ ଦିନ ଧରି ଗୋପୀନାଥ ସ୍ୱାମୀଙ୍କ ବସନ୍ତ ମିଳନ ଉତ୍ସବ ପାଳିତ ହୋଇଥାଏ। ଚତୁର୍ଦ୍ଦଶୀ ତିଥିର ରାତ୍ରି ଦ୍ୱିତୀୟ ପ୍ରହରରେ ଶ୍ରୀ ରାଧା ଏବଂ କୃଷ୍ଣଙ୍କୁ ଦୋଳରେ ବିଜେ



ଗୋପୀନାଥ ସ୍ୱାମି ମନ୍ଦିରରେ ପୂଜାର୍ଚ୍ଚନା।

କରାଯାଇ ଗ୍ରାମବାସୀମାନେ ଠାକୁରଙ୍କ ଗ୍ରାମର ପ୍ରତି ଘରର ଦ୍ୱାର ସମ୍ମୁଖରେ ଭୋଗ ଖୁଆଇ ଥାଆନ୍ତି। ଏହାକୁ ଦ୍ୱାରପୂଜା କୁହାଯାଏ। ଏହି ଅବସରରେ ଗ୍ରାମରେ ପାରମ୍ପରିକ ଢୋଲ, ବାଜା, ବାଣରେ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚଳିତ ବର୍ଷ ମଧ୍ୟ ଧୂମଧାମରେରେ ଗ୍ରାମରେ ବସନ୍ତ ମିଳନ ଉତ୍ସବ ଏବଂ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ଯାତ୍ରାରେ ବହୁ ଆଡମ୍ବର ବିଭିନ୍ନ ପଟୁଆର, ବାଘ ନାଚ, ରାଜା ରାଣୀ, କାଠି ନାଚ, ଢୋଲ ବାଦ୍ୟ ଏବଂ ଘଣ୍ଟ ତାଳ ଦ୍ୱାରା ଗ୍ରାମ କମ୍ପି ଉଠିଥିଲା। ୫ ଦିନ ଧରି ଗ୍ରାମ ପରିକ୍ରମା ପରେ ଚତୁର୍ଦ୍ଦଶୀ ଦିନ ରାତ୍ର ଦି ପ୍ରହର ପରେ ରଜଗସନି ସାରି ହରିହର ଭେଟ ହୋଇ ଫଗୁ ଖେଳିଥିଲେ। ତା ପରେ ଝୁଲଣ ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରି ଝୁଲଣ ମଣ୍ଡପରେ ଭୋଗ ଖାଇ ନାଚ ଦେଖିଥିଲେ। ଏହି ଅବସରରେ ଠାକୁରଙ୍କ ସମ୍ମୁଖରେ ପୌରାଣିକ ନାଟକ କୁରୁକ୍ଷେତ୍ର ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ବାସୁଦେବପୁର ଗ୍ରାମବାସୀ ସହଯୋଗ କରିଥିଲେ।

### ଶ୍ରୀକୃଷ୍ଣ ଶରଣପୁର ଶାସନରେ ଦୋଳ ପର୍ବ

ଖଲ୍ଲିକୋଟ, ୨୭।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଶାସନରେ ପବିତ୍ର ଦୋଳ ପର୍ବ ପାଳିତ ହୋଇଛି। ଫାଲଗୁନ ଶୁକ୍ଳ ଏକାଦଶୀ ଠାରୁ ଚନ୍ଦ୍ରଶେଖର, ଦୁର୍ଗାଦେବୀ, ରାଧାକୃଷ୍ଣଙ୍କ ଚଳନ୍ତି ବିଗ୍ରହ ସନ୍ଧ୍ୟାରେ ବିମାନରେ ବସି ପାଟପଟୁଆରରେ ସାହି ପରିକ୍ରମା କରି ଦୁଆର ଭୋଗ ହେଉଥିଲା। ସୋମବାର ପୂର୍ଣ୍ଣିମା ଦିନରେ ବୃଷଭ ଏବଂ ଦୋଳ ବିମାନରେ ବିଜେ ପ୍ରତିମାଙ୍କୁ ଉପବେଶନ କରାଇ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଦୋଳ ପଡ଼ିଆରେ ପୂଜା ପାଠ ହୋଇ ଅହେରାପୋଡିରେ ଅଗ୍ନି ପରିକ୍ରମା ହୋଇଥିଲା। ପୂଜକ ଦେବରାଜ ପଣ୍ଡା ପୂଜାର୍ଚ୍ଚନା କରୁଥିଲେ ଏବଂ ଗ୍ରାମବାସୀ ଏହିଯାତ୍ରା ପରିଚାଳନା କରିଥିଲେ। ସେହିପରି ଖଲ୍ଲିକୋଟ ସହରରେ ଥିବା ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିରରେ ଏହି ପର୍ବ ପାଳିତ ହୋଇଛି।

### ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

ବାଲିଗୁଡା, ୨୭।୩:(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡା ବ୍ଲକ ରେବିଙ୍ଗିଆଠାରେ ଥିବା ମା’ କନକ ଦୁର୍ଗା ଯୋଗାଶ୍ରମ ଆନୁକୂଲ୍ୟରେ ଶ୍ରୀ ଗୁରୁ ପୂର୍ଣ୍ଣାନନ୍ଦ ପୀଠରେ ଦୋଳ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହରୀ ନାମ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମ ଯଜ୍ଞରେ ଆଖପାଖ ଅଞ୍ଚଳରୁ ପ୍ରାୟ ୨୦ ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିବା ବେଳେ ବାଲିଗୁଡ଼ା ଓ ଆଖପାଖ ଅଞ୍ଚଳବାସୀ ସହଯୋଗ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଯୁବପିଢ଼ିଙ୍କୁ ଧର୍ମରକ୍ଷା ଓ ହରିନାମରେ ସାମିଲ କରିବାକୁ ପ୍ରୟାସ କରଯାଇଛି ବୋଲି ଆଶ୍ରମ କର୍ମକର୍ତ୍ତା ଗୋବିନ୍ଦ ଚନ୍ଦ୍ର ବେହେରା ଓ ଅଷ୍ଟପ୍ରହରୀ କର୍ତ୍ତା ପରିବାର ପକ୍ଷରୁ ଲକ୍ଷ୍ମୀ ସାହୁ ପ୍ରକାଶ କରିଛନ୍ତି।

# ଦୋଳ ଉତ୍ସବ ଉଦ୍‌ଯାପିତ




ପାରଳାଖେମୁଣ୍ଡି, ୨୭।୩ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିରେ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବ ୭ଦିନ ଧରି ଚାଲିଥିଲା। ପ୍ରତେକ ଦିନ ବିଭିନ୍ନ ପ୍ରକାର ନାଚ ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାତ୍ରା ଆରମ୍ଭର ପଞ୍ଚମ ଦିନ ତଥା ଦୋଳ ପୂର୍ଣ୍ଣିମା ଦିନ ମଘାପୋଡ଼ି ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହାକୁ ଦେଖିବାକୁ ଜିଲା ତଥା ଜିଲା ବାହାରର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଉତ୍ସବ କମିଟି ତରଫରୁ ପ୍ରତି ଦିନ ସନ୍ଧ୍ୟାରେ ରାମସ୍ୱାମୀ ମନ୍ଦିରରୁ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରି ଦୋଳ ମଣ୍ଡପରେ ପୂଜାର୍ଜନା କରାଯାଇଥିଲା। ମଙ୍ଗଳ ବାର ଦୋଳ ଯାତ୍ରା ଉଦଯାପିତ ହୋଇଯାଇଛି।

# ଆବର୍ଜନାରେ ଭର୍ତ୍ତି ପାନୀୟ ଜଳ ଟ୍ୟାଙ୍କ୍

ନୂଆଗଡ, ୨୭।୩(ଯୋଗ୍ୟବନ୍ତ ପରିଚ୍ଛା)- ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ପଞ୍ଚାୟତ ଖଜୁରିପଦା ଲକ୍ଷ୍ମୀ ବସଷ୍ଟାଣ୍ଡରେ ଥିବା ପାନୀୟ ଜଳ ଟେଙ୍କ୍ ଚତୁପାର୍ଶ୍ୱରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଛି। ନୂଆଗଡ଼ ବ୍ଲକର ହଜାର ହଜାର ଲୋକେ ଏହି ଲକ୍ଷ୍ମୀ ବସଷ୍ଟାଣ୍ଡରୁ ଯାତାୟାତ କରନ୍ତି। ଫଳରେ ଯାତ୍ରୀମାନେ ଏହି ଆବର୍ଜନା ଟ୍ୟାଙ୍କର ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ବୋଲି ପ୍ରକାଶ କରିବା ସତ୍ତ୍ୱେ ପ୍ରଶାସନ କୌଣସି ଦୃଷ୍ଟିପାତ କରୁନାହିଁ। ଏହି ପାଣି ଟ୍ୟାଙ୍କରେ ଦିନକୁ ୧୫ ମିନିଟରୁ ଊର୍ଦ୍ଧ୍ୱ ସମୟ ପାଣି ଆସୁନଥିବାରୁ ଯାତ୍ରୀମାନେ ଖରାରେ ପାଣିପାଇଁ ତହଳବିକଳ ହେଉଛନ୍ତି। ତେଣୁ ଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟିପାତ କରିବାକୁ ଯାତ୍ରୀମାନେ କହିଛନ୍ତି। ଶୀଘ୍ର ମରାମତି ନକଲେ ବ୍ଲକରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି।

# କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଫୁଲବାଣୀ, ୨୭।୩(ରାକେଶ କୁମାର ରାଉତ) ବିଗତ ଦିନରୁ ଖାଲି ପଡିଥିବା କଂଗ୍ରେସର ଦଳୀୟ ଜାଗାରେ ଆଜି ଯାଏ କାର୍ଯ୍ୟାଳୟ ଟିଏ ନିର୍ମାଣ ହୋଇ ପାରି ନ ଥିଲା। ଜିଲା କଂଗ୍ରେସ ସଭାପତି ଭାବେ ଚନ୍ଦ୍ରଶେଖର ପରିଡା ଦାୟିତ୍ୱ ନେବା ପରେ ବୁଧବାର ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଇଛି। ଭର୍ଚୁଆଲ ମୋଡରେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାପରେ ଦଳର ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ରାଧାକାନ୍ତ ଦଳକୁ ଫେରିବା ସହ ଉପସ୍ଥିତ କର୍ମୀ ଏବଂ ନେତାଙ୍କୁ ଚଳିତ ନିର୍ବାଚନରେ ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ସେହିପରି ତୁମୁଡିବନ୍ଧର ବିଜୟ ନାୟକ, ସଉଲ ନାୟକ, ଦଶରଥ ପାରସେଠ, ଜିତୁ ପରାସେଟ, ବେଲାଳସେନ ପରାସେଠ, ଅଭି ନାୟକ, ଶଙ୍କର ପାତ୍ର, ଫୁଲବାଣୀର ବିରଂଚି ମହାନ୍ତି, ବିପ୍ର ଦଳବେହେରା, ଫିରିଙ୍ଗିଆ ବ୍ଲକର ଗୋକୁଳ କହଁର, ଗୋବିନ୍ଦ ଦିଗାଲ, ଯଶୋବନ୍ତ କହଁର, ରାଇକିଆର ପ୍ରସନ୍ନ ଗୌଡଙ୍କ ସମେତ ବହୁ ଯୁବକମାନେ କଂଗ୍ରେସରେ ମିଶିଥିଲେ। ପ୍ରଥମ ଥର ପାଇଁ କଂଗ୍ରେସର ନବକଳେବର ହୋଇଥିବା ଦେଖିବାକୁ ମିଳିଥିଲା।

**ଦଳକୁ ଫେରିଲେ ପୂର୍ବତନ ଏମ୍‌ପି ରାଧାକାନ୍ତ**




ମିଶ୍ରଣ ପର୍ବରେ କଂଗ୍ରେସ କାର୍ଯ୍ୟକର୍ତ୍ତା।

# ଘୁମୁସରର ସ୍ୱର ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର

ବାଲିପଦର, ୨୭।୩(ବିଶିକେଶନ ସ୍ୱାଇଁ): ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ବାଲିପଦର ପକ୍ଷରୁ ୧୩୫ତମ ସାହିତ୍ୟ ଆଲୋଚନା ଚକ୍ର ଝୋଲରୀ ଜୟ କିଶାନ ସେବାଶ୍ରମଠାରେ ପ୍ରତିଷ୍ଠାନର ସଭାପତି ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସୁସାହିତ୍ୟିକ କବି ଅନନ୍ତ କର, ସ୍ତମ୍ଭକାର ଶିବ ପ୍ରସାଦ ଦାସ, ଭଞ୍ଜମାଟିର ସଭାପତି କାମରାଜୁ ସାହାଣୀ, ସାହିତ୍ୟ ଘର ସଭାପତି ରଘୁନାଥ ସାହୁ, କବି କପିଳ ଚନ୍ଦ୍ର ମହାନ୍ତି, ଏନ.ରୀନା ଚୌଧୁରୀ, ଟି.ସତ୍ୟନାରାୟଣ ପାତ୍ର, ସମାଜସେବୀ କୈଳାଶ ଚନ୍ଦ୍ର ପ୍ରଧାନ, ଖଲି ପରିଡା, ଉତ୍କଳ କଳା ପରିଷଦ ସଭାପତି ଜି.ରାଜେଶ୍ୱର ପାତ୍ର, ଜରାଶ୍ରମ ସଞ୍ଚାଳକ କାର୍ତ୍ତିକେଶ୍ୱର ବିଷୋୟୀ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସାହିତ୍ୟ ସର୍ବଭାରତୀୟ ସାହିତ୍ୟକୁ ପ୍ରଭାବିତ କରିପାରିଛି। ଏହା ଓଡ଼ିଆ ଭାଷା ସାହିତ୍ୟ ବଞ୍ଚିଥିବା ଯାଏଁ ସମାଜର ସବୁ ସ୍ତରରେ ତାର ପ୍ରଭାବ ବିସ୍ତାର କରି ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଦୁର୍ଗାପ୍ରସାଦ ଦାସ, ନିତ୍ୟାନନ୍ଦ ସାହୁ, ସନ୍ତୋଷ କୁମାର ରାଉତ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିବା ବେଳେ କବି କପିଳ ଚନ୍ଦ୍ର ମହାନ୍ତି, ସମାଜସେବୀ ଏନ୍. ରୀନା ଚୌଧୁରୀଙ୍କୁ ସେମାନଙ୍କ ପାରଦର୍ଶିତା ପାଇଁ ଘୁମୁସରର ସ୍ୱର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଧ୍ରୁବ ପାଣିଗ୍ରାହୀ, ରାଜ ଗୋପାଳ ନାୟକ, ଏ. ସର୍ଭିସ୍ ଆଚାରୀ, ନିରଞ୍ଜନ ପାତ୍ର, ପ୍ରଦୀପ କୁମାର ମିଶ୍ର, ରଞ୍ଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ସତ୍ୟାନନ୍ଦ ବୃତ୍ତି ପରୀକ୍ଷାଫଳ ପ୍ରକାଶ: ମୃତ୍ୟୁଞ୍ଜୟ ଟପ୍ପର

#### ଓଡ଼ିଶା ଦିବସରେ ୧୫ଜଣଙ୍କୁ ମିଳିବ ୧ ଲକ୍ଷ ଟଙ୍କାର ବୃତ୍ତି ରାଶି

**ଯାଜପୁରରୋଡ୍, ୨୭।୩ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଳିଙ୍ଗ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସର ସାମାଜିକ ଅନୁଷ୍ଠାନ 'ଆଫସା' ତରଫରୁ ମାର୍ଚ୍ଚ ୧୭ରେ ହୋଇଥିବା 'ସତ୍ୟାନନ୍ଦ ସ୍କୋଲାରଶିପ ଟେଷ୍ଟ-୨୦୨୪'ର ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ପ୍ରଥମ ୧୩ ସ୍ଥାନକୁ ୧୫ ଛାତ୍ରୀଛାତ୍ର ଅକ୍ତିଆର କରିବାରେ ସମର୍ଥ ହୋଇଛନ୍ତି। ଏହି ଟେଷ୍ଟରେ ମୃତ୍ୟୁଞ୍ଜୟ ସାହୁ ଟପ୍ପର ହୋଇଛନ୍ତି। ଶୁଭଶ୍ରୀ ବେହେରା ଦ୍ୱିତୀୟ, ଅର୍ପିତା ଦେବଶ୍ରିତା ତୃତୀୟ, ଅପର୍ଣ୍ଣା ସେନାପତି ଚତୁର୍ଥ, ସୌମ୍ୟ ରଞ୍ଜନ ସ୍ୱାଇଁ ପଞ୍ଚମ, ପ୍ରଶଂସା ରଥ ଷଷ୍ଠ, ସତ୍ୟରଞ୍ଜନ ସ୍ୱାଇଁ ସପ୍ତମ, ତପସ୍ୱିନୀ ଦାସ ଅଷ୍ଟମ, ଦେବବ୍ରତ ପାଣିଗ୍ରାହୀ ଓ ପ୍ରିୟଙ୍କା ଦାସ ଯୁଗ୍ମ ଭାବେ ନବମ, ସୌରଭ ମଲ୍ଲିକ ଦଶମ, ସନତ ପ୍ରଧାନ ଏକାଦଶ, ଆଶୁତୋଷ ଆଚାର୍ଯ୍ୟ ଓ ପ୍ରଗତି ମହାନ୍ତି ଯୁଗ୍ମ ଭାବେ ଦ୍ୱାଦଶ, ଲକ୍ଷ୍ମୀପ୍ରିୟା ଜେନା ତ୍ରୟୋଦଶ ସ୍ଥାନ ଅଧିକାର କରିଛନ୍ତି। ଏହି ସ୍କୋଲାରଶିପ ଟେଷ୍ଟ ଦେଇଥିବା ଛାତ୍ରୀଛାତ୍ରମାନେ ନିଜର ଫଳାଫଳ ଜାଣିବା ନିମନ୍ତେ ଯୋଗାଯୋଗ କରିବାକୁ ଆଫସା ତରଫରୁ ସୂଚନା ଦିଆଯାଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ଏପ୍ରିଲ ୧ ଓଡ଼ିଶା ଦିବସରେ ଯାଜପୁର ରୋଡ୍ ସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ଛାତ୍ରବୃତ୍ତି ପୁରସ୍କାର ବିତରଣ ଉତ୍ସବରେ ସମୁଦାୟ ୧ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏହା ସହିତ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ଦିଆଯିବ ବୋଲି ଆଫସାର ନିର୍ଦ୍ଦେଶକ ଇଂ. ଆଲେକଜାଣ୍ଡାର ଦାସ ପ୍ରକାଶ କରିଛନ୍ତି। ଗରିବ ଏବଂ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇବା ଲକ୍ଷ୍ୟ ନେଇ ୨ ବର୍ଷ ହେବ ଆରମ୍ଭ ହୋଇଥିବା ଏହି ମେଧାବୃତ୍ତି ପରୀକ୍ଷାରେ ଦୁଇ ହଜାରରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ରଙ୍ଗ ଖେଳି ଗାଧୋଇବାବେଳେ ପୋଖରୀରେ ବୁଡ଼ି ନାବାଳକ ମୃତ

ପାରାଦୀପ, ୨୭।୩ (ଶରତ ରାଉତ)

ପାରାଦୀପ ଲକ୍ ଥାନା ଚୂନ ଗ୍ରାମରେ ମଙ୍ଗଳବାର ହୋଲି ଖେଳକୁ ନେଇ ଅଘଟଣ ଘଟିଛି। ମଧ୍ୟାହ୍ନ ସାଢ଼େ ୧୨ଟାରେ ଜଣେ ନାବାଳକ ନିକଟସ୍ଥ ପୋଖରୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଜୟନ୍ତ ସରକାରଙ୍କ ପୁଅ ରାଜଶେଖର (୧୩)। ସକାଳୁ ସାଙ୍ଗଙ୍କ ସହ ରଙ୍ଗ ଖେଳିଥିଲେ। ମଧ୍ୟାହ୍ନରେ ସାଙ୍ଗ ହୋଇ ନିକଟସ୍ଥ ପୋଖରୀରେ ଗାଧୋଉ ଥିଲେ। ଅସାବଧାନତାବଶତଃ ରାଜଶେଖର ଗଭୀର ପାଣି ଭିତରକୁ ପଳାଇ ଥିଲେ। ତାଙ୍କୁ ଦେଖି ଅନ୍ୟ ପିଲାମାନେ ପାଟି କରି ତାଙ୍କ ମା'ଙ୍କୁ ଡାକିଥିଲେ। ପଡ଼ିଶା ଲୋକମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୩/୨୪) ରୁଜୁ ହୋଇଛି।

# ଏନ୍ଏଚ୍ କଡ଼ରେ ବେଆଇନ ପାର୍କିଂ

- ଦିଗହରା ହୋଇଛି ଏନ୍ଏଚ୍ ପାଟ୍ରୋଲିଂ ବ୍ୟବସ୍ଥା
- ଚେକିଂ ଅଭାବରୁ ବଢ଼ୁଛି ଦୁର୍ଘଟଣା
- ରଥିଆ ଛକରେ ଟ୍ରକ୍‌ର ଲମ୍ବା ଲାଇନ

**କାଏମା, ୨୭।୩ (ଶିବପ୍ରସାଦ ମହାନ୍ତି):**



ଜାତୀୟ ରାଜପଥର ରଥିଆ ଛକ ନିକଟରେ ଗାଡ଼ି ପାର୍କିଂ କରାଯାଇଛି।

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍) କଡ଼ ଜାରକା ରଥିଆ ଛକ ନିକଟରେ ଭାରିଯାନଗୁଡ଼ିକ ବେଆଇନ ଭାବେ ପାର୍କିଂ କରୁଛନ୍ତି। ଫଳରେ ଏଠାରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ବୁଧବାର ଜାରକା ଓ ଚଣ୍ଡିଖୋଲ ରାଜପଥର ନେଉଳପୁର(ଧର୍ମଶାଳା ଭବନ)ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭଦ୍ରକ ପଟୁ ଆସୁଥିବା ଏକ ବାଇକ୍ କଟକ ଅଭିମୁଖେ ଯାଉଥିବାବେଳେ ଧର୍ମଶାଳା ଭବନ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ ସହ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥ ଜାମ ହୋଇଥିଲା। ଫଳରେ ଗାଡ଼ି ଚଳାଚଳ କିଛି ସମୟ ବନ୍ଦ ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ମେଡିକାଲ ପଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପରି ଅନେକ ଦୁର୍ଘଟଣା ଏଠାରେ ଘଟୁଛି। କେତେଜଣ ଗାଡ଼ିଚାଳକ ନିଶାସକ୍ତ ଅବସ୍ଥାରେ ଓଭରଲୋଡିଂ ଓ ଦ୍ରୁତଗତିରେ ଗାଡ଼ିଚାଳନା କରୁଛନ୍ତି। ଅନ୍ୟ କେତେଜଣ ରାସ୍ତାକଡ଼ରେ ଜୋର ଜବରଦସ୍ତ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଛନ୍ତି, ଯାହା ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଆଲୋଚନା ହେଉଛି।

ପରିବହନ ବିଭାଗ ପକ୍ଷରୁ କମର୍ସିଆଲ ଗାଡ଼ିଗୁଡ଼ିକରେ ରେଡିୟମ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ମାତ୍ର ଅନେକ ଗାଡ଼ିରେ ତାହା ନ ଥିବା ଦେଖିବାକୁ ମିଳୁଛି। ଅନ୍ୟ କେତେକ ଗାଡ଼ିରେ ଅଧା ରେଡିୟମ୍ ଲଗାଯାଇଥିବା ଦେଖାଯାଉଛି। ତେଣୁ ବର୍ଷା ହେବା ପରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଗାଡ଼ିଗୁଡ଼ିକ ଠିକ ଭାବେ ଦେଖାଯାଉନାହିଁ। ଯାହା ପାଇଁ ମଧ୍ୟ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସରକାରଙ୍କ ତରଫରୁ ରାସ୍ତା କଡ଼ରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଠାରେ ଗାଡ଼ିଗୁଡ଼ିକୁ ପାର୍କିଂ ସ୍ଥଳକୁ ନ ଯାଇ ରାସ୍ତା କଡ଼ରେ ବେଆଇନ ଭାବେ ପାର୍କିଂ କରୁଛନ୍ତି। ଏ ଦିଗରେ ତଦାରଖ କରିବାକୁ ରାଜପଥରେ ଇଣ୍ଟରସେପ୍ଟର ମୁତୟନ ସହ ପୋଲିସ ଓ ଏନ୍ଏଚ୍ ପାଟ୍ରୋଲିଂ ଗାଡ଼ି ମଧ୍ୟ ରହୁଛି। ମାତ୍ର ଏହା ସତ୍ତ୍ୱେ ରାସ୍ତାରେ ମଦ୍ୟପ ଗାଡ଼ିଚାଳକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନେ ନିର୍ଭୟରେ ଗାଡ଼ି ଚଳାଉଛନ୍ତି। ଏଥିରୁ ଜଣାପଡୁଛି ଯେ, ରାସ୍ତାରେ ଚେକିଂ କରାଯାଉନାହିଁ। ସେହିପରି ରଥିଆ ଛକ ଦେହଜୀବୀଙ୍କ ଆଡ୍ଡାସ୍ଥଳ ପାଲଟିଥିବା ଅଭିଯୋଗ ହୋଇଛି। ଦେହଜୀବୀମାନେ ସନ୍ଧ୍ୟା ସମୟରେ ରାସ୍ତାରେ ଛିଡ଼ାହେବାରୁ ଅନେକ ରାଜ୍ୟ ବାହାର ଗାଡ଼ିଚାଳକ ଗାଡ଼ି ଅଟକାଇ ସେଠାରେ ରହୁଛନ୍ତି। ସନ୍ଧ୍ୟାରୁ ରାତି ତମାମ ଏଭଳି ଘଟଣା ଦେଖିବାକୁ ମିଳୁଛି। ରାଜପଥର ଉକ୍ତ ସ୍ଥାନରେ କ୍ୟାମେରା ଲଗାଯାଇଛି। କିନ୍ତୁ କ୍ୟାମେରା ଆଗରେ ଗାଡ଼ିଗୁଡ଼ିକ ଘଣ୍ଟାଘଣ୍ଟା ଧରି ଛିଡ଼ା ହେଉଥିଲେ ବି ପୋଲିସ ନୀରବଦ୍ରଷ୍ଟା ସାଜୁଛି। ଅନ୍ୟପକ୍ଷରେ ପରିବହନ ବିଭାଗ ଏସ୍ଓପି ଅନୁଯାୟୀ ରାଜପଥରେ କଡ଼ାକଡ଼ି ଚେକିଂ କରାଯିବା ସହ ଜରିମାନା ଆଦାୟ ବ୍ୟବସ୍ଥା ରହିଛି। ହେଲେ ଏଠାରେ ସେମିତି କିଛି ଦେଖିବାକୁ ମିଳୁନାହିଁ। ପ୍ରଶାସନ ପକ୍ଷରୁ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅନେକ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବାରମ୍ବାର ଚେକିଂ ହେଉଛି। ବେଆଇନ ପାର୍କିଂ ପାଇଁ ମଧ୍ୟ ମନା କରାଯାଇଛି। ଆଗାମୀ ଦିନରେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

## ଉଦାସ ଆଶ୍ରମରେ ହୋଲି ଉତ୍ସବ

**ବଡ଼ଚଣା, ୨୭।୩ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ସୋଲରସ୍ଥିତ ଉଦାସ ଆଶ୍ରମଠାରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଆଶ୍ରମର ପିଠାଧିଶ ସ୍ୱାମୀ ଯଜ୍ଞେଶରାନନ୍ଦ ମହାରାଜ ପାଲୁଅ, ଶ୍ରୀକର୍ପୁର, ଚନ୍ଦନ, କୁଙ୍କୁମ, ଅଗରୁ ମିଶ୍ରିତ ଏକ ଅବୀର ପ୍ରସ୍ତୁତ କରି ପ୍ରଭୁ ଶୂନ୍ୟବାସୀ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଲାଗି କରାଇବା ପରେ ସମସ୍ତ ଭକ୍ତଙ୍କୁ ପ୍ରଦାନ କରିଥିଲେ। ଆଶ୍ରମ ପରିସରରେ ଶହଶ୍ରାଦ୍ଧିକ ଭକ୍ତଙ୍କୁ ସତସଙ୍ଗ ମାଧ୍ୟମରେ ସତଜ୍ଞାନ ପ୍ରଦାନ କରିଥିଲେ। ସତସଙ୍ଗ ପରେ ଠାକୁରପୂଜା, ଗୁରୁପୂଜା କରାଯାଇ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏହାକୁ ଆଶ୍ରମର ପଖାଳ ପ୍ରସାଦ ବୋଲି କୁହାଯାଏ। ଦହିପଖାଳ ସହିତ ୪୨ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ଦିଆଯାଇଥିଲା। ଉଦାସପନ୍ଥୀ ଭକ୍ତସମୂହ ପରିବା, ଅମଣିଆ, ପଖାଳ ପ୍ରସ୍ତୁତିରେ ସହଯୋଗ କରିଥିଲେ। ଶଶିଭୂଷଣ ନାୟକ, ଦିବାକର ସାହୁ, ରାକେଶ ପାତ୍ର, ସନ୍ତୋଷ ସାହୁ, ପଦନ ସାହୁ, ନୀଳମଣି ପଣ୍ଡା, ଜଗନ୍ନାଥ ତ୍ରିପାଠୀ, ପଦ୍ମଲୋଚନ ଦାସ, ଶାରଦାକାନ୍ତ ମିଶ୍ର, ରଞ୍ଜନ ଖଣ୍ଡାୟତରାୟ ପ୍ରମୁଖ ପାକ ପ୍ରସ୍ତୁତି, ଠାକୁରପୂଜା ଆଦି କାର୍ଯ୍ୟ କରିଥିଲେ। ଆଶ୍ରମ ସେବକ ଦିବ୍ୟଲୋଚନ ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ପ୍ରତି ପ୍ରାନ୍ତରୁ ବହୁ ଭକ୍ତ ଯୋଗ ଦେଇଥିଲେ। ପ୍ରଫେସର ନୀଳକଣ୍ଠ ରାଉତ, ଆଇନଜୀବୀ କରୁଣାକର ଜେନା, ଡାକ୍ତର ସୁବ୍ରତ ଜେନା, ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ଖବରଦାତା ବେଣୁଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଉଦାସ ଆଶ୍ରମ ହୋଲି ଉତ୍ସବ ପାଳନରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

## 'ଅଭିମାନ'ର ବାର୍ଷିକ ଉତ୍ସବ



ଅଭିମାନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଯାଜପୁରରୋଡ୍, ୨୭।୩ (ପବିତ୍ର ରଞ୍ଜନ ମହାନ୍ତି):**

ଅଭିମାନ ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ଉତ୍ସବ ବ୍ୟାସନଗରସ୍ଥିତ ଉତ୍ସବ ପ୍ୟାଲେସଠାରେ ପାଳିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ରାଜକିଶୋର ପାଢ଼ୀ, ବିଶିଷ୍ଟ କବି ପ୍ରଭାକର ଶତପଥୀ, ଯାଜପୁର ଜିଲା ଲେଖିକା ସଂସଦ ସଭାନେତ୍ରୀ ବିଦ୍ୟୁତ୍‌ଲତା ଦାସ, କବି ପ୍ରଦୀପ ରାୟ ଓ ଲେଖିକା ଭବାନୀ ଭୂୟାଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମିରିନା ମହାନ୍ତିଙ୍କ କବିତା ସଂକଳନ 'ଶିଖା', ଜୟନ୍ତୀ ଜେନାଙ୍କ ଉପନ୍ୟାସ 'ଫେରନ୍ତା ପକ୍ଷୀର ସ୍ୱର', ପବିତ୍ର ମୋହନ ଦାଶଙ୍କ କବିତା ସଂକଳନର ଦ୍ୱିତୀୟ ସଂସ୍କରଣ 'ରକ୍ତଶସ୍ୟ', ନନ୍ଦିତା ମହାନ୍ତିଙ୍କ ଅନୁବାଦ ଗଳ୍ପ ସଂକଳନ 'କଥା କିମ୍ବଦନ୍ତୀ', ଅଭିମାନ ସାହିତ୍ୟ ସଂସଦର ପ୍ରତିଷ୍ଠାତ୍ରୀ ମାନମୟୀ ରଥଙ୍କ ଚିଠି ସଂକଳନର ଦ୍ୱିତୀୟ ସଂସ୍କରଣ 'ଜ୍ଞାତ ଠିକଣା' ଓ ତନ୍ମୟୀ ପଣ୍ଡାଙ୍କ ଗଳ୍ପ ସଂକଳନ 'ଜାଇ' ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରଦୀପ କୁମାର ରାୟଙ୍କୁ ଜଗନ୍ନାଥ ଦାଶ ସ୍ମୃତି ସମ୍ମାନ, ଶ୍ରୀମାନ ସର୍ବଗିଳାଙ୍କୁ ଗୋବିନ୍ଦ ଚନ୍ଦ୍ର ଦାଶ ସ୍ମୃତି ସମ୍ମାନ, ଅଜୟ ମହାନ୍ତି ଓ ସସ୍ମିତା ମହାନ୍ତିଙ୍କୁ ସର୍ଜକ ଯୁଗଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଉପସ୍ଥିତ କବୟିତ୍ରୀ ଓ କବିମାନେ ନିଜ ନିଜର କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ନନ୍ଦ ମହାନ୍ତି, ଅଧ୍ୟାପକ ଅକ୍ଷୟ ପଣ୍ଡା, ପ୍ରଫୁଲ୍ଲ ମହାନ୍ତି, ବଂଶୀଧର ଦାସ, ଜୟନ୍ତୀ ଜେନା, ହିରଣ୍ୟମୟୀ ମହାନ୍ତି, ରାଜଶ୍ରୀ ପରିଡ଼ା, ପ୍ରମୋଦିନୀ ଦାସ, ସନ୍ଧ୍ୟାରାଣୀ ଘଡ଼ାଇ, ଜଲ୍ପନା ପଣ୍ଡା, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଆସନ୍ତି ସାମଲ, ମାଙ୍ଗଳିକା ଦାସ, ଲାବଣ୍ୟ ନାୟକ, ଗାୟତ୍ରୀ ଦାସ, ଅଧ୍ୟାପକ ଅକ୍ଷୟ ଦାଶ ଓ ସରୋଜ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପଦ୍ମଜା ଶରଣ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମିରିନା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଆଇନଜୀବୀଙ୍କ ଘରୁ ଚୋରି, ଆକ୍ରମଣ ଘଟଣାରେ ଜଣେ ଗିରଫ

**ପଟ୍ଟାମୁଣ୍ଡାଇ, ୨୭।୩ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ବଡ଼ମୂଳବସନ୍ତ ଗ୍ରାମର ସରକାରୀ ଓକିଲ ଭୀମସେନ ପ୍ରଧାନଙ୍କ ଘରୁ ଚୋରି ଓ ଆକ୍ରମଣ ଘଟଣାରେ ବାଲେଶ୍ୱର ଜିଲା ସିମୁଳିଆରୁ ଜଣେ ଅଭିଯୁକ୍ତଙ୍କୁ ସୋମବାର ପଟ୍ଟାମୁଣ୍ଡାଇ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଅବଜୁନା ଗ୍ରାମର ରଞ୍ଜନ ଦାସ । ଅନ୍ୟ ଅପରାଧିମାନେ ଫେରାର ଅଛନ୍ତି । ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି। ମିଳିଥିବା ରିପୋର୍ଟ ମୁତାବକ, ଗତ ୧୬ ତାରିଖରେ ଆଇନଜୀବୀ ପ୍ରଧାନ ଓ ତାଙ୍କ ସ୍ତ୍ରୀ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କେତେଜଣ ଯୁବକ ଗ୍ରୀଲ କାଟି ଘରେ ପ୍ରବେଶ କରିଥିଲେ । ଏହାପରେ ସେ ଘର ମାଲିକ ତଥା ଆଇନଜୀବୀ ପ୍ରଧାନଙ୍କୁ ମିଳିତ ଭାବେ ଏକ ଛୁରୀ ଆକ୍ରମଣ କରିବା ସହିତ ସୁନାଗହଣା, ନଗଦ ଟଙ୍କା ଲୁଟି ନେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏନେଇ ଏକ ମାମଲା (ନଂ.୮୯/୨୦୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା ।

## ଟିମ୍ ବଡ଼ଚଣା ପକ୍ଷରୁ ବନ୍ଧୁ ମିଳନ, ହୋଲି ଉତ୍ସବ



ବନ୍ଧୁମିଳନରେ ଯୋଗଦେଇଥିବା ଟିମ୍ ବଡ଼ଚଣାର ସଦସ୍ୟମାନେ।

**ବଡ଼ଚଣା, ୨୭।୩ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁରସ୍ଥିତ ଗ୍ରାମୀଣ ଉଦ୍ୟାନ ପାର୍କଠାରେ ଟିମ୍ ବଡ଼ଚଣା ପକ୍ଷରୁ ବନ୍ଧୁ ମିଳନ ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟିମ୍ ବଡ଼ଚଣାର ସଭାପତି ଅଦିତ୍ୟ ପ୍ରସାଦ ଶତପଥୀ ଯୋଗଦେଇ ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ପାଇଁ ପ୍ରଭୁ ଜଗନ୍ନାଥ ଓ ମହାବିନାୟକଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ବ୍ଲକ ଅଧକ୍ଷା ମିନତି ସେନାପତି, ଛାତ୍ର ବିଜେଡି ସଭାପତି ଜତିନ୍ଦ୍ର ପ୍ରସାଦ ନାୟକ, ନିରଞ୍ଜନ ସେନାପତି, ମିହିର ସ୍ୱାଇଁ, ସରପଞ୍ଚ ଯଯାତୀ କେଶରୀ ରାଉତ, ରଞ୍ଜନ ଦାସ, ନବଦ୍ୱୀପ ନାୟକ, ସଞ୍ଜୟ ସ୍ୱାଇଁ, ଗିରିଶ ପାତ୍ର, ସୁଜିତ ସ୍ୱରଭସାମଲ, ସଞ୍ଜୟ ବେହେରା, ଜଗନ୍ନାଥ ମୁଦୁଲି, ଦିଲୀପ ନାୟକ, ଜୟନ୍ତ ରାଉତ, ପ୍ରିୟବତ ଖିଲାର ଓ ପ୍ରସନ୍ନ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଟିମ ବଡ଼ଚଣାର ସଭ୍ୟ ଉପସ୍ଥିତ ଥିଲେ।

## ଜାରକା ବଡ଼ବଜାର ବଣିକ ସଂଘର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଧର୍ମଶାଳା, ୨୭।୩ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ବଡ଼ବଜାର ବଣିକ ସଂଘର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ଅମରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଉଠାଦୋକାନୀ ମହାସଂଘ ସଭାପତି ମହେଶ୍ୱର ବଳ ମୁଖ୍ୟଅତିଥି, ଖବରଦାତା ରମାକାନ୍ତ ଜେନା ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବ ସମସ୍ତ ବ୍ୟବସାୟୀଙ୍କ ପାଇଁ ଉପାଦେୟ ହେବା ସହ ଏହା ଏକ ପ୍ରକାର ବନ୍ଧୁମିଳନ ବୋଲି ଅଭିବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପୀତବାସ ସାହୁ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଉତ୍ସବକୁ ଉପଦେଷ୍ଟା କରୁଣାକର ବରାଳ ପରିଚାଳନା କରିଥିଲାବେଳେ ଶୃଙ୍ଖଳିତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଅନ୍ୟତମ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଶତପଥୀ, ସଦସ୍ୟ ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମଣ ସାହୁ, ଆଲୋକ କର, ପ୍ରଫୁଲ୍ଲ ସାହାଣୀ, କୁଳମଣି ରାଉତ, ରବୀନ୍ଦ୍ର ବରାଳ, ତାରିଣୀ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରୀତିରଞ୍ଜନ ଜେନା, ଗୁରୁଚରଣ ନାଥ, ସରିତ ଦାସ, ପ୍ରିୟରଞ୍ଜନ ଦୋରା ଓ ନରୋତ୍ତମ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଧର୍ମଶାଳାରେ ବିଜେଡି ପ୍ରାର୍ଥୀ ଘୋଷଣାକୁ ସ୍ୱାଗତ

**ଧର୍ମଶାଳା, ୨୭।୩ (ବଟକୃଷ୍ଣ ପରିଡ଼ା):**

ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନାମ ଘୋଷଣା କରିଛନ୍ତି। ଏହାକୁ ଧର୍ମଶାଳା ବିଜେଡିର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଓ ଧର୍ମଶାଳା ବିଜେଡି ସଭାପତି ଜଳଧର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିବା ସହ ଧର୍ମଶାଳାର ମତଦାତାମାନେ ବିଜେଡି ପ୍ରାର୍ଥୀ ବଳବନ୍ତରାୟଙ୍କୁ ତୃତୀୟ ଥର ପାଇଁ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ଧର୍ମଶାଳା ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ନିର୍ବାଚନମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀ, ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ପ୍ରଫୁଲ୍ଲ ସାହାଣୀ, ପ୍ରତାପ ପ୍ରଧାନ, ଅକ୍ଷୟ ନାୟକ, ଶରତ ନାୟକ ଓ ନିର୍ମଳ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବ୍ରହ୍ମବରଦା ମେଳଣ ଉଦ୍‌ଯାପିତ

**ବ୍ରହ୍ମବରଦା, ୨୭।୩ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ଗ୍ରାମର ଶ୍ରୀଶ୍ରୀରଘୁନାଥ ଜୀଉ ମେଳଣ ମଙ୍ଗଳବାର ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ରାତ୍ର ୧ ଟାରେ ପ୍ରଥମେ ଥାନପତି ବିମାନ ମେଳଣ ପଡ଼ିଆକୁ ବିରାଜମାନ କରିଥିଲେ। ପରଦିନ ସକାଳୁ ବ୍ରହ୍ମବରଦା ଛେନାଖିଆପାଟଣା ଗ୍ରାମର ଶ୍ରୀଗୋପୀନାଥ ଜୀଉ ବିମାନ, ଚାନ୍ଦପୁରର ଶ୍ରୀରଘୁନାଥ ଜୀଉ ବିମାନ, ଗୋପାଳପୁର ହିଙ୍ଗୁଳାସାହିର ଶ୍ରୀବୃନ୍ଦାବନଚନ୍ଦ୍ର ଜୀଉ ବିମାନ, କୁଣ୍ଡପାଟଣାରୁ ଶ୍ରୀରାଧାକାନ୍ତ ଜୀଉ ବିମାନ, ପହିରୁ ଶ୍ରୀମଦନ ମୋହନ ବିମାନ, କାକୁଡିକୁନ୍ଦରୁ ଶ୍ରୀରାଧାଗୋବିନ୍ଦ ଜୀଉ ବିମାନ, ଚତର ପଦାରୁ ଶ୍ରୀଗୋପୀନାଥ ଜୀଉ ବିମାନ ଓ ଗୋପାଳପୁର ବଉଳମୂଳରୁ ଶ୍ରୀରାଧାକାନ୍ତ ଜୀଉ ବିମାନଙ୍କ ସମେତ ଅନ୍ୟ ୨୦ରୁ ଊର୍ଦ୍ଧ୍ୱ ଛୋଟ ବିମାନ ସେମାନଙ୍କ କୀର୍ତ୍ତନମଣ୍ଡଳୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଫଗୁ ଖେଳି ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ବାଜା, ବାଣ, ଆତସବାଜୀରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ମେଳଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ମୀନା ବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳିର ଆସର ମେଳଣର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ମେଳଣରେ ପୂଜା କମିଟି ସଭାପତି ସୁକାନ୍ତ ବିଶ୍ୱାଳ, ଉପସଭାପତି ମହେଶ ବେହେରା, ସମ୍ପାଦକ ଅତୁଲ୍ୟ ରାଉତ, ସହସମ୍ପାଦକ ବିବେକାନନ୍ଦ ଦେଓ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ସାମାଜିକ କର୍ମୀ ବିପିନ ବିହାରୀ ଦେଓ, ଶିଶୁ କବି ନିମାଇଁ ଚରଣ ଦାସ, ପ୍ରଦୀପ ଦାସ, ଯୁବନେତା ରାକେଶ ଦେଓ, ଚିନ୍ତାମଣି ରାଉତ, ଅମୂଲ୍ୟ ରାଉତ, ପୂର୍ଣ୍ଣଚନ୍ଦ୍ର ପ୍ରତାପ, ଉଦଣ୍ଡ ରାୟ, ଧନେଶ୍ୱର ବିଶ୍ୱାଳ ଓ ଅଶୋକ ରାଉତଙ୍କ ସମେତ ବ୍ରହ୍ମବରଦା ଅଞ୍ଚଳର ବହୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ବ୍ରହ୍ମବରଦା ଥାନା ଆଇଆଇସି ଦେବାଶିଷ ଶତପଥୀ ଓ ତାଙ୍କ ସହଯୋଗୀମାନେ ଆଇନଶୃଙ୍ଖଳା ରକ୍ଷା କରିଥିଲେ।



ମେଳଣ ଉଦ୍‌ଯାପନୀ ଉତ୍ସବରେ ଶ୍ରଦ୍ଧାଳୁମାନେ ବିମାନକୁ ମନ୍ଦିର ଅଭିମୁଖେ ନେଉଛନ୍ତି।

## ସଂକ୍ଷେପରେ

### ଗୌଡ଼ ପାଟଣାରେ ହରିହାଟ,ଦୋଳ ଉତ୍ସବ

ଆଳି,୨୭।୩(ବନମାଳୀ ସେନାପତି)

ଆଳି ବ୍ଲକ ନିଆଳ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଟଣା ଗ୍ରାମରେ ହରିହାଟ ଓ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ସୋମବାର ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଶୁଭାଧିବାସ ଓ ସୋମବାର ନାମ ସଂକୀର୍ତ୍ତନ, ସନ୍ଧ୍ୟାରେ ହରିହାଟ ଓ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଆଳିର ବିଭିନ୍ନ ଗ୍ରାମରେ ଦୋଳ ଉତ୍ସବ ଓ ହୋଲିପର୍ବ ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଛି। ଆଳି ଯାଦବ ମହାସଭା ପକ୍ଷରୁ ଆଳି ସପ୍ତଶାଳାଠାରେ ଥିବା ଯାଦବ ଭବନ ଓ ଗୋପବନ୍ଧୁ ମନ୍ଦିର ପରିସରରେ ଠାକୁରଙ୍କ ବିଧି ବିଧାନ ଅନୁଯାୟୀ ତିନି ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗୋପବନ୍ଧୁ ଯାଦବ ସମିତି ପକ୍ଷରୁ ମହାଆଡ଼ମ୍ବରରେ ଏହି ପର୍ବ ପାଳନ ସହ ବିମାନରେ ଦୋଳ ଗୋବିନ୍ଦଙ୍କୁ ଅଧିଷ୍ଠିତ କରାଇ ଗ୍ରାମ ପରିକ୍ରମା କରାଯାଇଥିଲା।

### ଆଇନଜୀବୀଙ୍କ ଘରୁ ଚୋରି, ଆକ୍ରମଣ ଘଟଣାରେ ଜଣେ ଗିରଫ

ପଟ୍ଟାମୁଣ୍ଡାଇ,୨୭।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ବଡ଼ମୂଳବସନ୍ତ ଗ୍ରାମର ସରକାରୀ ଓକିଲ ଭୀମସେନ ପ୍ରଧାନଙ୍କ ଘରୁ ଚୋରି ଓ ଆକ୍ରମଣ ଘଟଣାରେ ବାଲେଶ୍ୱର ଜିଲା ସିମୁଳିଆରୁ ଜଣେ ଅଭିଯୁକ୍ତଙ୍କୁ ସୋମବାର ପଟ୍ଟାମୁଣ୍ଡାଇ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଅବଜୁନା ଗ୍ରାମର ରଞ୍ଜନ ଦାସ। ଅନ୍ୟ ଅପରାଧିମାନେ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି। ମିଳିଥିବା ରିପୋର୍ଟ ମୁତାବକ, ଗତ ୧୬ ତାରିଖରେ ଆଇନଜୀବୀ ପ୍ରଧାନ ଓ ତାଙ୍କ ସ୍ତ୍ରୀ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କେତେଜଣ ଯୁବକ ଗ୍ରୀଲ କାଟି ଘରେ ପ୍ରବେଶ କରିଥିଲେ । ଏହାପରେ ସେ ଘର ମାଲିକ ତଥା ଆଇନଜୀବୀ ପ୍ରଧାନଙ୍କୁ ମିଳିତ ଭାବେ ଏକ ଛୁରୀ ଆକ୍ରମଣ କରିବା ସହିତ ସୁନାଗହଣା, ନଗଦ ଟଙ୍କା ଲୁଟି ନେଇଥିଲେ ।

### କେମ ପକ୍ଷରୁ ରାଗ ଫଗୁଣ ଉତ୍ସବ

କେନ୍ଦ୍ରାପଡ଼ା, ୨୭।୩ (ଜଗନ୍ନାଥ ଧଳ)

କଳା, ସାହିତ୍ୟ, ବୈଦିକ ବିକାଶ ପାଇଁ କାର୍ଯ୍ୟରତ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ ରାଗ ଫଗୁଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା କଥାକାର ଡ. ବିରଜା କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶବ୍ଦ, ସ୍ୱର ଓ ରଙ୍ଗର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଥିଲା । ଶିକ୍ଷାବିତ୍ ଡ. ପ୍ରଦୀପ୍ତ କୁମାର ରାଉତରାୟ, କବି ଅନ୍ନପୂର୍ଣ୍ଣା ମହାନ୍ତି ଏଠାରେ ଆୟୋଜିତ ଆଲୋଚକ୍ର ଚକ୍ରରେ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ହୋଲିର ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ସୁସ୍ଥ ସମାଜ ଗଠନରେ ହୋଲି ପର୍ବର ଭୂମିକା ସହିତ ଶରୀର ପାଇଁ ରଙ୍ଗର ଆବଶ୍ୟକତାକୁ ବୈଜ୍ଞାନିକ ଭିତ୍ତିଭୂମୀ କଥା ଦର୍ଶାଇଥିଲେ । ସେହିପରି ଗାଳ୍ପିକ ବଂଶୀଧର ମହାନ୍ତିଙ୍କ ସଂଯୋଜନାରେ ଗଳ୍ପ ଓ କବିତା ପାଠ କରାଯାଇଥିଲା । ଏଥିରେ ସ୍ୱପ୍ନାଂଶୁ ଦାସ, ଗୋଲାପ ରାଉତ, ଅଶୋକ ସାହୁ, ଶ୍ରୀଧର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । କେମ ସମ୍ପାଦକ ଜାହିଦ ଖାଁ, କର୍ମକର୍ତ୍ତା ଶେଷଦେବ ଦାସ, ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବୈଜୟନ୍ତଙ୍କ ପ୍ରାର୍ଥୀତ୍ୱକୁ ସ୍ୱାଗତ କରି ଶୋଭାଯାତ୍ରା

ରାଜନଗର,୨୭।୩(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ପାଇଁ ଭାଜପା ପକ୍ଷରୁ ପୂର୍ବତନ ଏମ୍‌ପି ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ନାଁ ଘୋଷଣା ପରେ ଭାଜପା ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନରେ ବୈଜୟନ୍ତ ଭାଜପା ଟିକେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କଠାରୁ ପରାଜିତ ହୋଇଥିଲେ। ଏଥର ପୁଣି ଥରେ ବୈଜୟନ୍ତଙ୍କ ଉପରେ ଭାଜପା ଭରସା କରି ପ୍ରାର୍ଥୀ ଘୋଷଣା ପରେ ଖୁସିର ଲହରୀ ଖେଳିଯାଇଛି। ଭାଜପା ନେତା ଜ୍ଞାନଦେବ ବେହୁରାଙ୍କ ନେତୃତ୍ୱରେ ଜିଲା ଉପସଭାପତି ଅଜୟ କୁମାର ବେହେରା, ସଦାଶିବ ଜେନା, ଜୋନ ସଭାପତି ଦିଲୀପ କୁମାର ରାଉତ ପ୍ରମୁଖ ତାଙ୍କ ପ୍ରାର୍ଥୀତ୍ୱକୁ ସ୍ୱାଗତ କରି ବଜାର ପରିକ୍ରମା କରିଥିଲେ।

# ଏଥର ବୈଜୟନ୍ତଙ୍କ ସହ ଅଂଶୁମାନ୍‌ଙ୍କ ମୁକାବିଲା

କେନ୍ଦ୍ରାପଡ଼ା,୨୭।୩ (ଜଗନ୍ନାଥ ଧଳ)


ଅଂଶୁମାନ ମହାନ୍ତି


ବୈଜୟନ୍ତ ପଣ୍ଡା

ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ସାଧାରଣ ନିର୍ବାଚନ ହେବ । ୭ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ ଏହି ସଂସଦୀୟ କ୍ଷେତ୍ର ପାଇଁ ଭାଜପା ଓ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇଛି । ଭାଜପାର ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ବିଜେଡି ଏହାର ଜବାବ୍‌ରେ ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ବୁଧବାର ପ୍ରାର୍ଥୀ ଭାବେ ଘୋଷଣା କରିଛି । ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ମଧ୍ୟରୁ ୨ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଛି।

ପୂର୍ବତନ ଏମ୍‌ପି ବୈଜୟନ୍ତ ୨୦୦୯ ଓ ୨୦୧୪ରେ ଏହି ସଂସଦୀୟ କ୍ଷେତ୍ରରୁ ବିଜେଡି ଟିକେଟରେ ଜିତିଥିଲେ । ମାତ୍ର ୨୦୧୯ରେ ଭାଜପାରୁ ସେ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କଠାରୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ହାରିଥିଲେ । ଅପରପକ୍ଷେ ନିର୍ବାଚନରେ ପରାଜୟ ସତ୍ତ୍ୱେ ଜିଲାରେ ଦଳୀୟ ସଂଗଠନକୁ ନିଜ ହାତମୁଠାରେ ରଖିଛନ୍ତି । ଜିଲାରୁ ପଞ୍ଚାୟତସ୍ତରର କର୍ମକର୍ତ୍ତା ବୈଜୟନ୍ତଙ୍କ ନିୟନ୍ତ୍ରଣରେ ଅଛି । ମାତ୍ର ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଧାୟକ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଦଳୀୟ ବିଦ୍ରୋହର ସମ୍ମୁଖୀନ ହେବା ଆଲୋଚନା ଆରମ୍ଭ ହୋଇଛି । ଏପରି କି ଦଳରେ ଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ନିକଟରେ ବିଜେଡିରେ ଯୋଗ ଦେଇ ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା ସରିଛି । ବିଜୟଙ୍କ ଜିଲାରେ ଏକ ବଡ଼ ଧରଣର ନିଜସ୍ୱ ସଂଗଠନ ଅଛି । ଏହି ସଂଗଠନ ଏବେ କାହାକୁ ସମର୍ଥନ ଦେବ, ତାହାର ତର୍ଜମା ହେଉଛି । ବିଜେଡି ପ୍ରାର୍ଥୀ ଅଂଶୁମାନ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜୁବାବୁଙ୍କ ସାଥୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପୁଅ । ନଳିନୀକାନ୍ତ ଜନତା ଦଳରେ ରହି ନିର୍ବାଚନ ଜିଣିବା ସହିତ ମନ୍ତ୍ରୀ ପଦ ପାଇଥିଲେ । ମାତ୍ର ଶେଷ ସମୟରେ କଂଗ୍ରେସକୁ ଯାଇ ନିର୍ବାଚନ ଲଢ଼ିଥିଲେ । ବାପାଙ୍କ ପଦାଙ୍କ ଅନୁସରଣ କରିଥିଲେ ଅଂଶୁମାନ । କଂଗ୍ରେସରୁ ରାଜନଗର ବିଧାନସଭା ଆସନ ପାଇଁ ୨୦୧୪ରେ ଲଢ଼ି ବିଜୟୀ ହୋଇଥିଲେ । ତେବେ ୨୦୧୯ରେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ତାଙ୍କୁ ପରାଜିତ କରିଥିଲେ । ଅଂଶୁମାନ କଂଗ୍ରେସରେ ଥିବା ବେଳେ ଦଳୀୟ ସଂଗଠନକୁ ସୁଦୃଢ଼ ପାଇଁ ଜିଲା ସଭାପତି ଭାବେ କାର୍ଯ୍ୟ କରିଛନ୍ତି । ଏଥିସହିତ ବିଗତ ୧୦ ବର୍ଷରେ ତାଙ୍କର ଅନୁଗତଙ୍କ ସଂଖ୍ୟା ବହୁ ଅଧିକ । ବିଜେଡିରେ ଗତ ଦୁଇ ସପ୍ତାହ ପୂର୍ବେ ଯୋଗ ଦେଇ ଦଳୀୟ ସଂଗଠନକୁ ଆଗକୁ ନେଉଛନ୍ତି । ଏହାର ପ୍ରଭାବ ଆସନ୍ତା ସାଧାରଣ ନିର୍ବାଚନରେ ଦେଖିବାକୁ ମିଳିବ । ରାଜନୀତିରେ ଧୂରୀଣ ଏହି ଦୁଇ ନେତାଙ୍କ ମଧ୍ୟରେ ବଡ଼ ଧରଣର ରାଜନୈତିକ ମୁକାବିଲା ଏଥର ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ଜିଲାରେ ଆଲୋଚନା ଆରମ୍ଭ ହୋଇଛି ।

## ଶେଷ ହେଲା କନିକା ରାଜ ମେଳଣ



ରାଜକନିକ,୨୭।୩(ସଞ୍ଜୟ କୁମାର ଦାଶ)

### ରାଜାରାଣୀଙ୍କ ସହ ରଙ୍ଗ ଖେଳିଲେ ଶ୍ରଦ୍ଧାଳୁ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍‌ର ୬ଶହ ବର୍ଷର କନିକା ରାଜ ମେଳଣ ଆନନ୍ଦ ଉଲ୍ଲାସ ସହ ଶେଷ ହୋଇଛି । ୫ ଦିନ ଧରି କାଳିକାପୁର, ଆୟତନ, ଦେଉଳି ଏବଂ ଗିରିଆ ମେଳଣ ଉତ୍ସବ ପରେ ଶେଷ ଦିନ କନିକା ରାଜପ୍ରସାଦ ସମ୍ମୁଖରେ ରାଜ ମେଳଣ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ଏହି ରାଜ ମେଳଣ ଉତ୍ସବକୁ ଦେଖିବା ପାଇଁ ଲୋକମାନେ ପ୍ରତିବର୍ଷ ଚାହିଁ ରହିଥାନ୍ତି । ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ାଠାରୁ ଆରମ୍ଭ କରି ଆଳି, ପଟ୍ଟାମୁଣ୍ଡାଇ,ରାଜନଗର ଏବଂ ଚାନ୍ଦବାଲି ଅଞ୍ଚଳରୁ ହଜାର ହଜାର ଲୋକମାନେ ଯୋଗଦେଇ ପ୍ରେମ ଓ ପ୍ରୀତିର ପର୍ବ ହୋଲି ଉତ୍ସବକୁ ପାଳନ କରିଥାନ୍ତି । ଏହି ମେଳଣରେ ଲୋକେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେବ ଏବଂ ରାଣୀ ମୃଣାଳିନୀ ଦେବୀ ଲୋକମାନଙ୍କ ସହ ରଙ୍ଗ ଅବିରରେ ହୋଲି ଖେଳି ସମସ୍ତଙ୍କ ଶୁଭକାମନା ଜଣାଇଥିଲେ । ରାଜାରାଣୀ ରାଧାକୃଷ୍ଣଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏହି ଉତ୍ସବରେ ସାଧାରଣ ଜନତା ନିଆରା ଢଙ୍ଗରେ ରାଜାରାଣୀଙ୍କ ସହିତ ରଙ୍ଗ ଖେଳିବାର ମଜା ନେଇଥିଲେ । ୫୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସୁସଜ୍ଜିତ ବିମାନରେ ମେଳଣ ଶୋଭାଯାତ୍ରାରେ ଆସି ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ପୁରାତନ ହୁରୀ ଗୀତ ତାଳେ ତାଳେ ଘଣ୍ଟ ଘଣ୍ଟା ହୁଳହୁଳି, କାହାଳୀ, ଝାଞ୍ଜ ମୃଦଙ୍ଗ ସହିତ ନାଚ ଗୀତରେ ଫାଟି ପଡ଼ିଥିଲା ମେଳଣ ପର୍ବ । ଭଜନ ଗାଇ ଗାଇ ରାଧାକୃଷ୍ଣଙ୍କ ଭକ୍ତି ନିବେଦନ କରଥିଲେ ଶ୍ରଦ୍ଧାଳୁ । ପୂର୍ବ ପରମ୍ପରା ଅନୁଯାୟୀ ମେଳଣ ଶେଷ ହେବା ପରେ ରାତିରେ ଗୋପାଳଜୀଉ, ରାସବିହାରୀ ଜୀଉ ଏବଂ ପ୍ରଭୁ ରାଧାକାନ୍ତ ଜୀଉଙ୍କ ଭେଟ ଅନୁଷ୍ଠିତ ହୋଇଥିଲା ।

## ରାଜନଗର ଦୋଳ ମେଳଣରେ ୩୧ ବିମାନ


ରାଜନଗର ଦୋଳମେଳଣରେ ସାମିଲ ହୋଇଥିବା ସୁସଜ୍ଜିତ ବିମାନ।

ରାଜନଗର,୨୭।୩(ଭାସ୍କର ରାଉତରାୟ)

ରାଜନଗର ବ୍ଲକର ବିଭିନ୍ନ ସ୍ଥାନରୁ ୩୧ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ଭକ୍ତମାନେ ବାଜା, ବାଣ, ରୋଷଣୀ ଥାଟପାଟରେ ଦୋଳ ମେଳଣ ପଡିଆକୁ ଆଣିଥିଲେ। ପବିତ୍ର ଦୋଳପୂର୍ଣ୍ଣିମା ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟିର ସଭାପତି ତଥା ରାଜନଗର ଆଇଆଇସି ଅଜୟ କୁମାର ଜେନା ପୁରୋହିତଙ୍କ ବେଦମନ୍ତ୍ର ମଧ୍ୟରେ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରଥମେ ଥାନପତି ରାଜନଗର ଦଧିବାମନଜୀଉଙ୍କ ମନ୍ଦିରରୁ ଶ୍ରୀଜୀଉଙ୍କୁ ପାଛୋଟି ନିଆଯାଇଥିଲା। ପାରମ୍ପରିକ ବାଦ୍ୟ ସହିତ ଘୋଡାନାଚ ଓ ଲଉଡି ଖେଳ ମଧ୍ୟରେ ଶ୍ରୀଜୀଉଙ୍କୁ ମେଳଣ ପଡିଆକୁ ଅଣାଯାଇଥିଲା। ଥାନପତି ମେଳଣ ମଣ୍ଡପରେ ବିରାଜମାନ ପରେ ରାଧାକୃଷ୍ଣ କମିଟିର ସଭାପତି ମେଳଣ କମିଟିର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ପୁରୋହିତମାନେ ରାଜନଗର ଗ୍ରାମମୁଣ୍ଡରୁ କେରେଡାଗଡ, ରିଘାଗଡ, ପେଣ୍ଠ, ଭିତରଗଡ଼, ମହିଁଷାସୁର, ରାଜନଗର, ସାନବଡଗୋପାଳପୁର, ମହୁଲିଆ, କୁରୁଣ୍ଟି, ମାଣପଡା, ବଡକୋଟ, ରାଜପୁର, ଗୋଖଣୀ, ଏଣ୍ଠୁଳାପୁର ଆଦି ଗ୍ରାମର ମଠ ମନ୍ଦିରରୁ ଆସୁଥିବା ବିମାନକୁ ପାଛୋଟି ଅଣାଯାଇଥିଲା। ଶ୍ରୀ ଶ୍ରୀ ରାଧାକୃଷ୍ଣ ମେଳଣ କମିଟିର ସଭାପତି ଅଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ରଙ୍ଗସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଶଙ୍କର୍ଷଣ ମିଶ୍ର ସଂଯୋଜନା କରିଥିଲେ। ମେଳଣ ମଣ୍ଡପରେ ଆୟୋଜିତ ରଙ୍ଗସଭାରେ ଚଳିତବର୍ଷ ସାମାଜିକ କର୍ମୀ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ରସରାଜ ଉପାଧିରେ ମଣ୍ଡିତ କରାଯିବା ସହିତ ଉପଢୌକନ ଓ ପୁଷ୍ପମାଲ୍ୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳଣ କମିଟି ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ଉପସଭାପତି ରମେଶ କୁମାର ଲାଲ ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ।

## କାଠିଆଡ଼ା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୨୭।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ାଠାରେ ୩୬ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଗତ ୧୮ରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରରୋପଣ ୧୯ରେ କଳସଯାତ୍ରା ଯଜ୍ଞଶାଳା ପୂଜା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଧର୍ମଦେବ ଷଡ଼ଙ୍ଗୀ, ସୁରେନ୍ଦ୍ର ଦାଶ, ପ୍ରଭାସ ଦାଶ, ନାରାୟଣ ମହାପାତ୍ର, ମନୋଜ ଦାଶ, ସୁଦର୍ଶନ ନନ୍ଦ, ଦିପ୍ତିରଞ୍ଜନ ଦ୍ୱିବେଦୀ ପ୍ରମୁଖ ପଣ୍ଡିତମାନଙ୍କ ଦ୍ୱାରା ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଗୀତାପାଠ, ଚଣ୍ଡିପାଠ, ଗୋପୂଜା, ଦ୍ୱାରପାଳପୂଜା ଆଦି ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସୋମବାର ଅନୁଷ୍ଠିତ ପୂର୍ଣ୍ଣାହୂତି ସହିତ ଉଦଣ୍ଡ କୀର୍ତ୍ତନ, ଯଜ୍ଞ ମଣ୍ଡପ ପରିକ୍ରମା ସହିତ ବିଶ୍ୱଶାନ୍ତି ପାଇଁ ଆହୂତି ଦିଆଯାଇଥିଲା । ଏଥିସହ ଭଜନ,କୀର୍ତ୍ତନ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀ ସୁରେନ୍ଦ୍ର ଦାସ, ଦିଲୀପ ଦାଶ,ପ୍ରଫୁଲ୍ଲ ଦାଶ, ସନ୍ତୋଷ ଦାସ, ବିଜୟ ମହାନ୍ତି, ପାରେଶ୍ୱର ସେଠୀଙ୍କ ସମେତ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗତ ୩୬ବର୍ଷ ହେଲା ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି ।

## ଆନ୍ତଃଜିଲା ଚୋର ଦଳ ଗିରଫ

### ଦିନରେ ଘୁଷୁରି ଚରାଳି, ରାତିରେ ଚୋର


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

କେନ୍ଦ୍ରାପଡ଼ା, ୨୭।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପୋଲିସ ଏକ ଆନ୍ତଜିଲା ଚୋରଦଳକୁ ଗିରଫ କରିଛି। ଏହି ଦଳରେ ୫ ଜଣ ଅଭିଯୁକ୍ତଙ୍କୁ ରବିବାର କୋର୍ଟରେ ହାଜର କରାଯାଇଛି । ଚୋରି କରିଥିବା ଅଭିଯୁକ୍ତମାନେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ଥାନା ଅବଜୁନା ଗ୍ରାମର ରଞ୍ଜନ ଦାସ, ବବିନା ଦାସ ଓ ବାପୁନ ଦାସ। ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଚାହାପଡ଼ା ଗ୍ରାମର ରାମଚନ୍ଦ୍ର ସାହୁ ଓ ଯାଜପୁର ଜିଲା ଧର୍ମଶାଳା ଥାନା କାଏମାର କାର୍ତ୍ତିକ ସାହୁଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ନଗଦ ୪୬ ହଜାର ଟଙ୍କା, ୧୩ଟି ସୁନା ଅଳଙ୍କାର, ୧୨ଟି ରୁପା ଅଳଙ୍କାର, ଗୋଟିଏ ମୋଟ ସାଇକେଲ, ୨ଟି ମୋବାଇଲ ଫୋନ ସହିତ କେକେ ମାରଣାସ୍ତ୍ର ଜବତ ହୋଇଛି। ସୁନା ଓ ରୁପା ଅଳଙ୍କାରର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ । ବାଲେଶ୍ୱରର ଏହି ଦଳ ରାଜ୍ୟର ବିଭିନ୍ନ ଜିଲାରେ ଚୋରି କରିଛନ୍ତି ବୋଲି ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏକ ଖବରଦତା ସମ୍ମିଳନୀରେ ବୁଧବାର ସୂଚନା ଦେଇଛନ୍ତି । ଏସ୍‌ପି କାଟାରିଆ କହିଛନ୍ତି, ବାଲେଶ୍ୱରର ଏହି ଦଳ ସବାଖିଆ କେଳା ସମ୍ପ୍ରଦାୟର । ସେମାନେ ଦିନ ସମୟରେ ଘୁଷୁରୀ ଚରାଇବା ଓ ଭିକ ମାଗିବା କାମ କରନ୍ତି । ରାତିରେ ଘରେ ପଶି ଚୋରି କରିଥାନ୍ତି। ଅଭିଯୁକ୍ତଙ୍କ ନାମରେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ରାଜନଗର ଥାନାରେ ମାମଲା ହୋଇଛି । ଏଥିସହିତ କୁଜାନଗରୀରେ ଗୋଟିଏ, ମାର୍ଶାଘାଇରେ ୩ଟି, କେନ୍ଦ୍ରାପଡ଼ା ସହରାଞ୍ଚଳ ଥାନାରେ ୨ଟି, ପାଟକୁରା ଥାନାରେ ୨ଟି ଓ ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନାର ଗୋଟିଏ ମାମଲାରେ ସଂପୃକ୍ତ ଅଛନ୍ତି । ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରେ ଗିରଫ କରାଯାଇଛି । ଏହି ଦଳ ବିରୋଧରେ ଅନୁସନ୍ଧାନ ଜାରି ରହିଥିବା ବେଳେ କେତେଜଣ ଅଭିଯୁକ୍ତ ଫେରାର ଅଛନ୍ତି । କୋର୍ଟରୁ ରିମାଣ୍ଡରରେ ଅଣାଯାଇ ଆହୁରି ତଦନ୍ତ ହେଲ ଅଧିକ ତଥ୍ୟ ମିଳିପାରିବ ବୋଲି ଏସପି କାଟାରିଆ ସୂଚନା ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ସାମିଲ ହୋଇଥିଲେ ।

## ଦୋଳ ପୂର୍ଣ୍ଣମୀ ପାଇଁ ରାଜମେଳଣ

ପଟ୍ଟାମୁଣ୍ଡାଇ,୨୭।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ଶ୍ରୀରାମ ମନ୍ଦିରଠାରେ ସୋମବାର ଦୋଳପୂର୍ଣ୍ଣିମା ପାଳନ ଅବସରରେ ରାଜମେଳଣ ଅନୁଷ୍ଠିତ ହୋଇଯାଇଛି । ଏହି ରାଜମେଳଣରେ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରୁ ଦୋଳ ବିମାନରେ ଦୋଳଗୋବିନ୍ଦ ଏକତ୍ରିତ ହୋଇଥିଲେ । ବଣିକ ସଂଘ ପକ୍ଷରୁ ଠାକୁରଙ୍କ ବିମାନଗୁଡିକୁ ସ୍ୱାଗତ କରାଯିବା ସହିତ ବନ୍ଦାପନା କରି ଆସନ ଦିଆଯାଇଥିଲା । ଏହି ବିମାନ ମଧରେ ମାଟିଆର ମଦନମୋହନଜୀଉ, ପୋଖରିଆପଡା ହରପାର୍ବତୀ, ମଠସାହିର ଶ୍ରୀ ନୃସିଂହନାଥଜୀଉ, ଖଡିଅଣ୍ଟା ଶ୍ରୀଗୋପାଳଜିଉ, ଅଠରବାଟିଆ ଶ୍ରୀଗୋପିନାଥ ଝଜୀଉ, ବନ୍ଧପଡାର ଶ୍ରୀରାଧାକାନ୍ତ ଜୀଉ, ନୂଆଗାଁ କନକ ଦୁର୍ଗା, ବେଲତଳ ଗ୍ରାମର କୁଞ୍ଜବିହାରୀ , ରାଧାରମଣ , ଶ୍ରୀ ଗୋପୀନାଥ ଜୀଉ, ଶ୍ରୀ ଅନନ୍ତଶୟନ ଓ ରାଧାକୃଷ୍ଣ ଜୀଉ, ଦକ୍ଷିଣଦିଆ ଗ୍ରାମର ବାଳଗୋପାଳ,କୈଳାସୀ ଗ୍ରାମର ଲକ୍ଷ୍ମୀ ବରାହ, ଭୋଳିବାବା,ପତିତପାବନ ଜୀଉଙ୍କ ସମେତ ବହୁ ଗ୍ରାମର ଦୋଳ ବିମାନ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ପ୍ରଫୁଲ୍ଲ ଲେଙ୍କା, ପର୍ଶୁରାମ ଷଣ୍ଢ, ମୋହନ ଦାଶ, ଅଚ୍ୟୁତି ଜେନା ସମେତ ସଦସ୍ୟ ମାନେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ ।

## ୬ ବଖରା ଭସ୍ମୀଭୂତ


ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିବା ଘର।

ରାଜନଗର,୨୭।୩(ଭାସ୍କର ରାଉତରାୟ)

ଦୋଳପୂର୍ଣ୍ଣିମାରେ ସମସ୍ତେ ଉତ୍ସବ ମନାଉଥିବା ବେଳେ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଖଣ୍ଡେଇପଡା ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ଗାଁର ସୁରେନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ନୃସିଂହ ସ୍ୱାଇଁଙ୍କ ୬ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୋମବାର ବିଳମ୍ବିତ ରାତ୍ରିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସୁରେନ୍ଦ୍ରଙ୍କ ଝିଅ ବାହାଘର ପାଇଁ ସମସ୍ତ ସୁନା ଗହଣା, ବାସନ, ଟିଭି, ବାକ୍ସ, ଲୁଗାପଟା ଆଦି ପୋଡି ପାଉଁଶ ହୋଇଯାଇଛି। ନିଆଁର ପ୍ରଖର ଏତେ ଭୟଙ୍କର ଥିଲା ଯେ, ମାତ୍ର ୧୦ରୁ ୧୫ ମିନିଟ ମଧ୍ୟରେ ସବୁ ପୋଡ଼ି ପାଉଁଶ ହୋଇଯାଇଛି।

## ପ୍ରାର୍ଥୀତ୍ୱ ଘୋଷଣା ପରେ ବାତିଲ ହେଲା ମିଶ୍ରଣ ପର୍ବ

ରାଜନଗର,୨୭।୩(ଭାସ୍କର ରାଉତରାୟ)



ରାଜନଗରରେ ଅଧାରୁ ବାତିଲ ହୋଇଥିବା ମିଶ୍ରଣ ପର୍ବ।

ବୁଧବାର ରାଜନଗର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବ୍ଲକର ଗୋସିଗାଁଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥାଆନ୍ତା । ଗୋଟିଏ ମଞ୍ଚରେ ଅଂଶୁମାନ ମହାନ୍ତି, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା ଏକାଠି ହୋଇଥାଆନ୍ତେ। ଅଂଶୁମାନଙ୍କ ସମର୍ଥକମାନେ ବିଜୁ ଜନତା ଦଳରେ ଯୋଗଦେଇଥାଆନ୍ତେ। ଏଥିପାଇଁ ବିରାଟ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଠିକ୍ ଶୋଭାଯାତ୍ରା ବାହାରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ। ଟିକେଟ୍ ଘୋଷଣା ପରେ ହଠାତ୍ ମିଶ୍ରଣ ପର୍ବ ଶୋଭାଯାତ୍ରାକୁ ବାତିଲ କରିଦିଆଯାଇଛି। ଟିକେଟ୍ ଘୋଷଣା ପରେ ନବୀନ ନିବାସରୁ ଫୋନ ଆସିବାରୁ ୩ ନେତା ଅଧାବାଟରୁ ଭୁବନେଶ୍ୱର ଫେରି ଯାଇଛନ୍ତି ବୋଲି ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଫେବୃୟାରୀ ୧୪ରେ ପୂର୍ବତନ ବିଧାୟକ ତଥା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି କଂଗ୍ରେସରୁ ଇସ୍ତଫା ଦେଇଥିଲେ। ୧୬ରେ ଭୁବନେଶ୍ୱର ଶଙ୍ଖ ଭବନରେ ତାଙ୍କର ସମର୍ଥକମାନଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ୨୨ରେ ବିଜୁ ଜନତା ଦଳର କର୍ମୀ ଓ ଅଂଶୁମାନଙ୍କ ସମର୍ଥକଙ୍କୁ ନେଇ ଶଙ୍ଖ ଭବନରେ ସମନ୍ୱୟ ବୈଠକ ବସିଥିଲା। ବୈଠକ ପରେ ରାଜନଗରରେ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ବୁଧବାର ଦିନ ୩ଟାରୁ ପଟ୍ଟାମୁଣ୍ଡାଇ ବାଇପାସ୍‌ରୁ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ଓ ରାଜନଗର ପରିକ୍ରମା କରିବା ପରେ ଗୋସିଗାଁଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥାଆନ୍ତା।

### ଖୁସି ମନାଇଲେ ବିଜେଡି କର୍ମୀ

ଏହି ମିଶ୍ରଣ ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଜିଲାର ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ୧ହଜାରରୁ ଅଧିକ କର୍ମୀ ମୋଟର ସାଇକେଲ ଧରି ପଟ୍ଟାମୁଣ୍ଡାଇ ବାଇପାସ୍‌ରେ ପହଞ୍ଚି ସାରିଥିଲେ। ହେଲେ ଟିକେଟ୍ ଘୋଷଣା ପରେ ମିଶ୍ରଣ ପର୍ବକୁ ବାତିଲ କରାଯାଇଥିଲା ।

ଅନ୍ୟପକ୍ଷେ ରାଜନଗର ବିଧାୟକ ଧ୍ରୁବ ସାହୁ ପୁଣିଥରେ ଟିକେଟ୍ ପାଇବା ଓ ଅଂଶୁମାନ ଏମ୍‌ପି ପ୍ରାର୍ଥୀ ହେବା ପରେ ବିଜୁ ଜନତା ଦଳ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା। ଶୋଭାଯାତ୍ରା ଓ ମିଶ୍ରଣ ପର୍ବ ପାଇଁ ଆସିଥିବା କର୍ମୀମାନେ ବାଣ ଫୁଟାଇବା ସହ ସହିତ ବାଜା ବଜାଇ ଖୁସି ମନାଇଥିଲେ। ବିଜୁ ଜନତା ଦଳର ଶୋଭାଯାତ୍ରା ପାଇଁ ରାଜନଗର ହଂସୁଆ ସେତୁ ନିକଟରୁ ବସଷ୍ଟାଣ୍ଡ ଯାଏଁ ଟ୍ରାଫିକ ଜାମ ହୋଇଯାଇଥିଲା। ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ ଯୋଗୁଁ ୨ଟି ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଅଟକିଥିଲା।

# କଂଗ୍ରେସର ୧୦ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ

ଦଶପଲ୍ଲା/ଓଡ଼ଗାଁ,୨୭।୩
(ପ୍ରକାଶ କୁମାର ପାଣି/ଆଦର୍ଶ କୁମାର ପଟ୍ଟନାୟକ)

ବୁଧବାର ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ସମ୍ମିଳନୀ କକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ କଂଗ୍ରେସର ଦଶ ଗ୍ୟାରେଣ୍ଟି କାର୍ଡକୁ ନୟାଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟ ଜିଲା ସଭାପତି ରଣଜିତ ଦାଶ ଉନ୍ମୋଚନ କରିଛନ୍ତି। ସେହିପରି ନୟାଗଡ଼ ଜିଲା କାର୍ଯ୍ୟାଳୟ ଓ ଓଡ଼ଗାଁ ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟରେ ଏହି ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ ହୋଇଛି।

ନୟାଗଡ଼ ଜିଲାବାସୀଙ୍କ ପାଇଁ ନୟାଗଡ଼ରେ ନୂଆ ଟିନିକଲ ସ୍ଥାପନା, ଦଶପଲ୍ଲାରେ ଅତ୍ୟାଧୁନିକ କାଗଜ କାରଖାନା, ଦଶପଲ୍ଲାକୁ ରାଜସ୍ୱ ସବ୍‌ଡିଭିଜନ ଏବଂ କୁଆଁରିଆ ଡ୍ୟାମ ପୁନରୁଦ୍ଧାର ଗ୍ୟାରେଣ୍ଟି ସହ ରାଜ୍ୟବାସୀଙ୍କୁ କଂଗ୍ରେସର ୯ ଗ୍ୟାରେଣ୍ଟି ମଧ୍ୟରେ ଗୃହ ଜ୍ୟୋତି ଯୋଜନାରେ ରାଜ୍ୟର ପ୍ରତ୍ୟେକ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଜୁଳି ଦେୟ ଛାଡ଼, ଯୁବବିକାଶ ଯୋଜନାରେ ରାଜ୍ୟର ୫ ଲକ୍ଷ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ସହିତ ମାସିକ ୩୦୦୦ ଟଙ୍କା ବେକାରୀ ଭତ୍ତା, କୃଷକ ବନ୍ଧୁ ଯୋଜନାରେ ବୋନସ ସହିତ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷକମାନଙ୍କ ପାଇଁ ମାସିକ ୨୦୦୦ଟଙ୍କା ପେନସନ ଏବଂ କୃଷି ଋଣ ଛାଡ଼, . ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ୨୦୦୦ ଟଙ୍କା, ଆଦିବାସୀ-ଦଳିତ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ଏବଂ ମାସକୁ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର, ଜନକଲ୍ୟାଣ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ



ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା କଂଗ୍ରେସ ନେତୃବର୍ଗ।

ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ମାଗଣା ଚିକିତ୍ସା ବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମାସିକ ୨୦୦୦ ଟଙ୍କା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭%ସ୍ଥାନ ସଂରକ୍ଷଣ ବ୍ୟବସ୍ଥା, ଆଦିବାସୀ ଓ ଦଳିତ ବର୍ଗଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ୧୦୦ଦିନ ମଧ୍ୟରେ ପେସା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ପାଇଁ କଂଗ୍ରେସ ସଂକଳ୍ପ ବଦ୍ଧ। ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତି ବୁଲୁ ପରିଡ଼ାଙ୍କ ସଂଯୋଜନା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ନବନିଯୁକ୍ତ ପିସିସି ସମ୍ପାଦକ ସରୋଜ ପରିଡା ,କନ୍ଧମାଳ ସଂସଦୀୟ କ୍ଷେତ୍ର ଆଶାୟୀ ପ୍ରାର୍ଥୀ ଅମିରଚାନ୍ଦ ନାୟକ, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ସୁରେନ୍ଦ୍ର ବେହେରା,ଦେବାଶିଷ ଭୂଷଣ ନାୟକ, ବେଣୁଧର ନାୟକ, ନିରଞ୍ଜନ ସେଠୀ, ଡିସିସି ଉପସଭାପତି ଉମାରାଣୀ ପାଣି, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ, ଗଣିଆ ବ୍ଲକ ସଭାପତି କାଶୀନାଥ ନାୟକ, ଡିସିସି ଓବିସି ସଭାପତି ନାରାୟଣ ସାହୁ, ଆରଜିପିଆର୍‌ଏସ୍ ଜିଲା ସଂଯୋଜକ ସୁକାନ୍ତ ଶତପଥୀ, ଓଡ଼ଗାଁ ବ୍ଲକ କଂଗ୍ରେସ ଉପସଭାପତି ଆଡ଼ଭୋକେଟ ବିଭୁତି ରାଉତ, ଜିଲା ଆଇଏନଟିୟୁସି ଅଧ୍ୟକ୍ଷ ଆଲୋକ ପ୍ରଧାନ ଏବଂ ବରିଷ୍ଠ କର୍ମୀ ନିରଞ୍ଜନ ରାଉତ ପ୍ରମୁଖ ଗ୍ୟାରେଣ୍ଟି କାର୍ଡ ଅନୁଷ୍ଠାନିକ ଉନ୍ମୋଚନ କରିଥିଲେ। ଜିଲାର ରଣପୁର, ଦଶପଲ୍ଲା ଏବଂ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁରୂପ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ କରାଯାଉଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଶପଲ୍ଲା ଏନଏସି କଂଗ୍ରେସ ସଭାପତି ଆଇନଜୀବୀ ବିନୋଦ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଳ ଉପଲକ୍ଷେ କପିଳେଶ୍ୱରଦେବଙ୍କ ଗ୍ରାମ ପରିକ୍ରମା

ଖଣ୍ଡପଡ଼ା,୨୭।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତ କୁଆହରା ଗ୍ରାମସ୍ଥ କପିଳେଶ୍ୱର ଦେବଙ୍କ ପାରମ୍ପରିକ ଦୋଳ ପର୍ବ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ମହାସମାରୋହରେ ପାଳିତ ହୋଇ ଯାଇଛି । ସୋମବାର ପୂର୍ଣ୍ଣମୀ ରାତ୍ରୀରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଜୀଉଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ପାଟପଗୁଆରରେ କୁଆହରା, ମହୁଲପଡା, ଗୋପାଳପୁର, କଞ୍ଚନଡିପି ଓ ଦରଦା ଗ୍ରାମ ପରିକ୍ରମା କରାଯାଇଥିଲା । ବିଜେ ସମୟରେ ଗ୍ରାମବାସୀ ପ୍ରତ୍ୟେକଙ୍କ ଦାଣ୍ଡ ଦୁଆରେ ପରମ୍ପରା ଅନୁସାରେ ଯଥାରୀତି ଠାକୁରଙ୍କୁ ଚଣା, ଖଜା, ଆମ୍ବ, ମୁଆଁ, ଫଳ ଆଦି ଭୋଗ ଲଗାଇ ଚାଟେରୀ ଖୁଆଇଥିଲେ । ପରେ ଠାକୁରଙ୍କ ତରଫରୁ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା ।

## ୩ ନିର୍ବାଚନମଣ୍ଡଳୀରେ ଖୁସିର ମାହୋଲ

### ୩ ବିଧାୟକ ପାଇଲେ ଟିକେଟ

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ୪ଟି ନିର୍ବାଚନମଣ୍ଡଳୀ ରହିଥିବାବେଳେ ୩ଟି ନିର୍ବାଚନମଣ୍ଡଳୀରେ ବିଜେଡି ପୁଣି ୩ ବିଧାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ବୁଧବାର ଦଳୀୟ ଟିକେଟ ପ୍ରଦାନ କରିଛି। ନୟାଗଡ଼ରେ ଅରୁଣ କୁମାର ସାହୁ, ଦଶପଲ୍ଲାରେ ରମେଶ କୁମାର ବେହେରା, ରଣପୁରରେ ସତ୍ୟ ନାରାୟଣ ପ୍ରଧାନ ବିଜେଡି ଟିକେଟ ପାଇଛନ୍ତି। ତେବେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ କାହାକୁ ଟିକେଟ ଦିଆଯିବ ଘୋଷଣା କରାଯାଇନାହିଁ। ୩ ବିଧାୟକ ଟିକେଟ ପାଇବା ପରେ ୩ ନିର୍ବାଚନମଣ୍ଡଳୀରେ ବାଣ ଫୁଟାଇ ମିଠା ଖୁଆଇ କର୍ମୀ, ନେତା, ସମର୍ଥକ ଖୁସି ମନାଇଛନ୍ତି। ୨୦୨୪ ଟିକେଟ ବଣ୍ଟନରେ ନୂଆ ମୁହଁ ସ୍ଥାନ ପାଇ ନାହାନ୍ତି। ସମସ୍ତଙ୍କର ନଜର ଖଣ୍ଡପଡା ଉପରେ ଏବେ ରହିଛି। ଅନ୍ୟପକ୍ଷେ ୩ ବିଧାୟକ ଟିକେଟ ପାଇବା ପରେ ରାଜନୈତିକ ପାଣିପାଗରେ ଉଷ୍ମତା ବଢ଼ିଛି। ୩ ବିଧାୟକ ଟିକେଟ ନ ମିଳିବା ପୂର୍ବରୁ ଗାଁରେ ଡେରା ପକାଇ ସାରିଥିଲେ। ଟିକେଟ ପାଇବା ପରେ ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି।

## ବିଦ୍ୟାଳୟରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ

### ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ ନିର୍ମାଣରେ ବିଳମ୍ବ

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରେ ଥିବା ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ ନିର୍ମାଣ ଶେଷ ହୋଇ ପାରନାହିଁ। ଇତି ମଧ୍ୟରେ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକର ନିର୍ମାଣ ପ୍ରାୟ ୩ମାସ ହେଲା ଲାଗି ରହିଛି। ଅପରପକ୍ଷେ ନୟାଗଡ଼ ସହରର ଅଧିକାଂଶ ସରକାରୀ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଗୁଡ଼ିକ ରୂପାନ୍ତରିତ ହୋଇ ନୂଆ ରୂପ ପାଇ ସାରିଲାଣି। ତେବେ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ କାର୍ଯ୍ୟ କାହିଁକି ଅଣଦେଖା ହୋଇ ପଡ଼ି ରହିଛି ବୁଝା ପଡୁନି। ଫାଟକ ନ ଥିବାରୁ ସନ୍ଧ୍ୟା ସମୟରେ ବିଦ୍ୟାଳୟ ପରିସରରେ ନିଶାଡ଼ି ତଥା ଅସାମାଜିକ ବ୍ୟକ୍ତିମାନଙ୍କ ଭିଡ଼ ହେଉଛି। ସନ୍ଧ୍ୟା ସମୟରେ ବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତିମାନେ ଶୌଚ କରିବା ସହ ମଦ୍ୟପାନ କରୁଥିବାରୁ ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବିଦ୍ୟାଳୟର ଦୂରତା ମାତ୍ର ଶହେ ମିଟର



ରହିଛି। ବିଦ୍ୟାଳୟଟି ଗତବର୍ଷ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ ହୋଇଥିଲା। ବିଦ୍ୟାଳୟ ପରିସରଟି ବିଭିନ୍ନ ଫୁଲଗଛରେ ଶୋଭା ବର୍ଦ୍ଧନ କରୁଥିବା ବେଳେ ମୁଖ୍ୟ ଫାଟକ ନ ଥିବାରୁ ଗାଈ ଗୋରୁ, ଷଣ୍ଢ ଇତ୍ୟାଦି ପ୍ରବେଶ କରି ପରିବେଶକୁ ନଷ୍ଟ କରି ସାରିଲେଣି। ସେହିପରି ଅର୍ଦ୍ଧ ନିର୍ମିତ ମୁଖ୍ୟ ଫାଟକ ସାମନାରେ ବାଉଁଶ, ଇଟା, ଗୋଡ଼ି, ବାଲି ଆଦି ଗଦା ହୋଇ ରହିବା ଦ୍ୱାରା ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ବିଦ୍ୟାଳୟରେ ଓଡ଼ିଶା ବୋର୍ଡ଼ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା, ବିଦ୍ୟାଳୟର ବାର୍ଷିକ ପରୀକ୍ଷା, ନିର୍ବାଚନ ତାଲିମ ଶିବିର, ବିଭିନ୍ନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟ ଆଦି ଚାଲିଥିବା ବେଳେ ଅର୍ଦ୍ଧ ନିର୍ମିତ ଫାଟକ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି।

## ଖଣ୍ଡପଡ଼ାରେ ହୋଲି, ଦୋଳ ପର୍ବ

ଖଣ୍ଡପଡ଼ା,୨୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡାର ପୁରପଲ୍ଲୀରେ ଦୋଳ ରଙ୍ଗର ପର୍ବ ହୋଲି ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ବିଭିନ୍ନ ଗ୍ରାମରେ ବିଗ୍ରହମାନେ ବିମାନରେ ଗ୍ରାମ ପରିକ୍ରମା କରିବା ବେଳେ ପ୍ରତ୍ୟେକ ଦୁଆରେ ବିଗ୍ରହଙ୍କୁ ନୂଆ ଆମ୍ବ, ଚଣା ଓ ଭୋଗ ଲାଗି କରାଯାଇଥିଲା । ଏ ଅବସରରେ ଫଗୁ ଖେଳ ସହ ଗୋପାଳ ସମାଜ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା । ଲଉଡି ଖେଳକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଗାଁ ଗଣ୍ଡାରେ ଦୋଳ ପର୍ବ ଯୋଗୁଁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ସେହିପରି ରଙ୍ଗର ପର୍ବ ହୋଲିରେ ଅଂଚଳବାସୀ ମସଗୁଲ ହୋଇଥିଲା ।

## ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ



ଦୋଳପୂର୍ଣ୍ଣିମା ଅବସରରେ ନୂତନ ପାଞ୍ଜିକୁ ପୂଜାର୍ଚ୍ଚନା କରାଯାଉଛ

ଖଣ୍ଡପଡା,୨୭।୩(ଅଜୟ କୁମାର ମହାରଣା)

ସୋମବାର ଦୋଳ ପୂର୍ଣ୍ଣମୀ ଅବସରରେ ଶ୍ରୀ ନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳ ମଣ୍ଡପକୁ ଠାକୁରଙ୍କ ସକାଳ ରୀତି ନୀତି ସଂପନ୍ନ ପରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇଥିଲା। ଦୋଳ ମଣ୍ଡପ ପରିସରରେ ପୂଜକ ସମାଜ ପକ୍ଷରୁ ପୂର୍ଣ୍ଣମୀ ଅବସରରେ ଆରମ୍ଭ ହୋଇଥିବା ଅନନ୍ତମୁଖୀ ଯଜ୍ଞପରେ ଗ୍ରାମବାସୀ ଆଣିଥିବା ଚଣା, ଖଜା, ଆମ୍ବ ସହ ଫଳ ପୁଷ୍ପକୁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରଙ୍କୁ ଅବିର ପ୍ରଲେପ ଦେବା ସହ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପୂଜକମାନେ ଅବିର ପ୍ରଲେପ ଦେଇଥିଲେ । ଏହାପରେ ଠାକୁରଙ୍କ ପାଖରେ ଚଳିତ ବର୍ଷର ନୂତନ ପାଞ୍ଜି ପୂଜା କରାଯାଇ ଶ୍ରୀ ଜୀଉଙ୍କ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣୀ ପାଞ୍ଜି ପଠନ କରି ୩୬୫ ଦିନର ଶୁଭାଶୁଭ ଫଳ ଏବଂ ପର୍ବ ପର୍ବାଣି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପାଞ୍ଜିର ସୂଚନା ଅନୁଯାୟୀ, ବହୁ ପ୍ରତିକ୍ଷିତ ନୀଳମାଧବ ଜୀଉଙ୍କପୀଠ ମହନାଦୀର ଚିତ୍ରୋତ୍ପଳା ସଙ୍ଗମସ୍ଥଳରେ ଦୀର୍ଘ ୭ବର୍ଷ ପରେ ଆସନ୍ତା ଏପ୍ରିଲ ୬ରେ ମହାବାରୁଣୀ ବୁଡ ଯୋଗ ରହିଛି।

## ବରୁଣେଇ ଟିମ୍ ଚାମ୍ପିୟନ

### ନୀଳକଣ୍ଠେଶ୍ୱର ଟି-୨୦ କ୍ରିକେଟ୍ ଉଦ୍‌ଯାପିତ

ଖଣ୍ଡପଡ଼ା,୨୭।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପାଣୁସାହୁ ପାଟଣା ଗୋଡିବଣିଆ ପଡ଼ିଆଠାରେ ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଶେଷ ହୋଇଛି । ଫାଇନାଲ ମ୍ୟାଚରେ ବରୁଣେଇ କ୍ରିକେଟ କ୍ଲବ୍ ୮୨ ରନରେ ନୀଳମାଧବ କ୍ରିକେଟ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ନୀଳମାଧବ ଦଳ ସମସ୍ତ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିଥିଲା । ବିଜୟୀ ଦଳର ଚିନ୍ନୁ ୪ଟି ଉଇକେଟର ପତନ ଘଟାଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଅନୁଷ୍ଠାର ଆୟୋଜକ ସୁରେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ଓ ସମ୍ମାନୀତ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ ଯୋଗଦେଇ ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅମର ବେହେରା, ହିମାଂଶୁ ବେହେରା ଓ ଲିପୁ ମଣ୍ଡଳ ଖେଳକୁ ପରିଚାଳନା କରିଥିଲେ ।

## ନୀଳମାଧବ ଜୀଉଙ୍କ ଚନ୍ଦନ ଲାଗି ଆରମ୍ଭ

ଖଣ୍ଡପଡ଼ା,୨୭।୩
(ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ସୋମବାର ଦୋଳ ପୂର୍ଣ୍ଣମୀଠାରୁ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି । ପୁରୀ ଶ୍ରୀମନ୍ଦିରର ପୂଜାନୀତି ପରି ଶ୍ରୀନୀଳମାଧବ ଜୀଉଙ୍କର ମଧ୍ୟ ବିଭିନ୍ନ ପର୍ବ ପର୍ବାଣି ଓ ପରମ୍ପରା ପାଳିତ ହୋଇଥାଏ । ମାନବ ସମାଜରେ ଋତୁ ଚକ୍ରର ଯେପରି ପ୍ରଭାବ ପଡ଼ିଥାଏ ସେହିପରି ଦେବ ଦେବୀମାନଙ୍କ ପାଇଁ ଋତୁ ଅନୁସାରେ ବିଭିନ୍ନ ନୀତିର ମଧ୍ୟ ବ୍ୟବସ୍ଥା ହୋଇଥାଏ । ଯେପରି ଶୀତ ଦିନରେ ଶୀତରୁ ରକ୍ଷା ପାଇବା ପାଇଁ ଜଣେ ଶୀତ ବସ୍ତ୍ର ପରିଧାନ କରିଥାଏ, ଠିକ୍ ସେହିପରି ଦେବତାମାନଙ୍କ ପାଇଁ ଏ ବ୍ୟବସ୍ଥାର ମଧ୍ୟ ପ୍ରଚଳନ ହୋଇଥାଏ । କଣ୍ଟିଲୋ ଶ୍ରୀନୀଳମାଧବଜୀଉ ମାର୍ଗଶୀର ମାସ ଷଷ୍ଠୀଠାରୁ ଶୀତରୁ ରକ୍ଷା ପାଇବା ପାଇଁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶ ଓ ଶ୍ରୀପଞ୍ଚମୀଠାରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଜାମାଲାଗି ବେଶ ହୋଇଥାଆନ୍ତି । ତେବେ ଦୋଳ ପୂର୍ଣ୍ଣମୀଠାରୁ ଗ୍ରୀଷ୍ମ ଋତୁ ଅନୁଭୁତ ହେଉଥିବାରୁ ଶ୍ରୀଜୀଉମାନଙ୍କୁ ଗରମରୁ ରକ୍ଷା ପାଇବା ପାଇଁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ । ଗତ ସୋମବାର ଦୋଳ ପୂର୍ଣ୍ଣମୀ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଠାକୁରଙ୍କୁ ଚନ୍ଦନଲାଗି ତଥା ସର୍ବାଙ୍ଗ ବେଶ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ।

## ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବ,ଚୈତ୍ର ମଙ୍ଗଳବାର ଓଷା

ଖଣ୍ଡପଡ଼ା,୨୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଗୋକୁଳାନନ୍ଦ ଜୀଉ କ୍ଷେତ୍ର ସିଧାମୂଳା ମା'ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ ଓ ପ୍ରଥମ ଚୈତ୍ର ମଙ୍ଗଳବାର ଓଷା ମହାସମାରୋହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ମନ୍ଦିର ଭିତର ଓ ବାହାର ସୁସଜ୍ଜିତ କରାଯାଇ ମା'ଙ୍କୁ ରକ୍ତ ମନ୍ଦାର ସହ ବିଭିନ୍ନ ପୁଷ୍ପ ଓ ନବ ବସ୍ତ୍ର ପରିଧାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟାହ୍ନରେ ଶତାଧିକ ମହିଳା ବ୍ରତଧାରୀ ଏକତ୍ରୀତ ହୋଇ ପୂଜାର୍ଚ୍ଚନା କରିବା ସହ ଏ ଉପଲକ୍ଷେ ହୋମଯଜ୍ଞ ସମ୍ପାଦନ ହୋଇଥିଲା । ବିଶେଷ କରି ମହିଳାମାନେ ଖପରାରେ ଅଗ୍ନିକୁ ମୁଣ୍ଡରେ ଧରି ଗ୍ରାମ ପରିକ୍ରମା କରି ମହାନଦୀରେ ବିସର୍ଜନ କରିଥିଲେ । ସଂଗୃହୀତ ଭିକ୍ଷା ଚାଉଳକୁ ନଦୀରେ ବିସର୍ଜନ କରାଯାଇଥିଲା । ମନ୍ଦିର ପୂଜକ ଦୟାନିଧି ରଣା, ପୁରୋହିତ ପଣ୍ଡିତ ଉଦ୍ୟନାଥ ମିଶ୍ର ଓ ମା'ମଙ୍ଗଳା ଟ୍ରଷ୍ଟବୋର୍ଡର ମୁଖ୍ୟ କାମିନୀ ଲତା ମହାଲିକ ଏହି ପାରମ୍ପରିକ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ନୟାଗଡ଼ରେ ବିଶ୍ୱ ନାଟ୍ୟ ଦିବସ




ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ବିଶ୍ୱ ନାଟ୍ୟ ଦିବସ ଅବସରରେ ନୟାଗଡ଼ କେ.ସି. କ୍ଲବଠାରେ 'ନାଟ୍ୟଧାରା' ଆନୁକୂଲ୍ୟରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ନାଟ୍ୟକାର କମ୍ରେଡ ବିଶ୍ୱନାଥ ମହାପାତ୍ର ଯୋଗଦେଇ ବିଶ୍ୱ ନାଟ୍ୟ ଦିବସର ତାତ୍ପର୍ଯ୍ୟ, ଆହ୍ୱାନ ଉପରେ କହିଥିଲେ। ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ପବିତ୍ର ମହାନ୍ତି ଅତ୍ୟାଧୁନିକ ଯୁଗରେ ନାଟକର କ୍ରମ ବିକାଶ, ଓଡ଼ିଆ ନାଟକରେ ନୟାଗଡ଼ ନାଟ୍ୟକଳାର ଅବଦାନ ଏବଂ ଲଗାତାର ନାଟ୍ୟ ଧାରାକୁ ଉଜ୍ଜିବିତ କରିବା ପାଇଁ ଲୋକକଳାକୁ ସମ୍ମାନିତ ନିମନ୍ତେ ଆହ୍ୱାନ ଦେଇଥିଲେ। ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ଓଡ଼ିଆ ନାଟ୍ୟକାର ବିକାଶ, ନାଟକର ସମାଜ ପ୍ରତିବଦ୍ଧତା, ଏହାର ଗଠନ ମୂଳକ ପ୍ରଭାବ ଉପରେ ବ୍ୟାପକ ଆଲୋଚନା କରିଥିଲେ। ନୟାଗଡ଼ରେ ନାଟ୍ୟକଳାର ରଚନାତ୍ମକ ବିକାଶ ପାଇଁ ସଭାପତି ପଟ୍ଟନାୟକ ପ୍ରସ୍ତାବ ରଖିଥିଲେ। 'ନାଟ୍ୟଧାରା'ର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଭିନେତା ଯାମିନୀ ମିଶ୍ର, ନାଟ୍ୟକାର ଅନ୍ତର୍ଯ୍ୟାମୀ ମହାନ୍ତି, ଗଦାଧର ନନ୍ଦ, ନିର୍ମଳ ସୁରଦେଓ ପ୍ରମୁଖ ନାଟ୍ୟ ବିକାଶ ଉପରେ ପ୍ରସ୍ତାବ ରଖିଥିଲେ।

## ଖଣ୍ଡପଡ଼ା ଭାଜପାର ପରିବର୍ତ୍ତନ ସମାବେଶ

ଖଣ୍ଡପଡ଼ା,୨୭।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ପଞ୍ଚାୟତ ପଡ଼ିଆରେ ବୁଧବାର ପରିବର୍ତ୍ତନ ସଭା ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଖଣ୍ଡପଡ଼ା ଅଞ୍ଚଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ଯୋଡିବା ପାଇଁ ଏ ସମାବେଶର ପରିକଳ୍ପନା କରାଯାଇଛି ବୋଲି ପଣ୍ଡା ପ୍ରକାଶ କରିଥିଲେ । ଏହି ଅବସରରେ ନେତୃତ୍ୱ ନେଇଥିବା ପଣ୍ଡାଙ୍କ ହାତମୁଠାକୁ ସଶକ୍ତ କରିବା ନିମନ୍ତେ ଯୋଗୀଆପଲ୍ଲୀ, ଶିଖରପୁର, ରାଣୀପଡ଼ା, ଶାଳଝରିଆ, ଗୁଣ୍ଠୁଣ ଆଦି ପଞ୍ଚାୟତର ଶତାଧିକ ଜନସାଧାରଣ



ଭାଜପାର ପରିବର୍ତ୍ତନ ସମାବେଶରେ ଯୋଗ ଦେଇଥିବା କର୍ମୀ ଓ ନେତା।

ଏହି ପରିବର୍ତ୍ତନ ସମାବେଶରେ ଯୋଗଦେଇଥିଲେ । ଭାଜପାରେ ନୂତନ ଭାବେ ଯୋଗ ଦେଇଥିବା କର୍ମୀମାନଙ୍କୁ ପଣ୍ଡା ସ୍ୱାଗତ କରିଥିଲେ । ଏହାଛଡା ଖଣ୍ଡପଡ଼ା ମାଟିର ସେବା ଓ ବିକାଶ ଦିଗରେ ପଣ୍ଡାଙ୍କ ନୂତନ ସମ୍ଭାବନାକୁ ଲକ୍ଷ୍ୟ କରି ଆଗାମୀ ନିର୍ବାଚନରେ ତାଙ୍କୁ ନିର୍ବାଚନରେ ଜିତାଇବା ପାଇଁ ସଂକଳ୍ପ ନେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଗୁଣ୍ଠୁଣି ପଞ୍ଚାୟତର ସର୍ବେଶ୍ୱର ରାଉତ, ଶାଳଝରିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଘନଶ୍ୟାମ ନାୟକ, ବିଶିଷ୍ଟ ଚାଷୀନେତା ଶ୍ୟାମ ସୁନ୍ଦର ନାୟକ(ଭାଲୁ), ରାଣୀପଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ, ଯୁବନେତା ମନୋଜ କୁମାର ନାୟକ ଏବଂ ଶାଳଝରିଆ ପଞ୍ଚାୟତର ଯୁବନେତା ସୂର୍ଯ୍ୟମଣି ବେହେରା, ଶିଖରପୁର ଓ ଯୋଗିଆପଲ୍ଲୀ ପଞ୍ଚାୟତର ଯୁବ ସଂଗଠକ ସୁରେଶ କୁମାର ସ୍ୱାଇଁ ଓ କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଝୁଲି ରହିଲା କୋରେଇ, ବରୀ, ବଡ଼ଚଣା

## ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

## ଚର୍ଚ୍ଚାରେ ଆକାଶ, ଅଶୋକ, ସୁନନ୍ଦା, ଅମର


ଆକାଶ ଦାସନାୟକ


ଅଶୋକ ବଳ


ସୁନନ୍ଦା ଦାସ


ଅମର ପ୍ରସାଦ ଶତପଥୀ

**ଯାଜପୁର, ୨୭।୩(ହର୍ଷବର୍ଦ୍ଧନ ବେହେରା):**

ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବୁଧବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରାଯାଇଛି। ଏଥିରେ ୭୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଯାଜପୁର ଜିଲାର କୋରେଇ, ବରୀ ଓ ବଡ଼ଚଣା ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ଝୁଲି ରହିଛି। ଜିଲା ରାଜନୀତି ଦୃଶ୍ୟପଟରେ ଏହି ୩ଟି ଆସନରେ ଅଙ୍କକଷା ଚୂଡ଼ାନ୍ତ ହୋଇ ନ ପାରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଯାଜପୁର ବିଧାନସଭା ଆସନରେ ହେଭିୱେଟ ନେତା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ବଦଳରେ ପୂର୍ବତନ ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁଙ୍କ ନାମ ରହିଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଆସନକୁ ବିକଳ୍ପ ଭାବେ ଗ୍ରହଣ କରାଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଞ୍ଝାରପୁର ଓ ଯାଜପୁରରେ ମହିଳା କାର୍ଡ ଖେଳି ଦଳ ୩୩% ମହିଳା ସଂରକ୍ଷଣ ଆଧାରରେ ବରୀ ଆସନରୁ ସୁନନ୍ଦାଙ୍କୁ ବାଦ୍ ଦେଇପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ଏହାବାଦ୍ କୋରେଇରେ ବିଧାୟକ ଅଶୋକ ବଳ ନା ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କୁ ଟିକେଟ୍ ମିଳିବ ତାହା ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ। ସେହିପରି ବଡ଼ଚଣାରେ ବିଧାୟକ ଅମରପ୍ରସାଦ ଶତପଥୀଙ୍କ ବଦଳରେ ତାଙ୍କ ପୁଅ ଅଦ୍ୱିତୀୟ ଶତପଥୀଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

ଗତ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ଭାବେ ବରୀ ନିର୍ବାଚନ ମଣ୍ଡଳୀରୁ ଭାଜପାରୁ ଆସି ବିଜେଡିରୁ ପ୍ରାର୍ଥିନୀ ହୋଇ ସୁନନ୍ଦା ଦାସ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ପୁରସ୍କାର ଦେଇଥିବା ସଂସ୍ଥା ଏମ୍‌ଆଇପିର ୭୫ ଜଣ ବିଧାୟିକାଙ୍କ ତାଲିକାରେ ସୁନନ୍ଦାଙ୍କ ନାମ ରହିଥିଲା। ଜଣେ ମହିଳା ବିଧାୟିକା ଭାବେ ତାଙ୍କ ନାମ ଆଗଧାଡ଼ିରେ ରହି ଆସିଛି। ସାଧାରଣ ଲୋକଙ୍କ ସହ ସେ ଅତି ନିକଟତର ହୋଇ ପାରିଛନ୍ତି। ତାଙ୍କ ବିଧାୟିକା ସମୟରେ ବହୁ ପ୍ରଶଂସନୀୟ କାର୍ଯ୍ୟ କରିଥିବାବେଳେ ଏଯାଏ କୌଣସି ଦାଗ ଲାଗି ନାହିଁ ବୋଲି ସେ ଦାବି କରିଛନ୍ତି। ଦୀର୍ଘ ୫ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଏଡିଆର ରିପୋର୍ଟ ଅନୁଯାୟୀ ୧୪୭ ଜଣ ବିଧାୟିକାଙ୍କ ମଧ୍ୟରୁ ୯୫ ଜଣ ବିଧାୟକ କୋଟିପତି ହୋଇଥିବା ବେଳେ ବରୀ ବିଧାୟିକାଙ୍କ ଜମା ଖାତାରେ ମାତ୍ର ୧୫ ହଜାର ଟଙ୍କା ରହିଛି। ଏହା ତାଙ୍କର ସଚ୍ଚୋଟତାର ପ୍ରମାଣ ବୋଲି ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି। କିନ୍ତୁ କଂଗ୍ରେସରୁ ସ୍ୱାଧୀନ, ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନରୁ ଭାଜପା ପ୍ରାର୍ଥୀ ଏବଂ କମ ଭୋଟ ବ୍ୟବଧାନରେ ହାରିବା ପରେ ବିଜେଡିରେ ଯୋଗଦେଇଥିବା ବିଶ୍ୱରଞ୍ଜନ ମଲିକଙ୍କ ନାମ ମଧ୍ୟ ଏବେ ଶୁଣିବାକୁ ମିଳୁଛି। ତେଣୁ ବରୀ ଆସନରେ ବିଜେଡି ଏଥର ପରିବର୍ତ୍ତନ କରିପାରେ ବୋଲି ଚର୍ଚ୍ଚା ହେଉଛି।

ବଡ଼ଚଣାରେ ବିଧାୟକ ଅମର ପ୍ରସାଦ ଶତପଥୀ ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଅମର କୁମାର ନାୟକଙ୍କଠାରୁ ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହାସହ ଇତିମଧ୍ୟରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ତାଙ୍କ କର୍ମଫଳ ସେତେଟା ପ୍ରଭାବ ପଡି ନ ଥିବା ଆଲୋଚନା ହେଉଛି। ତେଣୁ ବିଜେଡି ଏକ ବିକଳ୍ପ ନେତା ବାଛିବ ବୋଲି ପ୍ରଥମ ପର୍ଯ୍ୟାୟ ତାଲିକାରେ ନାମ ଛିଣ୍ଡି ପାରିନାହିଁ। ଏହିକ୍ରମରେ ତାଙ୍କ ପୁଅ ଅଦ୍ୱିତୀୟ କିମ୍ବା ଜିଲା ଉପସଭାପତି ଗଣେଶ୍ୱର ବରାଳ, ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ଇତିଶ୍ରୀ ସାମଲ, ମନୋରମା ଆଚାର୍ଯ୍ୟ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଏପରି କି ନିକଟରେ କଂଗ୍ରେସ ଛାଡିଥିବା ରାଜନାରାୟଣ ମହାପାତ୍ର ବିଜେଡିରେ ଏଯାଏ ସାମିଲ ହୋଇ ନ ଥିଲେ ହେଁ ତାଙ୍କୁ ସୁଯୋଗ ମିଳିପାରେ ବୋଲି ଆଲୋଚନା ହେଉଛି।

ସେହିପରି କୋରେଇ ଆସନଟି ସଦାସର୍ବଦା ସ୍ୱତନ୍ତ୍ରତା ରଖି ଆସିଛି। ଏହି ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ଦଶନ୍ଧି ହେଲା କେହି ଜଣେ ଦ୍ୱିତୀୟ ଥର ବିଧାୟକ ହୋଇ ପାରିନାହାନ୍ତି। ଏହାସହ ଏହି ଆସନ ପାଇଁ ବବିଙ୍କ ନାମ ପୂର୍ବରୁ ଚର୍ଚ୍ଚା ହେଉଥିଲାବେଳେ ସମ୍ବଲପୁର ଲୋକସଭା ଆସନରେ ସେ ପ୍ରାର୍ଥୀ ହେବା ପରେ ତାଙ୍କ ନାମ ଏବେ ପୂର୍ଣ୍ଣଚ୍ଛେଦ ପଡିଛି। ବାକି ରହିଲେ ଆକାଶ ଓ ଅଶୋକ। ପୂର୍ବ କର୍ମଫଳ ଏବଂ ଦଳ ପ୍ରତି ଆନ୍ତରିକତା, ଲୋକ ସମ୍ପର୍କକୁ ପାଥେୟ କରି ଦଳ ପ୍ରାର୍ଥୀ ବାଛିବ ବୋଲି ସୂଚନା ମିଳିଛି। ଏହିକ୍ରମରେ ଆକାଶଙ୍କ ନାମ ଚର୍ଚ୍ଚା ବହୁ ଆଗରେ ରହିଥିବାବେଳେ ଅଶୋକ ମଧ୍ୟ କମ ନୁହନ୍ତି। ତେଣୁ ଦଳ ଏବେ କାହାକୁ ପ୍ରାର୍ଥୀ କରିବ ସେ ନେଇ ଚୂଡ଼ାନ୍ତ କରି ପାରି ନ ଥିବାରୁ ପ୍ରଥମ ପର୍ଯ୍ୟାୟ ତାଲିକାରେ ଝୁଲାଇ ରଖିବା ସ୍ୱାଭାବିକ ହୋଇଛି।

# ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ, ବିପୁଳ ସମ୍ପତ୍ତି ନଷ୍ଟ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଗ୍ରୋସେରି ଦୋକାନ ଓ ଜେସିବି ମେଶିନ।

## ଜଳିଗଲା ଗ୍ରୋସେରି ଦୋକାନ, ଜେସିବି ମେଶିନ ଓ ଧାନଗଦା

**ରସୁଲପୁର, ୨୭।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ୍ ଅଞ୍ଚଳରେ ପୃଥକ୍ ୩ ସ୍ଥାନରେ ଗତ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିପୁଳ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ବ୍ଲକ୍ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବ୍ରାହ୍ମଣ ନରସିଂହପୁର ଗ୍ରାମର ଜୟରାମ ସାହୁଙ୍କ ଗ୍ରୋସେରି ଦୋକାନରେ ନିଆଁ ଲାଗିଯିବାରୁ ଦୋକାନରେ ଥିବା ବହୁ ସାମଗ୍ରୀ ଜଳିଯାଇଛି। ସେହିପରି ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା କୋଠା ଅଞ୍ଚଳରେ ନିର୍ମାଣାଧୀନ ଗୃହ କାର୍ଯ୍ୟରେ ବ୍ୟବହୃତ ଜେସିବିରେ ନିଆଁ ଲାଗି ଜଳିଯାଇଛି। କତରାପୁର ଅଞ୍ଚଳରେ ୩ ଚାଷୀଙ୍କ ଧାନଗଦାରେ ନିଆଁ ଲାଗିବା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଖବରପାଇ ରସୁଲପୁର ଦମକଳ କେନ୍ଦ୍ରର କର୍ମଚାରୀମାନେ ସବୁଠି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ରୋସେରି ଦୋକାନରେ ପ୍ରାୟ ୧.୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ଦମକଳ ବାହିନୀ ପକ୍ଷରୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଗ୍ରୋସେରି ଦୋକାନରେ ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହେଉଥିବାବେଳେ ଜେସିବି ମେଶିନ ବ୍ୟାଟେରୀରୁ ସ୍ପାର୍କ କରି ଅଗ୍ନିକାଣ୍ଡ ଘଟିଛି ବୋଲି ସନ୍ଦେହ କରାଯାଉଛି। ଯାଜପୁର ସଦର ଥାନା ଭୂଇଁପୁର ପଞ୍ଚାୟତ କତରାପୁର କୁମ୍ଭାର ସାହିରେ ରାତି ୯ଟାରେ ଅଷ୍ଟପ୍ରହର ନଗରକୀର୍ତ୍ତନ ଶୋଭାଯାତ୍ରା ହେଉଥିବା ସମୟରେ ଆତସବାଜୀ କରାଯାଉଥିଲା। ଉକ୍ତ ଆତସବାଜୀରୁ ନିଆଁ ଝୁଲ ଉଡ଼ି ପଡ଼ିବା ଯୋଗୁ ଧାନ ଗଦାରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଦମକଳ କେନ୍ଦ୍ର ପକ୍ଷରୁ ଅଧିକାରୀ ଦେବେନ୍ଦ୍ର ସାହୁ, ହାବିଲଦାର ଦୀପକ ନାୟକ, କର୍ମଚାରୀ ଧୀରେନ ବେହେରା, ଜଗନ୍ନାଥ ଦଳାଇ, ସୁରେଶ ସେଠୀ ଓ ଗୌର ପ୍ରସାଦ ଦଳାଇଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହେବା ସହ ପ୍ରାଥମିକ ଆକଳନ କରି ରିପୋର୍ଟ ପ୍ରଦାନ କରିଛନ୍ତି। ହୋଲି ଛୁଟି ଥିବାରୁ ଅଗ୍ନିକାଣ୍ଡକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ନ ଥିବା ଜଣାଯାଇଛି। ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି।

# ୪୬ ବର୍ଷ ପରେ ହାଇକୋର୍ଟରୁ ଆଶ୍ୱସ୍ତି

## ହର ସାହୁଙ୍କୁ ଫାମିଲି ପେନସନ ଦେବାକୁ ଜିଲାପାଳଙ୍କୁ ତାଗିଦ

**କେନ୍ଦ୍ରାପଡ଼ା, ୨୭।୩(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ପଲେଇ ଡେରାକୁଣ୍ଡି ଗ୍ରାମର ବେଣୁଧର ସାହୁଙ୍କ ସ୍ତ୍ରୀ ହର ସାହୁଙ୍କୁ ଦୀର୍ଘ ୪୬ ବର୍ଷ ପରେ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କୁ ଆସନ୍ତା ମାସକ ମଧ୍ୟରେ ଫାମିଲି ପେନସନ ବାବଦ ଅର୍ଥ ସମ୍ପର୍କରେ ସମସ୍ତ ବ୍ୟବସ୍ଥା କରିବାକୁ ହାଇକୋର୍ଟରେ ବିଚାରପତି ବିରଜା ପ୍ରସନ୍ନ ଶତପଥୀ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ତାଗିଦା କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ଦୀର୍ଘ ବର୍ଷର ସଂଗ୍ରାମ ଶେଷ ହେବାକୁ ଯାଉଛି ବୋଲି ୯୧ ବର୍ଷିୟା ହର ସାହୁ କହିଛନ୍ତି।

ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ଆଇନଜୀବୀ ଗଣେଶ୍ୱର ବେହେରା କହିଛନ୍ତି, ହରଙ୍କ ସ୍ୱାମୀ ବେଣୁଧର ଜଣେ ସ୍କୁଲ ଶିକ୍ଷକ ଥିଲେ। ୧୯୭୭ ଅଗଷ୍ଟ ୨୬ରେ ତାଙ୍କର ପରଲୋକ ହୋଇଥିଲା। ସ୍ତ୍ରୀ ହର ଫାମିଲି ପେନସନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସବୁ ସମୟରେ ସେ ନିରାଶ ହୋଇଥିଲେ। ୧୯୯୧ରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ ହର ସାହୁଙ୍କ ଆବେଦନକୁ ପ୍ରତ୍ୟାଖାନ କରି ଦେଇଥିଲେ। ୨୦୨୩ରେ ଆବେଦନକାରୀ ହର ସାହୁ ହାଇକୋର୍ଟରେ ଆବେଦନ କରିଥିଲେ ଯେ, ସେ ଏବେ ଆର୍ଥିକ ସଙ୍କଟରେ ପଡିଛନ୍ତି। ସ୍ୱାମୀଙ୍କ ଫାମିଲି ପେନସନ ବାବଦ ଅର୍ଥ ମିଳୁନାହିଁ। ସ୍ୱାମୀ ବେଣୁଧର ଅବସର ନେଇଥାନ୍ତେ। ଏହାପୂର୍ବରୁ ତାଙ୍କର ପରଲୋକ ଘଟିଛି। ଏସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ବିଭାଗ ଦର୍ଶାଇଥିଲା ଯେ, ଫାମିଲି ପେନସନ ବ୍ୟବସ୍ଥା ୧୯୮୦-୮୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଛି। ବେଣୁଧରଙ୍କ ମୃତ୍ୟୁ ୧୯୭୭ରେ ହୋଇଥିବାରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ମାତ୍ର ବିଚାରପତି ଶତପଥୀ ଅବସର ସମୟକୁ ଉଲ୍ଲେଖ କରି ଗତ ନଭେମ୍ବର ୧୫ରେ ହରଙ୍କୁ ଫାମିଲି ପେନସନ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଏହାକୁ କାର୍ଯ୍ୟକାରୀ କରି ନ ଥିବାରୁ ଗତ ଶୁକ୍ରବାର ଏନେଇ ଶୁଣାଣୀ କରି ହାଇକୋର୍ଟ ପକ୍ଷରୁ ମାସକ ମଧ୍ୟରେ ବ୍ୟବସ୍ଥା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆଇନଜୀବୀ ବେହେରା ସୂଚନା ଦେଇଛନ୍ତି।

# ନାବାଳିକା ଶାଳିଙ୍କୁ ଅସଦାଚରଣ, ଭିଣୋଇ ଗିରଫ

**ରସୁଲପୁର, ୨୭।୩(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ଭିଣୋଇ ନଠୁଆବର ଅଞ୍ଚଳର ରତ୍ନାକର ଦାଶ(୩୦) ଅସଦାଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ରତ୍ନାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୪ ତାରିଖରେ ନାବାଳିକାଙ୍କୁ ଏକୁଟିଆ ପାଇ ଭିଣୋଇ ରତ୍ନାକର ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣକ ପରଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୭।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ହେମଲତା ଦାସ ମାମଲାର ତଦନ୍ତ କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମୂଲ୍ୟ


@ ବିଶ୍ୱସାଗର


@ ପୁଷ୍ପ


@ ସଞ୍ଜିତ୍


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେନାପୁର ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

**ଜେନାପୁର, ୨୭।୩(ଅଶୋକ ଦାସ):**

ଧର୍ମଶାଳା ନିର୍ବାଚନମଣ୍ଡଳୀର ଜେନାପୁର ଥାନା ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଶଶୀଭୂଷଣ ପରିଡ଼ା, ଏସଆଇ ରଞ୍ଜନ କୁମାର ବେହେରା ଓ ଏସ୍‌ଆଇ ସୌମ୍ୟ ରଞ୍ଜନ ଭୋଳଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ସିଆର୍‌ପିଏଫ୍ ଯବାନମାନେ ଯୋଗ ଫ୍ଲାଗ ମାର୍ଚ୍ଚ କରିଥିଲେ।


ଜେନାପୁର ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ହରି ଓ ହରଙ୍କ ମିଳନ ପର୍ବକୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

## ପ୍ରସିଦ୍ଧ ଓଳକଣା ମେଳଣ ଉଦ୍‌ଯାପିତ

**ଡେରାବିଶ, ୨୭।୩(ବେବର୍ତ୍ତା ଅଜୟ ଦାସ)**

ପ୍ରସିଦ୍ଧ ଓଳକଣା ମେଳଣ ସୋମବାର ଶେଷ ହୋଇଛି। ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ତଥା ରବିବାର ରାତ୍ରିରୁ ଏହି ମେଳଣ ଆରମ୍ଭ ହୋଇଥିଲା। ଏଥିପାଇଁ ମେଳଣ ପଡିଆରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଶାଗ ଭଜା ଓ ଦହି ପଖାଳ ପ୍ରସାଦ ପାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅନୁଷ୍ଠିତ ହେଉଥିବା ଏହି ମେଳଣ ପାଇଁ ଉଭୟ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ମେଳଣ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବାବେଳେ ଓଳକଣା ମେଳଣରେ ଗୋଟିଏ ବିମାନରେ ମା' ଲକ୍ଷ୍ମୀ ଓ ଅନ୍ୟ ଏକ ବିମାନରେ ଶିବଶକ୍ତି ପୂଜା ପାଇବାର ଅନନ୍ୟ ପରମ୍ପରା ରହିଛି। ପ୍ରାଚୀନତମ ଏହି ମେଳଣ ପଡିଆରେ ପ୍ରଥମେ ବ୍ଲକ ଅଧିନସ୍ଥ ରାଜନଗରରୁ ଆସୁଥିବା ଆଳିରାଜାଙ୍କ ପଞ୍ଚମୁଖି ବିମାନରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଡେରାବିଶର ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ପ୍ରଥମେ ରବିବାର ବିଳମ୍ବିତ ରାତିରେ ପୂର୍ବଦ୍ୱାର ଦେଇ ପଡ଼ିଆକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ପଡ଼ିଆରେ ମାଟିରେ ନିର୍ମିତ କନକବେଦୀରେ ଉଭୟ ବିମାନ ଉପବେଶନ କରିବା ପରେ ପଡ଼ିଆରେ ଗାଦିଶ୍ୱର ମଣ୍ଡଅ ଗ୍ରାମରୁ ଆସିଥିବା ବିମାନ ନିର୍ଦ୍ଧାରିତ ସ୍ଥାନରେ ଉପବେଶନ କରିଥିଲେ। ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ମେଳଣର ମୁଖ୍ୟ ଆକର୍ଷଣ ଥିଲା କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ପୀଠରୁ ଆସୁଥିବା ବିମାନ। ଏହି ବିମାନରେ ହରରୂପି ଶ୍ରୀଭଦ୍ରେଶ୍ୱର ସୋମବାର ପ୍ରାତଃରୁ ଏକ ବିରାଟ ପଟୁଆର ମଧ୍ୟରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ୧୦୮ ଘଣ୍ଟ ପଟୁଆର, ମଶାଲ ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ଏକ ଆଳତୀ ପଡିଆ ମଧ୍ୟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରକୁ ଯାଇଥିଲା। ଏଥି ସହିତ କନକବେଦୀରେ ଉପବେଶନ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ବସାଇଯାଇଥିବା କଳସ ପାଖରୁ ଶସ୍ୟ ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ପ୍ରବାଦ ଅଛି ଏହି ଶସ୍ୟ ଟିକକ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣହେବ। ଅପରପକ୍ଷେ ଏହି ମେଳଣ ପଡିଆ ଆଳି ରାଜାଙ୍କ ଇଷ୍ଟେଟ ଓ ମୋଗଲ ସାମ୍ରାଜ୍ୟର ଶାସକ ସ୍ଥାନୀୟ ଅକରପଡା ମିର୍ଜାଙ୍କ ଇଷ୍ଟେଟଙ୍କ ଅଧୀନରେ ହୋଇଥିବାରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବାପାଇଁ ରାଜାଙ୍କ ଦ୍ୱାରା ଏହି ମେଳଣ କରାଯାଇଥିବା ଜନଶ୍ରୁତି ରହିଛି। ପରମ୍ପରା ଅନୁଯାୟୀ ଆସନ୍ତା ବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ସମସ୍ତ ବିମାନଙ୍କୁ ଆଳି ରାଜାଙ୍କ ବିମାନ ପ୍ରତିନିଧି ବିଜୟ କୁମାର ମଲିକ ଓ କରୁଣାକର କର ଫୁଲ ଅଭିର ଦେଇ ବରଣି କରିଥିଲେ। ଏହି ମେଳଣ ପଡ଼ିଆରେ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୨୫ରୁ ଊର୍ଦ୍ଧ୍ୱ ବିମାନ ଆସିଥିବାବେଳେ ଉଭୟ କେନ୍ଦ୍ରାପଡା ଓ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

## ରାମେଶ୍ୱର ଦେବଙ୍କ ପୀଠରେ ଦୋଳପର୍ବ

ନୂଆଗାଁ,୨୨।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଠାଣିସାହିଠାରେ ଥିବା ରାମେଶ୍ୱର ଦେବଙ୍କ ପୀଠରେ ସୋମବାର ଦୋଳ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ନୂଆଗାଁ ଉଠାଣିସାହିଠାରେ ଥିବା ପ୍ରଭୁ ରାମେଶ୍ୱର ଦେବଙ୍କପୀଠରେ ଦୀର୍ଘ ବର୍ଷ ହେଲା ଦୋଳପର୍ବ ପାଳନ ହୋଇ ଆସୁଛି । ସେହିକ୍ରମରେ ଚଳିତ ବର୍ଷ ମଧ୍ୟ ଦୋଳ ପର୍ବ ପାଳନ କରାଯାଇଛି । ଦୋଳପର୍ବ ଅବସରରେ ଭୋର ସମୟରେ ରାମେଶ୍ୱର ଦେବଙ୍କଠାରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କ ନିକଟରୁ ଫଗୁ ଖେଳ ଆରମ୍ଭ କରାଯାଇଥିଲା । ବାବା ରାମେଶ୍ୱର ଯାତ୍ରା କମିଟିର ସଦସ୍ୟମାନଙ୍କ ଦ୍ୱାରା ଚଉଦୋଳକୁ ସୁସଜ୍ଜିତ କରାଯାଇ ଠାକୁରଙ୍କୁ ସେଥିରେ ଅବସ୍ଥାନ କରାଯାଇଥିଲା । ସନ୍ଧ୍ୟାରେ ନୂଆସାହି, ଗଦାଧରପୁର, ଉଠାଣିସାହି, କାଚପଲି, ନୂଆପଲୀ ସମେତ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁମାନେ ଆସି ଠାକୁରଙ୍କୁ ଦୋଳ ବିମାନରେ ବିଭିନ୍ନ ସାହି ପରିକ୍ରମା କରାଇଥିଲେ । ଖୋଳତାଳ , ଘଣ୍ଟ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିବା ବେଳେ ଠାକୁର ପ୍ରତି ଘରୁ ଭୋଗ ଖାଇଥିଲେ ।

# ଗୋପାଳ ସମାଜ ପକ୍ଷରୁ ବନ୍ଦାଣ ଉତ୍ସବ

ଖଣ୍ଡପଡ଼ା,୨୭।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ଗୋପାଳ ସମାଜ ପକ୍ଷରୁ ପାରମ୍ପରିକ ରୀତିରେ ଗତ ୨୪ ଓ ୨୫ ତାରିଖ ଦୁଇଦିନ ବ୍ୟାପୀ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନିକଟସ୍ଥ ପଥରଚକଡା ତଳସାହି ଓ ଗୋଡିସାହି ଗୋପାଳ ସମାଜ ପକ୍ଷରୁ ତଥା ସମାଜର ବେହେରା ପ୍ରଶାନ୍ତ କୁମାର ବେହେରା ଓ ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆଙ୍କ ତତ୍ତ୍ୱାବଧାନରେ ବନ୍ଦାଣ ଉତ୍ସବ ଓ ଦୋଳ ଉତ୍ସବ ପାଳିତ ହୋଇଛି। ଶନିବାର ଅଧିବାସ ଉପଲକ୍ଷେ ଗ୍ରାମର ସମସ୍ତ ଗୋପାଳମାନେ ନିଜ ନିଜର ଗୋରୁ ଗାଈଙ୍କୁ ଅଁଳା, ବାହାଡା, ହଳଦୀ ଓ ଘିଅ ଲଗାଇ ସକାଳୁ ନଦୀରେ ସ୍ନାନ କରାଇଥିଲେ। ପରେ ଅପରାହ୍ନ ପ୍ରାୟ ସାଢେ ୫ଟାରେ ଗୋପାଳମାନେ ନିକଟସ୍ଥ ମହାନଦୀ ଘାଟରେ କୁମ୍ଭ ପୂଜାର୍ଚ୍ଚନା କରି ସମାଜର ନିଷ୍ପତ୍ତି କ୍ରମେ ୧୦ଜଣ କମିଟି ସଦସ୍ୟ ନାରାୟଣୀ ପୀଠରେ ରାତି ପ୍ରାୟ ସାଢେ ୧୨ଟାରେ କୋଠ ଭୋଗ ପ୍ରସ୍ତୁତ କରିଥିଲେ। ରବିବାର ଦୋଳ ପୂର୍ଣ୍ଣମୀ ଅବସରରେ ସକାଳୁ ଗୋରୁ ଗାଈମାନଙ୍କ ମଳ ଓ ସେମାନଙ୍କ ଲାଞ୍ଜରୁ କିଛି ଚୁଟିକାଟି ନଦୀରେ ବିସର୍ଜନ କରିଥିଲେ। ନାରାୟଣୀ ପୀଠରେ ପ୍ରସ୍ତୁତ ହୋଇଥିବା କୋଠ ଭୋଗକୁ ଗ୍ରାମର ସମସ୍ତ ମହିଳା ପୁରୁଷ, ବାଳକ ବାଳିକା ଏକତ୍ରୀତ ହୋଇ ସେବନ କରିଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଗ୍ରାମର ଗୋପାଳ ଭାଇମାନେ ନୂତନ କଳସରେ ରଖିଥିବା ଜଳ ମିଶ୍ରିତ କ୍ଷୀରକୁ ନୂତନ ବସ୍ତ୍ର ଦ୍ୱାରା ଆଚ୍ଛାଦନ କରି ବାହୁଙ୍ଗିରେ ଧରି ନୀଳମାଧବ ଜୀଉଙ୍କ ପାଖକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେମନେ ଏକ ପାଟ ପଟୁଆରରେ ନନ୍ଦ, ଯଶୋଦା,କୃଷ୍ଣ ବଳରାମ ବେଶରେ ସଜ୍ଜିତ ହୋଇଥିବା ଗୋପାଳମାନେ ଲଉଡି ଖେଳ ସହ ଗ୍ରାମ ପରିକ୍ରମା କରି ନିଜ ଗ୍ରାମକୁ ଫେରିଥିଲେ। ଯୁବ ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ରାଧା କୃଷ୍ଣ ମୂର୍ତ୍ତି ଗ୍ରାମରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କୃଷ୍ଣ ସୁଦାମ ଭେଟ ପରିବେଷଣ କରାଯାଇଥିକା।


ଗୋପାଳମାନଙ୍କ ଲଉଡ଼ି ଖେଳ କରୁଛନ୍ତି।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି ନେତୃବର୍ଗ।

ଖଣ୍ଡପଡା,୨୭।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଡୋଲମରା ପଞ୍ଚାୟତରେ ମଙ୍ଗଳବାର ହୋଲି ଅବସରରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ନିରଞ୍ଜନ ମହାନ୍ତି, ନୀଳମଣି ପରିଡା, ଜିତେନ୍ଦ୍ର କୁମାର ସ୍ୱାଇଁ, ମନୁ ପରିଡା, ପ୍ରଶାନ୍ତ କୁମାର ନାୟକ, ବିନୋଦ ପ୍ରଧାନ, ପବିତ୍ର କୁମାର ପଣ୍ଡାଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ କର୍ମୀ, ସଙ୍ଗଠକ ସାମିଲ ହୋଇଥିଲେ।

## ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର ହୋଲି ଆସର

ଦଶପଲ୍ଲା,୨୭।୩ (ପ୍ରକାଶ କୁମାର ପାଣି)

ପବିତ୍ର ହୋଲି ଅବସରରେ ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ଏକ କବିତା ଆସର ସ୍ଥାନୀୟ ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା, ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଗୋପିନାଥ ସାହୁ, ଡ.ସରୋଜ କୁମାର ନାୟକ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣ କୃଷ୍ଣ ବେହେରା, ବରିଷ୍ଠ ସାହିତ୍ୟିକ ମହେଶ୍ୱର ବେହେରା ଯୋଗଦାନ କରି ହୋଲି ପର୍ବ ଉପରେ ଭାଷଣ ଦେବା ସହ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ପ୍ରାଣକୃଷ୍ଣ ବେହେରା, କଳ୍ପନା ଗଜେନ୍ଦ୍ର, ଇସାନା ସଚ୍ଚିନ ଦିବ୍ୟ ଜ୍ୟୋତି, କିଶୋର ଦଳବେହେରା, ରବିନ୍ଦ୍ର ନାଥ ମିଶ୍ର, ମୁରଲୀଧର ମହାରଣା, ଡ ଅନ୍ତର୍ଯ୍ୟାମୀ ଭୂୟାଁ, ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଭାତ କୁମାର ସାହୁ,ମନୋଜ କୁମାର ସାହୁ, ଶିକ୍ଷକ ବନମାଳୀ ପରିଡା, ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ଦାଶ, ନାରାୟଣ ସାହୁ ପ୍ରମୁଖ କବିତା ପାଠ କରିଥିଲେ । ହୋଲି ନିମନ୍ତେ ସମସ୍ତଙ୍କୁ ଫଗୁ ଲଗାଯାଇ ହୋଲି ପାଳନ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ହୋଲି ଆସରରେ ମଞ୍ଚାସୀନ ଅତିଥି।

## ନୟାଗଡ଼ରେ ଦୋଳ, ହୋଲି ଉତ୍ସବ

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ଶରଣକୁଳ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଓ ମଠଗୁଡ଼ିକରେ ଦୋଳ ଓ ହୋଲି ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଦୋଳପୂର୍ଣ୍ଣମୀରେ ଲଡୁବାବାଙ୍କ ମନ୍ଦିରରେ ଠାକୁରଙ୍କ ସକାଳର ସମସ୍ତ ପୂଜାନୀତି ପରେ ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ମା' ପାର୍ବତୀ, ଲକ୍ଷ୍ମୀନାରାୟଣ, ଗୋପୀନାଥ, ଶ୍ରୀରଘୁନାଥ ଦୋଳ ମଣ୍ଡପକୁ ବିଜେ ହୋଇଥିଲେ। ସନ୍ଧ୍ୟାରେ ନିକଟସ୍ଥ ହରିହରପୁର ଦଧିବାମନ ଜୀଉ ଠାକୁର ଏକ ପଟୁଆରରେ ଆସି ଦୋଳ ମଣ୍ଡପରେ ବିଜେ କରିଥିଲେ। ସେଠାରେ ସମସ୍ତ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ପାରମ୍ପାରିକ ରୀତି ଅନୁଯାୟୀ ନୂତନ ପାଞ୍ଜି ପଠନ କରାଯାଇଥିଲା। ପଞ୍ଜିକାର ପଣ୍ଡିତ ଅଲେଖ ନାୟକ ନୂତନ ପାଞ୍ଜି ପଠନ କରିଥିବା ବେଳେ ଏହାକୁ ଉପସ୍ଥିତ ଶ୍ରଦ୍ଧାଳୁ, ଭକ୍ତ ଶୁଣିଥିଲେ। ଠାକୁରମାନେ ତାମଯାନରେ ତଳ ବଜାର ଚାଳି ମଣ୍ଡପ ଭୋଗ ଲାଗି ପରେ ଭିକାରିପଡା ବ୍ରାହ୍ମଣଶାସନକୁ ଚାଚେରୀ ଭୋଗ ଲାଗି ସହ ଗ୍ରାମ ପରିଭ୍ରମଣ କରି ମନ୍ଦିରକୁ ଫେରିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଠାକୁର ଗ୍ରାମ ପରିକ୍ରମା କରି ରଙ୍ଗ ଖେଳି ଥିଲେ। ମନ୍ଦିର ପରିଚ୍ଛା ତୋଷବନ୍ତ କର, ପରିଚାଳକ ସୁବାସ ଚନ୍ଦ୍ର ବାରଡ଼, ପୂଜାପଣ୍ଡା ଗୋଲକ ବିହାରୀ ବଡପଣ୍ଡା ଓ ସେବାୟତ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବହୁ ସେବାୟତ ଓ ବୁଦ୍ଧଜୀବୀ ଉପସ୍ଥିତ ଥିଲେ।

## 'ଶ୍ରୀଜଗନ୍ନାଥ ବେଶ ପରମ୍ପରା: ଏକ ଅଧ୍ୟୟନ' ପୁସ୍ତକ ଲୋକାର୍ପିତ


ଅତିଥିମାନେ 'ଶ୍ରୀଜଗନ୍ନାଥ ବେଶ ପରମ୍ପରା: ଏକ ଅଧନ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଶରଣକୁଳ,୨୭।୩ (ଦୀପକ କର)

ପବିତ୍ର ଦୋଳପୂର୍ଣିମା ଅବସରରେ ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଶରଣକୂଳର ସାରସ୍ୱତ ସାଧକ ଡ. ସୁରେଶ ଚନ୍ଦ୍ର ବରାଡ଼ଙ୍କ 'ଶ୍ରୀ ଜଗନ୍ନାଥ ବେଶ ପରମ୍ପରା: ଏକ ଅଧ୍ୟୟନ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଡ. ବରାଡ଼ଙ୍କ ଏହି ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଶରଣକୁଳ ବିଜେ ଲଡୁବାବାଙ୍କ ମନ୍ଦିରରେ ଲୋକାର୍ପିତ ହୋଇଥିଲା। ଏଥିରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ.ଗୋବିନ୍ଦ ଚନ୍ଦ୍ର ଦାଶ, ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ସତ୍ୟନାରାୟଣ ମିଶ୍ର, ଖବରଦାତା ଦିଲୀପ କୁମାର ମିଶ୍ର, ବରିଷ୍ଠ ସାହିତ୍ୟିକ କବି କଲ୍ଲୋଳ ଗୋଦାବରୀ ବସନ୍ତିଆ, କବି କୁସୁମ ନିରାକାର ସ୍ୱାଇଁ, ଯୁବ ସଂଯୋଜକ ନୀଳମାଧବ ମିଶ୍ର ପ୍ରମୁଖ ଉପସ୍ଥିତି ଥିଲେ ।


ରଣପୁରରେ ପିଲାମାନେ ହୋଲି ଖେଳୁଛନ୍ତି।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ଦଶପଲ୍ଲା,୨୭।୩ (ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ବ୍ଲକର ଟାକେରା ନିକଟବର୍ତ୍ତୀ ତିଳାବାଡି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡ଼ି ଯାଇଛି। ଗ୍ରାମର ପଞ୍ଚାନାନ ବେହେରା ,ବିଶି ବେହେରା, ବିଷ୍ଣୁ ବେହେରା, ନାରାୟଣ ବେହେରାଙ୍କ ଗୋଟିଏ ଲେଖାଏ ବଖରା ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ନଷ୍ଟ ହୋଇଛି । ଚୂଲିରୁ ନିଆଁ ଉଡ଼ି ଏହି ଅଗ୍ନିକାଣ୍ଡ ଘଟିଛି। ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ବାଇକ୍ ସହ ୫.୪୦୦ ଗ୍ରାମ ଗଞ୍ଜେଇ ଜବତ

ନୟାଗଡ଼/ଶରଣକୁଳ, ୨୭।୩
(ଲୋକନାଥ ମିଶ୍ର/ଦୀପକ କର)

**ଜେଲ ଗଲେ ମହିଳାଙ୍କ ସମେତ ୨ ଗଞ୍ଜେଇ ବ୍ୟବସାୟୀ**

ଗୋଡିପଡ଼ା ଫାଣ୍ଡି ପୋଲିସ ଖଇରପଟି ଗାଁରୁ ବାଇକ୍, ୩ ମୋବାଇଲ ସହ ୫ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ମହିଳାଙ୍କ ସମେତ ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅସୁରଢ଼ିପାର ସବିତା ବରାଡ(୨୬) ଓ ଚିତ୍ତ ରଞ୍ଜନ ସାହୁ(୨୬)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଅସୁରଢ଼ିପାର ସବିତା ଓ ଚିତ୍ତ ରଞ୍ଜନ ୨ ଜଣ ଗଞ୍ଜେଇ ବ୍ୟବସାୟୀ। କନ୍ଧାମଳରୁ ଗଞ୍ଜେଇ ଆଣି ନୟାଗଡ଼ ଜିଲା ସମେତ ଆଖପାଖ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ତେବେ ବାଇକ୍ ଯୋଗେ ୨ ବ୍ୟବସାୟୀ ଗଞ୍ଜେଇ ନେଇ ରଣପୁର ଅଭିମୁଖେ ଯାଉଥିଲେ। ପୋଲିସ ଦେଖିବା ପରେ ଉଭୟଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ନଂ. ୬୮/୨୪ରେ ମାମଲା ରୁଜୁ କରିଥିଲା।

## ଅଭିଯୁକ୍ତ ଜେଲ ଗଲେ

ନୟାଗଡ଼, ୨୭।୩ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରାମେଶ୍ୱରସାହିର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ(୪୩)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଗତ ୨୧ ତାରିଖରେ ରାଜବଗିଚାର ପ୍ରିୟ ଓଁମ ପ୍ରକାଶ ସାଥୁଆଙ୍କର ଘରୁ ମୋବାଇଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୦୭/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଚକ୍‌ମା ଦେଖାଇ ଖସିଯାଇଥିବା ଦୁର୍ବୃତ୍ତ ଗିରଫ

ନୟାଗଡ଼/ନୂଆଗାଁ,୨୭।୩
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

- ହୋମ୍‌ଗାର୍ଡ କାବୁକରି ନେଲେ ବାହାବା
- ମହୀପୁରରେ ବୋମାମାଡ଼ କରି ଲୁଟ୍ ମାମଲା

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁରରେ ବୋମାମାଡ କରି ଲୁଟ୍ ଘଟଣାରେ ଫେରାର ଥିବା ଦୁର୍ବୃତ୍ତକୁ ନୟାଗଡ଼ ଟାଉନ ଥାନା ପୋଲିସ ଗିରଫ କରିଥିଲା। ହେଲେ ଦୁର୍ବୃତ୍ତ ଚକମା ଦେଖାଇ ଖସି ଯାଇଥିଲେ। ତେବେ ହୋମଗାର୍ଡ ଦୁର୍ବୃତ୍ତଙ୍କ ପିଛା କରି ଏକ ପରିତ୍ୟକ୍ତ ଚବକାରୁ ନିଜ ହେପାଜତକୁ ନେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୟାଗଡ଼ ଟାଉନ ଥାନା ପୋଲିସ କୈଳାସ ପ୍ରଧାନ(୨୬)ଙ୍କୁ ନୂଆଗାଁ ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ନୂଆଗାଁ ପୋଲିସ କୈଳାସଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ କୈଳାସଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ନୟାଗଡ଼ ଯଜାଙ୍ଗି ସାହିର କୈଳାସ ଓ ଭାଇ କାହ୍ନା ପ୍ରଧାନ (୨୫), ଖଣ୍ଡପଡ଼ା ଥାନା କଇଥପଲ୍ଲୀ ଗାଁର ଟୁକୁନା ସ୍ୱାଇଁ(୨୫) ପ୍ରମୁଖ ୩ ଦୁର୍ବୃତ୍ତ ଗତ ମାର୍ଚ୍ଚ ୨ରେ ଜେଲରୁ ମୁକୁଳି ଥିଲେ। ଗତ ୩ ତାରିଖରେ ୩ ଦୁର୍ବୃତ୍ତ ମହିପୁରଠାରେ ବୋମା ଫୁଟାଇ ମହିପୁରର କାର୍ତ୍ତିକ ସାହୁଙ୍କ ମାମୁ ଝିଅ ଭଉଣୀଠାରୁ ୩ ମୋବାଇଲ ୧ ଆଇ ଫୋନ, ୧ଟି ସୁନା ଚେନ ଲୁଟି ନେଇଥିଲେ। ଏ ନେଇ କାର୍ତ୍ତିକ ସାହୁଙ୍କ ଅଭିଯୋଗ ପରେ ପୋଲିସ ନଂ.୫୫/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏଭଳିସ୍ଥଳେ ଖଣ୍ଡପଡ଼ା ଥାନାରେ କଇଥପଲ୍ଲୀ ଗାଁର ଟୁକୁନା ସ୍ୱାଇଁ ନାମକ ଦୁର୍ବୃତ୍ତ ଗିରଫ ପରେ ମହିପୁର ବୋମାମାଡ଼ କରି ଲୁଟ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଟୁକୁନାଙ୍କୁ ନୂଆଗାଁ ପୋଲିସ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା। ମହିପୁର ଲୁଟ୍ ଘଟଣାର ଉପକରଣ ଗୁଡିକ ଟୁକୁନା ଦୁର୍ଗାପ୍ରସାଦ ଗାଁର ବିକାଶ ଜେନାଙ୍କୁ ବିକ୍ରୟ କରିଥିବା କହିଥିଲେ। ଏହି ଘଟଣାରେ ବିକାଶ ଗିରଫ ହୋଇ ଜେଲରେ ଅଛନ୍ତି। ବିକାଶଠାରୁ ଲୁଟ ଉପକରଣ ଜବତ କରାଯାଇ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ଅପରପକ୍ଷେ ମାମଲାର ଅନ୍ୟ ୨ଦୁର୍ବୃତ୍ତ ନୟାଗଡ଼ରେ ରହୁଥିବାରୁ ନୂଆଗାଁ ପୋଲିସ ନୟାଗଡ ପୋଲିସର ସହାୟତା ନେଇଥିଲା। ନୟାଗଡ ଟାଉନ ଥାନା ପୋଲିସ ଦୋଳପୂର୍ଣ୍ଣିମାରେ କୈଳାସଙ୍କୁ ନିଜ ଘର ଯଜାଙ୍ଗିସାହିରୁ ଗିରଫ କରିଥିଲା। ଦୁର୍ବୃତ୍ତ କୈଳାସ ପରିଶ୍ରା କରିବା ବାହାନାରେ ପୋଲିସକୁ ଚକମା ଦେଖାଇ ଦୋଳପୂର୍ଣ୍ଣିମାରେ ଖସି ଯାଇଥିଲା। ପୋଲିସ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ନୟାଗଡ଼ ସହରରେ ଘୂରି ବୁଲୁଥିଲା। ଦୁର୍ବୃତ୍ତ ପୋଲିସ ଗୋଡାଗୋଡି ଚାଲିଥିବାବେଳେ ଥାନାଠାରୁ ୩୦୦ ମିଟର ଦୂରରେ ଥିବା ଚର୍ଚ୍ଚ ଭିତରକୁ ଦୁର୍ବୃତ୍ତଚାଲି ଯାଇଥିଲେ। ଅନ୍ୟପକ୍ଷେ ଚର୍ଚ୍ଚରୁ ଏକ ଚବକା ଦେଇ ଖସି ଯାଉଥିବାବେଳେ କାର୍ତ୍ତିକ ସେଠୀ ନାମକ ଜଣେ ହୋମଗାର୍ଡ ପରିତ୍ୟକ୍ତ ଚବକା ଭିତରକୁ ଡେଇଁ କୈଳାସଙ୍କୁ ପୁଣି ନିଜ ହେପାଜତକୁ ନେଇ ନିଜର ବାହାବା ଦେଖାଇଥିଲେ।


ପୋଲିସ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିବାକୁ ନେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମୂଲ୍ୟ


@ ବିଶ୍ୱସାଗର


@ ପୁଷ୍ପ


@ ସଞ୍ଜିତ୍


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ବଲପୁରରେ ବିଗ୍ ଫାଇଟ୍

## ନବୀନ ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଅ: ପାଣ୍ଡିଆନ

### ବିଜେଡି ମିଡିଆ ସେଲ୍‌ର ବୈଠକ

**ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)**

ଆଗାମୀ ନିର୍ବାଚନରେ ବିଜେଡି ମିଡିଆ ସେଲ୍ କିପରି ଅଧିକ କ୍ରିୟାଶୀଳ ହୋଇ ଦଳର ଭାବମୂର୍ତ୍ତି ଓ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ବଢ଼ାଇବା ପାଇଁ କାର୍ଯ୍ୟ କରିପାରିବ, ସେଥିନେଇ ବୁଧବାର ଶଙ୍ଖ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଛି। ଏଥିରେ ମିଡିଆ ସେଲ୍‌ର ସଦସ୍ୟମାନେ ଟିଭି ଡିବେଟ୍ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ କିପରି ଜନସାଧାରଣଙ୍କ ସାମ୍ନାରେ ଉପସ୍ଥାପନ କରିବେ ସେନେଇ ନିଷ୍ପତ୍ତି ହୋଇଛି। ବୈଠକ ପରେ ମାନସଙ୍କ ନେତୃତ୍ୱରେ ବିଜେଡି ମିଡିଆ ସେଲ୍‌ର ସମସ୍ତ ସଦସ୍ୟ ନବୀନ ନିବାସ ଯାଇଥିଲେ। ସେଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅଧୀନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନବୀନ ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ମିଡିଆ ସେଲ୍‌ର ସଦସ୍ୟମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

**ସମ୍ବଲପୁର,୨୭।୩ (ଭବାନୀ ଶଙ୍କର ଭୋଇ)**

ବିଜୁ ଜନତା ଦଳ ପକ୍ଷରୁ ସମ୍ବଲପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଭାବେ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ନାମ ଘୋଷଣା କରାଯାଇଛି। ଏହା ପୂର୍ବରୁ ଗତ ରବିବାର ଭାଜପା ଓଡିଶାର ୧୮ ଏମ୍‌ପି ପ୍ରାର୍ଥୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭାରୁ ଲଢ଼ିବା ନେଇ ଘୋଷଣା କରିସାରିଛି। ତେବେ ଉଭୟ ଦଳ ନିଜର ପ୍ରମୁଖ ଯୋଦ୍ଧାଙ୍କୁ ସମ୍ବଲପୁର ମଇଦାନରେ ଓହ୍ଲାଇ ସାରିଥିବା ବେଳେ ସମ୍ବଲପୁର ଲୋକ ସଭା ଏବେ ହଟ୍‌ସିଟ୍‌ରେ ପରିଣତ ହୋଇଛି । ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ଦୁଇ ହେଭିୱେଟ୍‌ଙ୍କ ଲଢେଇ ହେବା ସ୍ପଷ୍ଟ ହେବା ପରେ ଉଭୟ ଦଳର କର୍ମୀମାନେ ଏବେ ଗଣମାଧ୍ୟମରେ ଅଙ୍କକଷା ଆରମ୍ଭ କରିଛନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ନାମ ପ୍ରକାଶ ପାଇବା ପରେ ସମ୍ବଲପୁରର ସମସ୍ତ ବିଧାନସଭା କ୍ଷେତ୍ରରେ ଭାଜପା କର୍ମୀଙ୍କ ଭିତରେ ଉତ୍ସାହ ଦେଖାଦେଇଥିଲା। ଖୋଦ ଧର୍ମେନ୍ଦ୍ର ସୋମବାର ସନ୍ଧ୍ୟାରେ ସମ୍ବଲପୁରରେ ପହଞ୍ଚିବା ସହ ମଙ୍ଗଳବାର ସକାଳେ ମା’ ସମଲେଇଙ୍କୁ ଦର୍ଶନ କରିଥିଲେ। ଏହାପରେ କର୍ମୀଙ୍କ ସହ ହୋଲି ଖେଳି ଉତ୍ସାହିତ କରିଥିଲେ। ସେହିପରି ବୁଧବାର ପ୍ରଣବଙ୍କ ନାମ ଘୋଷଣା ପରେ ବିଜେଡି କର୍ମୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି। ବିଜେଡି ଜିଲା ସଭାପତି ରୋହିତ ପୂଜାରୀ ବାମରା ହାଉସରେ ଉତ୍ସବ ମନାଇଥିବା ବେଳେ ସମ୍ବଲପୁର ପୌରପରିଷଦ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଲକ୍ଷ୍ମୀ ଟକିଜ ଛକରେ ବାଣ ଫୁଟାଇଥିଲେ। ନବୀନଙ୍କ ହାତମୁଠାକୁ ଟାଣ କରିବା ସହ ସମ୍ବଲପୁରର ଦ୍ରୁତ ବିକାଶ ପାଇଁ ପ୍ରଣବ ହିଁ ଉପଯୁକ୍ତ ସାଂସଦ ପ୍ରାର୍ଥୀ ବୋଲି ସାହା କହିଥିବା ବେଳେ ବିଜେଡି ଜିଲା ସଭାପତି ପୂଜାରୀ ପ୍ରଣବ ଲୋକ ସଭା ପ୍ରାର୍ଥୀ ହେବା ଦ୍ୱାରା ବିଜେଡି ଲୋକ ସଭା କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ବିଜୟୀ ହେବ ବୋଲି କହିଛନ୍ତି। ପ୍ରଣବଙ୍କୁ ପ୍ରାର୍ଥୀ କରାଯିବା ଏକ ବଳିଷ୍ଠ ଓ ଯୋଗ୍ୟ ନିଷ୍ପତ୍ତି ବୋଲି ରାଜ୍ୟ ବିଜେଡି ମୁଖପାତ୍ର ସଞ୍ଜୟ ବାବୁ କହିଛନ୍ତି। ଦୁର୍ବଳ ବିଧାୟକ ଓ ସାଂସଦଙ୍କ ଯୋଗୁ ସମ୍ବଲପୁର ଗତ ପାଞ୍ଚବର୍ଷ ହେବ ଘୋର ଅବହେଳାର ଶିକାର ହୋଇଥିବା ପୂର୍ବତନ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି। ସେହିଭଳି ଭାଜପା କର୍ମୀମାନେ ସାରା ଦେଶରେ ମୋଦି ଲହର ଚାଲିଥିବା ବେଳେ ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନେକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପୁଣିଥରେ କେନ୍ଦ୍ରମନ୍ତ୍ରୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ଧର୍ମେନ୍ଦ୍ର କେବଳ ଓଡ଼ିଶାର ନୁହେଁ, ଜାତୀୟ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା ଏବଂ ଦୀର୍ଘ ଦଶବର୍ଷ ଧରି କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦରେ ରହି ନିଜ ଦକ୍ଷତା ପ୍ରଦର୍ଶନ ସହ ସମ୍ବଲପୁର ଅଞ୍ଚଳର ବିକାଶ ପାଇଁ ଆଇଆଇଏମ୍ ଭଳି ଅନେକ ବୃହତ ପ୍ରକଳ୍ପର ରୂପାୟନ କରି ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଥିବା ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି କହିଛନ୍ତି। ସେହିପରି ୧୯୯୨ରୁ ୧୯୯୭ ମଧ୍ୟରେ ଏବିଭିପିର ସମ୍ବଲପୁର ବିଭାଗ ସଂଗଠନ ସମ୍ପାଦକ, ରାଜ୍ୟ ସମ୍ପାଦକ ଓ ରାଷ୍ଟ୍ରୀୟ ସମ୍ପାଦକ ଥିବା ସମୟରେ ସମ୍ବଲପୁରରେ ରହି ସଂଗଠନ କାର୍ଯ୍ୟ କରିବା ସହ ୨୦୦୪ରେ ତତ୍କାଳୀନ ଦେବଗଡ଼ ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବରେ ନିର୍ବାଚିତ ହୋଇ ଧର୍ମେନ୍ଦ୍ର ସମ୍ବଲପୁର ସହ ଭାବଗତ ସମ୍ପର୍କ ରହିଥିବା ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି । ସେହିପରି ରୋହିତ ପୂଜାରୀ ମଧ୍ୟ ପ୍ରଣବ ପ୍ରକାଶ ଦାସ ବିଜେଡି ସଙ୍ଗଠନ ସମ୍ପାଦକ ଭାବେ ଅନୁଭବୀ ନେତା ଓ ତାଙ୍କ ପିତା ଅଶୋକ ଦାସଙ୍କର ସମ୍ବଲପୁର ସହିତ ଗଭୀର ସମ୍ପର୍କ ରହିଥିବା କହିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ରାଜନୀତିର ଦୁଇ ଦକ୍ଷ ସଙ୍ଗଠକ ପ୍ରଣବ ପ୍ରକାଶ ଦାସ ଏବଂ ଧର୍ମେନ୍ଦ୍ର ପ୍ରଧାନ ରାଜନୀତିରେ ଅନୁଭବୀ ବ୍ୟକ୍ତିତ୍ୱ। ସେ ଯାହା ହେଉ ଉଭୟ ଦଳର କର୍ମୀ ସାମାଜିକ ଗଣମାଧ୍ୟମରେ ଉଭୟ ନେତାଙ୍କ ହାରଜିତକୁ ନେଇ ଏବେଠୁ ଅଙ୍କକଷା ଆରମ୍ଭ କରିଛନ୍ତି।

### ସାମାଜିକ ଗଣମାଧ୍ୟମରେ ଜିତାପଟ ନେଇ ଅଙ୍କକଷା


ଧର୍ମେନ୍ଦ୍ର ପ୍ରଧାନ


ପ୍ରଣବ ପ୍ରକାଶ ଦାସ

## ଭାଜପା ଲୋକସଭା ପ୍ରାର୍ଥୀଙ୍କ ଗାଡ଼ିକୁ ଅଣ୍ଡା ମାଡ଼

**ପାପଡ଼ାହାଣ୍ଡି, ୨୭।୩ (ସ୍ୱପ୍ନଜିତ ପଟ୍ଟନାୟକ)**

### ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଏପରି କରିଥିବା ନେଇ ଚର୍ଚ୍ଚା

ନବରଙ୍ଗପୁର ଜିଲା ମଇଦଲପୁର ହାଟପଦାଠାରେ ବୁଧବାର ଭାଜପାର ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଛି। ବଳଭଦ୍ର ନିଜ ଗାଡ଼ିରେ ଝରିଗାଁରୁ ପାପଡ଼ାହାଣ୍ଡି ଆଡ଼କୁ ଆସିବା ସମୟରେ ହାଟପଦା ନିକଟରେ ଛପି ରହିଥିବା ଭାଜପାର ଅସନ୍ତୁଷ୍ଟ ଗୋଷ୍ଠୀ ଏହି ଅଣ୍ଡାମାଡ଼ କରିଥିବା ଚର୍ଚ୍ଚା ହେଉଛି। ସୂଚନାନୁଯାୟୀ, ୨୪ ତାରିଖରେ ଭାଜପା ଏମ୍‌ପି ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ନବରଙ୍ଗପୁର ଲୋକ ସଭା ପାଇଁ ଦଳ ପକ୍ଷରୁ ବଳଭଦ୍ର ମାଝିଙ୍କ ନାମ ଘୋଷଣା ହୋଇଥିଲା। ତେବେ ଘୋଷଣା ପରଦିନ ଅର୍ଥାତ୍ ୨୫ତାରିଖରେ ମଇଦଲପୁରରେ କେତେଜଣ ଭାଜପା କର୍ମୀ ଏହାକୁ ନେଇ ଦୁର୍ଗା ମଣ୍ଡପ ନିକଟରେ ପ୍ରତିବାଦ କରିଥିଲେ। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝିଙ୍କୁ ଟିକେଟ ପ୍ରଦାନ ଲାଗି ସେମାନେ ଦାବି କରିଥିଲେ। ଏ ପରି ନ ହେଲେ ନିର୍ବାଚନ ପ୍ରକ୍ରିୟାରେ ସେମାନେ ସାମିଲ ହେବେ ନାହିଁ ବୋଲି କହିଥିଲେ। ଏଥିସହ ଆଗାମୀ ଦିନରେ ପ୍ରତିବାଦ କରିବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଅଣ୍ଡାମାଡ଼ ପରେ ବଳଭଦ୍ରଙ୍କ ଗାଡ଼ି ଘଟଣାସ୍ଥଳରୁ ପଳାଇଥିଲା। ଘଟଣା ସମ୍ପର୍କରେ ଜାଣିବାକୁ ବଳଭଦ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।


ବଳଭଦ୍ର ମାଝିଙ୍କ ଗାଡ଼ିକୁ ଯୁବକମାନେ ଅଣ୍ଡାମାଡ଼ କରୁଛନ୍ତି।

## ଭଣ୍ଡାରିପୋଖରୀରୁ ପ୍ରଫୁଲ୍ଲ ଗଲେ, ଭଦ୍ରକରୁ ସଞ୍ଜୀବ ଆସିଲେ

### ଭଦ୍ରକ: ବିଜେଡି ପ୍ରାର୍ଥୀ ଅଦଳ ବଦଳ

**ଭଦ୍ରକ(ସନାତନ ରାଉତ)/ ବନ୍ତ(ହରି ନାରାୟଣ ମହାନ୍ତି),୨୭।୩**

ବୁଧବାର ବିଜେଡ଼ିର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ତେବେ ଜିଲାର ଭଦ୍ରକ ଓ ଭଣ୍ଡାରିପୋଖରୀରେ ବିଧାୟକଙ୍କ ଅଦଳ ବଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ଭଣ୍ଡାରିପୋଖରୀର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଭଦ୍ରକ ବିଧାନସଭା ଓ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଛି। ଅପରପକ୍ଷେ ଭଣ୍ଡାରିପୋଖରୀରୁ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନେଇ ହେଉଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭଦ୍ରକରେ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଗୋଟିଏ ଗୋଷ୍ଠୀ ବାରମ୍ବାର ବିରୋଧ କରି ଆସୁଥିବା ବେଳେ ତାଙ୍କୁ ଟିକେଟ ନ ଦେବାକୁ ମଧ୍ୟ ଦାବି କରି ଆସୁଥିଲେ। ସେହି କାରଣରୁ ସଞ୍ଜୀବଙ୍କୁ ଭଦ୍ରକ ବଦଳରେ ଭଣ୍ଡାରିପୋଖରୀ ଏବଂ ପ୍ରଫୁଲ୍ଲଙ୍କୁ ଭଦ୍ରକ ଆସନରେ ପ୍ରାର୍ଥୀ କରାଯାଇଥିବା ଚର୍ଚ୍ଚା ହେଉଛି। ପ୍ରଫୁଲ୍ଲଙ୍କ ପ୍ରାର୍ଥୀତ୍ୱ ପରେ ଭଦ୍ରକରେ ଥିବା ଗୋଷ୍ଠୀ କନ୍ଦଳ କେତେ ପରିମାଣରେ ହ୍ରାସ ପାଇବ ତାହା ନିର୍ବାଚନର ଫଳାଫଳ ପରେ ଜଣାପଡ଼ିବ। ସୂଚନାଯୋଗ୍ୟ ଭଣ୍ଡାରିପୋଖରୀ ପୂର୍ବରୁ ପ୍ରଫୁଲ୍ଲ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ୧୯୯୦ ଓ ୧୯୯୫ରେ ବିଧାୟକ ଥିଲେ।

## ଭର୍ତ୍ତୃହରିଙ୍କ ହୋଲି ବନ୍ଧୁମିଳନରେ ଅନୁଭବ,ଭାଜପା ନେତା


ଭର୍ତ୍ତୃହରିଙ୍କ ହୋଲି ଉତ୍ସବରେ ଅନୁଭବ ମହାନ୍ତି ଓ ଅନ୍ୟମାନେ।

**କଟକ, ୨୭।୩(ଶିଲ୍ପା ପ୍ରିୟଦର୍ଶିନୀ)**

ହୋଲି ପର୍ବ ବା ହୋଲି ବନ୍ଧୁମିଳନ ପ୍ରତିବର୍ଷ ପରି ଏବର୍ଷ ବି ପାଳିଛନ୍ତି କଟକ ଏମ୍‌ପି ଭର୍ତ୍ତୃହରି ମହତାବ। କିଛିଦିନ ବ୍ୟବଧାନରେ ସେ ବିଜେଡିରୁ ଇସ୍ତଫା ଦେବା ସହ ଦଳ ସମ୍ପର୍କରେ ବିଭିନ୍ନ ମନ୍ତବ୍ୟ ଗଣମାଧ୍ୟମକୁ ଦେଇ ବେଶ୍ ଚର୍ଚ୍ଚାରେ ରହିଥିଲେ। ଠିକ୍ ସେହିପରି ଦୋଳପୂର୍ଣ୍ଣିମା ଅବସରରେ ସେ ହୋଲି ବନ୍ଧୁମିଳନ ଆୟୋଜନ କରିଥିଲେ। ଲଉଡି ଖେଳ ସହ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ରଙ୍ଗ ଲଗାଇ ଧୁମ୍‌ଧାମ୍‌ରେ ଏହାକୁ ପାଳିଛନ୍ତି। ତେବେ ଭର୍ତ୍ତୃହରିଙ୍କ ହୋଲି ବନ୍ଧୁମିଳନରେ ଭାଜପା ନେତୃବୃନ୍ଦ ଓ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବଙ୍କ ଉପସ୍ଥିତି ଏବେ କଟକ ରାଜନୈତିକ ବାତାବରଣରେ ରୋଚକ ଆଣିଛି। ଏପରି କି ଭର୍ତ୍ତୃହରି ବିଜେଡି ଛାଡିବା ପରେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ କରିନାହାନ୍ତି ସତ, ହେଲେ ଏପରି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହ ଭାଜପା ନେତୃବୃନ୍ଦ ଉପସ୍ଥିତ ରହିବା ଓ ସାଙ୍ଗରେ ଅନୁଭବଙ୍କ ଉପସ୍ଥିତି ଏବେ ସାଧାରଣ ଲୋକଙ୍କ ଚର୍ଚ୍ଚାକୁ ବେଶ୍ ଖୋରାକ ଯୋଗାଇଛି। ତେବେ କ’ଣ ଭର୍ତ୍ତୃହରି ଭାଜପାରେ ଯୋଗଦେବେ ଏବଂ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମଧ୍ୟ ଦଳ ବଦଳ କରିବେ ବୋଲି ମଧ୍ୟ ଆଲୋଚନା ଚାଲିଲାଣି। ଏ ସମସ୍ତ ପ୍ରସଙ୍ଗ ନେଇ ଭର୍ତ୍ତୃହରିଙ୍କୁ ପଚାରିବାରୁ ସେ କହିଛନ୍ତି, ହିରଣ୍ୟକଶିପୁ ହୋଲିକା ମାଧ୍ୟମରେ ପ୍ରହ୍ଲାଦଙ୍କୁ ଜାଳିବାକୁ ଉଦ୍ୟମ କରିଥିଲେ, ହେଲେ ସେ ନିଜେ ଜଳିଗଲେ। ପ୍ରତ୍ୟେକ ଯୁଗରେ ଏହି ପୁରାଣର ପ୍ରାସଙ୍ଗିକତା ରହିଛି। ତେବେ ଗେରୁଆ ରଙ୍ଗ ଆମ ଦେଶ ଓ ରାଷ୍ଟ୍ରର ଏକ ମହତ୍ତ୍ୱପୂର୍ଣ୍ଣ ରଙ୍ଗ। ଆଗାମୀ ନିର୍ବାଚନରେ ମୁଁ ଲଢ଼ିବି କି ନାହିଁ ଏବଂ ଯଦିଓ ଲଢ଼ିବି ତେବେ କେଉଁ ଦଳରୁ ତାହା ସମୟ କହିବ। ଅନ୍ୟପଟେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ଅନ୍ୟ ସମସ୍ତ ପ୍ରସଙ୍ଗକୁ ଏଡାଇ କହିଛନ୍ତି, ଏମ୍‌ପି ଭର୍ତ୍ତୃହରି ମହତାବ ଏହି କାର୍ଯ୍ୟକ୍ରମରେ ମୋତେ ଡାକିଥିବାରୁ ଖୁସି ଲାଗୁଛି।

## ଅଭିମନ୍ୟୁ, ସାବିତ୍ରୀଙ୍କୁ ନେଇ ଚର୍ଚ୍ଚା

**ହାଟଡ଼ିହୀ,୨୭।୩(ଶୁଭକାନ୍ତ ନାୟକ)**

ବିଜେଡି ପକ୍ଷରୁ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ନାମ ଘୋଷଣା ହୋଇ ନ ଥିବାରୁ ନୂଆ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ହାଟଡ଼ିହୀ ବ୍ଲକର ୩୧, ଆନନ୍ଦପୁର ବ୍ଲକର ୧୮ ପଞ୍ଚାୟତ ଏବଂ ଆନନ୍ଦପୁର ପୌର ପରିଷଦର ୧୬ ୱାର୍ଡକୁ ନେଇ ଗଠିତ ନିର୍ବାଚନମଣ୍ଡଳୀ ପୂର୍ବରୁ କଂଗ୍ରେସର ଗଡ଼ ଥିଲା। ୨୦୦୯ରୁ ବିଜେଡି ଲଗାତର ଭାବେ ଦଖଲ କରୁଛି। ବିଜେଡି ସ୍ଥିତି ଏଠାରେ ମଜଭୁତ ଥିବା ବେଳେ କର୍ମୀମାନଙ୍କୁ ଅବହେଳା, ଦୁର୍ବ୍ୟବହାର କାରଣରୁ ପୁରୁଣା ମୁହଁକୁ ବାଦ୍ ଦେବାକୁ କର୍ମୀମାନେ ଦାବି କରିଆସୁଛନ୍ତି। ବିଜେଡି ପକ୍ଷରୁ ଏକ ଦକ୍ଷ ଏବଂ ନୂଆ ମୁହଁକୁ ବିଧାୟକ ପ୍ରାର୍ଥୀ କରିବା ପାଇଁ ବରିଷ୍ଠ ବିଜେଡି କର୍ମୀ ବିମଳ ଯେନା, ସଞ୍ଜୟ ରାଉତ, ବରଦା ପ୍ରସନ୍ନ ନାୟକ, ରବୀନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ବହୁ କର୍ମୀ ପ୍ରକାଶ କରିଛନ୍ତି। ଅପରପକ୍ଷେ ଆଶାୟୀଙ୍କ ମଧ୍ୟରୁ ବିଧାୟକ ପ୍ରାର୍ଥୀ ଭାବେ ସାବିତ୍ରୀ ସେଠୀ ଏବଂ ଅଭିମନ୍ୟୁ ସେଠୀଙ୍କ ନାମକୁ ନେଇ ଦଳୀୟ କର୍ମୀ ଏବଂ ଭୋଟରଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍‌ଦାର ହେଉଛି।

## ସୁରଙ୍କ ପୁଅ ମନ୍ମଥ ବିଜେଡିରେ ମିଶିଲେ, ଟିକେଟ ନେଲେ

**ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)**

ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଜଟଣୀ ବିଧାନସଭା କ୍ଷେତ୍ରରୁ ବିଧାୟକ ଥିବା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ଶଙ୍ଖ ଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ସମେତ ଜଟଣୀ ବିଧାୟକ ପ୍ରାର୍ଥୀ ବିଭୂତିଭୂଷଣ ବଳବନ୍ତରାୟ ଉତ୍ତରୀୟ ପିନ୍ଧାଇ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ମନ୍ମଥ ସାମିଲ ହେବାର କିଛି ସମୟ ପରେ ବିଜେଡି ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ସେଥିରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଭାବେ ଦଳ ମନ୍ମଥଙ୍କ ଉପରେ ଭରସା କରିଛି। ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱରରୁ ଲୋକ ସଭା ପ୍ରାର୍ଥୀ କରିବା ନେଇ ପୂର୍ବରୁ ଘୋଷଣା କରିସାରିଛି। ତେବେ କିଛିଦିନ ତଳେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଶାସକ ଦଳରୁ ଲୋକ ସଭା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଶେଷ ସମୟରେ ତାଙ୍କ ଉପରେ ଦଳ ଭରସା ନ କରି ନୂତନ କରି ବିଜେଡିରେ ସାମିଲ ହୋଇଥିବା ମନ୍ମଥଙ୍କୁ ଆଗକୁ ଛାଡ଼ିଛି।

ବିଜେଡି ବୁଧବାର ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୭୨ଜଣ ବିଧାୟକ ଓ ୯ଜଣ ଲୋକ ସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ହେଲେ ଭୁବନେଶ୍ୱରରୁ ଶ୍ରୀମୟୀଙ୍କୁ ଟିକେଟ ବିଜେଡି ଦେବ ବୋଲି ବହୁ ଆଗରୁ ଗ୍ରୀନ୍ ସିଗ୍‌ନାଲ ଦେଇଥିଲେ ମଧ୍ୟ ଶେଷରେ ଏହାକୁ ପରିବର୍ତ୍ତନ କରିଦେଇଛି। ଏହାକୁ ନେଇ ଅପରାଜିତା ‘ଜୋ ଡର୍‌ଗୟା ୱୋ ମର୍‌ଗୟା’ ବୋଲି କହି ଜଣେ ମହିଳାଙ୍କୁ ଏମ୍‌ପି ପ୍ରାର୍ଥୀ ଭାବେ ବୁଲାଇ ପୁଣି ତାଙ୍କୁ ପ୍ରାର୍ଥୀ ନ କରିବା ବିଜେଡିର ମହିଳାଙ୍କ ପ୍ରତି ଯେ କି ସମ୍ମାନ ବୋଲି କଟାକ୍ଷ କରିଛନ୍ତି ।

ସେପଟେ ମନ୍ମଥ ବିଜେଡିରେ ଯୋଗଦେବା ପରେ ସୁର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ପୁଅକୁ ବୁଝାଇପାରିଲେ ନାହିଁ। ବିଜେଡିରେ ମିଶିବାକୁ ମନ୍ମଥ ଜିଦ୍ ଧରିଲେ। ଏହା ତାଙ୍କ ଆତ୍ମାକୁ ଏହା ବାଧିଛି। ତେଣୁ ନୈତିକତା ଦୃଷ୍ଟିରୁ ସେ କଂଗ୍ରେସର ଯେଉଁସବୁ ପଦରେ ଥିଲେ ସେସବୁଥିରୁ ଇସ୍ତଫା ଦେଇଛନ୍ତି। ବଡ଼ ପୁଅକୁ କଂଗ୍ରେସ ନିମାପଡ଼ାରୁ ଟିକେଟ ଦେଲେ ଘରକୁ ଘର ଯାଇ ପ୍ରଚାର କରିବେ ବୋଲି କହିଛନ୍ତି। ଅନ୍ୟପଟେ ଆତ୍ମାକୁ ବାଧିଥିବା କଥା କହୁଥିଲେ ମଧ୍ୟ ସୁରଙ୍କ ଆଉ ଏକ ଭିଡିଓ ପଦାକୁ ଆସିଛି। ସେ ତାଙ୍କ କର୍ମୀମାନଙ୍କୁ କହିଛନ୍ତି , ଯଦି ତାଙ୍କ ପୁଅ ବିଜେଡିକୁ ଯାଇଛି ତାକୁ କିପରି ହେଲେ ଜିତାଇବା ଦରକାର। ଏକଥା ଶତାଧିକ କର୍ମୀଙ୍କୁ ସୁର କହୁଥିବା କଥା ଦେଖିବାକୁ ପରେ ବହୁ କଂଗ୍ରେସ ନେତା ଏହାକୁ ନିନ୍ଦା କରିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ସୁରଙ୍କ ବଡ଼ ପୁଅ ତାଙ୍କ ଭାଇଙ୍କ ପଦକ୍ଷେପ ଦ୍ୱାରା ବାପାଙ୍କ ୬୦ ବର୍ଷର ସମ୍ମାନ ଓ ସ୍ୱାଭିମାନ ମାଟିରେ ପଡ଼ିଗଲା ବୋଲି କହିଛନ୍ତି।

ସୁର ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କୁ ହରାଇ ବିଜୟୀ ହୋଇଥିଲେ। ଏଥର ମଧ୍ୟ ବିଜେଡି ଜଟଣୀ ଆସନରୁ ବିଭୂତିଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ସୁର ଏଥର ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି। ଅର୍ଥାତ୍ ସୁରଙ୍କ ପରିବାରରୁ ଜଟଣୀ ବିଧାନସଭା ଆସନରୁ ଏଥର କେହି ଲଢ଼ିବେ ନାହିଁ। ତେଣୁ ଏଠାରେ ବିଭୂତିଙ୍କ ପାଇଁ ଏକ ପ୍ରକାର ଖୋଲା ମଇଦାନ ମିଳିଯାଇଛି। ସୁର ମଧ୍ୟ ତାଙ୍କ ସମର୍ଥକଙ୍କୁ ମନ୍ମଥକୁ ଜିତାଇବା ସକାଶେ କହିସାରିଛନ୍ତି। ଅର୍ଥାତ୍ ସେହି ଭୋଟଗୁଡିକ ବିଭୂତିଙ୍କ ଖାତାକୁ ମଧ୍ୟ ଚାଲିଯିବ। ଏଭଳି ସ୍ଥିତିରେ ସୁର ସବୁକିଛି ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ କରିଥିବା ସବୁଆଡ଼େ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ଏଥର କଂଗ୍ରେସ ଯଦି ଭଲ ପ୍ରାର୍ଥୀ ଦେଇଥାଆନ୍ତା ତେବେ ତାହା ଭାଜପା ପାଇଁ ସାମାନ୍ୟ କଷ୍ଟ ସ୍ଥିତି ସୃଷ୍ଟି କରିବାର ସମ୍ଭାବନା ଥିଲା। ସୁରଙ୍କୁ ଏଥର କଂଗ୍ରେସ ପ୍ରାର୍ଥୀ କରିବାକୁ ଏକ ପ୍ରକାର ଉଦ୍ୟମ କରିଥିବା ଚର୍ଚ୍ଚା ହେଉଥିଲା। ହେଲେ ବିଜେଡି ନିଜର ଜିତିବା ସମ୍ଭାବନାକୁ ବୃଦ୍ଧି କରିବା ସକାଶେ ସୁରଙ୍କ ପୁଅଙ୍କୁ ଟିକେଟ ଦେଇ ଲୋକ ସଭା ପ୍ରାର୍ଥୀ କରିଛି। ଏହାଦ୍ୱାରା ଲୋକ ସଭା ଭୋଟରେ ଜଟଣୀରେ ବିଜେଡି ବହୁ ଆଗରେ ରହିବା ସମ୍ଭାବନା ଅଧିକ ବୋଲି ଶୁଣାଯାଉଛି।


ଶଙ୍ଖଭବନଠାରେ ବୁଧବାର ବିଜେଡି ନେତାଙ୍କ ସହ ଦଳରେ ନୂତନ ଭାବେ ସାମିଲ ହୋଇଥିବା ମନ୍ମଥ ରାଉତରାୟ।

- ଭୁବନେଶ୍ୱର ଲୋକ ସଭା ଆସନରେ ଗଣିତ ବଦଳାଇଲା ବିଜେଡି
- ଦୀର୍ଘ ମାସ ପ୍ରଚାର ସତ୍ତ୍ୱେ ଶ୍ରୀମୟୀଙ୍କୁ ଭରସା କରିପାରିଲାନି ଦଳ
- କଂଗ୍ରେସ ଭୋଟ ହାତେଇବାକୁ ମନ୍ମଥଙ୍କୁ ବିଜେଡି ନେଇଥିବା ଚର୍ଚ୍ଚା
- ପୁଅ ଯେଉଁ ଦଳକୁ ଯାଉ ତାକୁ ଜିତାଇବା: ସୁର
- କଂଗ୍ରେସର ସବୁ ପଦବୀରୁ ଇସ୍ତଫା ଦେଲେ ସୁର

### ବିଜେଡି ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ବିଷମକଟକ | ଜଗନ୍ନାଥ ସାରକା |
| ଗୁଣପୁର | ରଘୁନାଥ ଗମାଙ୍ଗ |
| ରାୟଗଡ଼ା | ଅନୁସୟା ମାଝି |
| ବରଗଡ଼ | ଦେବେଶ ଆଚାର୍ଯ୍ୟ |
| ବିଜେପୁର | ରୀତା ସାହୁ |
| ଅତାବିରା | ସ୍ନେହାଙ୍ଗିନୀ ଛୁରିଆ |
| ଭଟ୍‌ଲୀ | ସୁଶାନ୍ତ ସିଂ |
| ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର |
| ବସ୍ତା | ସୁବାସିନୀ ଜେନା |
| ଭଣ୍ଡାରିପୋଖରୀ | ସଞ୍ଜୀବ ମଲ୍ଲିକ |
| ଭଦ୍ରକ | ପ୍ରଫୁଲ୍ଲ ସାମଲ |
| ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ |
| ଧାମନଗର | ସଞ୍ଜୟ ଦାସ |
| ଚାନ୍ଦବାଲି | ବ୍ୟୋମକେଶ ରାୟ |
| ବିଞ୍ଝାରପୁର | ପ୍ରମିଳା ମଲ୍ଲିକ |
| ଧର୍ମଶାଳା | ପ୍ରଣବ ବଳବନ୍ତରାୟ |
| ଯାଜପୁର | ସୁଜାତା ସାହୁ |
| ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼ାଇ |
| ଢେଙ୍କାନାଳ | ସୁଧୀର କୁମାର ସାମଲ |
| କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ |
| ପରଜଙ୍ଗ | ନୃସିଂହ ସାମଲ |
| ପାଲଲହଡ଼ା | ମୁକେଶ ପାଲ |
| ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା |
| ସୋନପୁର | ନିରଞ୍ଜନ ପୂଜାରୀ |
| ଲୋଇସିଂହା | ନୀହାର ରଞ୍ଜନ ବେହେରା |
| ପାଟଣାଗଡ଼ | ସରୋଜ ମେହେର |
| ବଲାଙ୍ଗୀର | କଳିକେଶ ନାରାୟଣ ସିଂଦେଓ |
| ଟିଟିଲାଗଡ଼ | ଟୁକୁନି ସାହୁ |
| ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ |
| ଉମରକୋଟ | ନବୀନା ନାୟକ |
| ଝରିଗାଁ | ରମେଶ ଚନ୍ଦ୍ର ମାଝି |
| ନବରଙ୍ଗପୁର | କୌଶଲ୍ୟା ପ୍ରଧାନୀ |
| ଡାବୁଗାଁ | ମନୋହର ରନ୍ଧାରୀ |
| ଲାଞ୍ଜିଗଡ଼ | ପ୍ରଦୀପ ଦିଶାରି |
| ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର |
| ଧର୍ମଗଡ଼ | ପୁଷ୍ପେନ୍ଦ୍ର ସିଂଦେଓ |
| ଭବାନୀପାଟଣା | ଲତିକା ନାୟକ |
| ଜି. ଉଦୟଗିରି | ସାଲୁଗା ପ୍ରଧାନ |
| କନ୍ଧମାଳ | ମହୀଧର ରଣା |
| ବୌଦ୍ଧ | ପ୍ରଦୀପ କୁମାର ଅମାତ |
| ବଡ଼ମ୍ବା | ଦେବୀପ୍ରସାଦ ମିଶ୍ର |
| ବାଙ୍କୀ | ଦେବୀରଞ୍ଜନ ତ୍ରିପାଠୀ |
| ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| କଟକ-ଚୌଦ୍ୱାର | ସୌଭିକ ବିଶ୍ୱାଳ |
| ନିଆଳି | ପ୍ରମୋଦ ମଲ୍ଲିକ |
| କଟକ ସଦର | ଚନ୍ଦ୍ରସାରଥି ବେହେରା |
| ପାଟକୁରା | ଅରବିନ୍ଦ ମହାପାତ୍ର |
| ଆଳି | ପ୍ରତାପ କେଶରୀ ଦେବ |
| ରାଜନଗର | ଧ୍ରୁବ ସାହୁ |
| ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ |
| ପୁରୀ | ସୁନୀଲ ମହାନ୍ତି |
| ବ୍ରହ୍ମଗିରି | ଉମାକାନ୍ତ ସାମନ୍ତରାୟ |
| ସତ୍ୟବାଦୀ | ସଞ୍ଜୟ ଦାସବର୍ମା |
| ପିପିଲି | ରୁଦ୍ରପ୍ରତାପ ମହାରଥୀ |
| ଜଟଣୀ | ବିଭୂତି ବଳବନ୍ତରାୟ |
| ରଣପୁର | ସତ୍ୟନାରାୟଣ ପ୍ରଧାନ |
| ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା |
| ନୟାଗଡ଼ | ଅରୁଣ ସାହୁ |
| ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ |
| ପୋଲସରା | ଶ୍ରୀକାନ୍ତ ସାହୁ |
| କବିସୂର୍ଯ୍ୟନଗର | ଲତିକା ପ୍ରଧାନ |
| ଛତ୍ରପୁର | ସୁବାସ ଚନ୍ଦ୍ର ବେହେରା |
| ସୋରଡ଼ା | ସଂଘମିତ୍ରା ସ୍ୱାଇଁ |
| ହିଞ୍ଜିଳି | ନବୀନ ପଟ୍ଟନାୟକ |
| ଗୋପାଳପୁର | ବିକ୍ରମ କୁମାର ପଣ୍ଡା |
| ଦିଗପହଣ୍ଡି | ବିପ୍ଳବ ପାତ୍ର |
| ଚିକିଟି | ଚିନ୍ମୟନନ୍ଦ ଶ୍ରୀରୂପଦେବ |
| କୋଟପାଡ଼ | ଚନ୍ଦ୍ରଶେଖର ମାଝି |
| କୋରାପୁଟ | ରଘୁରାମ ପଡ଼ାଲ |
| ମାଲକାନଗିରି | ମାନସ ମାଡ଼କାମି |
| ଘସିପୁରା | ବଦ୍ରିନାରାୟଣ ପାତ୍ର |
| ପାଟଣା | ଜଗନ୍ନାଥ ନାୟକ |

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାଲ୍‌କୋକୁ ଏଏସ୍‌ଆଇ ପ୍ରଦର୍ଶନ ମାନକ ଭିଓ୍ୱ ପ୍ରମାଣପତ୍ର

**ଭୁବନେଶ୍ୱର, ୨୭।୩ (ଅଭୟ ଦାଶ)**



ଦେଶର ଆଇକନିକ୍ ଆଲୁମିନିୟମ ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ ବା ବାଲ୍‌କୋକୁ ନିକଟରେ ଆଉ ଏକ ଜାତୀୟ ସ୍ୱୀକୃତି ସହ ପ୍ରମାଣପତ୍ର ଦିଆଯାଇଛି। ବିଶେଷକରି ବାଲ୍‌କୋ ବିଭିନ୍ନ ପ୍ରକାର ପ୍ରାଥମିକ ଉତ୍ପାଦନ ଏବଂ ଯୋଗାଣ ପାଇଁ ଆଲୁମିନିୟମ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପ୍ରଦର୍ଶନ ମାନକ ଭିଓ୍ୱ ପ୍ରମାଣପତ୍ର ହାସଲ କରିଛି। ଏପରିକି ଛତିଶଗଡ଼ର କୋର୍ବାଠାରେ ଅବସ୍ଥିତ ବାଲ୍‌କୋ ସୁବିଧା କେନ୍ଦ୍ର ଜରିଆରେ କମ୍ପାନୀ ଆଲୁମିନିୟମ ଉତ୍ପାଦ ଯୋଗାଣ କରିଥାଏ। ଏଥିରେ ତରଳ ଆଲୁମିନିୟମ ଉତ୍ପାଦନ ପାଇଁ ଦୁଇଟି ପାତ୍ର ସହ ଏକ ସ୍ମେଲଟର, ଆଲୁମିନିୟମ ଗଠନ ପାଇଁ ତିନୋଟି କାଷ୍ଟ ହାଉସ୍, ଏକ ଉତ୍ପାଦ କାରଖାନା ଏବଂ ଏକ ବିଦ୍ୟୁତ୍ ଉତ୍ପାଦନ କାରଖାନା ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଏଏସ୍‌ଆଇ ସଦସ୍ୟତା ମଧ୍ୟରେ ବାଲ୍‌କୋର ଅନ୍ତର୍ଭୁକ୍ତିକୁ ଏବଂ ଏଏସ୍‌ଆଇ ପ୍ରଦର୍ଶନ ମାନକ ଭିଓ୍ୱ ପ୍ରମାଣପତ୍ରକୁ ଆମେ ସ୍ୱାଗତ କରୁଛୁ, ଯେଉଁଥିରେ ଆମର ନିମ୍ନ ଅଙ୍ଗାରକାମ୍ଳ 'ସବୁଜ' ଆଲୁମିନିୟମ ରେଷ୍ଟୋରା ଏବଂ ରେଷ୍ଟୋରା ଅଲ୍‌ଟ୍ରା ବ୍ରାଣ୍ଡର ଉତ୍ପାଦନ ଅନ୍ତର୍ଭୁକ୍ତ ରହିଛି। ଭାରତର ଆଇକନିକ୍ ଆଲୁମିନିୟମ ଉତ୍ପାଦକ ଭାବେ ବାଲ୍‌କୋ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପଦକ୍ଷେପରେ ନିରନ୍ତର ପ୍ରକ୍ରିୟାକୁ ଆଗେଇ ନେଇଛି ଏବଂ ବିଶ୍ୱ ଶିଳ୍ପ ମଧ୍ୟରେ ଏକ ମାନଦଣ୍ଡ ଭାବେ ନିଜକୁ ପ୍ରତିଷ୍ଠିତ କରିଛି। ସେହିଭଳି ଏଏସ୍‌ଆଇର ସିଇଓ ଡ. ଫିଓନା ସୋଲୋମନ କହିଛନ୍ତି, ଛତିଶଗଡ଼ଠାରେ ଥିବା ବେଦାନ୍ତ ବାଲ୍‌କୋ ଏକୀକୃତ ଆଲୁମିନିୟମ ଉତ୍ପାଦନ ସୁବିଧା ପାଇଁ ପ୍ରଦର୍ଶନ ଷ୍ଟାଣ୍ଡାର୍ଡ ସାର୍ଟିଫିକେସନ୍ ଭିଓ୍ୱ (୨୦୨୨) ହାସଲ କରିଥିବାରୁ ଆମେ ବାଲ୍‌କୋକୁ ଅଭିନନ୍ଦନ ଜଣାଉଛୁ। ଭାରତରେ ଏକ ବୃହତ୍ ଆଲୁମିନିୟମ ଉତ୍ପାଦକ ଏବଂ ବେଦାନ୍ତ ଲିମିଟେଡ୍-ଆଲୁମିନିୟମ ବ୍ୟବସାୟର ଏକ ଅଂଶ ଭାବେ ବାଲ୍‌କୋ ବିଶ୍ୱ ଆଲୁମିନିୟମ ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ସାର୍ଟିଫିକେଶନ ବାଲ୍‌କୋ ସ୍ଥିରତା ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟକୁ ଚିହ୍ନିତ କରିଥାଏ ଏବଂ ପରିବେଶ, ସାମାଜିକ ଏବଂ ଶାସନ ମାନଦଣ୍ଡର ଏକ ବ୍ୟାପକ ସୀମା ପୂରଣ କରୁଥିବା ଅଭ୍ୟାସ ଗ୍ରହଣ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିଥାଏ।

# ପହିଲାରୁ ବଜାରରେ ୱାନ୍‌ପ୍ଲସ୍ ନର୍ଡ ସିଇ୪

**ନୂଆଦିଲ୍ଲୀ, ୨୭।୩**

ଦେଶର ପ୍ରମୁଖ ତଥା ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ୱାନ୍‌ପ୍ଲସ୍ ଇଣ୍ଡିଆର ନୂତନ ଉତ୍ପାଦ 'ୱାନ୍‌ପ୍ଲସ୍ ନର୍ଡ୍ ସିଇ୪'ର ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୱାନ୍‌ପ୍ଲସ୍ ନର୍ଡ ସିଇ୪ ଏବଂ ୱାନ୍ ପ୍ଲସ୍ ଡିଭାଇସ୍‌ଗୁଡିକୁ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଥିଲା। ଏପରିକି ୨୦୨୪ ଏପ୍ରିଲ ୧ରୁ ଦେଶର ୨୦ଟି ପ୍ରମୁଖ ସ୍ଥାନରେ ଉପରୋକ୍ତ ଉତ୍ପାଦ ପ୍ରାଥମିକ ପର୍ଯ୍ୟାୟରେ ଉପଲବ୍ଧ ହେବ। ଯେଉଁଥିରେ ନର୍ଡ କୋର୍ ସଂସ୍କରଣ ଶୃଙ୍ଖଳର ସମସ୍ତ ପ୍ରକାର ସମ୍ଭାବନା ଭରି ରହିଛି। ଯେହେତୁ ବ୍ରାଣ୍ଡ୍‌ର ଉତ୍ପାଦ ୱାନ୍‌ପ୍ଲସ୍ ନର୍ଡ ସିଇ୪ ଶ୍ରେଣୀରେ ଅଧୁନାତମ ଅକ୍ଟାକୋର କ୍ୱାଲକୋମସ୍ପ ସ୍ନାପ୍‌ଡ୍ରାଗନ ୭ଜେନ ୩ ଚିପ୍ ରହିଛି ଏବଂ ଏହା ଅତି ହାଲୁକା-ତ୍ୱରିତ ଅନୁଭୂତି ପ୍ରଦାନ କରୁଛି।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୨୧।୩**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୬ (୫୨୬.୦୧) ପଏଣ୍ଟ ବଢ଼ି ୭୨,୯୯୬(୭୨,୯୯୬.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୯ (୧୧୮.୯୫)ପଏଣ୍ଟ ବୃଦ୍ଧି ଘଟି ୨୨,୧୨୪(୨୨,୧୨୩.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ରେକର୍ଡ

**ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)**



ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଭାରତୀୟ ରେଳର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ୨୦୨୩ ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୨୫ ମଧ୍ୟରେ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନକରି ୨୦୨୨-୨୩ ଆର୍ଥିକ ବର୍ଷର ସର୍ବୋଚ୍ଚ ମାଲ ପରିବହନ ରେକର୍ଡକୁ ଅତିକ୍ରମ କରିଛି। କ୍ରମାଗତ ୫ ଥର ପାଇଁ ୨୦୦ ମିଲିୟନ ଟନ ପଣ୍ୟ ବୋଝେଇ କ୍ଷେତ୍ରରେ ପୂର୍ବତଟ ରେଳପଥ ମାଇଲଖୁଣ୍ଟ ଅତିକ୍ରମ କରିବାରେ ମଧ୍ୟ ପ୍ରଥମ ଜୋନ୍ ହୋଇପାରିଛି। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ଉତ୍ତମ ପ୍ରଦର୍ଶନ ପାଇଁ ଏହି ଲକ୍ଷ୍ୟ ହାସଲ ହୋଇପାରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବତଟ ରେଳପଥ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲା। ବର୍ତ୍ତମାନ ଏହା ୨୫୦ ନିୟୁତ ଟନ ପଣ୍ୟ ପରିବହନ କରିଥିବା ପ୍ରଥମ ରେଳ ଜୋନ୍ ହୋଇପାରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୪୯.୫୦ ନିୟୁତ ଟନ୍ କୋଇଲା, ୧୨.୯ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ ପରିବହନ, ୨୦.୧୫ ନିୟୁତ ଟନ୍ ଷ୍ଟିଲ୍ ଆଣ୍ଡ ସ୍ଲାଗ୍, ୩୭.୪ ନିୟୁତ ଟନ୍ ଲୁହାପଥର, ୧.୨୧ ନିୟୁତ ଟନ୍ ସିମେଣ୍ଟ, ୩.୧୬ ନିୟୁତ ଟନ ଖାଦ୍ୟଶସ୍ୟ ପରିବହନ କରିଥିବାବେଳେ ୬.୪ ନିୟୁତ ଟନ୍ ସାର, ୩.୦ ନିୟୁତ ଟନ ଖଣିଜ ତୈଳ ଏବଂ ଏହା ସହିତ କଣ୍ଟେନର ଏବଂ ଅନ୍ୟାନ୍ୟ ସାମଗ୍ରୀରେ ୨୩.୨୭ ନିୟୁତ ଟନ୍ ପଣ୍ୟ ପରିବହନ କରାଯାଇପାରିଛି। ଗତ ବର୍ଷର ସମାନ ସମୟ ଅବଧି ତୁଳନାରେ ଏହା ୬ ପ୍ରତିଶତରୁ ଅଧିକ ପଣ୍ୟ ପରିବହନ କରିପାରିଛି। ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ରେଳ ମଣ୍ଡଳ ୧୫୬.୧୭ ନିୟୁତ ଟନ ପଣ୍ୟ ବୋଝେଇ କରିଥିବାବେଳେ ୱାଲ୍‌ଟିୟର ରେଳମଣ୍ଡଳ ୭୪.୬୬ ନିୟୁତ ଟନ ଏବଂ ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ୧୯.୨୦ ନିୟୁତ ଟନ ଯୋଗଦାନ କରିଛି। ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ କହିଛନ୍ତି, ସକାରାତ୍ମକ ମନୋଭାବ ଏବଂ ନିରନ୍ତର କଠିନ ପରିଶ୍ରମ ସହ ଠିକ୍ ଚିନ୍ତାଧାରା ଏହି ରେଳପଥ ଜୋନ୍ ପାଇଁ ସଫଳତା ଆଣିଦେଇଛି।


# Classified Everyday 0674-2580101, 2549949




### SALE

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

**Plot for sale near Trisulia, CISF Campus CDA, RERA approved (P/07/2023/01069) price-1000/-. Contact-9658434846.** D-2865

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931


ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742




Newly open SPA health benefits relax refresh good therapist. 8260719139. D-76109

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Relax, Refresh your body, mind by expert therapist. Contact- 9938843929. D-76108

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

Relax, refresh your body, mind by expert therapist. Contact: 9938843929. D-76110

Your classified advertisement published in Dharitri will be listed free in Dharitri online edition: dharitriepaper.in


### AFFIDAVIT

I, Mohammed Sarfaraj Khan, S/o- Late Mohammed Anwar Khan, Resident of At- Rajanagar, Sonapali, P.S.- Dhanupali, P.O./ Dist.- Sambalpur, Odisha- 768001 declare by this affidavit No.2836, dated 27.03.2024, that now onwards I shall be known as Mohammed Sarfaraj Anwar Khan for all future purpose. D-2873

By virtue of an affidavit sworn before Notary, Bhubaneswar dtd. 23.03.2024, I have changed the name of my daughter from Sreedhesha Muduli to Shreedisha Barik. Henceforth, She will be known as Shreedisha Barik everywhere for all purposes. D-2872

Affidavit No.CF-161, 06.03.2024, I Ravneet Kaur Bhatia, D/o Harbans Singh, ପ୍ଲଟ୍ ନମ୍ବର 1422/3156, ଲେନ୍ ନଂ.3, କେନାଲ ରୋଡ୍, ସାଇ ବିହାର, ଜିଜିପି, ଭିଟିସି, ରସୁଲଗଡ଼, P.O.- ରସୁଲଗଡ଼, ଭୁବନେଶ୍ୱର-751010, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଏହି ଆଫିଡେଭିଟ୍ ନମ୍ବର- CF-161, ତାରିଖ- 06.03.2024ରେ ଘୋଷଣା କରୁଛି ଯେ ବର୍ତ୍ତମାନଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ Ravneet Kaur ଭାବରେ ପରିଚିତ ହେବି। ଧ-୨୮୭୧

I, Mamatamayee Dhar, D/o- Jogesh Chandra Dhar, W/o- Rajendra Nath resident of Bandhapali, P.O.- Chiplima, P.S. Burla, Dist.- Sambalpur, Pin- 768026, Odisha declare by this affidavit No.277, Dt.22.3.24 that now onwards I shall be known as Mamtarani Nath for all future purposes. D-2877

### LEGAL NOTICE

**ଅତିରିକ୍ତ ଜିଲ୍ଲା ଜଜ୍, ଓଡ଼ଗାଁ**
**F.A.O.- 24/2022**

ପ୍ରମୋଦ କୁମାର ଦେଓସାମନ୍ତ ... ... ଅପିଲକାରୀ
ବନାମ
ଚିତ୍ତରଞ୍ଜନ ପ୍ରଧାନ ଓଗେର ... ... ଜବାବଦାତା
ଅର୍ଡର ୫ ରୁଲ୍ ୨୦-୧ (କ), ଦେୱାନୀ କାର୍ଯ୍ୟବିଧି ଆଇନ

ପ୍ରତି,
୧ (ଖ) ବିଶ୍ୱରଞ୍ଜନ ପ୍ରଧାନ, ବ୩୮ର୍ଷ, ପିତା- ୰ଗୌରାଙ୍ଗ ପ୍ରଧାନ, ସା.- ଅସୁରଢିପା, ପୋ.ଅ.- ହରିହରପୁର, ଥା.- ଶରଣକୁଳ, ଜି.- ନୟାଗଡ଼।
(ଗ) ଗାୟତ୍ରୀ ଗଉଡ଼ୁ, ବ୩୫ର୍ଷ, ସ୍ୱା.- ବିଜୟ କୁମାର ଗଉଡ଼ୁ, ସା.- ଅମଲାପଡ଼ା, ନୟାଗଡ଼, ପୋ.ଅ./ ଥା./ ଜି.- ନୟାଗଡ଼।
୨. କବିତା ଦେଓସାମନ୍ତ, ବ୮୧ର୍ଷ, ସ୍ୱା.- ୰ପ୍ରଫୁଲ୍ଲ ଚନ୍ଦ୍ର ଦେଓସାମନ୍ତ, ବର୍ତ୍ତମାନ - ମାର୍ଫତ- ପ୍ରତାପଚନ୍ଦ୍ର ଦେଓସାମନ୍ତ, ସା./ପୋ.ଅ.- ମହିତମା, ଥା.- ନୂଆଗାଁ, ଜି.- ନୟାଗଡ଼।
୪(କ) ହରଗୋବିନ୍ଦ ସିଂ, ବ୪୦ର୍ଷ, ମାତା ୰ ପାର୍ବତୀ ସିଂ, ମାର୍ଫତ- ଡା. ଅକ୍ଷୟ କୁମାର ସିଂ, ପ୍ଲଟ୍ ନଂ.୩, ୨୭୮-IRC ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା।
୫. ପ୍ରତାପ କୁମାର ଦେଓସାମନ୍ତ, ବ୩୬ର୍ଷ, ପି. ୰ ପ୍ରଫୁଲ୍ଲ ଚନ୍ଦ୍ର ଦେଓସାମନ୍ତ, ବର୍ତ୍ତମାନ- ଡେଭ୍‌ଲପମେଣ୍ଟ ଅଫିସର, ଲିଙ୍ଗରାଜ କୋ-ଅପରେଟିଭ ସୋସାଇଟି, ନୂଆ ଏନ୍.ଏ.ସି. ପରିବା ବଜାର, ନୟାଗଡ଼।
୬. ଶ୍ରୀମତୀ ଭବାନୀ ସିଂଦେଓ, ବ୫୬ର୍ଷ, ପି. ୰ପ୍ରଫୁଲ୍ଲ ଚନ୍ଦ୍ର ଦେଓସାମନ୍ତ, ମାତା- କବିତା ଦେଓସାମନ୍ତ, ବର୍ତ୍ତମାନ- ମାର୍ଫତ ଗୁଣନିଧି ସିଂଦେଓ, ସା.- ରାଣୀପଲ୍ଲୀ, ପୋ.ଅ.- ସାକମା, ଜି.- ବଲାଙ୍ଗୀର।

ଏତଦ୍ୱାରା ତୁମ୍ଭେ ଉପରଲିଖିତ ଜବାବଦାତାମାନଙ୍କୁ ଏହି ନୋଟିସ ଦିଆଯାଉଛି କି ଯେ ଅପିଲକାରୀ ପ୍ରମୋଦ କୁମାର ଦେଓସାମନ୍ତ ଏକ ପ୍ରଥମ ଅପିଲ ତୁମ୍ଭମାନଙ୍କ ବିରୁଦ୍ଧେ ନିମ୍ନ ମାନ୍ୟବର ଦେୱାନୀ ଜଜ୍ (ବରିଷ୍ଠ ବିଭାଗ)ଙ୍କ ଆଦେଶରେ ବ୍ୟଥିତ ହୋଇ ଯାହାକି, ଅପିଲ ମେମୋରେ ବର୍ଣ୍ଣିତ ହୋଇଅଛି, ତାହାକୁ ରଦ୍ଦ କରିବା ପାଇଁ କରିଛନ୍ତି। ତୁମ୍ଭମାନଙ୍କୁ ବାରମ୍ବାର ଉକ୍ତ ଅପିଲରେ ହାଜର ହେବା ପାଇଁ ଆଦେଶନାମା ପଠାଇବା ସତ୍ତ୍ୱେ, ଜାଣିଶୁଣି ତୁମ୍ଭେମାନେ ରଖିବା ପାଇଁ ପ୍ରତ୍ୟାଖ୍ୟାନ କରୁଛ।

ଏଣୁ ଏତଦ୍ୱାରା ତୁମ୍ଭଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଯେ ତୁମ୍ଭେମାନେ କିମ୍ବା ତୁମ୍ଭମାନଙ୍କର ପ୍ରତିନିଧିଙ୍କ ଦ୍ୱାରା ତା୦୨।୦୪।୨୦୨୪ ମସିହା ଦିବା ୧୦.୩୦ ସମୟେ ଉପର ଲିଖିତ ଅଦାଲତରେ ହାଜର ହେବେ। ନଚେତ୍ ତୁମ୍ଭମାନଙ୍କ ଅନୁପସ୍ଥିତିରେ ଅପିଲ ଶୁଣାଣି କରାଯିବ।

**ସ୍ୱା./- ଅତିରିକ୍ତ ଜିଲ୍ଲା ଜଜ୍, ଓଡ଼ଗାଁ**
ଧ-୨୮୭୫

## ମନେ ପଡ଼ନ୍ତି

**1ST DEATH ANNIVERSARY**



**SURESH CHANDRA MISHRA**
Born: 10.6.48
Death: 10.3.23
Quietly remembered everyday.... No longer in our life to share, but in our hearts, you're always there.
Soka santapta paribar:
Wife- Jayanti Mishra, Daughter- Ragini Mishra, Ishani Mishra
D-2879

**ଶ୍ରଦ୍ଧାଞ୍ଜଳି**



**୰ ଅକ୍ଷୟ ପ୍ରଧାନ**
ଖମାର ସାହି, ଡାଙ୍ଗମାଳ, ରାଜନଗର
ଆବିର୍ଭାବ- ୦୬।୦୫।୧୯୭୪
ତିରୋଧାନ- ୧୮।୦୩।୨୦୨୪
ଅସମ୍ଭାସ ତୁମକୁ କିଏସେ କରିଛି
ରାଗିକରି ଚାଲିଗଲ
କାନ୍ଦିବାକୁ ତୁମେ ଲୁହ ଭରିଦେଇ
ଆଖି ପିଛୁଳାକେ ଗଲ
ହା ହା କାର କରିଦେଲ ।
କ୍ଷୟ ନୁହେଁ ତୁମ ଅକ୍ଷୟର ସ୍ମୃତି
ପ୍ରାର୍ଥନା କରୁଛି ଚକାଡୋଳା ପାଶେ
ମିଳୁ ତୁମ ଆତ୍ମା ଶାନ୍ତି।
ଜୟ ଜଗନ୍ନାଥ
ବିଜୟ ପାତ୍ର, ରଶ୍ମିରଞ୍ଜନ ସ୍ୱାଇଁ, ଅଶୋକ ପ୍ରଧାନ, ବିସ୍ମୟ ପାତ୍ର, ଅମିୟ ପ୍ରଧାନ।
ଧ-୨୮୮୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
୧୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ବିଜୟ କୁମାର ନାୟକ (ବାପି)**
ଷ୍ଟେଟ୍ ବ୍ୟାଙ୍କ୍ ଆସିଷ୍ଟାଣ୍ଟ, କଲ୍ୟାଣସିଂହପୁର ବ୍ରାଞ୍ଚ, (ଜି) ରାୟଗଡ଼ା
ବାସସ୍ଥାନ: ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଆବିର୍ଭାବ: ତା.୦୭।୧୧।୧୯୮୪
ତିରୋଧାନ: ତା.୨୮।୦୩।୨୦୧୨
ଚାହୁଁ ଚାହୁଁ ୧୨ ବର୍ଷ ଚାଲିଗଲା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ବୋଉ, ଭଉଣୀ: ସବିତା, ସସ୍ମିତା, ରଶ୍ମିତା ଓ ପରିବାରବର୍ଗ।
ଧ-୨୮୭୦

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ପ୍ରସନ୍ନ କୁମାର ନନ୍ଦ**
ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ
ଆବିର୍ଭାବ: ୦୧।୧୦।୧୯୩୬
ତିରୋଧାନ: ୧୭।୩।୨୦୨୪
A-304, ଉତ୍କଳ ଭାଟିକା, ଭୁବନେଶ୍ୱର
ପୂଜନୀୟ ବାପା, ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକି ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ପରୋପକାରିତା, କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ମାର୍ଗଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଡାକ୍ତର ପରିମାଳା ନନ୍ଦ (ପତ୍ନୀ), ବବିତ୍, ରାଜିତ୍, ରୋହିତ (ପୁତ୍ର), ସିମି, ଶିଖା, ଲିମା (ପୁତ୍ରବଧୂ), ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୮୭୪

# ଏପ୍ରିଲ ୩ ରୁ ପ୍ରଥମ ଏମ୍‌ପିସି ବୈଠକ

**ଭୁବନେଶ୍ୱର,୨୭।୩(ଅନୁରାଧା ମହାରଣା)**

ଏପ୍ରିଲ ୧ରୁ ନୂତନ ଆର୍ଥିକ ବର୍ଷ ୨୦୨୪-୨୫ ମଧ୍ୟରେ ହେବାକୁ ଥିବା ମୁଦ୍ରାନୀତି କମିଟିର ବୈଠକ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାରିଖ ସୂଚୀ ପ୍ରସ୍ତୁତ କରିଛି। ୨୦୨୪-୨୫ରେ ଆର୍‌ବିଆଇ ମୁଦ୍ରା କମିଟିର ପ୍ରଥମ ବୈଠକ ଏପ୍ରିଲ ୩ ରୁ ୫ ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏପ୍ରିଲ ୫ରେ ଏମ୍‌ପିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଘୋଷଣା କରିବେ। ଆର୍‌ବିଆଇ ସୂଚନାନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬ଟି ମୁଦ୍ରାନୀତି କମିଟି ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରଥମ ବୈଠକ ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦ୍ୱିତୀୟ ବୈଠକ ଜୁନ୍ ୫ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ବୈଠକର ନିଷ୍ପତ୍ତି ଜୁନ୍ ୭ରେ ଘୋଷଣା କରାଯିବ। ତୃତୀୟ ବୈଠକ ଅଗଷ୍ଟ ୬ ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚତୁର୍ଥ ବୈଠକ ଅକ୍ଟୋବର ୭ରୁ ୯ ମଧ୍ୟରେ ଅନୁଷ୍ଠିତ ହେବ ଏବଂ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ୯ ଅକ୍ଟୋବରରେ ଘୋଷଣା କରାଯିବ। ପଞ୍ଚମ ବୈଠକ ଡିସେମ୍ବର ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୦୨୪-୨୫ଆର୍ଥିକ ବର୍ଷର ଷଷ୍ଠ ତଥା ଶେଷ ମୁଦ୍ରାନୀତି କମିଟି ବୈଠକ ନୂତନ ବର୍ଷ ୨୦୨୫ ଫେବୃଆରୀ ୫ରୁ ୭ ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଆର୍‌ବିଆଇ ଗଭର୍ନର ୭ ଫେବୃଆରୀରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବିଷୟରେ ସୂଚନା ଦେବେ। ନୂତନ ଆର୍ଥିକ ବର୍ଷରେ ଅନୁଷ୍ଠିତ ହେବାକୁ ଥିବା ମୁଦ୍ରାନୀତି କମିଟିର ବୈଠକକୁ ନେଇ ଅନେକ ରେଟିଂ ଏଜେନ୍ସି ପୂର୍ବାନୁମାନ କରିଛନ୍ତି, ଆର୍‌ବିଆଇ ନୀତି ହାର ଯଥା ୨୦୨୪ ସମୟରେ ରେପୋ ରେଟ୍ ୭୫ ଆଧାର ପଏଣ୍ଟ ହ୍ରାସ କରିପାରେ । ରେଟିଂ ଏଜେନ୍ସି ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂ ମଧ୍ୟ ସୁଧ ହାର ହ୍ରାସ ନେଇ ଆଶା ପ୍ରକାଶ କରିଛି। ଆମେରିକାର ସେଣ୍ଟ୍ରାଲ ବ୍ୟାଙ୍କ ଫେଡ୍ ରିଜର୍ଭ ୨୦୨୪ ରେ ୩ଥର ସୁଧ ହାର ହ୍ରାସ କରିବାକୁ ସୂଚିତ କରିଛି। ଏହା ପରେ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ପାଖାପାଖି ହେବା ପରେ ଆର୍‌ବିଆଇ ମଧ୍ୟ ସୁଧ ହାର ହ୍ରାସ କରିପାରିବ। ବର୍ତ୍ତମାନ ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୧ ପ୍ରତିଶତ ଥିଲା। ମାତ୍ର ମହଙ୍ଗା ଇଏମ୍‌ଆଇ ଭରୁଥିବା ଗ୍ରାହକ ଆଶା କରୁଛନ୍ତି ଯେ ନୂତନ ଆର୍ଥିକ ବର୍ଷରେ ସେମାନଙ୍କୁ ମହଙ୍ଗା ଇଏମ୍‌ଆଇରୁ ଆଶ୍ୱସ୍ତି ମିଳିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକ ସକ କାନ୍ଦନା ମୁଁ ଅଇଲିଣି**
**ଦୀପ ଲଗାଇ ଦେଖ ପିଠି**
**ଲାଉ ଚୋରା ଭାବ ପାଇଲିଣି ।**

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ । ସବୁଦିନେ ଚୋର ଖସି ଯାଇ ନ ଥାଏ, ଦିନେ ନା ଦିନେ ତା'ଚୋରି ଧରା ପଡ଼ି ସେ ଦଣ୍ଡ ପାଇଥାଏ । ସବୁଦିନ ତା'ର ଏକାଭଳି ଯାଇ ନ ଥାଏ । ଏପରିସ୍ଥଳେ ଚୋରି କରିବାକୁ ଯାଇଥିବା ବ୍ୟକ୍ତି ମାଡ଼ଖାଇ ତା'ଘରକୁ ଆସି କାନ୍ଦୁଥିବା ଆତ୍ମୀୟସ୍ୱଜନଙ୍କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଧରି ନ ପାରିଲି ମନକୁ**
**ଦଣ୍ଡକ ପାଇଁ କି ପଣତ ପାରିଲି**
**କଳଙ୍କ ରଖିଲି କୁଳକୁ ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କ ବା ଚୋରା ପ୍ରୀତିରେ ଲିପ୍ତ ରହିଥାନ୍ତି । ତେବେ ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ କିଛି ଭୁଲ ହେବ ନାହିଁ । ଯୌବନାବସ୍ଥାରେ ମନକୁ ସଂଯତ ବା ଆୟତ୍ତରେ ରଖିପାରି ନ ଥିବା ଜଣେ ବିଟପୀ ନାରୀର ଏ ନେଇ ମନରେ ଅନୁଶୋଚନା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ୫ ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ

### ବହୁଚର୍ଚ୍ଚିତ ଡାକ୍ତର ଦମ୍ପତିଙ୍କୁ ହତ୍ୟା, ଡକାୟତି ମାମଲା

ଭୁବନେଶ୍ୱର,୨୭।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ଘଟିଥିବା ବହୁଚର୍ଚ୍ଚିତ ଡାକ୍ତର ଦମ୍ପତିଙ୍କୁ ହତ୍ୟା ଓ ଡକାୟତି ମାମଲାରେ ୮ ବର୍ଷ ପରେ ବୁଧବାର ରାୟ ପ୍ରକାଶ ପାଇଛି । ଅଭିଯୁକ୍ତା ଘରୋଇ ସହାୟିକା ସୁଭଦ୍ରା ବେହେରା ଓରଫ ଟିଙ୍କିନା, ସ୍ୱାମୀ ଜବନ ନାଏକ, ସହଯୋଗୀ ଟିମ୍ପା ଓରଫ କିଶୋର ଚନ୍ଦ୍ର ବେହେରା, ଏମ୍‌ଡି କାମାଲ ଖାନ୍ ଏବଂ ନିନି ଓରଫ ଫୁଲଶାରୀ ବେହେରାଙ୍କୁ ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ ବନ୍ଦନା କର ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୨୦ ହଜାର ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ସମସ୍ତେ ଅଧିକ ୬ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ହତ୍ୟାର ଶିକାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଆଖି ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଓ ସ୍ତ୍ରୀ ତଥା ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶିକା ସୁଷମା ମିଶ୍ର ଶୈଳେଶ୍ରୀ ବିହାରସ୍ଥିତ ଭିଆଇଏମ ପ୍ଲଟ ନଂ. ୬୦୮ ରହୁଥିଲେ । ଅସହାୟ ବୟସ୍କ ଦମ୍ପତି ଘରେ ରହୁଥିବା ଜାଣିବା ପରେ ମୁଖ୍ୟ ଅଭିଯୁକ୍ତ ଟିଙ୍କିନା ଡକାୟତି ଷଡ଼ଯନ୍ତ୍ର କରିଥିଲେ । ୨୦୧୫ ନଭେମ୍ବର ୧୫ ସକାଳେ ଟିଙ୍କିନା ତାଙ୍କ ସ୍ୱାମୀ ଓ ଅନ୍ୟ ୩ ସହଯୋଗୀଙ୍କ ସହ ଡାକ୍ତର ଦମ୍ପତିଙ୍କ ଘରେ ପଶିଥିଲେ । ଡାକ୍ତର ଦମ୍ପତି ଏହା ଦେଖି ବିରୋଧ କରିବାରୁ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ । ସୁଷମାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆଘାତ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଶାଢୀ ଦ୍ୱାରା ପ୍ରଫୁଲ୍ଲଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ଅଭିଯୁକ୍ତମାନେ ଘରେ ଥିବା ସୁନା ଅଲଙ୍କାର ଓ ଟଙ୍କା ଆଦି ନେଇ ବାହାର ପଟୁ ତାଲା ଦେଇ ପଳାଇଥିଲେ । ନିକଟରେ ରହୁଥିବା ପୁଅ ସତ୍ୟଦର୍ଶୀ ମିଶ୍ର ବାପା ଓ ମାଙ୍କୁ ବାରମ୍ବାର ଫୋନ କରିବାରୁ କୌଣସି ଉତ୍ତର ମିଳି ନ ଥିଲା । ଏପରିକି ଘର ନିକଟକୁ ଆସି ବାହାରୁ ତାଲା ପଡିଥିବା ଦେଖି ସନ୍ଦେହ କରିବା ସହ ପାଚେରି ଡେଇଁ ଭିତରକୁ ଯିବା ପରେ ମା'ବାପାଙ୍କ ମୃତଦେହ ଦେଖିଥିଲେ । ତାଙ୍କ ଏତଲାକୁ ଆଧାର କରି ଚନ୍ଦ୍ରଶେଖରପୁର ପୋଲିସ ଏକ ମାମଲା (ନଂ.୪୬୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା । ୨୩ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି କୋର୍ଟ ରାୟ ଶୁଣାଇଥିଲେ । ମାମଲାରେ ସରକାରଙ୍କ ପକ୍ଷରୁ ଗୃହ ବିଭାଗ ଦ୍ୱାରା ସ୍ୱତନ୍ତ୍ର ଭାବେ ନିଯୁକ୍ତ ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ଅଜିତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

# ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ବଲାଙ୍ଗୀର,୨୭।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ସୋନପୁର ୫୭ନଂ. ଜାତୀୟ ରାଜପଥର ଭଦ୍ରାପାଲି ଛକ ନିକଟରେ ବୁଧବାର ସକାଳ ସାଢ଼େ ୫ଟାରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ସୁବର୍ଣ୍ଣପୁର ଜିଲା ସୁବଳୟା ଗ୍ରାମର ହିମାଂଶୁ ଶେଖର ମହାପାତ୍ର(୨୩) ଓ ଗମ୍ଭାରୀପାଲିର ନରେଶ ସାହୁ(୨୩) । ମୃତ ଦୁଇ ଯୁବକ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କାରଖାନାରେ କାମ କରୁଥିଲେ । ବୁଧବାର ସକାଳୁ ନିଜ ଗାଁରୁ ଏକ ବାଇକ୍‌ରେ ସେମାନେ ଲାଞ୍ଜିଗଡ଼ ଯାଉଥିଲେ । ଭଦ୍ରାପାଲି ଛକରେ ସାମ୍ନାପଟୁ ଆସୁଥିବା ରାଜ୍ୟ ପରିବହନ ନିଗମର ବଲାଙ୍ଗୀର-ଫୁଲବାଣୀ ଗାଡ଼ି ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟାଇ ବସ୍‌କୁ ନେଇ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିବା ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୁର୍ଘଟଣା ପାଇଁ ଜାତୀୟ ରାଜପଥ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସର ଅବହେଳାକୁ ସେମାନେ ଦାୟୀ କରିଥିଲେ । ଭଦ୍ରାପାଲି ଛକ ନିକଟରେ ରାସ୍ତା ଉପରେ ଗଛ ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଏହାକୁ ହଟାଉ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଯେଉଁ ସରକାରୀ ଯାତ୍ରୀବାହୀ ଗାଡିଟି ଦୁର୍ଘଟଣା ଘଟାଇଛି ତାର ଫିଟନେସ୍ ନଥିବା ଲୋକେ ଅଭିଯୋଗ କରିଥିଲେ । ଏଭଳିକି ଗାଡିର ରୁଟ୍ ପରମିଟ୍ ନଥିବା ଅଭିଯୋଗ ଉଠିଥିଲା । ଏନେଇ ବଲାଙ୍ଗୀର ଆରଟିଓ ମାନସ ମିଶ୍ରଙ୍କୁ ପଚରାଯିବାରୁ ଦୁର୍ଘଟଣା ଘଟାଇଥିବା ଗାଡିର ଫିଟନେସ ଓ ରୁଟ୍ ସଂକ୍ରାନ୍ତରେ ତଦନ୍ତ କରାଯାଉଛି । ଏମ୍‌ଭିଆଇ ତଦନ୍ତ ପାଇଁ ଯାଇଛନ୍ତି । ସେ ସମସ୍ତ ତଥ୍ୟ ଦେବେ ବୋଲି କହିଥିଲେ । ତେବେ ଦୁର୍ଘଟଣା ଘଟାଇଥିବା ଗାଡିର ଫିଟ୍‌ନେସ ରହିଥିବା ସେ କହିଛନ୍ତି । ପୁଇଁତଳା ଥାନାଧିକାରୀ ଶୁଭରାଜ ଧରୁଆ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେବା ସହ ବ୍ୟବଚ୍ଛେଦ ପରେ ଦୁଇ ଯୁବକଙ୍କ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି । ଅପରପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍‌କୁ ନେଇ ଡ୍ରାଇଭର ତରଭା ଥାନା ଜିମା ଦେଇଥିବା ଜଣାପଡିଛି ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ୩୦ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୩(ଅସମାପିକା ସାହୁ)

ରାଜ୍ୟରେ ଆସନ୍ତା ଦୁଇଦିନ ଭିତରେ ତାପାମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବ । ୨୯ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । କିନ୍ତୁ ୩୦ ତାରିଖରୁ କାଳବୈଶାଖୀ ସହ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେବେ କାଳବୈଶାଖୀ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ମଧ୍ୟ ଜାରି କରିଛି । ୩୦ ତାରିଖ ଦିନ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଏବଂ ୩୧ ତାରିଖରେ ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ ଓ ଝାରସୁଗୁଡ଼ା ଆଦି ଜିଲାରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ କାଳବୈଶାଖୀ ଆଶଙ୍କା ରହିଛି । ଏସବୁ ଜିଲାରେ ଘଣ୍ଟାପ୍ରତି ପବନର ବେଗ ୩୦ରୁ ୪୦ କିମି ରହିପାରେ । ତେବେ ବୁଧବାର ବୌଦ୍ଧ ଜିଲାରେ ସର୍ବାଧିକ ୩୮.୫ଡିଗ୍ରୀ ତାପମାତ୍ରା ରହିଥିଲା । ସେହିଭଳି ନୟାଗଡ଼ ୩୮.୨, ବଲାଙ୍ଗୀର ୩୮, ଭବାନିପାଟଣା ୩୮, ମାଲକାନଗିରି ୩୮, ଭୁବନେଶ୍ୱର ୩୬.୧ ଓ କଟକରେ ୩୬.୫ ଡିଗ୍ରୀ ତାପାମାତ୍ରା ରେକର୍ଡ କରାଯାଇଛି ।

# ହୀରାକୁଦରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା: ଓଏଚ୍ଆର୍‌ସିରେ ମାମଲା ରୁଜୁ

କଟକ,୨୭।୩ (କାର୍ତ୍ତିକ ସାହୁ)

ସମ୍ବଲପୁରଜିଲାହୀରାକୁଦଅଞ୍ଚଳରେଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ(ଓଏଚ୍ଆର୍‌ସି)ରେ ଏକ ମାମଲା ବୁଧବାର ରୁଜୁ ହୋଇଛି । ମାମଲାର ପକ୍ଷମାନଙ୍କୁ ଆୟୋଗଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ଆବେଦନକାରୀ ହାଇକୋର୍ଟର ଆଇନଜୀବୀ ଶିବଶଙ୍କର ମହାନ୍ତି ନିବେଦନ କରିଛନ୍ତି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବହେଳା, ରାଜ୍ୟ ଜଳ ନିୟମ ଏବଂ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନର ବିଫଳତାକୁ ନେଇ ଆୟୋଗଙ୍କ ନିକଟରେ ପ୍ରତିପକ୍ଷମାନେ ଜବାବ ରଖିବାକୁ ପିଟିଶନ୍‌ରେ ଦର୍ଶାଯାଇଛି । ଏହି ସମସ୍ୟାର ନିରାକରଣ ପାଇଁ କି ପଦକ୍ଷେପ ନିଆଯାଇଛି ତାହା ଜଣାଇବା, ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂତନ ନ୍ୟାଶନାଲ ୱାଟର ପଲିସି ଲାଗୁ କରିବା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଜବାବ ରଖିବା ନିମନ୍ତେ ପ୍ରାର୍ଥନା କରାଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ, ସମ୍ବଲପୁର ଜିଲାପାଳ, ସମ୍ବଲପୁର ପୌର ନିଗମ କମିଶନର, ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି । ଉଲ୍ଲେଖଯୋଗ୍ୟ, ହୀରାକୁଦ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଦୂଷିତ ପାନୀୟ ଜଳ ଯୋଗୁ ଏଭଳି ଘଟଣା ବୋଲି ଘଟିଛି ଆଶଙ୍କା କରିଛନ୍ତି ।

# ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ କମିଟିର ଅନ୍ୟ ଏକ ସମନ୍ୱୟ ବୈଠକ



ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ବସିଥିବା ସମନ୍ୱୟ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ।

**୨୦୨୪ ନିର୍ବାଚନ**

ଭୁବନେଶ୍ୱର, ୨୭।୩(ସୁନିତ୍ ମିଶ୍ର)

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ କମିଟିର ଅନ୍ୟ ଏକ ସମନ୍ୱୟ ବୈଠକ ବୁଧବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଯାଞ୍ଚ ଓ ଚଢ଼ାଉ ଦାୟିତ୍ୱରେ ଥିବା ଏନ୍‌ଫୋର୍ସମେଣ୍ଟ କମିଟିର ସଦସ୍ୟମାନଙ୍କ ସହ ସଦ୍ୟତମ ସ୍ଥିତି ଯାଞ୍ଚ କରାଯାଇଥିଲା । ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବା, ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଅନୁପାଳନ କରାଯିବା ନେଇ ଗଠିତ ରାଜ୍ୟସ୍ତରୀୟ କମିଟିର ସଭ୍ୟମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାରେ ରହିଥିବା ଯାଞ୍ଚ ଓ ଚଢ଼ାଉ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ, ଜିଏସ୍‌ଟି କମିଶନର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପରିବହନ ବିଭାଗ କମିଶନର, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, ଓଡ଼ିଶା ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ ।

ବୈଠକରେ ପୋଲିସ ପ୍ରଶାସନ ତରଫରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି, ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପରିପ୍ରେକ୍ଷୀରେ ଅନୁପ୍ରବେଶକାରୀ ଏବଂ ଉଗ୍ରବାଦୀ କାର୍ଯ୍ୟକଳାପର ମୁକାବିଲା କରିବା ପାଇଁ ପୋଲିସ ତରଫରୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି । ବିଭିନ୍ନ ଆପରାଧିକ ମାମଲାରେ ପୋଲିସ ତରଫରୁ ଅଦ୍ୟାବଧି କାର୍ଯ୍ୟନୁଷ୍ଠାନ, ନିର୍ବାଚନ ଘୋଷଣା ପରଠାରୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଇତ୍ୟାଦି ଜବତ, ମଦ ଓ ନିଶାଦ୍ରବ୍ୟ ମାମଲାରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ବିଭିନ୍ନ ଜିଲାରେ ପୋଲିସ ମୁତୟନ, ଆନ୍ତଃ ରାଜ୍ୟ ସୀମାରେ ପୋଲିସ ଚେକ୍ ପୋଷ୍ଟ, ଅବକାରୀ ଚେକ୍ ପୋଷ୍ଟ, ଜଙ୍ଗଲ ବିଭାଗ ଚେକ୍ ପୋଷ୍ଟ ଆଦିରେ କଡ଼ାକଡ଼ି ନଜର ରଖାଯିବା, ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଅନୁପ୍ରବେଶକାରୀ, ବେଆଇନ ମାଦକଦ୍ରବ୍ୟ ଚୋରା ଚାଲାଣ ଏବଂ ବେଆଇନ ନଗଦ ଟଙ୍କା କାରବାର ଉପରେ କଡ଼ା ନଜର ରଖିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଅନୁପାଳନ ପାଇଁ ସମ୍ପୃକ୍ତ ବିଭାଗର ମୁଖ୍ୟମାନଙ୍କୁ ସମନ୍ୱୟ ରଖି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ବିଜେଡିର ୧୫ ଲୋକ ସଭା, ....

ବିଜୟୀ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବିଜେଡି ପରିତ୍ୟାଗ କରିଥିବା ବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ନବରଙ୍ଗପୁର ଏମ୍‌ପି ରମେଶ ମାଝି ଏବଂ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଲୋକ ସଭା ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି । କିନ୍ତୁ ରମେଶ ମାଝିଙ୍କୁ ନବରଙ୍ଗପୁର ଜିଲାର ଝରିଗାଁ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ବିଜେଡି ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଉପରେ ଭରସା କରି ପୁଣି ଟିକେଟ ଦେଇଛି । ତେବେ ଗତ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ଆସନରୁ ପରାଜିତ ହୋଇଥିବା ଅରୂପ ପଟ୍ଟନାୟକଙ୍କୁ ପୁରୀରୁ ପ୍ରାର୍ଥୀ କରାଯାଇଥିବାବେଳେ କୋରାପୁଟ ଆସନରୁ ୩,୬୧୩ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିବା କୌଶଲ୍ୟା ହିକକାଙ୍କୁ ପୁଣି ଦଳ ସେଠାରୁ ପ୍ରାର୍ଥୀ କରିଛି । ଭୁବନେଶ୍ୱର ଲୋକ ସଭା ଆସନରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟଙ୍କୁ ଦଳ ଟିକେଟ ଦେଇଛି । କଳାହାଣ୍ଡି, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କୋରାପୁଟ, ଢେଙ୍କାନାଳ, ପୁରୀ, କଟକ, ଭୁବନେଶ୍ୱର ଏବଂ ଆସିକାରେ ନୂଆ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଅନେକ ନୂଆ ଓ ଯୁବ ପ୍ରାର୍ଥୀଙ୍କୁ ବିଜେଡି ନିର୍ବାଚନ ମଇଦାନକୁ ଓହ୍ଲାଇଛି । ଘୋଷଣା କରାଯାଇଥିବା ୧୫ଟି ଆସନରୁ ୯ଟି ସିଟ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ୬ଟି ସିଟ୍‌ରେ ପରାଜିତ ହୋଇଥିଲେ । ସେହି ବିଜୟୀ ସିଟ୍‌ରୁ ୬ଟି ଆସନରେ ବିଜେଡି ନୂଆ ପ୍ରାର୍ଥୀଙ୍କୁ ଟିକେଟ ଦେଇ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷରେ ଭାଜପାର ବରିଷ୍ଠ ଏବଂ ଅଭିଜ୍ଞ ନେତାଙ୍କ ସହ ବିଜେଡିର ନୂଆ ଚେହେରାଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ବିଶେଷକରି ଭୁବନେଶ୍ୱର, ପୁରୀ, ସମ୍ବଲପୁର, କେନ୍ଦ୍ରାପଡ଼ା ଆସନରେ ଉଭୟ ଦଳ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ । ଭୁବନେଶ୍ୱରରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ପୁରୀରେ ସମ୍ବିତ ପାତ୍ର, ସମ୍ବଲପୁରରେ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରାପଡ଼ାରେ ବୈଜୟନ୍ତ ପଣ୍ଡାଙ୍କ ସହ ବିଜେଡିର କଡ଼ା ମୁକାବିଲା ହେବା ନେଇ ଚର୍ଚ୍ଚା ହେଉଛି ।

### ୧୧ ବିଧାୟକଙ୍କ ...

ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବଲପୁର ଓ ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡିଙ୍କୁ ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ କରାଯାଇଛି । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ମାଝି, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ ଓ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନଙ୍କୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦିଆଯାଇଛି । ଏହାଛଡ଼ା କେତେକ ଆସନରେ ପ୍ରାର୍ଥୀଙ୍କୁ ଅଦଳବଦଳ କରାଯାଇଛି । ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ଭଦ୍ରକ ବିଧାନସଭା ପ୍ରାର୍ଥୀ କରାଯାଇଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀରୁ ପ୍ରାର୍ଥୀ କରାଯାଇଛି । ସେହିପରି ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗୋପାଳପୁରରୁ ପ୍ରାର୍ଥୀ କରାଯାଇଥିବା ବେଳେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ବ୍ରହ୍ମଗିରିରୁ ଛିଡ଼ା କରାଇଛି । ଗତଥର ବ୍ରହ୍ମଗିରିରୁ ନିର୍ବାଚନ ହାରିଥିବା ସଞ୍ଜୟ ଦାସବର୍ମାଙ୍କୁ ଏଥର ସତ୍ୟବାଦୀରୁ ବିଜେଡି ପ୍ରାର୍ଥୀ କରିଛି ।

ପ୍ରଥମ ପର୍ଯ୍ୟାୟ ଘୋଷିତ ଆସନରୁ ରାୟଗଡ଼ା ବିଧାନସଭା ଆସନରୁ ଅନୁସୂୟା ମାଝି ପ୍ରଥମ ଥର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପାଟକୁରାରୁ ଅରବିନ୍ଦ ମହାପାତ୍ର, ସୋରଡ଼ାରୁ ସଂଘମିତ୍ରା ସ୍ୱାଇଁ, ଦିଗପହଣ୍ଡିରୁ ବିପ୍ଳବ ପାତ୍ର, ଚିକିଟିରୁ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ୍, ବସ୍ତାରୁ ସୁବାସିନୀ ଜେନା, ଯାଜପୁରରୁ ସୁଜାତା ସାହୁ, ଧାମନଗରରୁ ସଞ୍ଜୟ ଦାସ, ଲୋଇସିଂହାରୁ ନୀହାର ବେହେରା, ଉମରକୋଟରୁ ନବୀନା ନାୟକ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଭବାନୀପାଟଣାରୁ ଲତିକା ନାୟକ ଏବଂ ପୁରୀରୁ ସୁନୀଲ ମହାନ୍ତି ରହିଛନ୍ତି । ଏମାନଙ୍କ ମଧ୍ୟରୁ କେବଳ ଧାମନଗରରୁ ସଞ୍ଜୟ ଦାସଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କୁ ରାଜନୈତିକ ଉତ୍ତରାଧିକାରୀ ସୂତ୍ରରେ ଟିକେଟ ମିଳିଛି । ରାୟଗଡ଼ାରୁ ବିଜେଡି ପ୍ରାର୍ଥୀ ହୋଇଥିବା ଅନୁସୂୟା ମାଝି ପୂର୍ବତନ ବିଧାୟକ ଅନନ୍ତ ରାମ ମାଝିଙ୍କ ଝିଅ ହୋଇଥିବା ବେଳେ ବସ୍ତାରୁ ସୁଭାସିନୀ ହେଉଛନ୍ତି ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ପତ୍ନୀ । ସେହିପରି ଦିଗପହଣ୍ଡିରୁ ପ୍ରାର୍ଥୀ ହୋଇଥିବା ବିପ୍ଳବ ପାତ୍ର ସ୍ୱର୍ଗତ ସୂର୍ଯ୍ୟ ପାତ୍ରଙ୍କ ପୁତ୍ର ହୋଇଥିବା ବେଳେ ପୁରୀରୁ ବିଜେଡି ପ୍ରାର୍ଥୀ ହୋଇଥିବା ସୁନୀଲ ମହାନ୍ତି ହେଉଛନ୍ତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁତ୍ର । ନିକଟରେ ବିଜେଡିରେ ମିଶିଥିବା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ମଧ୍ୟ ବିଜେଡି ପାଟକୁରାରୁ ପ୍ରଥମ ଥର ପାଇଁ ଟିକେଟ ଦେଇଛି । ଯାଜପୁରରୁ ବିଜେଡି ପ୍ରାର୍ଥୀ ସୁଜାତା ସାହୁ ହେଉଛନ୍ତି ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା । ସେହିପରି ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ବଦଳରେ ତାଙ୍କ ପତ୍ନୀ ସଂଘମିତ୍ରା, ଚିକିଟି ବିଧାୟିକା ଉଷା ଦେବୀଙ୍କ ପରିବର୍ତ୍ତେ ତାଙ୍କ ପୁଅ ଚିନ୍ମୟାନନ୍ଦ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ବଦଳରେ ତାଙ୍କ ପତ୍ନୀ କୌଶଲ୍ୟାଙ୍କୁ ଦଳ ଟିକେଟ ଦେଇଛି । ତେବେ ଏହି ପର୍ଯ୍ୟାୟରେ ଅଧିକାଂଶ ବିଧାୟକ ନିଜର ସିଟ୍ ବଞ୍ଚାଇବାରେ ସଫଳ ହୋଇଛନ୍ତି । ଗତ ମାସାଧିକ କାଳ ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ହେବା ପରଠାରୁ ନିଜର ଟିକେଟକୁ ନେଇ ବହୁ ବିଧାୟକ ସନ୍ଦିହାନ ହୋଇ ପଡ଼ିଥିଲେ । ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଟିକେଟ ଆଶାରେ ଥିବା ବିଧାୟକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

### ଗୁଳି ବିନିମୟ: ୬ ...

କରିଥିଲେ । ତେବେ ପୋଲିସ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ପୋଲିସ ଓ ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲେ । ପୋଲିସ ଆକ୍ରମଣକୁ ସାମ୍ନା କରି ନ ପାରି ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ଦୀର୍ଘ ସମୟ ଧରି ଉଭୟ ପକ୍ଷରୁ ଗୁଳିଚାଳନା ହେବା ପରେ ପୋଲିସ ଓ ଯବାନମାନେ ଉକ୍ତ ସ୍ଥାନରେ ତଲାସି କରିବାବେଳେ ୬ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ । ଖବର ଲେଖାହେବା ସୁଦ୍ଧା ନାଗେଶ, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି । କିନ୍ତୁ ଅନ୍ୟମାନଙ୍କ ପରିଚୟ ମିଳି ପାରିନାହିଁ । ଉକ୍ତ ଅଞ୍ଚଳରେ କୋମ୍ବିଂ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଏହି ଅଞ୍ଚଳ ବସ୍ତର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଛି । ଏପ୍ରିଲ ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ମାଓବାଦୀଙ୍କ ସକ୍ରିୟ ଉପସ୍ଥିତି ନିର୍ବାଚନ ଅଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

## ପ୍ରଥମ ପୃଷ୍ଠାରୁ...





ଗିରଫ ୨ ଅଭିଯୁକ୍ତ । ଜବତ ଜାଲ୍‌ନୋଟ ଓ ନୋଟ ପ୍ରସ୍ତୁତିରେ ବ୍ୟବହୃତ କମ୍ପ୍ୟୁଟର, ପ୍ରିଣ୍ଟର ।

### ଗାଁରେ ନୋଟ୍ ଛପା ...

ନାମଯଜ୍ଞ ସମୟରେ କିଏ ଦେଇଛି ସେନେଇ ଭିଡିଓ ଶୁଟିଂ କରୁଥିବା ଫଟୋଗ୍ରାଫରଙ୍କ ସହାୟତା ନିଆଯାଇଥିଲା । ଭିଡିଓରୁ ଉକ୍ତ ନୋଟ ଭଇଁଷା ଗ୍ରାମର ବରୁଣ ସେମାନଙ୍କୁ ଦେଇଥିବା ଜଣାପଡ଼ିଥିଲା । ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଭଇଁଷା ପଞ୍ଚାୟତର ସରପଞ୍ଚ ଜ୍ଞାନେନ୍ଦ୍ର ପଟେଲ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ବରୁଣଙ୍କୁ ଭଇଁଷାସ୍ଥିତ ତାଙ୍କ ଭଡାଘରୁ ଗିରଫ କରି ଥାନାକୁ ଆଣିଥିଲା । ସେଠାରୁ ୨୭୪ଟି ନକଲି ୫ଶହ ଟଙ୍କିଆ ନୋଟ (୧ ଲକ୍ଷ ୩୭ ହଜାର) ଜବତ କରାଯାଇଥିଲା । ଅଧିକ ପଚରାଉଚରା ପରେ ଏହି କାରବାରରେ ଦେଓଗାଁ ଥାନା ବୁଢ଼ାବାହାଲର ରୋହିତ ବସ୍ତିଆଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା । ପୋଲିସ ଚଢ଼ାଉ କରି ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଥାନା ଅଧୀନ ଟେପ୍ରେନ ଗାଁରୁ ରୋହିତଙ୍କୁ ଗିରଫ କରିଥିଲା । ରୋହିତଙ୍କ ବୁଢ଼ାବାହାଲସ୍ଥିତ ଘରେ ଚଢ଼ାଉ ପରେ ଏକ କମ୍ପ୍ୟୁଟର, କଲରପ୍ରିଣ୍ଟର, ପେପର ଏବଂ ଜାଲ୍‌ନୋଟ ପ୍ରସ୍ତୁତିରେ ବ୍ୟବହୃତ ରଙ୍ଗ ଜବତ କରାଯାଇଥିଲା । ଏ ନେଇ ଦଫା ୪୮୯(ବି), ୪୮୯(ସି)ରେ ଏକ ମାମଲା(ନଂ.୧୦୬/୨୪) ରୁଜୁ କରାଯାଇ ବୁଧବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ତାରାବତୀ ପଧାନ କହିଛନ୍ତି । ଉଭୟ ଅଭିଯୁକ୍ତ ଏହି ଜାଲ୍‌ନୋଟ କାରବାର କେବେଠାରୁ କରୁଛନ୍ତି, ଅନ୍ୟ କେଉଁଠି ଏହାକୁ ବ୍ୟବହାର କରିଛନ୍ତି, ସେ ସମ୍ପର୍କରେ ଅଧିକ ଖୋଳତାଡ଼ ପାଇଁ ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିପାରେ ବୋଲି ଶୁଣିବାକୁ ମିଳୁଛି ।


ତବୁ

# ସେହି ଆଠ ବର୍ଷ...

ଅଭିନୟରେ ତବୁ କେତେ ପାରଙ୍ଗମ ତାହା କହିବା ଅନାବଶ୍ୟକ। ନିଜ କ୍ୟାରିୟର ମଧ୍ୟରେ ସେ ଅନେକ ହିଟ୍ ସିନେମାରେ ଅଭିନୟ କରିବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇସାରିଛନ୍ତି। ତାଙ୍କର ବଡ଼ପରଦା ଜୀବନ ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ। ଫିଲ୍ମଟି ଥିଲା 'ବଜାର'। ତା'ପରେ ସେ 'ହମ୍ ନଜ୍ୱାନ'ରେ ଦେବାନନ୍ଦଙ୍କ ଝିଅ ଭୂମିକାରେ ଅଭିନୟ କରିଥିଲେ। ତେଲୁଗୁ ଫିଲ୍ମ 'କୁଲି ନଂ. ୱାନ୍'ରେ ସେ ଭେଙ୍କଟେଶଙ୍କ ନାୟିକା ସାଜିଥିଲେ। ୧୯୮୭ରେ ବୋନି କପୁର ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। 'ପ୍ରେମ୍' ଫିଲ୍ମରେ ସେ ସଞ୍ଜୟ କପୁରଙ୍କ ନାୟିକା ସାଜିଥିଲେ। କିନ୍ତୁ ଏହି ଫିଲ୍ମର ନିର୍ମାଣକାର୍ଯ୍ୟ ବେଶ୍ ଉତ୍‌ଥାନ ପତନ ଭିତରେ ଗତି କରିଥିଲା। ଆଉ ଏହାର ସମ୍ପୂର୍ଣ୍ଣ ଶୁଟିଂ ଶେଷହେବାକୁ ପ୍ରାୟ ଆଠବର୍ଷ ଲାଗିଯାଇଥିଲା। ତେଣୁ ଏହି ସମୟ ଭିତରେ ତବୁ ଅନ୍ୟ ସିନେମାରେ ଅଭିନୟ କରିପାରି ନ ଥିଲେ। କିନ୍ତୁ ଅଜୟ ଦେବଗନ୍‌ଙ୍କ ସହ 'ବିଜୟପଥ' ତାଙ୍କ କ୍ୟାରିୟରକୁ ନୂଆ ମୋଡ଼ ଦେଇଥିଲା। ଏହି ଫିଲ୍ମଟି ହିଟ୍ ହେବା ସହ ତବୁ ରାତାରାତି ନିଜକୁ ନାୟିକା ଦୌଡ଼ରେ ସାମିଲ କରିବାରେ ସକ୍ଷମ ହୋଇଥିଲେ।

# ଭାଗ୍ୟବତୀ ମାନୁଷୀ


ମାନୁଷୀ

ନବାଗତା ମାନୁଷୀ ଚିଲ୍ଲାରଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି, ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସେ। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁଥିବା ଆଉ ଦୁଇଟି ସିନେମାରେ ମଧ୍ୟ ସେ ନାୟିକା ସାଜିବେ। ଏପରି ହାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କ ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ମାନୁଷୀଙ୍କ ପ୍ରଥମ ସିନେମା ଥିଲା 'ସମ୍ରାଟ୍ ପୃଥ୍ୱୀରାଜ'। କିନ୍ତୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଆସନ୍ତା ମାସ ୧୧ରେ ରିଲିଜ୍ ହେବାକୁଯାଉଛି ବିଗ୍ ବଜେଟ୍ ଫିଲ୍ମ 'ବଡ଼େ ମିଆଁ ଛୋଟେ ମିଆଁ'। ଏଥିରେ ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫଙ୍କ ବ୍ୟତୀତ ମାନୁଷୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି, ତାହା ଦେଖିବାକୁ ବାକି ରହିଲା।

# ଅପେକ୍ଷା କାଳିକି

'ଆନିମଲ୍' ହିଟ୍ ହେବା ପରେ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଡିମାଣ୍ଡ କାହିଁରେ କେତେ। ଏବେ ସେ ସଲ୍‌ମାନ ଖାଁଙ୍କୁ ନେଇ ଏକ ଆକ୍ସନଭିତ୍ତିକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ସେପଟେ ତାଙ୍କ ସହ ପୁଣିଥରେ କାମ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି 'ଆନିମଲ୍'ର ନାୟିକା ରଶ୍ମିକା ମନ୍ଦାନା। ଏ ନେଇ ସେ କୁହନ୍ତି, ''ସନ୍ଦୀପଙ୍କ ନିର୍ଦ୍ଦେଶନା ମୋତେ ବେଶ୍ ପ୍ରଭାବିତ କରିଛି। 'ଆନିମଲ' ଫିଲ୍ମରେ ଅଭିନୟ ପାଇଁ ଯେତେବେଳେ ମୋତେ ଅଫର ମିଳିଲା, ତାକୁ ଗ୍ରହଣ କରିବି କି ନାହିଁ ଚିନ୍ତାରେ ପଡ଼ିଥିଲି। କିନ୍ତୁ ସେତିକି ବେଳକୁ ନିର୍ଦ୍ଦେଶକ ମୋ ସହ ଆଲୋଚନା କରିଥିଲେ। ପାଖାପାଖି ଘଣ୍ଟାଏ କଥାବର୍ତ୍ତା ହେବା ପରେ ଫିଲ୍ମ ବିଷୟରେ ମୋ ମନରେ ଥିବା ସମସ୍ତ ସନ୍ଦେହ ଦୂରୀଭୂତ ହୋଇଥିଲା। ଆଉ ଶୁଟିଂ ସମୟର ଅନୁଭୂତିକୁ ମୁଁ ଆଦୌ ଭୁଲିପାରିବି ନାହିଁ। ଯଦି ଭବିଷ୍ୟତରେ ପୁଣିଥରେ ତାଙ୍କ ନିର୍ଦ୍ଦେଶନାରେ କାମ କରିବାକୁ ସୁଯୋଗ ମିଳେ ତେବେ ମୁଁ ନିଜକୁ ଭାଗ୍ୟବତୀ ମନେକରିବି।' କନ୍ନଡ ଫିଲ୍ମ 'କିର୍‌କି ପାର୍ଟି'ରୁ ରଶ୍ମିକାଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ପୁଣି ପ୍ରଥମ ସିନେମା ହିଁ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। ଏହାର ନାୟକ ରକସିତ ସେଟ୍ଟିଙ୍କ ପ୍ରେମରେ ସେତେବେଳେ ପଡ଼ିଯାଇଥିଲେ ରଶ୍ମିକା। ଏପରିକି ଦୁହିଙ୍କର ଏନ୍‌ଗେଜ୍‌ମେଣ୍ଟ ମଧ୍ୟ ସମ୍ପନ୍ନ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେତେକ କାରଣରୁ ଏହା ଭାଙ୍ଗିଯାଇଥିଲା।


ରଶ୍ମିକା

# ଶ୍ରୀମାନ୍ ଶ୍ରୀଯୁକ୍ତ

ଏକ ଭିନ୍ନଧରଣର କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଶ୍ରୀମାନ୍ ଶ୍ରୀଯୁକ୍ତ'। ଏଥିରେ କେବଳ ପାରିବାରିକ ସେଣ୍ଟିମେଣ୍ଟ ନୁହେଁ, କମେଡ଼ି ଭରି ରହିଛି। ଏହାର ନାୟକ ଭୂମିକାରେ ବବି ମିଶ୍ର ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଲିପ୍‌ସା ମହାରଣା। ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇବାରେ 'ସିନ୍ଦୂର' ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। କେବଳ ସେତିକି ନୁହେଁ, ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି ସେ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ୍ ଆନନ୍ଦ। ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନ୍ତୁ, ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି।

# ଆଶାରେ ଭାରତ

ସାଧାରଣତଃ ମୁହଁ ଦେଖିବାକୁ, ସଜହେବାକୁ ଦର୍ପଣର ଆବଶ୍ୟକ ପଡ଼ିଥାଏ। ହେଲେ ଏହି ଦର୍ପଣକୁ ନେଇ ରଚିତ ହୋଇଛି ଏକ ମନଲାଖି କାହାଣୀ। ଆଉ ଏହାକୁ ଆଧାରକରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଖାସ୍‌କଥା ହେଲା ନବାଗତ ଭାରତ ପୁଷ୍ପରାଗ ଏହାର ନାୟକ ସାଜିଛନ୍ତି। କେବଳ ସେତିକି ନୁହେଁ, ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ବହନ କରିଛନ୍ତି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ୍ସ ଥ୍ରୀଲର ଭରିରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ କୁମାର ସାହୁ। ଭାରତଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନ୍‌ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ଦିକ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ୍ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା। ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଛନ୍ତି ଭାରତ। ତେବେ ଫିଲ୍ମଟିରେ କି ମସଲା ଭରିରହିଛି ତାହା ଜାଣିବାକୁ ରିଲିଜ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।


ଭାରତ–ହିରନ୍ମୟୀ

# ଅତୀତରୁ...

- ଓଡ଼ିଆ ସିନେମା 'ନୂଆବୋଉ'ର ମୁଖ୍ୟ ପ୍ରଯୋଜକ ଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ପଞ୍ଚସଖା ଫିଲ୍ମସ, କଟକ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଲୀଳାଦୁଲାଳୀ, ଟିମା ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଚୌଧୁରୀ ବଳରାମ ଦାସଙ୍କ 'କେଦାରଗୌରୀ'ର ନିର୍ଦ୍ଦେଶନା ଭାର ତୁଲାଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ନିତାଇ ପାଲିତ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାଳକୃଷ୍ଣ ଦାଶ। ଗୌର ପ୍ରସାଦ, ଚପଳା, ବୀଣା, ନିତାଇ ପାଲିତ ଏବଂ ରାଧାରାଣୀଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା 'ଅଦିନ ମେଘ'ର ନିର୍ଦ୍ଦେଶନା ଦେଇଥିଲେ ଅମିତ ମୈତ୍ର। ପ୍ରଶାନ୍ତ ନନ୍ଦ, ଝରଣା ଦାସ, ସନ୍ଧ୍ୟା, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।
- ନିୟୁ ଲାଇଫ୍ ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଫିଲ୍ମ 'କୃଷ୍ଣ ସୁଦାମା'। ଏହାର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଗୋବିନ୍ଦ ତେଜ, ଅନୀତା ଦାସ, ଶାନ୍ତି ସ୍ୱରୂପ ଏବଂ ତ୍ରିପୁରା ମିଶ୍ର ଏଥିରେ ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ରକ୍ତ ଗୋଲାପ'ର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ଏଥିରେ ଶ୍ରୀରାମ ପଣ୍ଡା ନାୟକ ସାଜିଥିବା ବେଳେ ନାୟିକା ଭାବେ ବନଜା ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା।

# ବ୍ୟସ୍ତ ଅଛନ୍ତି ରଜନୀ


ଡ. ରଜନୀ ରଞ୍ଜନ

ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବେ ସମାନ୍ତରାଳ ଭାବରେ ଦୁଇଟି ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଗୋଟିଏ ହେଲା ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କର 'ରାଣ୍ଡିପୁଅ ଅନନ୍ତା' ଏବଂ ଅନ୍ୟଟି ରମେଶ ବାରିକଙ୍କ ପ୍ରଯୋଜନା ଏବଂ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଓଡ଼ିଆ ସିନେମା 'ସ୍ୱଟ୍ ବୟ।' ୧୯୮୯ରେ ଜଣେ ଗୀତିକାର ('ମୋ ଭାଇ ଜଗା') ଭାବରେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତା' ସହ ଏହି ଫିଲ୍ମରୁ ମଧ୍ୟ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡିକ ମଧ୍ୟରେ ରହିଛି 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ୍ ବୟ', 'ପିଲାଟା ବିଗିଡ଼ି ଗଲା', 'ଲଭ୍ ଉଟ୍ କମ୍' ଏବଂ 'ମତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ବର୍ତ୍ତମାନ ସେ ବିଜୟ କାନ୍ଦୋଇଙ୍କର ଆଗାମୀ ଫିଲ୍ମର ସଂଳାପ ରଚନାରେ ବ୍ୟସ୍ତ ଅଛନ୍ତି।

# କେବଳ ମିଛ


ଜାହ୍ନବୀ

ଶ୍ରୀଦେବୀ ତନୟା ଜାହ୍ନବୀ କପୁର ଏବେ ଟେନ୍‌ସନରେ। ଏହାପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି, ସେ ଏବେ ଏକ ଦୁଇ ସପ୍ତାହ ଧରି ଭ୍ୟାକେଶନରେ ଯାଇଛନ୍ତି। ପୁଣି କେଉଁଠିକୁ ଜାଣନ୍ତି? ମାଲେସିଆ। ହେଲେ ସେଠାରେ ତାଙ୍କୁ ଯେମିତି ଚର୍ଚ୍ଚା ଛାଡ଼ିବାକୁ ନାରାଜ। ଅସଲ କଥା ହେଲା, ସେ ସାଇନ୍ କରିଥିବା ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ତାଙ୍କୁ ବିକିନି ପିନ୍ଧି କେତୋଟି ଶଟ୍ ଦେବାକୁ ପଡ଼ିବ। ଆଉ ତାକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି। ସେପଟେ ଜାହ୍ନବୀ ଏପରି ବିଷୟରେ ଜାଣିବା ପରେ କିପରି ବା ଚୁପ୍ ହୋଇ ବସିରହନ୍ତେ? ଶେଷରେ ଏ ନେଇ ସେ ମୁହଁ ଖୋଲିଛନ୍ତି। ''ଆପଣମାନେ ଯାହା ଶୁଣିବାକୁ ପାଉଛନ୍ତି ତା' ପଛରେ ଆଦୌ ସତ୍ୟତା ନାହିଁ। ଯେଉଁ ସିନେମାଟି ମୁଁ ସାଇନ୍ କରିଛି ତାହାର ପ୍ରାରମ୍ଭିକ କାମ ଚାଲିଛି। ଏପରିକି କାହାଣୀରେ ସେଭଳି କୌଣସି ସିକ୍ୟୁଏନ୍ସ ନାହିଁ। କେହି ଏହାକୁ ମନରୁ ଫାନ୍ଦି ପ୍ରଚାର କରୁଛି।'' ଜାହ୍ନବୀଙ୍କ ବଡ଼ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୮ରୁ, ଆଉ ଫିଲ୍ମଟିର ଟାଇଟଲ ଥିଲା 'ଧଡକ୍'। ଏବେ ସେ ୩୦୦ କୋଟି ବଜେଟରେ ନିର୍ମିତ ହେଉଥିବା ତେଲୁଗୁ ଫିଲ୍ମ 'ଦେୱାରା : ପାର୍ଟ–୧'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ବ୍ୟତୀତ ଏନ୍.ଟି.ଆର୍. ଜୁନିୟର ଏବଂ ସୈଫ ଅଲ୍ଲୀ ଖାଁଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ପୂର୍ବାଞ୍ଚଳ ଦଳରେ ତନ୍ମୟୀ ବେହେରା



ଭୁବନେଶ୍ୱର, ୨୭।୩

(ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଆନ୍ତଃ ଜୋନ୍ ମଲ୍ଟି ଡେ' ଟ୍ରଫି ଘରୋଇ ସିଜନ ପ୍ରତିଯୋଗିତା ପୁଣେରେ ଗୁରୁବାରଠାରୁ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ତନ୍ମୟୀ ବେହେରା ସ୍ଥାନ ପାଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ତନ୍ମୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ଦିଲ୍ଲୀ**

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରେକର୍ଡ ସ୍କୋର ସହ ସନରାଇଜର୍ସ ବିଜୟୀ

ହାଇଦ୍ରାବାଦ,୨୭।୩

ବୁଧବାର ଆଇପିଏଲ ଇତିହାସର ସର୍ବାଧିକ ସ୍କୋର ରେକର୍ଡ କରିବା ସହ ପ୍ରଥମ ବିଜୟହାସଲ କରିଛି ସନରାଇଜର୍ସ ହାଇଦ୍ରାବାଦ। ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳା ଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌କୁ ଦଳ ୩୧ ରନ୍‌ରେ ଜିତି ନେଇଛି। ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ସମାନ ୨୦ ଓଭରରେ ୫ ଉଇକେଟ ହରାଇ ୨୪୬ ରନ୍ କରିଥିଲା। ମୁମ୍ବାଇ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ସନରାଇଜର୍ସ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ସର୍ବାଧିକ ସ୍କୋରର ରେକର୍ଡ ୨୦୧୩ ମସିହାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନାମରେ ରହିଥିଲା। ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ଦଳ ୫ ଉଇକେଟରେ ୨୬୩ ରନ୍ ସ୍କୋର କରିଥିଲା। ସେହିପରି ୨୫୭/୫ର ସ୍କୋର ସହ ତାଲିକାର ତୃତୀୟ ସ୍ଥାନରେ ରହିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ପକ୍ଷରୁ ମୟଙ୍କ ଅଗ୍ରୱାଲ(୧୧) ଓ ଟ୍ରାଭିସ୍ ହେଡ୍(୬୨) ଇନିଂସ ଆରମ୍ଭ କରିଥିଲେ। ପ୍ରଥମ ଉଇକେଟରେ ୪୫ ରନ୍ ଯୋଡି ଅଗ୍ରୱାଲ ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ୍ ଖେଳି ନ ଥିବା ହେଡ୍ କିନ୍ତୁ ମୁମ୍ବାଇର ବୋଲରଙ୍କୁ ଆକ୍ରମଣ କରିଥିଲେ। ୧୮ ବଲ୍‌ରୁ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ହେଡ୍ ୨୪ ବଲ୍ ଖେଳି ୬୨ ରନ୍ କରିଥିଲେ। ଏହି ଇନିଂସରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ଅଗ୍ରୱାଲଙ୍କ ଉଇକେଟ ପତନ ପରେ କ୍ରିଜ୍‌ରେ ଯୋଗ ଦେଇଥିଲେ ଅଭିଷେକ ଶର୍ମା। ଟ୍ରାଭିସ୍ ହେଡଙ୍କ ସହ ୬୮ ରନ୍ ଯୋଡିଥିବା ଶର୍ମା ୨୩ ବଲ୍ ଖେଳି ୬୩ ରନ୍ ଯୋଡିଥିଲେ। ଶର୍ମାଙ୍କ ଇନିଂସରେ ୩ ଚୌକା ଓ ୭ ଛକା ସାମିଲ ଥିଲା। ଦଳୀୟ ସ୍କୋର ୧୬୧ରେ ଅଭିଷେକ ଆଉଟ ହେବା ପରେ ଏଡେନ୍ ମାର୍କରମ୍(୪୨*) ଓ ହେନ୍‌ରିଚ୍ କ୍ଲାସେନ୍(୮୦*) ଅସମାପ୍ତ ଚତୁର୍ଥ ଉଇକେଟରେ ୧୧୬ ରନ୍ ଯୋଡିଥିଲେ। ମାର୍କରମ୍ ୨୮ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ପ୍ରଥମ ମ୍ୟାଚ୍‌ରେ କେକେଆର୍ ବିପକ୍ଷରେ ୬୩ ରନ୍ କରିଥିବା କ୍ଲାସେନ୍ ଚମତ୍କାର ଫର୍ମ ବଜାୟ ରଖିବା ସହିତ ଅପରାଜିତ ୮୦ ରନ୍ କରିଥିଲେ। ୩୪ ବଲ୍‌ର ଏହି ଇନିଂସରେ ୪ ଚୌକା ଓ ୭ ଛକା ସାମିଲ ଥିଲା। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଡେବ୍ୟୁଟାଣ୍ଟ କ୍ୱେନା ମାଫାକା ୪ ଓଭରରେ ୬୬ ରନ୍ ବ୍ୟୟ କରିଥିଲେ। ସମସ୍ତ ବୋଲରଙ୍କ ଇକୋନୋମୀ ହାର ୧୧ ଉପରେ ରହିଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ୪ ଓଭରରେ ୩୬ ରନ୍ ଦେଇଥିଲେ।

୨୭୮ ରନ୍‌ର ଲକ୍ଷ୍ୟ ନେଇ ମୁମ୍ବାଇ ପକ୍ଷରୁ ଧୂଆଁଧାର ଆରମ୍ଭ କରିଥିଲେ ରୋହିତ ଶର୍ମା(୨୬) ଓ ଇଶାନ କିଶନ (୩୪)। ଉଭୟ ପ୍ରଥମ ଉଇକେଟରେ ୫୬ ରନ୍ ଯୋଡିଥିଲେ। ଦୁଇ ଓପନର ମାତ୍ର ୧୦ ରନ୍ ମଧ୍ୟରେ ପ୍ୟାଭିଲିୟନ ଫେରିବା ପରେ ନମନ ଧୀର ୩୦ ରନ୍‌ର ଇନିଂସ ଖେଳିଥିଲେ। ମାତ୍ର ୧୪ ବଲ୍ ଖେଳି ସେ ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିଲେ। ତିଳକ ବର୍ମା ଧୂଆଁଧାର ୬୪ ରନ୍ କରି ମୁମ୍ବାଇ ଶିବିରରେ ବିଜୟର ଆଶା ସଞ୍ଚାର କରିଥିଲେ। ୩୪ ବଲ୍‌ରୁ ୨ ଚୌକା ଓ ୬ ଛକା ମାରି ସେ କୁମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଶେଷ ଆଡକୁ ଟିମ୍ ଡେଭିଡ୍ ୪୨* ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ରନ୍ କରିଥିଲେ ହେଁ ଏହା ବିଜୟ ପାଇଁ ଯଥେଷ୍ଟ ନ ଥିଲା। ୨୨ ବଲ୍ ଖେଳି ଡେଭିଡ ୨ ଚୌକା ଓ ୩ ଛକା ମାରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଡକଟ, ପ୍ୟାଟ କୁମିନ୍ସ ଦୁଇଟି ଲେଖାଏ ଓ ଶାହବାଜ ଅହମଦ ଗୋଟିଏ ଉଇକେଟ ନେଇଥିଲେ।



ଛକା ମାରିବା ଅବସରରେ ହେନରିଚ୍ କ୍ଲାସେନ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୭୭/୩ (ହେନରିଚ୍ କ୍ଲାସେନ୍-୮୦*, ଅଭିଷେକ ଶର୍ମା-୬୩, ଟ୍ରାଭିସ୍ ହେଡ୍-୬୨, ପୀୟୁଷ ଚାୱଲା-୧/୩୪, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୬, ଜେରାଲ୍ଡ କୋଜି-୧/୫୭) ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୪୬/୫ (ତିଳକ ବର୍ମା-୬୪, ଟିମ୍ ଡେଭିଡ୍-୪୨*, ଇଶାନ କିଶନ-୩୪, ପ୍ୟାଟ କୁମିନ୍ସ-୨/୩୫, ଜୟଦେବ ଉନାଡକଟ-୨/୪୭, ଶାହବାଜ ଅହମଦ-୧/୩୯)।

# ଭାରତରେ ଡ୍ରାଏ ଟର୍ଫ ପାଇଁ ଏଫ୍‌ଆଇଏଚ୍‌ର ନିଷ୍ପତ୍ତି

ନୂଆଦିଲ୍ଲୀ,୨୭।୩ (ପି.ଟି.)

ଭାରତରେ ହକି ମ୍ୟାଚ୍ ପାଇଁ ସିନ୍ଥେଟିକ୍ ଟର୍ଫ ପରିବର୍ତ୍ତେ ଡ୍ରାଏ ଟର୍ଫ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି ଏଫ୍‌ଆଇଏଚ୍। ପ୍ୟାରିସ୍ ଅଲିମ୍ପିକ୍ସ ପରଠାରୁ ସିନ୍ଥେଟିକ୍ ଟର୍ଫ ପରିବର୍ତ୍ତେ ଡ୍ରାଏ ଟର୍ଫ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ବୁଧବାର ଅନୁଷ୍ଠିତ 'ଡ୍ରାଏ ଟର୍ଫ ସେମିନାର'ରେ ଏଫ୍‌ଆଇଏଚ୍‌ର କ୍ୱାଲିଟି ପ୍ରୋଗ୍ରାମ ମ୍ୟାନେଜର ଆଲେଷ୍ଟେୟାର କକ୍ସ ଏ ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ କେବଳ ଦକ୍ଷିଣ ଆଫ୍ରିକାର ବୋଏମ୍‌ଫ୍ଲେଣ୍ଟେନ୍‌ରେ ଏଭଳି ଟର୍ଫ ରହିଥିବା ବେଳେ ଭାରତରେ ଏହାର ବ୍ୟବହାର ବାଧ୍ୟତାମୂଳକ କରିବାକୁ ଦାବି କରିଛନ୍ତି କକ୍ସ। ପରୀକ୍ଷାମୂଳକ ଭାବେ ଏଭଳି ଟର୍ଫ ଉପରେ ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ ଖେଳାଯାଇଥିଲା। ଖେଳାଳିମାନେ ମଧ୍ୟ ଟର୍ଫର କ୍ୱାଲିଟିକୁ ପ୍ରଶଂସା କରିଥିଲେ। ସିନ୍ଥେଟିକ୍ ଟର୍ଫର ରକ୍ଷଣାବେକ୍ଷଣ ପାଇଁ ଦୈନିକ ୬ ହଜାର ଲିଟର ପାଣି ଆବଶ୍ୟକ ହୋଇଥାଏ। ଏହି ଟର୍ଫ ପରିବର୍ତ୍ତନ ଦ୍ୱାରା ଜଳ ସଂରକ୍ଷଣ କରିହେବ ବୋଲି କହିଛନ୍ତି କକ୍ସ।

ଖେଳାଳିଙ୍କ ପାଖରୁ ସଂଗୃହୀତ ମତାମତ ଅନୁଯାୟୀ, ଏହି ଟର୍ଫରେ ଅନେକ ଉନ୍ନତି ଆବଶ୍ୟକ। ଏହା ଉପରେ କାର୍ଯ୍ୟ ଜାରି ରହିଥିବା କକ୍ସ ମତ ଦେଇଛନ୍ତି। ୧୯୭୦ ମସିହାରେ ଘାସ ପିଚ୍ ଛାଡି ଫାଇବରରୁ ପ୍ରସ୍ତୁତ ଟର୍ଫ ଉପରେ ହକି ଖେଳ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ବିଶ୍ୱର ଏକାଧିକ ଦେଶରେ ଜଳ ସଙ୍କଟର ପରିସ୍ଥିତି ରହିଥିବା ବେଳେ ଏହି ଟର୍ଫକୁ ବଦଳାଇବାକୁ ନିଷ୍ପତ୍ତି ନେଇଛି ଏଫ୍‌ଆଇଏଚ। ବର୍ତ୍ତମାନ ପ୍ରସ୍ତୁତ କରାଯାଉଥିବା ଡ୍ରାଏ ଟର୍ଫ ଆଖୁ ଖଦାରୁ ତିଆରି କରାଯିବ। ଆଗାମୀ ଦିନରେ ହକି ଇଣ୍ଡିଆର ସମସ୍ତ ଇଭେଣ୍ଟରେ ଏହି ପ୍ରକାରର ଟର୍ଫ ବ୍ୟବହୃତ ହେବ ବୋଲି କକ୍ସ କହିଛନ୍ତି।



ରସୁଲଗଡ଼ସ୍ଥିତ ଜେଏଲ୍‌ବି ଆରେନାରେ ଅନୁଷ୍ଠିତ ନଟ୍ ୟେଟ୍ ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ଏମ୍ବରର୍ସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ। ଟିମ୍ ତସ୍କର୍ସ ରନରଅପ୍ ଓ କସମିକ୍ସ ତୃତୀୟ ସ୍ଥାନ ହାସଲ କରିଥିଲା।

# ଆଫଗାନିସ୍ତାନ ନିକଟରୁ ହାରିଲା ଭାରତ

ଗୁଆହାଟୀ,୨୭।୩ (ପି.ଟି.)

୨୦୨୬ ଫୁଟବଲ୍ ବିଶ୍ୱକପ୍ ଓ ୨୦୨୭ ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନ ନିକଟରୁ ପରାଜିତ ହୋଇଛି ଭାରତ। କ୍ୟାରିୟରର ୧୫୦ତମ ମ୍ୟାଚ୍ ଖେଳୁଥିବା ସୁନୀଲ ଛେତ୍ରୀଙ୍କ ଗୋଲ୍ ସତ୍ତ୍ୱେ ଭାରତ ୨-୧ରେ ହାରିଯାଇଛି। ଭାରତ ପକ୍ଷରୁ ୩୭ ତମ ମିନିଟରେ ସୁନୀଲ ଛେତ୍ରୀ ଏକମାତ୍ର ଗୋଲ ଦେଇଥିବା ବେଳେ ଆଫଗାନିସ୍ତାନ ପକ୍ଷରୁ ରେହମତ ଆକବରୀ(୭୧) ଓ ଶରିଫ ମୁଖମ୍ମଦ(୮୮) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମଙ୍ଗଳବାର ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ ଷ୍ଟାଡିୟମରେ ଶକ୍ତିଶାଳୀ ଭାରତ ମ୍ୟାଚ୍ ଆରମ୍ଭରୁ ଦକ୍ଷତା ମୁତାବକ ପ୍ରଦର୍ଶନ କରିଥିଲା। ବିପଜ୍ଜନକ ଖେଳ ପାଇଁ ୨୫ତମ ମିନିଟରେ ବ୍ରାଣ୍ଡନ ଫର୍ନାଣ୍ଡେସ ଏକ ୟେଲୋ କାର୍ଡ ପାଇଥିଲେ। ୩୬ତମ ମିନିଟରେ ହାରୁନ୍ ଆମିରିଙ୍କ ଫାଉଲ କାରଣରୁ ଭାରତକୁ ଏକ ପେନାଲ୍ଟି ମିଳିଥିଲା। ଅଧିନାୟକ ସୁନୀଲ ଛେତ୍ରୀ ଏହାକୁ ଗୋଲରେ ପରିଣତ କରି ଭାରତକୁ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଆଉ ଏକ ସ୍କୋରିଂ ସୁଯୋଗ ରହିଥିବା ବେଳେ ଭାରତ ଏହାକୁ ମିସ୍ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଆଫଗାନିସ୍ତାନ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଆଫଗାନିସ୍ତାନର ୱିଙ୍ଗରମାନେ



ମ୍ୟାଚ ଅବସରରେ ଭାରତର ସୁନୀଲ ଛେତ୍ରୀ।

**ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨**

ଘନ ଘନ ଆକ୍ରମଣ କରୁଥିବା ବେଳେ ଭାରତୀୟ ରକ୍ଷଣଭାଗ ନିକଟରେ ଏହାର ଉତ୍ତର ନ ଥିଲା। ୭୧ ତମ ମିନିଟରେ ଡିଫେଣ୍ଡର ରାହୁଲ ଭେକେଙ୍କ ତ୍ରୁଟି କାରଣରୁ ଭାରତ ପ୍ରଥମ ଗୋଲ ବରଣ କରିଥିଲା। ବକ୍ସ ବାହାରୁ ରେହମତ ଆକବରୀଙ୍କ ଏକ ଶଟ୍‌କୁ ଭେକେ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ତାଙ୍କ ଗୋଡରେ ବାଜି ଏହା ଗୋଲ ହୋଇ ଯାଇଥିଲା। ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ଆଫଗାନିସ୍ତାନ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ନିର୍ଦ୍ଧାରିତ ସମୟ ଶେଷ ହେବାକୁ ୨ ମିନିଟ ବାକି ରହିଥିବା ବେଳେ ଗୁରପ୍ରୀତଙ୍କୁ ମିଳିଥିଲା ୟେଲୋ କାର୍ଡ। ଗୁରପ୍ରୀତଙ୍କ ଫାଉଲରୁ ଆଫଗାନିସ୍ତାନକୁ ପେନାଲ୍ଟି ମିଳିଥିବା ବେଳେ ଶରିଫ ମୁଖମ୍ମଦ ଏହାକୁ ଗୋଲରେ ପରିଣତ କରିଥିଲେ। ୨୦୨୬ ଫୁଟବଲ୍ ବିଶ୍ୱକପ୍ ଓ ୨୦୨୭ ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨ରେ ଏହା ଆଫଗାନିସ୍ତାନର ପ୍ରଥମ ବିଜୟ। ସାଉଦି ଆରବରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍ ଉଭୟ ଦଳ ଅମୀମାଂସିତ ରଖିଥିଲେ।

# ୧୯ ବର୍ଷରୁ କମ୍ ଏନ୍‌ସିଏ କ୍ୟାମ୍ପରେ ୪ ଓଡ଼ିଆ

ଭୁବନେଶ୍ୱର,୨୭।୩

(ସରୋଜ ଜେନା)

ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୯ ବର୍ଷରୁ କମ ବୟସ ବର୍ଗର କ୍ୟାମ୍ପ (ବାଳକ) ଆସନ୍ତା ଏପ୍ରିଲ ୨୬ରୁ ମେ' ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପ ପାଇଁ ଓଡ଼ିଶାର ୪ ଖେଳାଳି ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ଜୁନିୟର ଚୟନ କମିଟି ଦ୍ୱାରା ଏହି ୪ ଓଡ଼ିଆ ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ଜୁନିୟର ଖେଳାଳିମାନେ ହେଲେ ସାର୍ଥକ ଜି. ପଣ୍ଡା, ଶ୍ରେୟାଂସ ଭରଦ୍ୱାଜ, ଶ୍ରୀରାଜ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ମନୋନୀତ ୪ ଖେଳାଳିଙ୍କୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଲ୍‌ଫା-ରାମେଶ୍ୱର ଫାଇନାଲ

ଭୁବନେଶ୍ୱର, ୨୭।୩

(ତପନ ସ୍ୱାଇଁ)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା କମଳା ପରିଡ଼ା ସ୍ମାରକୀ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୧୭ ବର୍ଷରୁ କମ୍ ବର୍ଗରେ ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଆସନ୍ତା ୩୧ ତାରିଖରେ ହେବାକୁଥିବା ଫାଇନାଲରେ ଗଞ୍ଜାମର ଆଲ୍‌ଫା ସ୍ପୋର୍ଟିଂ ଓ ରାମେଶ୍ୱର ମଧ୍ୟରେ ଫାଇନାଲ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଆଲ୍‌ଫା ସ୍ପୋର୍ଟିଂ ୧ ଉଇକେଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୫ ଓଭରରେ ୯ ଉଇକେଟ ହରାଇ ୧୮୯ ରନ କରିଥିଲା। ମୟଙ୍କ ପଟ୍ଟନାୟକ ସର୍ବାଧିକ ୬୯ ରନ କରିଥିବାବେଳେ ବିପକ୍ଷ ଦଳର ବିଶାଲ ପ୍ରସାଦ ୩ ଉଇକେଟ ନେଇଥିଲେ। ଜବାବରେ ଆଲ୍‌ଫା ସ୍ପୋର୍ଟିଂ ୩୫ ଓଭରରେ ୯ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଆର. ସମର୍ଥ ୬୪ ରନକରି ଅପରାଜିତ ରହିଥିବାବେଳେ ଆଦର୍ଶ ପଟ୍ଟନାୟକ ୫୦ ରନର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବତନ ରଣଜୀ ଅଧିନାୟକ ପ୍ରଭଞ୍ଜନ ମଲିକ ଅତିଥିଭାବେ ଯୋଗଦେଇ ଆର. ସମର୍ଥଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




ଆର. ସମର୍ଥଙ୍କୁ ପ୍ରଭଞ୍ଜନ ମଲିକ ପୁରସ୍କୃତ କରୁଛନ୍ତି।

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

**ସହିଦ ସ୍ପୋର୍ଟିଂ ବିଜୟୀ**

୧୪ ବର୍ଷରୁ କମ୍ ବର୍ଗର ଏକ ମ୍ୟାଚରେ ସହିଦ ସ୍ପୋର୍ଟିଂ ୬ ଉଇକେଟରେ ଏଲଏଲସିସିକୁ ପରାସ୍ତ କରିଛି। ଏଲଏଲସିସି ୩୫ ଓଭରରେ ୮ ଉଇକେଟ ହରାଇ ୧୮୫ ରନ କରିଥିଲା। ଜବାବରେ ସହିଦ ସ୍ପୋର୍ଟିଂ ୩୧.୧ ଓଭରରେ ୪ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରି ନେଇଥିଲା। ୬ ଓଭରରେ ୨ଟି ମେଡେନ ନେବାସହ ୨୧ ରନ ବିନିମୟରେ ୪ ଉଇକେଟ ନେଇଥିବା ସହିଦ ସ୍ପୋର୍ଟିଂର ସୋମ୍ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଖେଳାଳି ଆଲୋକ ମଙ୍ଗରାଜ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ରାମେଶ୍ୱର ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।

# ଜାତୀୟ ପିକଲବଲ୍‌ରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୨୭।୩

(ତପନ ସ୍ୱାଇଁ)

ପିକଲବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଜାତୀୟ ପିକଲବଲ୍ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା, ବିହାର, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ ଓ କେରଳ ଆଦି ୬ ରାଜ୍ୟରୁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୁଷ ସିଙ୍ଗଲ୍ସରେ କଡ଼ା ମୁକାବିଲା ହୋଇଥିଲା। ୩ ସେଟ୍ ବିଶିଷ୍ଟ ଫାଇନାଲରେ ବିହାରର ଅପୂର୍ବ କୁମାର ସେହି ରାଜ୍ୟର ହିମାଂଶୁ ରାଜଙ୍କୁ ୧୧-୮, ୧୦-୧୨ ଓ ୧୧-୪ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ସିମନ ଶାସ୍ତ୍ରୀ ବିହାରର ରୋହିତ କୁମାରଙ୍କୁ ୧୫-୧୦ରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଡବଲ୍ସରେ ମଧ୍ୟ ବିହାର ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଆଦିତ୍ୟ ଗୁପ୍ତା ଓ ହିମାଂଶୁ ରାଜ ଫାଇନାଲାରେ ରୋହିତ କୁମାର ଓ ଅପୂର୍ବ କୁମାରଙ୍କୁ ୧୧-୬, ୧୧-୯ରେ ହରାଇ ଦେଇଛନ୍ତି। ଓଡ଼ିଶାର ଯଶରାଜ ନାୟକ ଓ ଅନମୋଲ ଦାଶ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ୧୯ ବର୍ଷରୁ କମ୍ ବର୍ଗରେ ମଧ୍ୟ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାର ଯଶରାଜ ନାୟକ ସିଙ୍ଗଲ୍ସ ଫାଇନାଲରେ ବିହାରର ଆଦିତ୍ୟ ଗୁପ୍ତାଙ୍କଠାରୁ ହାରି ରୌପ୍ୟ ପଦକ ହାସଲ କରିଛନ୍ତି। ସପ୍ତପୂର୍ଣ୍ଣ ଜେନାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଓଡ଼ିଶାର ଯଶରାଜଙ୍କୁ ୪ଟି ଭିନ୍ନଭିନ୍ନ ବର୍ଗରେ ପଦକ ମିଳିଛି। ମିକ୍ସଡ ଡବଲ୍ସରେ ଓଡ଼ିଶାର ସିମନ ଶାସ୍ତ୍ରୀ ଓ ସୋହିନୀ ମହାନ୍ତି ଫାଇନାଲରେ ନିଜ ରାଜ୍ୟର ଋତୁପର୍ଣ୍ଣା ଚୌଧୁରୀ ଓ ଯଶରାଜ ନାୟକଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଭେଟେରାନ ବର୍ଗରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ସୁଶିଲ ମିଶ୍ର ଓ ପ୍ରଦୀପ ସିଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସରେ ଓଡ଼ିଶା ପାଇଁ ପଦକ ସୁଇପ୍ କରିଛନ୍ତି। ଶକ୍ତି ଦାଶଙ୍କୁ ପୁରୁଷ ୫୦ ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ମିଳିଛି। ମହିଳା ଓପନ ଇଭେଣ୍ଟରେ ଓଡ଼ିଶାର ପ୍ରିୟମ୍ବଦା ପାତ୍ର ରୌପ୍ୟ ପଦକ ପାଇଛନ୍ତି। ସେ ଫାଇନାଲରେ ନେମା ସାରା କିସପୋଟାଙ୍କଠାରୁ ଅଳ୍ପକେ ପରାଜିତ ହୋଇଥିଲେ। ଓଡ଼ିଶା ଖେଳାଳିଙ୍କ ଏହି ସଫଳତା ରାଜ୍ୟରେ ପିକଲବଲ୍‌ର ଲୋକପ୍ରିୟତା ବୃଦ୍ଧି ପାଉଥିବାକୁ ସୂଚାଉଛି।




ଜାତୀୟ ପିକଲବଲ୍‌ରେ ପୁରସ୍କୃତ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଲାଟିନ୍ ଆମେରିକା ଲିଗ୍‌ରେ ବିଜୟ ପ୍ରଥମ ଭାରତୀୟ

ଚେନ୍ନାଇ,୨୭।୩(ପି.ଟି.)

ଡିଫେଣ୍ଡର ବିଜୟ ଛେତ୍ରୀ ପ୍ରଥମ ଭାରତୀୟ ଖେଳାଳି ଭାବରେ ଏକ ଲାଟିନ୍ ଆମେରିକୀୟ କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଉରୁଗୁଏର କ୍ଲବ କଲୋନା ଏଫ୍‌ସି ସହିତ ସେ ସାମିଲ ହେବେ ବୋଲି ଜଣାପଡିଛି। ବିଜୟ ବର୍ତ୍ତମାନ ଆଇଏସ୍‌ଏଲ୍‌ରେ ଚେନ୍ନାଇନ୍ ଏଫ୍‌ସି ପକ୍ଷରୁ ଖେଳୁଛନ୍ତି। ବର୍ଷ ଶେଷ ହେବା ପର୍ଯ୍ୟନ୍ତ ବିଜୟଙ୍କୁ କଲୋନା ଏଫ୍‌ସି ଲୋନ୍‌ରେ ନେଇଥିବା କ୍ଲବ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମଣ୍ଟେଭିଡିଓର ଏହି କ୍ଲବ ଉରୁଗୁଏର ଦ୍ୱିତୀୟ ଡିଭିଜନ ଫୁଟବଲ କ୍ଲବ ସେଗୁଣ୍ଡା ଡିଭିଜନ୍‌ରେ ଖେଳିଥାଏ। ବର୍ତ୍ତମାନ ଏହା ତୃତୀୟ ସ୍ଥାନରେ ରହିଛି। କଲୋନ୍ ପାଇଁ ଭଲ ପ୍ରଦର୍ଶନ କରିବା ସହିତ ନିଜ ପ୍ରଫେଶନାଲ ଗେମ୍‌କୁ ଆଗକୁ ନେବା ପାଇଁ ଆଶା କରୁଥିବା କହିଛନ୍ତି ବିଜୟ। ୨୨ ବର୍ଷୀୟ ବିଜୟ ମଣିପୁରରୁ ଆସୁଥିବା ବେଳେ ୨୦୧୬ରେ ଶିଲଂ ଲାଜୋଙ୍ଗ ପକ୍ଷରୁ ପଦାର୍ପଣ କରିଥିଲେ। ପରେ ୨୦୧୮ରେ ଇଣ୍ଡିଆନ୍ ଆରୋଜ ପକ୍ଷରୁ ନିଜର ସିନିୟର ପଦାର୍ପଣ କରିଥିଲେ। ଚେନ୍ନାଇ ସିଟି, ରିୟଲ କଶ୍ମୀର ଓ ଶ୍ରୀନିଡି ଡେକାନ ପକ୍ଷରୁ ଖେଳିବା ସହ ଚେନ୍ନାଇନ୍ ଏଫ୍‌ସି ପକ୍ଷରୁ ଆଇଏସ୍‌ଏଲ୍ ପଦାର୍ପଣ କରିଥିଲେ।




ବିଜୟ ଛେତ୍ରୀ

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୮/୨୦୨୪ Bhubaneswar, Thursday, March 28/ 2024

# ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ, ଜୟନ୍ତୀଙ୍କୁ ୩ ରୌପ୍ୟ

## ଇଣ୍ଡିଆନ ଓପନ ପାରା ଆଥ୍ଲେଟିକ୍ସ

**ଭୁବନେଶ୍ୱର, ୨୭।୩**
**(ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ୬ଷ୍ଠ ଇଣ୍ଡିଆନ ଓପନ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁଚିତ୍ରା ପରିଡ଼ା ମହିଳା ଟି-୫୫ ବର୍ଗ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଜୟନ୍ତୀ ବେହେରା ଟି-୪୭ ବର୍ଗ ୧୦୦, ୨୦୦ ଓ ୪୦୦ମିଟରରେ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି।

ମହିଳା ଜାଭେଲିନ୍ ଏଫ୍ ୩୪/୫୨/୫୩/୫୫ ଓ ୫୬ କମ୍ବାଇନ୍‌ଡ୍ ବର୍ଗରେ ସୁଚିତ୍ରା ୧୬.୧୬ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଉତ୍ତରାଖଣ୍ଡର ଗାରିମା ଜୋଶୀ(୧୪.୭୯) ରୌପ୍ୟ ଓ ହରିୟାଣାର କାଞ୍ଚନ ଲଖନି(୬.୬୫) ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ଶଟ୍‌ପୁଟ୍‌ରେ ସୁଚିତ୍ରା ୫.୩୦ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍ତର ପ୍ରଦେଶର ସାକ୍ଷୀ କସାନା ୬.୭୬ ମିଟର ସହ ସ୍ୱର୍ଣ୍ଣ ଓ ଉତ୍ତରାଖଣ୍ଡର ଗାରିମା ଜୋଶୀ ୫.୩୨ ମିଟର ସହିତ ରୌପ୍ୟ ପଦକ ପାଇଛନ୍ତି। ମହିଳା ୧୦୦ମି. ଟି-୩୫/୪୪/୪୬/୪୭/୬୨ କମ୍ବାଇନ୍‌ଡ କାଟେଗୋରିରେ ଜୟନ୍ତୀ ୧୩.୭୨ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦୦ ମିଟରରେ ସେ ୨୮.୩୧ ସେକେଣ୍ଡ ଓ ୪୦୦ ମିଟରରେ ୧:୦୨.୬୦ ସେକେଣ୍ଡ ନେଇ ରୌପ୍ୟ ପଦକ ଅର୍ଜନ କରିଛନ୍ତି।


ପଦକ ସହ ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା।

## ଗିଲ୍‌ଙ୍କୁ ୧୨ ଲକ୍ଷ ଜରିମାନା

**ଚେନ୍ନାଇ, ୨୭।୩(ପି.ଟି.):** ଧିମା ଓଭର ହାର ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲଙ୍କୁ ବୁଧବାର ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଧିମା ବୋଲିଂ ପାଇଁ ଏହି ଜରିମାନା କରାଯାଇଛି। ଅଧିନାୟକ ଭାବେ ଏହା ଗିଲ୍‌ଙ୍କ ପ୍ରଥମ ଭୁଲ ହୋଇଥିବାରୁ ୧୨ ଲକ୍ଷ ଟଙ୍କା ଫାଇନ କରାଯାଇଥିବା ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଚଳିତ ବର୍ଷ ହାର୍ଦ୍ଦିକ ପାଣ୍ଡ୍ୟା ଦଳ ପରିବର୍ତ୍ତନ କରିବାରୁ ଗିଲ୍ ପ୍ରଥମ ଥର ପାଇଁ ନେତୃତ୍ୱ ନେଉଛନ୍ତି। ଚଳିତ ସିଜନର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ୬୩ ରନ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ରନ୍‌ରେ ହରାଇଥିଲା।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

## ଜୁଲାଇ ୧୯ରୁ ମହିଳା ଏସିଆ କପ୍

**ଦୁବାଇ, ୨୭।୩ (ପି.ଟି.)**

ଚଳିତ ବର୍ଷ ମହିଳା ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୧୯ ତାରିଖରୁ ଶ୍ରୀଲଙ୍କାର ଡମ୍ବୁଲାରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ପୂର୍ବ ସଂସ୍କରଣ ତୁଳନାରେ ଚଳିତ ବର୍ଷ ଗୋଟିଏ ଦଳ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ୪ଟି ଲେଖାଏ ଦଳଙ୍କୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି। ଭାରତ, ପାକିସ୍ତାନ, ୟୁଏଇ ଓ ନେପାଳ ଗ୍ରୁପ୍ ଏ'ରେ ସ୍ଥାନ ପାଇଛନ୍ତି। ସେହିପରି ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଓ ମାଲେସିଆ ଗ୍ରୁପ୍ ବି'ରେ ସ୍ଥାନ ପାଇଛନ୍ତି। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଜୁଲାଇ ୨୬ରେ ଉଭୟ ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ୨୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଟୁର୍ନାମେଣ୍ଟର ସଫଳ ଦଳ ଭାବେ ଭାରତ ସର୍ବାଧିକ ୭ ଥର ଏସିଆ କପ୍‌ରେ ଚାମ୍ପିୟନ ହୋଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ୨୧ ତାରିଖରେ ପରସ୍ପର ମୁକାବିଲା କରିବେ। ଏସିଆ କପ୍‌ରେ ମହିଳା କ୍ରିକେଟର ଗୁରୁତ୍ୱ ବଢୁଥିବା ବେଳେ ଏହାକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ଏସିଆନ୍ କ୍ରିକେଟ କାଉନ୍‌ସିଲ ମୁଖ୍ୟ ଜୟ ଶାହା।

**କାର୍ଯ୍ୟସୂଚୀ:**

ଜୁଲାଇ ୧୯: ପାକିସ୍ତାନ ବନାମ ନେପାଳ
ଭାରତ ବନାମ ୟୁଏଇ।
ଜୁଲାଇ ୨୦: ମାଲେସିଆ ବନାମ ଥାଇଲାଣ୍ଡ
ଶ୍ରୀଲଙ୍କା ବନାମ ବାଂଲାଦେଶ।
ଜୁଲାଇ ୨୧: ନେପାଳ ବନାମ ୟୁଏଇ
ଭାରତ ବନାମ ପାକିସ୍ତାନ।
ଜୁଲାଇ ୨୨: ଶ୍ରୀଲଙ୍କା ବନାମ ମାଲେସିଆ
ବାଂଲାଦେଶ ବନାମ ଥାଇଲାଣ୍ଡ।
ଜୁଲାଇ ୨୩: ପାକିସ୍ତାନ ବନାମ ୟୁଏଇ
ଭାରତ ବନାମ ନେପାଳ।
ଜୁଲାଇ ୨୪: ବାଂଲାଦେଶ ବନାମ ମାଲେସିଆ
ଶ୍ରୀଲଙ୍କା ବନାମ ଥାଇଲାଣ୍ଡ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ